R.N.I. REGN. No. 65000/96 POSTAL REGN. No. OR/BN-32/12-14

ଊନତ୍ରିଂଶ ବର୍ଷ
ସଂଖ୍ୟା : ୨୩୫
ତିଥି : ଅଷ୍ଟମୀ
୩ ଜୁନ୍ ୨୦୨୫, ମଙ୍ଗଳବାର
ସମ୍ବଲପୁର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

# ସମୟ

ସମୟ SAMAYA

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXIX, No. 235
3 Jun 2025, Tuesday
Sambalpur
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur | Jeypore

## ଦୁଗ୍ଧ ଉତ୍ପାଦନରେ ଆତ୍ମନିର୍ଭରଶୀଳ ହେବ ଓଡ଼ିଶା: ମୁଖ୍ୟମନ୍ତ୍ରୀ

# ମହଙ୍ଗା ହେଲା ଓମ୍‌ଫେଡ କ୍ଷୀର

- ୩ ଲକ୍ଷ ଗୋପାଳକଙ୍କୁ ୩୧ କୋଟିର ସହାୟତା
- ଚାଷୀଙ୍କୁ ମିଳିବ ଦୁର୍ଘଟଣାଜନୀତ ମୃତ୍ୟୁ ସହାୟତା



ଭୁବନେଶ୍ୱର,୨।୬(ସବ୍ୟୁ)::ରାଜ୍ୟର ଓମଫେଡ଼ ଦୁଗ୍ଧ ଉତ୍ପାଦକମାନଙ୍କୁ ସରକାରଙ୍କ ତରଫରୁ ଲିଟର ପିଛା ୩ ଟଙ୍କା ଅଧିକ ଦାମ ଦିଆଯିବ ।ଏଥିସହିତ ଓମଫେଡ ଚାଷୀଙ୍କୁ ୧ ଲକ୍ଷ ଟଙ୍କା ଦୁର୍ଘଟଣା ଜନିତ ମୃତ୍ୟୁ ସହାୟତା ରାଶି ପ୍ରଦାନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଘୋଷଣା କରିଛନ୍ତି । ରାଜ୍ୟ ସରକାରଙ୍କ ମସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗ ପକ୍ଷରୁ ସ୍ଥାନୀୟ ଲୋକସେବା ଭବନ ସମ୍ମେଳନ କକ୍ଷଠାରେ ରାଜ୍ୟସ୍ତରୀୟ ବିଶ୍ୱ ଦୁଗ୍ଧ ଦିବସ-୨୦୨୫ ପାଳନ ଅବସରରେ ମୁଖ୍ୟମନ୍ତ୍ରୀ ଏହା ଘାଷଣା କରିଛନ୍ତି । ଏହି ଅବସରରେ ଓମଫେଡ୍ ବାଲ୍ଟି ଦହି, ଏ-୨ ମିଲ୍କ, ଏ-୨ ଘିଅର ଶୁଭ ଉଦ୍ଘାଟନ ମୁଖ୍ୟମନ୍ତ୍ରୀଙ୍କ କର କମଳରେ ଅନୁଷ୍ଠିତ ହୋଇଥିଲା ।

ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କାମଧେନୁ ଯୋଜନା ଅନ୍ତର୍ଗତ ଗୋପାଳନ, ମଇଁଷି ଉଦ୍ୟୋଗ ବିକାଶ, ମାଈ ବାଛୁରୀ ପାଳନ, ଗୋମହିଷାଦିଙ୍କ ବୀମାକରଣ, ଗୋପାଳକଙ୍କ ଆୟବୃଦ୍ଧି ନିମନ୍ତେ ନଗଦ ପ୍ରୋତ୍ସାହନ ଏବଂ ଘାସଚାଷ ପାଇଁ ହିତାଧିକାରୀଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିଥିଲେ । ସେ ୨୦୨୪-୨୫ ଆର୍ଥିକ ବର୍ଷରେ ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନାରେ ପ୍ରାୟ ୩ ଲକ୍ଷ ଗୋପାଳକଙ୍କୁ ୭୧ କୋଟି ଟଙ୍କାର ସହାୟତା ପ୍ରଦାନ କରିଥିଲେ ଓ ରାଜ୍ୟର ୭୭ ଗୋଟି ପଞ୍ଜିକୃତ ଗୋଶାଳାରେ ଅସହାୟ ଗାଈଗୋରୁଙ୍କ ରକ୍ଷଣାବେକ୍ଷଣ ପାଇଁ ପ୍ରାଣିକଲ୍ୟାଣ ସଂଗଠନମାନଙ୍କୁ ୧୦.୫ କୋଟି ଟଙ୍କାର ଆର୍ଥିକ ସହାୟତା ବଣ୍ଟନ କରିଥିଲେ ।

ଓମଫେଡ୍ କ୍ଷୀର ଲିଟର ପିଛା ୨ ଟଙ୍କା ବୃଦ୍ଧି ହୋଇଛି ।ବର୍ତ୍ତମାନ ଲିଟର ପିଛା କ୍ଷୀର ଦାମ୍ ୫୨ ଟଙ୍କା ଥିବା ବେଳେ ଦରବୃଦ୍ଧି ପରେ ୫୪ ଟଙ୍କାରେ ପହଞ୍ଚିଛି । ଖାଉଟିମାନଙ୍କ ପାଇଁ କ୍ଷୀର ଲିଟର ପିଛା ୪ ଟଙ୍କା ବୃଦ୍ଧି ହୋଇଥିବାବେଳେ ୨ ଟଙ୍କା ବହନ କରିବେ ରାଜ୍ୟ ସରକାର ।

ସୂଚନାଯୋଗ୍ୟ, ପୋଷଣୀୟ ବିକାଶ ଓ ଅର୍ଥନୈତିକ ଅଭିବୃଦ୍ଧିରେ ପ୍ରାଣୀପାଳକଙ୍କ ଅବଦାନ, ସୁଷମ ଖାଦ୍ୟ ମଧ୍ୟରେ ଦୁଗ୍ଧର ଉପକାରିତା ସମ୍ପର୍କରେ ବ୍ୟାପକ ପ୍ରଚାର ପ୍ରସାର ଲକ୍ଷ୍ୟରେ ୨୦୦୧ ମସିହା ଠାରୁ ପ୍ରତ୍ୟେକ ବର୍ଷ ଜୁନ ମାସ ୧ ତାରିଖରେ ବିଶ୍ ଦୁଗ୍ଧ ଦିବସ ପାଳନ କରାଯାଉଛି । ଚଳିତ ବର୍ଷର ଥିମ ରହିଛି ଲେଟସ୍ ସେଲିବ୍ରେଟ୍ ଦ ପାୱାର ଅଫ୍ ଡେରୀ ବା ଆସନ୍ତୁ ଦୁଗ୍ଧ ଶକ୍ତି ପାଳନ କରିବା ।' ରାଜ୍ୟରେ ଦୁଗ୍ଧ ଉତ୍ପାଦନକୁ ବହୁଗୁଣିତ କରିବା ସହ ଦୁଗ୍ଧ ଚାଷୀଙ୍କ ଜୀବନ ଜୀବିକାକୁ ସୁରକ୍ଷିତ କରିବା ପାଇଁ ମସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗ ପ୍ରତିବଦ୍ଧ ଅଛି । ଓଡ଼ିଶା ଏକ କୃଷିପ୍ରଧାନ ରାଜ୍ୟ ଏବଂ ଦୁଗ୍ଧ ଉତ୍ପାଦନ ଆମ ଗ୍ରାମୀଣ ଅର୍ଥନୀତିର ଏକ ପ୍ରମୁଖ ଅଙ୍ଗ ।ଏହା କେବଳ ଏକ ଆୟର ଉତ୍ସ ନୁହେଁ, ବରଂ ଆମ ସମାଜରେ ପୁଷ୍ଟିକର ଖାଦ୍ୟ (୯ ପୃଷ୍ଠାରେ)

## ଡ୍ରୋନ ଆକ୍ରମଣ: ରୁଷର ୪୦ ଯୁଦ୍ଧ ବିମାନ ଧ୍ୱଂସ



କିଭ୍,୨।୬:: ରବିବାର ଦିନ ୟୁକ୍ରେନ ସେନା ରୁଷ ଉପରେ ସବୁଠାରୁ ବଡ଼ ଆକ୍ରମଣ କରିଥିବା ଦାବି କରିଛି ।କୁହାଯାଉଛି ଯେ ୟୁକ୍ରେନ ସେନା ରୁଷୀୟ ବାୟୁସେନାକୁ ଟାର୍ଗେଟ କରିଛି । କିଭ୍ ଇଣ୍ଡିପେଣ୍ଡେଣ୍ଟ ଏକ ସୂତ୍ରକୁ ଉଦ୍ଧାର କରି ଲେଖିଛନ୍ତି ଯେ ଏହି ଆକ୍ରମଣରେ ୪୦ ରୁ ଅଧିକ ରୁଷୀୟ ବୋମା ବିସ୍ଫୋରଣକାରୀ ଜେଟ୍ କ୍ଷତିଗ୍ରସ୍ତ ହୋଇଛି । ରବିବାର ଦିନ ହିଁ ରୁଷରେ ଦୁଇଟି ସେତୁକୁ ଟାର୍ଗେଟ କରାଯାଇଥିଲା, ଯେଉଁଥିରେ ସାତ ଜଣଙ୍କର ମୃତ୍ୟୁ ହୋଇଥିଲା । ସୂଚନା ଅନୁଯାୟୀ, ୟୁକ୍ରେନର ଏକ ବଡ଼ ଡ୍ରୋନ ଆକ୍ରମଣ ପରେ ଓଲେନିଆ ଏୟାରବେସରେ ଅନେକ ରୁଷିଆନ ରଣନୈତିକ ବୋମା ବିସ୍ଫୋରଣକାରୀ ବିମାନରେ ନିଆଁ ଲାଗିଥିବା ଜଣାପଡ଼ିଛି । ୟୁକ୍ରେନ ଋଷର ଏୟାରବେସ ୦୧୦୬ କୁ ଟାର୍ଗେଟ କରିଛି । ଇରକୁଟସ୍କ ଅଞ୍ଚଳର ରୁଷିଆନ ରାଜ୍ୟପାଳ ଘୋଷଣା କରିଛନ୍ତି ଯେ ୟୁକ୍ରେନୀୟ ରିମୋଟ-ନିୟନ୍ତ୍ରିତ ୟୁଏଭି ସ୍ରେଡନି ଗାଁରେ ଏକ ସାମରିକ ୟୁନିଟ୍ ଉପରେ ଆକ୍ରମଣ କରିଛି ଏବଂ ଏହା ସାଇବେରିଆରେ ପ୍ରଥମ ଏପରି ଆକ୍ରମଣ । ତିନି ବର୍ଷର ଯୁଦ୍ଧରେ ରୁଷ ବିରୋଧରେ ସର୍ବାଧିକ ସଂଖ୍ୟକ ଡ୍ରୋନ ଆକ୍ରମଣ ହୋଇଛି ।

## ବାଇକ ସହ ଜଳିଗଲେ ପୋଲିସ ଏଏସଆଇ



ଜୁନାଗଡ଼,୨।୬ (ସବ୍ୟୁ) : କଳାହାଣ୍ଡି ଜିଲ୍ଲା ଜୁନାଗଡ଼-ଭବାନୀପାଟଣା ଯାଉଥିବା ୨୬ ନମ୍ବର ଜାତୀୟ ରାଜପଥର ବନମାଲିପୁର ଛକ ନିକଟରେ ରବିବାର ସକାଳୁ ବାଇକ ସହ ଜଣେ ପୋଲିସ ଏଏସଆଇଙ୍କ ଜଳନ୍ତା ମୃତ ଦେହ ପଡିଥିବା ଦେଖିବାକୁ ମିଳିଥିଲା । ମୃତ ପୋଲିସ ଏଏସଆଇ ହେଲେ ପବିତ୍ର ଗୋଲାପୀ । ତାଙ୍କ ଘର କୋରାପୁଟ ଜିଲା ବୋରିଗୁମା ଥାନା ସାନଦୁବଲି ଗ୍ରାମ ବୋଲି ଜଣାପଡିଛି। ମୃତ ପୋଲିସ ଏଏସଆଇ କଳାହାଣ୍ଡି ଜିଲ୍ଲା ର କେଗାଁ ଥାନାରେ କାର୍ଯ୍ୟରତ ଥିବାବେଳେ ଗତ ମାସ ଶେଷରେ ତାଙ୍କୁ କାର୍ଯ୍ୟରେ ଅବହେଳା ପାଇଁ ନିଲମ୍ବିତ କରାଯାଇଥିଲା। ଫଳରେ (୯ ପୃଷ୍ଠାରେ)

# ରାଜ୍ୟକୁ ଫେରିଲା ତାତି, ଗୁଳୁଗୁଳି

ଭୁବନେଶ୍ୱର,୨।୬ (ସବ୍ୟୁ) : ରାଜ୍ୟକୁ ପୁଣି ଫେରଲା ତାତି । ଏହାସହ ଆର୍ଦ୍ରତା ବୃଦ୍ଧି ଯୋଗୁ ଗୁଳୁଗୁଳି ଅସହ୍ୟ ହେଉଛି । ସକାଳ କି ରାତି ସବୁ ସମୟରେ ଗରମ ଅନୁଭୂତ ହେଉଛି । ମୌସୁମୀ ନିଷ୍କ୍ରିୟ ହେବା ପରେ ତାପମାତ୍ରା ୨ରୁ ୬ ଡିଗ୍ରୀ ଯାଏଁ ବଢ଼ିଛି । ଆସନ୍ତା ୧୦ ତାରିଖ ପର୍ଯ୍ୟନ୍ତ ଏଭଳି ଗରମ ସହିତ ଗୁଳୁଗୁଳି ଜାରି ରହିବ ବୋଲି ଆକଳନ କରିଛନ୍ତି ପାଣିପାଗ ବିଶେଷଜ୍ଞ ।

## ଦୁଇଦିନରେ ପାରଦ ୨ରୁ ୬° ବୃଦ୍ଧି

## ୧୦ ଯାଏଁ ଗରମ, ଆର୍ଦ୍ରତା ବଢ଼ିବ

## ଦେବସ୍ନାନ ପୂର୍ଣ୍ଣିମାରୁ ବର୍ଷା ଆରମ୍ଭ

ପାଣିପାଗ ବିଜ୍ଞାନୀ ଉମା ଶଙ୍କର ଦାଶ ଏକ୍ସରେ ଉଲ୍ଲେଖ କରିଛନ୍ତି, ମେଘମୁକ୍ତ ଆକାଶ ପ୍ରଭାବରେ ଅଧିକାଂଶ ସ୍ଥାନରେ ଉପରମୁହାଁ ହୋଇଛି ପାରଦ। ଉପକୂଳରେ ଉଚ୍ଚ ତାପମାତ୍ରା ଏବଂ ଆର୍ଦ୍ରତା ପ୍ରଭାବରେ ଅସହ୍ୟ ଗୁଳୁଗୁଳି ଅନୁଭୂତ ହେଉଛି । ଗତ ତିନିଦିନ ଧରି ମୌସୁମୀ ଅଗ୍ରସର ହୋଇନଥିବା ବେଳେ ଆଜି ରାଜ୍ୟରେ ମେଘମୁକ୍ତ ଆକାଶ ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ତାପମାତ୍ରା ବୃଦ୍ଧି ସହ ଗୁଳୁଗୁଳିର ମାତ୍ରା ବଢ଼ିଛି । ଅପରାହ୍ଣ ସାଢ଼େ ୨ଟା ବେଳକୁ ଭୁବନେଶ୍ୱରରେ ସର୍ବାଧିକ ତାପମାତ୍ରା ୩୭.୮ ଡିଗ୍ରୀ ରେକର୍ଡ ହୋଇଥିବା ବେଳେ ଗତକାଲି ଅପେକ୍ଷା ଆଜି ୨.୪ ଡିଗ୍ରୀ ଅଧିକ ତାପମାତ୍ରା ବୃଦ୍ଧି ପାଇଛି । ଝାରସୁଗୁଡ଼ାରେ ସର୍ବୋଚ୍ଚ ତାପମାତ୍ରା ୬.୫ ଡିଗ୍ରୀ, ସମ୍ବଲପୁରରେ ୬ ଡିଗ୍ରୀ, ହୀରାକୁଦରେ ୬.୮ ଡିଗ୍ରୀ ଓ ପୁରୀରେ ୨.୮ ଡିଗ୍ରୀ ପାରଦ ବଢ଼ିଛି । ରବିବାର ପାରାଳାଖେମୁଣ୍ଡିରେ ସର୍ବାଧିକ ତାପମାତ୍ରା ୩୯.୪ ଡିଗ୍ରୀ, ଭୁବନେଶ୍ୱର ଓ ନୟାଗଡ଼ରେ ୩୮ ଡିଗ୍ରୀ ରେକର୍ଡ କରାଯାଇଥିଲା ।

ଅନ୍ୟପକ୍ଷରେ ଚଳିତବର୍ଷ ରାଜ୍ୟରେ ପ୍ରାକ ମୌସୁମୀ ଋତୁରେ ୧ମାର୍ଚ୍ଚରୁ ୩୧ମେ'ପର୍ଯ୍ୟନ୍ତ ୨୩୮.୬ମିମି ବର୍ଷା ରେକର୍ଡ ହୋଇଛି । ଯାହାକି ସ୍ୱାଭାବିକ ୧୨୮.୬ ତୁଳନାରେ ୮୬% ଅଧିକ ବର୍ଷା ସହ ଅତ୍ୟଧିକ ବର୍ଷାର ପରିସରଭୁକ୍ତ । ରାଜ୍ୟର ୨୧ଟି ଜିଲ୍ଲାରେ ସ୍ୱାଭାବିକ ଠାରୁ ଅତ୍ୟଧିକ ବର୍ଷା (୬୦% କିମ୍ବା ଅଧିକ), ୭ଟି ଜିଲ୍ଲାରେ ସ୍ୱାଭାବିକ ଠାରୁ ଅଧିକ (୨୦% ରୁ ୫୯%) ଏବଂ (୯ ପୃଷ୍ଠାରେ)

## ବିସ୍ଫୋରକ ଭର୍ତ୍ତି ୨ ଟ୍ରକ୍ ଜବତ

ରାଉରକେଲା,୨।୬ (ସବ୍ୟୁ) : ରବିବାର ସନ୍ଦେହଜନକ ଅବସ୍ଥାରେ ବିସ୍ଫୋରକ ଭର୍ତ୍ତି ଟ୍ରକ୍ ଠାବ ହୋଇଛି । ୨ଟି ଗାଡ଼ିରେ ବିପୁଳ ପରିମାଣର ବିସ୍ଫୋରକ ଥିବା ପୋଲିସକୁ କୌଣସି ସୂତ୍ରରୁ ସୂଚନା ମିଳିଥିଲା । ଘଟଣାସ୍ଥଳରେ

## ସରଣ୍ଡା ଜଙ୍ଗଲରେ କମ୍ବିଂ ଓ ସର୍ଚ୍ଚ ଅପରେସନ୍ ଜୋରଦାର

ପୋଲିସ, ଖଣି ବିଭାଗ ଓ ଜିଏସଟି ଅଧିକାରୀଙ୍କ ଖୋଳତାଡ ଚାଲିଥିବା ଜଣାପଡ଼ିଛି । ବିସ୍ଫୋରକ ଭର୍ତ୍ତି ଗାଡ଼ି କେଉଁଠୁ ଆସିଥିଲା, କୁଆଡ଼େ ଯାଉଥିଲା ସେନେଇ ଛାନଭିନ ଚାଲିଛି । ଦୁଇଟି ଯାକ ଗାଡ଼ିର କୌଣସି କାଗଜ ପତ୍ର ସଠିକ୍ ନଥିବା ଜାଣିବାକୁ ପାଇଛି ପୋଲିସ । ସେହିପରି କେମିତି ଓ କେଉଁ ପରିସ୍ଥିତିରେ ଏତେ ପରିମାଣର ବିସ୍ଫୋରକ ଯାଉଥିଲା ତାକୁ ନେଇ ପ୍ରଶ୍ନ ଉଠିଛି । ୫ ଦିନ ପୂର୍ବେ ସୁନ୍ଦରଗଡ଼ ଜିଲ୍ଲା କେ .ବଲାଙ୍ଗ ଥାନା ଅଞ୍ଚଳରୁ ମାଓବାଦୀ (୯ ପୃଷ୍ଠାରେ)

# ଟଙ୍କା ବିଡ଼ାରେ କାଗଜ ରଖି ୧୦ ଲକ୍ଷ ଠକେଇ, ୫ ଗିରଫ



ଭୁବନେଶ୍ୱର,୨।୬ (ସବ୍ୟୁ) : ଟଙ୍କା ବିଡାରେ କାଗଜ ରଖି ୨ ଜଣଙ୍କ ଠାରୁ ୧୦ ଲକ୍ଷ ଟଙ୍କା ଠକି ନେଇଥିବା ର୍ୟାକେଟ୍‌ର ୫ ଜଣଙ୍କୁ ଗିରଫ କରିଛି କମିଶନରେଟ୍ ପୋଲିସ। ଅଭିଯୁକ୍ତଙ୍କ ପାଖରୁ ୧୫ ବିଡା କଟା କାଗଜ ଓ ୮ ଟି ମୋବାଇଲ୍ ଫୋନ୍ ଜବତ ହୋଇଛି। ଡିସିପି ଜଗମୋହନ ମିନାଙ୍କ କହିବା ଅନୁଯାୟୀ ଭରତପୁର ଥାନା ଅଞ୍ଚଳର ଜଣେ ବ୍ୟକ୍ତିଙ୍କଠାରୁ ୪ ଲକ୍ଷ ଟଙ୍କା ଓ ନୟାପଲ୍ଲୀ ଅଞ୍ଚଳର ଜଣେ ବ୍ୟକ୍ତିଙ୍କଠାରୁ ୬ ଲକ୍ଷ ଟଙ୍କା ଗିରଫ ଅଭିଯୁକ୍ତମାନେ ଠକିନେଇଥିବା ଅଭିଯୋଗ ହୋଇଥିଲା। ସେହି ଅଭିଯୋଗ ଆଧାରରେ ୫ ଜଣଙ୍କୁ ଗିରଫ କରାଯିବା ପରେ ରବିବାର କୋର୍ଟ ଚାଲାଣ କରାଯାଇଛି।

ଗିରଫ ଅଭିଯୁକ୍ତମାନେ ବସ୍‌ଷ୍ଟାଣ୍ଡ, ରେଳ ଷ୍ଟେସନ୍ ଓ ଜନଗହଳୀପୂର୍ଣ୍ଣ ଅଞ୍ଚଳରେ ବୁଲିବା ସହ ଲୋକଙ୍କୁ ଡବଲ ଦେବାକୁ କହି ପ୍ରଭାବିତ କରିଥାନ୍ତି। ୫୦୦ ଟଙ୍କିଆ ଦେଲେ ଅଭିଯୁକ୍ତମାନେ ତାଙ୍କୁ ୧୦ ଟି ୧୦୦ ଟଙ୍କିଆ ଦେବାକୁ କହୁଥିଲେ। ଏପରି କାହିଁକି କରୁଛ ବୋଲି ଲୋକମାନେ ପଚାରିବାରୁ କଳାଧନକୁ ଧଳା କରିବା ପାଇଁ ଏପରି କରାଯାଉଛି ବୋଲି ଅଭିଯୁକ୍ତମାନେ କହୁଥିଲେ। ଏହିସୂତ୍ରରେ ଟଙ୍କା ଦେବାକୁ କହି ଭରତପୁରର ଜଣଙ୍କଠାରୁ ୪ ଲକ୍ଷ ଓ ନୟାପଲ୍ଲୀର ଜଣଙ୍କଠାରୁ ୬ ଲକ୍ଷ ଟଙ୍କା ଠକି ନେଇଥିବା ଦୁଇଟି ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୋଗ ଆଧାରରେ ପୋଲିସ ତଦନ୍ତ କରି ସିକୁ ଓରଫ ଅନିଲ୍ କୁମାର ମିସ୍ତ୍ରୀ (୩୭), ଚନ୍ଦନ ଓରଫ୍ ଦିଲ୍ଲୀପ ସିଂ(୪୮), ବଟକୃଷ୍ଣ ପ୍ରଧାନ (୫୫), ଟିଟୁ ଓରଫ ଚିତରଞ୍ଜନ ଦାସ (୪୦) ଓ ମମତା ସାମଲ (୪୦)ଙ୍କୁ ଗିରଫ କରିବା ପରେ ଠକେର ପର୍ଦ୍ଦାଫାସ ହୋଇଛି।

୫ ଜଣଙ୍କୁ କୋର୍ଟ ଚାଲାଣ ପରେ ଜାମିନ୍ ନାମଞ୍ଜୁର ହୋଇଯିବାରୁ ସେମାନଙ୍କୁ ଜେଲ୍ ହାଜତ୍ ପଠାଇ ଦିଆଯାଇଛି। ଗିରଫ ଅଭିଯୁକ୍ତମାନଙ୍କ ଘର ସୁନ୍ଦରଗଡ, କଟକ ଓ ଅନୁଗୁଳ ବୋଲି ପୋଲିସ କହିଛି। ଏହି ର୍ୟାକେଟ୍‌ରେ ଆଉ କିଏ ସଂମ୍ପୃକ୍ତ ଅଛନ୍ତି କି ନାହିଁ ତଦନ୍ତ ଆଗକୁ ବଢିଲେ ଜଣାପଡିବ। ଏମାନେ ଭୁବନେଶ୍ୱରର ଦୁଇଜଣଙ୍କୁ ଠକିଛନ୍ତି ନାଁ ଅନ୍ୟ କେଉଁମାନଙ୍କୁ ଠକିଛନ୍ତି ସ୍ପଷ୍ଟ ହୋଇନାହିଁ। ଠକଙ୍କ ଏହିପରି ପ୍ରଲୋଭିତ କଥାକୁ ଶୁଣନ୍ତୁ ନାହିଁ ବୋଲି ଡିସିପି ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି। ଠକମାନେ ଠକେଇ କରିବା ପାଇଁ ବିଭିନ୍ନ ଉପାୟ ଅବଲମ୍ବନ କରୁଛନ୍ତି। ସାବଧାନ ନରହିଲେ କେଉଁ ମୂହୁର୍ତ୍ତରେ ଠକେଇ ହୋଇଯିବେ । ତେଣୁ ସତର୍କ ରହି ପ୍ରଲୋଭିତ କଥାକୁ ମୁକାବିଲା କରିବା ଉଚିତ ।






## ଶିକ୍ଷାବିତ୍ ବିଧୁଭୂଷଣ ଦାସ

ଅନେକ ଏଭଳି ଓଡିଆ ଅଛନ୍ତି ଯେଉଁମାନେ ଆନ୍ତର୍ଜାତୀୟ ସ୍ତରରେ ଓଡ଼ିଶାର ନାଁକୁ ପରିଚିତ କରାଇଛନ୍ତି । ସେମାନଙ୍କ ପ୍ରତିଭା ପାଇଁ ସାରା ବିଶ୍ୱରେ ଓଡିଆ ଭାଷା ସୁଖ୍ୟାତି ଲାଭ କରିଛି । ସେହିଭଳି ଜଣେ ଆନ୍ତର୍ଜାତୀୟ ଖ୍ୟାତିସମ୍ପର୍ଣ୍ଣ ଓଡ଼ିଆ ଶିକ୍ଷାବିତ ଥିଲେ ବିଧୁଭୂଷଣ ଦାସ । ସେ କଲମ୍ବିଆ ବିଶ୍ୱ ବିଦ୍ୟାଳୟରୁ ଏ.ଏମ. ଓ ଅକ୍ସଫୋର୍ଡ଼ ବିଶ୍ୱବିଦ୍ୟାଳୟ ଅଧିନସ୍ଥ କ୍ରାଇଷ୍ଟ ଚର୍ଚ୍ଚ ମହାବିଦ୍ୟାଳୟରୁ ଏମ.ଲିଟ. ଶିକ୍ଷାହାସଲ କରିଥିଲେ । ଏହାସହିତ ପାଟଣା ବିଶ୍ୱବିଦ୍ୟାଳୟରୁ ସେ ଇଂରାଜୀରେ ସ୍ନାତକୋତ୍ତର ଶିକ୍ଷା ସମାପ୍ତ କରିଥିଲେ । ୧୯୭୧ ମସିହାରେ ସେ ଇକୋନୋମିକ ଡେଭଲପମେଣ୍ଟ ଇନଷ୍ଟିଟୁଟର(ବର୍ତ୍ତମାନ ୱାର୍ଲଡ଼ ବ୍ୟାଙ୍କ ଇନଷ୍ଟିଟୁଟ ନାମରେ ନାମିତ) ଫେଲୋସିପ ମଧ ଲାଭ କରିଥିଲେ । ଆଧୁନିକ ଓଡ଼ିଶାର ଶିକ୍ଷାବ୍ୟବସ୍ଥା ନିରୁପଣ ଓ ନିର୍ମାଣରେ ବିଧୁଭୂଷଣଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିଲା । ୧୯୪୪ ମସିହାରୁ ବିଧୁଭୂଷଣ ରେଭେନ୍ସା ମହାବିଦ୍ୟାଳୟରେ ଅଧାପନା ଆରମ୍ଭ କରିଥିଲେ । ୧୯୫୦ ମସିହାରେ ସେ ସୋନପୁରରେ ପ୍ରଫେସର ଭାବରେ ଅଧିଷ୍ଠ ହୋଇଥିଲେ । ୧୯୫୯ ମସିହାରେ କଲମ୍ବୋ ପ୍ଲାନ ଅନ୍ତର୍ଗତ ଇଣ୍ଡିଆନ ଏଡ଼ ମିସନ'ରେ, ସେ ନେପାଳର ରାଜା ମହେନ୍ଦ୍ରଙ୍କର ଉପଦେଷ୍ଟା ରୂପରେ ନିଯୁକ୍ତି ପାଇଥିଲେ । ଏହି ସମୟରେ ସେ କାଠମାଣ୍ଡୁର ତ୍ରିଭୁବନ ବିଶ୍ୱବିଦ୍ୟାଳୟ ଉନ୍ନତିକରଣରେ ମୁଖ୍ୟ ଭୂମିକା ନିର୍ବାହ କରିଥିଲେ । ୧୯୬୩ରୁ ୧୯୬୮ ମଧରେ ସେ ରାଞ୍ଚି ମହାବିଦ୍ୟାଳୟର ଅଧକ୍ଷ ଭାବରେ କାର୍ଯ୍ୟ କରିଥିଲେ । ୧୯୬୮ରେ ରାଞ୍ଚି ବିଶ୍ୱବିଦ୍ୟାଳୟର ଅଧକ୍ଷ ଭାବରେ ନିଯୁକ୍ତ ହୋଇଥିଲେ । ୧୯୬୮ରେ ହିଁ ସେ ଓଡ଼ିଶାର ଡାଇରେକ୍ଟର ଅଫ ପବ୍ଲିକ ଇନଷ୍ଟ୍ରକ୍ଟର ଓ ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତି ଭାବରେ ନିଯୁକ୍ତି ପାଇଥିଲେ । ଏହି ସମୟରେ ଓଡ଼ିଶାରେ ଶିକ୍ଷାର ଉନ୍ନତି ଦିଗରେ ସେ ପ୍ରମୁଖ ଭୂମିକା ନିର୍ବାହ କରିଥିଲେ । ସେ ଇଂରାଜୀ ଭାଷା, ଆମେରିକୀୟ ସାହିତ୍ୟ, ତୁଳନାତ୍ମକ ସାହିତ୍ୟ, ଭାଷାବିଜ୍ଞାନ ଓ ଦର୍ଶନ ଆଦି ବିଷୟରେ ପଢାଉଥିଲେ । ସମ୍ବଲପୁର ବିଶ୍ୱବିଦ୍ୟାଳୟର କୁଳପତି ପ୍ରସ୍ତାବକୁ ସେ ଅଗ୍ରାହ୍ୟ କରିଥିଲେ । ୧୯୮୪ରେ ନାଗାଲାଣ୍ଡର ମୁଖ୍ୟମନ୍ତ୍ରୀ ଏସ. ସି. ଜମିରଙ୍କ ଉପଦେଷ୍ଟା ଭାବରେ ସେ ନିଯୁକ୍ତ ହୋଇଥିଲେ । ଏହି ସମୟରେ ନାଗାଲାଣ୍ଡ ବିଶ୍ୱବିଦ୍ୟାଳୟ ଉନ୍ନତିକରଣରେ ସେ ମୁଖ୍ୟ ଭୂମିକା ନିର୍ବାହ କରିଥିଲେ । ବିଧୁଭୂଷଣ ୧୯୨୨ ମସିହାରେ ପୁରୀଠାରେ ଜନ୍ମଗ୍ରହଣ କରିଥିଲେ । ତାଙ୍କ ପୈତୃକ ଗ୍ରାମ ଥିଲା ଯାଜପୁର ଜିଲ୍ଲା ଅନ୍ତର୍ଗତ ଜମାଗଡ଼ । ବିଧୁଭୂଷଣ, ପ୍ରଭାତ ନଳିନୀଙ୍କୁ ବିବାହ କରିଥିଲେ । ସ୍ୱାଧୀନତା ସଂଗ୍ରାମୀ ସରଳା ଦେବୀ ଥିଲେ ତାଙ୍କର ମାଇଁ । ତାଙ୍କ ପ୍ରତିଭା ପାଇଁ ତାଙ୍କୁ ଅନେକ ସମ୍ମାନରେ ସମ୍ମାନିତ କରାଯାଇଛି । ଏହି ମହାନ ବ୍ୟକ୍ତିତ୍ୱଙ୍କର ୨ ଜୁନ ୧୯୯୯ରେ ମହାପରାୟଣ ଘଟିଥିଲା । ତାଙ୍କର ଅଗାଢ ଜ୍ଞାନ ଓ ପ୍ରତିଭା ପାଇଁ ଆଜି ବି ଲୋକ ତାଙ୍କୁ ସ୍ମରଣ କରିଥାଆନ୍ତି ।

## ଜେଟ୍ ସୁଟ୍‌ର କମାଲ



ଜରୁରୀ ହେଲିକପ୍ଟର ସେବା ଯୋଗାଇ ଆସୁଥିବା ବ୍ରିଟେନ୍‌ର ଦାତବ୍ୟ ସଂସ୍ଥା ଗ୍ରେଟ୍ ନର୍ଥ ଏୟାର୍ ଆମ୍ବୁଲାନ୍ସ ସର୍ଭିସ୍ (ଜିଏନ୍‌ଏଏସ୍) ପକ୍ଷରୁ ୨୦୨୦ରେ କରାଯାଇଥିବା ନୂଆ ଇନ୍‌ଭେନ୍‌ସନ୍ ଏବେ ପୁଣିଥରେ ଚର୍ଚ୍ଚାକୁ ଆସିଛି । ଏହି ସଂସ୍ଥା ପକ୍ଷରୁ ସ୍ୱାସ୍ଥ୍ୟସେବା କ୍ଷେତ୍ରର ବ୍ୟକ୍ତିଙ୍କ ପାଇଁ ଯେଉଁ ଜେଟ୍ ସୁଟ୍‌ର ପରୀକ୍ଷଣ କରାଯାଇଥିଲା ତାହା ଏବେ ସମ୍ପୂର୍ଣ୍ଣ ଫଳପ୍ରସୁ ହେବାକୁ ଯାଉଛି । ଲେକ୍ ଡିଷ୍ଟ୍ରିକ୍ଟରେ ହୋଇଥିବା ପରୀକ୍ଷାରେ ଜେଟ୍ ଶୁଟ୍ ପିନ୍ଧି ଜଣେ ପାରାମେଡିକ୍ ୩୦ ମିନିଟର ପାଦଚଲା ବାଟକୁ ମାତ୍ର ୯୦ ସେକେଣ୍ଡରେ ଅତିକ୍ରମ କରୁଥିବା ବେଳେ ଏବେ ଏଥିରେ ଫ୍ଲାଇଟ୍ ମୋଡ୍ ଆଡ୍ କରାଯାଇଛି । ଫଳରେ ଏହି ଶୁଟ୍ ପରିହିତ ପାରାମେଡିକ ଦୁର୍ଗମ ପଥକୁ ଆଖି ପିଛୁଳାକେ ଅତିକ୍ରମ କରି ଟାର୍ଗେଟ୍‌ଙ୍କ ପାଖରେ ପହଞ୍ଚି ପାରିବ । ଗ୍ରାଭିଟି ଇଣ୍ଡଷ୍ଟ୍ରିଜ୍‌ର ପ୍ରତିଷ୍ଠାତା ତଥା ଚିଫ୍ ପାଇଲଟ୍ ରିଚାର୍ଡ ବ୍ରାଉନିଂ ଦୁର୍ଗମ ପାର୍ବତ୍ୟ ଇଲାକାରେ ଆଶୁ ଚିକିତ୍ସା ଯୋଗାଇବା ଉଦ୍ଦେଶ୍ୟରେ ଏହି ଅଦ୍ଭୁତ ଜେଟ୍ ଶୁଟ୍ ଉଦ୍ଭାବନ କରିଥିଲେ ଯାହା ଏବେ ଉପଯୋଗୀ ସାବ୍ୟସ୍ତ ହେବାକୁ ଯାଉଛି । ଜେଟ୍ ଶୁଟ୍‌ର ଦୁଇ ହାତରେ ଦୁଇଟି ଓ ପଛପଟେ ଗୋଟିଏ ମିନି ଇଞ୍ଜିନ୍ ଖଞ୍ଜି ଦିଆଯାଇଛି । ହାତ ଟିକିଏ ବୁଲେଇ ଆରୋହୀ ନିଜ ଗତିପଥ ବା ଯାତ୍ରାର ଦିଗ ବଦଳାଇ ପାରିବା ସହ ସାଙ୍ଗରେ ମେଡିକାଲ୍ କିଟ୍ ନେଇ ରୋଗୀକୁ ମଧ ଜରୁରୀ ଚିକିତ୍ସା ଯୋଗାଇ ପାରିବ । ଦୁର୍ଘଟଣାରେ ଆହତ ହେଉଥିବା ପର୍ବତାରୋହୀମାନଙ୍କ ପାଖରେ ଜେଟ୍ ଶୁଟ୍ ପିନ୍ଧିଥିବା ପାରାମେଡିକ୍ କିଛିକ୍ଷଣ ମଧରେ ପହଞ୍ଚିପାରିବେ । ଜେଟ୍ ପ୍ୟାକ୍‌ରେ ଚିକିତ୍ସକ ଘଣ୍ଟାକର ବାଟକୁ ଦୁଇ ତିନି ମିନିଟ୍‌ରେ ଅତିକ୍ରମ କରି ରୋଗୀର ଜୀବନ ରକ୍ଷା କରିପାରିବେ । ଏହି ଜେଟ୍ ଶୁଟ୍ ସାହାଯ୍ୟରେ ଚିକିତ୍ସକ ପାହାଡ଼ ଶୃଙ୍ଗ, ଅଧିତ୍ୟକା ବ ଉପତ୍ୟକା ଭଳି ଦୁର୍ଗମ ସ୍ଥାନରେ ମୁହୂର୍ତ୍ତକ ମଧରେ ପହଞ୍ଚିପାରିବେ ।

## ଇତିହାସ

୧୭୪୬– ରୁଷ୍ ଏବଂ ଅଷ୍ଟ୍ରେଲିଆ କେତେକ ବୁଝାମଣା ଉପରେ ସ୍ୱାକ୍ଷର କରିଥିଲେ ।

୧୭୮୦– କ୍ୟାଥୋଲିକ୍ ବିରୋଧି ପ୍ରଦର୍ଶନକାରୀମାନେ ଲଣ୍ଡନ ବିଧାନସଭା ଉପରେ ଆକ୍ରମଣ କରିଥିଲେ ।

୧୮୫୧– ଆମେରିକାରେ ପ୍ରଥମକରି ମାଇନେ ପ୍ରାନ୍ତରେ ମଦ୍ୟପାନ ନିଷେଧ ଆଇନ ଲାଗୁ କରାଗଲା।

୧୯୦୯– କ୍ରମାଗତ ତୃତୀୟ ଥର ପାଇଁ ଆଲ୍‌ଫ୍ରେଡ୍ ଡେକିନ୍‌ଙ୍କୁ ଅଷ୍ଟ୍ରେଲିଆର ପ୍ରଧାନମନ୍ତ୍ରୀ ରୂପେ ଚୟନ କରାଯାଇଥିଲା ।

୧୯୫୩– ବ୍ରିଟିଶ ରାଜସିଂହାସନରେ ମହାରାଣୀ ଏଲିଜାବେଥ ଦ୍ୱିତୀୟଙ୍କର ରାଜ୍ୟାଭିଶେଷ ହୋଇଥିଲା । ଏହାପରେ ସେ ବ୍ରିଟେନ୍, କାନାଡ଼ା, ଅଷ୍ଟ୍ରେଲିଆ, ନ୍ୟୁଜିଲାଣ୍ଡ ସମେତ କମନୱେଲ୍‌ଥ ଦେଶଗୁଡ଼ିକର ରାଣୀ ହୋଇଥିଲେ ।

୨୦୧୪– ତେଲେଙ୍ଗାନା ଭାରତର ୨୯ତମ ରାଜ୍ୟ ହେଲା ।

## ସୋସିଆଲ କୋଟ୍ସ



"ସଲମାନ ଜଣେ ଖୁବ ପରିଶ୍ରମୀ ଅଭିନେତା । ବୀରଗତି ଫିଲ୍ମ ପାଇଁ ସେ ଖୁବ ପରିଶ୍ରମ କରିଛନ୍ତି । ଏହି ଫିଲ୍ମର ଲୁକ୍ ପାଇଁ ସେ ରାତିରାତି ଅନିଦ୍ରା ରହି ବ୍ୟାୟାମ କରିଥାଆନ୍ତି ।

ଅଖିଳେନ୍ଦ୍ର ମିଶ୍ର, ଅଭିନେତା



"ଆନିମଲରେ ରଶ୍ମିକାଙ୍କ ଚରିତ୍ର ହଟକେ ଥିଲା । ଏତେ ଜଣ ମେଲ୍ କ୍ୟାରେକ୍ଟର ଭିତରେ ସେ ଜଣେ ଫିମେଲ ହିସାବରେ ନିଜ ପାଇଁ ସ୍ପେସ ତିଆରି କରିପାରିଛନ୍ତି, ଯାହା ବେଶ୍ ପ୍ରଭାବଶାଳୀ ଥିଲା । ରଶ୍ମିକା ଏହି ଚରିତ୍ରରେ ଖୁବ ଭଲ ଅଭିନୟ କରିଛନ୍ତି ।

ମାନୁଷୀ ଛିଲ୍ଲର, ଅଭିନେତ୍ରୀ



"ବଜରଙ୍ଗୀ ଭାଇଜାନର ପାର୍ଟ–୨ ପାଇଁ ପ୍ରସ୍ତୁତ ହେଉଛି । ଖୁବ ଜଲଦି ଏଥିପାଇଁ ସଲମାନଙ୍କୁ ଆପ୍ରୋଚ କରିବି । ସେକେଣ୍ଡ୍ ପାର୍ଟ ପାଇଁ ଖୁବ ଉତ୍ସାହିତ ଅଛି ।

କେକେ ରାଧାମୋହନ, ପ୍ରଯୋଜକ

## ଲୋକ କହୁଥିଲେ ମୋଟି



ମନେପଡ଼େ

ନିକଟରେ ଅଭିନେତ୍ରୀ ଅର୍ଚ୍ଚନା ପୁରଣ ସିଂ ବଡିସେମିଂକୁ ନେଇ ନିଜର ପିଲାଦିନର ଦୁଃଖ ବଖାଣିଛନ୍ତି । ପିଲାଦିନୁ ତାଙ୍କୁ ମୋଟିବୋଲି ସମସ୍ତେ ଡାକୁଥିଲେ ଯାହାର ନକରାତ୍ମକ ପ୍ରଭାବ ତାଙ୍କ ମାନସିକ ସ୍ୱାସ୍ଥ୍ୟ ଉପରେ ଖୁବ ଅଧିକ ପଡିଥିଲା ବୋଲି ଅର୍ଚ୍ଚନା ପ୍ରକାଶ କରିଛନ୍ତି । ଏହା ତାଙ୍କର ଆତ୍ମସମ୍ମାନ ପାଇଁ ଏକ କୁଠାରଘାତ ଥିଲାବୋଲି ଅର୍ଚ୍ଚନା ପ୍ରକାଶ କରିଛନ୍ତି । ନିକଟରେ ନିଜର ୟୁଟ୍ୟୁବ୍ ବ୍ଲଗରେ ଅର୍ଚ୍ଚନା ଏନେଇ କଥା ହେଉଥିବାର ଦେଖିବାକୁ ମିଳିଛି । ସ୍ୱାସ୍ଥ୍ୟସମସ୍ୟା କାରଣରୁ ତାଙ୍କର ଓଜନ ଏତେ ଅଧିକ ରହିଥିବା ଅର୍ଚ୍ଚନା ପ୍ରକାଶ କରିଛନ୍ତି । ହେଲେ ଏହି ଓଜନ ପାଇଁ ତାଙ୍କୁ ଅନେକ ସମସ୍ୟା ଭୋଗିବାକୁ ପଡିଥିବା ଅର୍ଚ୍ଚନା ଏହି ବ୍ଲଗ୍‌ରେ ମତ ରଖିଛନ୍ତି । ଏପରିକି ତାଙ୍କ ପାଇଁ ପୋଷାକ ମଧ ମିଳୁନଥିବା ସେ କହିଛନ୍ତି, ଯେଉଁଥିପାଇଁ ତାଙ୍କୁ ବିଶେଷ ପୋଷାକ ତିଆରି କରିବାକୁ ପଡୁଥିଲା । ତେବେ ଧୀରେଧୀରେ ସେ ନିଜର ସ୍ୱାସ୍ଥ୍ୟ ସମସ୍ୟା ସୁଧାରିବା ସହିତ ଫିଟ୍ ହୋଇଥିଲେ ବୋଲି ପ୍ରକାଶ କରିଛନ୍ତି । ଏହି ବ୍ଲଗରେ ଅର୍ଚ୍ଚନାଙ୍କ ସହିତ ବୋନି କପୁରଙ୍କ ଝିଅ ଅଂଶୁଲା କପୁର ମଧ ସାମିଲ ହୋଇଥିଲେ । ଅଂଶୁଲାଙ୍କ ଫିଟ୍‌ନେସ ଜର୍ଣ୍ଣି ସବୁବେଳେ ଅର୍ଚ୍ଚନାଙ୍କୁ ପ୍ରେରିତ କରିଥାଏ ବୋଲି ସେ ପ୍ରକାଶ କରିଛନ୍ତି ।

## ଚକା ନଥିବା କାର



ଅନେକ ସମୟରେ ଏଭଳି ଉଦ୍ଭାବନ ସାମନାକୁ ଆସିଥାଏ, ଯାହା ବେଶ୍ ଆଶ୍ଚର୍ଯ୍ୟଜନକ ହୋଇଥାଏ । ସେହିଭଳି ଏକ ଉଦ୍ଭାବନ ବର୍ତ୍ତମାନ ସୋସିଆଲ ମିଡିଆରେ ବେଶ୍ ଚର୍ଚ୍ଚାରେ ରହୁଛି । ଏକ କାର ବର୍ତ୍ତମାନ ବିଭିନ୍ନ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି । ଏହି କାରଟିର ନାଁ ରହିଛି ପନାନା ପିଲ୍ ବା କଦଳୀ ଚୋପା କାର । କାରଟି ଦେଖିବାକୁ ଖୁବ ଅଜବ ହୋଇଛି କାରଣ ଏହାର ଚକା ନାହିଁ । ଏହି କାରଟିକୁ ୧୯୯୦ର ହୋଣ୍ଡା ସିଭିକ୍ ଗାଡିକୁ ପରିବର୍ତ୍ତନ କରି ଏହି ଡିଜାଇନ୍ ପ୍ରସ୍ତୁତ କରାଯାଇଥିବା ଚର୍ଚ୍ଚା ହେଉଛି । କାର ଡିଜାଇନର ଲାନ୍ ଡଙ୍ଗ ଏହି କାରଟିକୁ ଡିଜାଇନ କରିଥିବା ଜଣା ପଡିଛି । ତେବେ ଏହି କାରଟି ଏତେ ଛୋଟ ହୋଇଛି ଯେ ୟୁଜର୍ସମାନେ ଦ୍ୱନ୍ଦ୍ୱରେ ଅଛନ୍ତି ଏହି କାରରେ ଲୋକ ବସିବେ କିଭଳି ।



## ଦିଶାଙ୍କ ହଲିଉଡ ପ୍ରୋଜେକ୍ଟ

ବଲିଉଡ ଅଭିନେତ୍ରୀ ଦିଶା ପଟାନି ଖୁବ ଶୀଘ୍ର ହଲିଉଡରେ ଏକ ଫିଲ୍ମରେ ଦେଖିବାକୁ ମିଳିବେ । ଦିଶାଙ୍କୁ ଖୁବ ଜଲଦି ଏକ ହଲିଉଡ ଆକସନ୍ ଥ୍ରିଲରରେ ଦେଖିବାକୁ ମିଳିବ । ଫିଲ୍ମର ନାଁ ହୋଲିଗାର୍ଡସ୍ ହୋଇଥିବାବେଳେ ଏହା ଏକ ସୁପରନ୍ୟାଚୁରାଲ ଫିଲ୍ମ ହେବ । ସେହିଭଳି ଏହି ଫିଲ୍ମ ଜରିଆରେ ଓସ୍କାର ବିଜେତା ନିର୍ଦ୍ଦେଶକ କେଭିନ୍ ସ୍ପେସି ଅନେକ ଦଶକ ପରେ ପୁଣି ପରଦାକୁ ଫେରିବାକୁ ଯାଉଛନ୍ତି । ଫିଲ୍ମର ସୁଟିଂ ମେକ୍ସିକୋରେ ହୋଇଥିବାବେଳେ ଏଥିରେ ଅନେକ ଷ୍ଟାରଙ୍କୁ ପରଦାରେ ଦେଖିବାକୁ ମିଳିବ ବୋଲି ଜଣା ପଡିଛି । ଦିଶାଙ୍କ ସହିତ ଫିଲ୍ମରେ ଡଲ୍ଫ ଲୁଣ୍ଡ୍‌ଗ୍ରେନ୍, ଟାଏରସ୍ ଗିବ୍ସନ୍ ଓ ବ୍ରିୟାନା ପ୍ରମୁଖ ମୁଖ୍ୟ ଭୂମିକାରେ ନଜର ଆସିବେ । ଏହି ପ୍ରୋଜେକ୍ଟକୁ ନେଇ ଦିଶା ଖୁବ ଖୁସି ଥିବା ଜଣା ପଡିଛି । ପୂର୍ବରୁ ଦିଶାଙ୍କର ସୁଟିଂ ସେଟ୍‌ରୁ ଏକ ଫଟୋ ଭାଇରାଲ ହୋଇଥିଲା । ତେବେ ଦିଶାଙ୍କର ଏହା ପ୍ରଥମ ଇଣ୍ଟରନ୍ୟାସନାଲ ପ୍ରୋଜେକ୍ଟ ନୁହେଁ, ଏହା ଆଗରୁ ତାଙ୍କୁ କୁଂଗ ଫୁ ଯୋଗାରେ ବି ଦେଖିବାକୁ ମିଳିଥିଲା । ସେହିଭଳି ହଲିଉଡ ପ୍ରୋଜେକ୍ଟ ସହିତ ଦିଶା ୱେଲ୍‌କମ୍ ଟୁ ଦି ଜଙ୍ଗଲ ଫିଲ୍ମ ପାଇଁ ମଧ ପ୍ରସ୍ତୁତ ହେଉଛନ୍ତି । ଚଳିତବର୍ଷ ୱେଲ୍‌କମ୍ ଟୁ ଦି ଜଙ୍ଗଲ ଫିଲ୍ମଟି ପରଦାକୁ ଆସିବା ନେଇ ସୂଚନା ରହିଛି । ଦିଶା ସାଉଥ୍ ଇଣ୍ଡଷ୍ଟ୍ରୀରୁ ନିଜର ଫିଲ୍ମ କ୍ୟାରିୟର ଆରମ୍ଭ କରିଥିଲେ । ୨୦୧୫ରେ ତେଲୁଗୁ ଫିଲ୍ମ ଲୋଫରରେ ନିଜର ଆକ୍ଟିଂ ଡେବ୍ୟୁ କରିଥିଲେ ।

## ଚୁଲିଚଟୁ କଥା



- ସୋଲା କିମ୍ବା କାବୁଲି ବୁଟ ଗାଢ଼ରଙ୍ଗ ଆଣିବାକୁ ଚାହୁଁଥିଲେ ଏହାକୁ ସିଝାଇବା ସମୟରେ ଅଳ୍ପ ଚା'ପତିକୁ କପଡ଼ାରେ ବାନ୍ଧି ଏଥିରେ ପକାଇ ଦିଅନ୍ତୁ । ସିଝିଯିବା ପରେ ଏହି ଚା'ପତି ପୁଟୁଳିକୁ କାଢ଼ି ଦିଅନ୍ତୁ ।
- ତରକାରିରେ କଞ୍ଚା ପିଆଜ ରସୁଣର ବ୍ୟବହାର କରିବା ଅପେକ୍ଷା ଏହାକୁ ଅଳ୍ପ ଭାଜି ବ୍ୟବହାର କଲେ ତରକାରିର ସ୍ୱାଦ ବଢ଼ିଯାଏ ଓ ଏହାର ରଙ୍ଗ ବି ଭଲ ଆସିଥାଏ ।
- ତେଲ ଛଣା ଖାଦ୍ୟକୁ ପ୍ରଥମେ ଟିସୁ ପେପର ଉପରେ ରଖି ତା'ପରେ ଖାଆନ୍ତୁ । ଖାଦ୍ୟରେ ଥିବା ଅତ୍ୟଧିକ ତେଲକୁ ପେପର ଟାଣିନେବ ।
- ତରକାରି ପ୍ରସ୍ତୁତ କଲା ବେଳେ ମସଲାରେ ଅଳ୍ପ ବେସନ ଭାଜି ମିଶାଇ ଦିଅନ୍ତୁ । ତରକାରିର ସ୍ୱାଦ ବଢ଼ିଯିବ ।
- ତନ୍ଦୁରୀ ଆଇଟମ୍ ତିଆରି ସମୟରେ ଚିକେନ୍ ବା ପନିରକୁ ପେପର ନାପ୍‌କିନ୍‌ରେ ଗୁଡ଼ାଇ ରଖନ୍ତୁ । ଏଥିରେ ଆଉ ପାଣି ରହିବ ନାହିଁ ।
- ଡାଲି ପ୍ରସ୍ତୁତି ସମୟରେ ସେଥିରେ ଅଳ୍ପ ଅଦା ଛେଚି ପକାନ୍ତୁ । ଦେଖିବେ, ଡାଲିର ସ୍ୱାଦ ବଢ଼ିବା ସହ ପେଟର ଗ୍ୟାସ ସମସ୍ୟା ମଧ ରହିବ ନାହିଁ ।
- ପୁଦିନା ବା ଧନିଆ ଚଟଣି ବାଟିବା ସମୟରେ ସେଥିରେ ୨–୪ ଖଣ୍ଡ ନଡ଼ିଆ ବାଟନ୍ତୁ, ଚଟଣିର ସ୍ୱାଦ ବଢ଼ିଯିବ ।
- ଶାଢ଼ିରୁ ରଙ୍ଗ ଛାଡୁଥିଲେ ଲୁଣିପାଣିରେ ଲୁଗାକୁ ଅଧଘଣ୍ଟା ଭିଜାଇ ରଖି ଦିଅନ୍ତୁ । ପରେ ସଫା କରି ଦିଅନ୍ତୁ, ଦେଖିବେ ପରେ ଆଉ ଶାଢ଼ିରୁ ରଙ୍ଗ ଛାଡ଼ିବ ନାହିଁ ।
- ଚକୁଳି ପିଠା ପାଇଁ ବିରି, ଚାଉଳ ବାଟିଲା ବେଳେ ସେଥିରେ ଏକ ଚାମଚ ମେଥି ପକାଇ ବାଟି ଦିଅନ୍ତୁ । ଦେଖିବେ, ଚକୁଳି ନରମ ହେବା ସହ ଏହାର ସ୍ୱାଦ ମଧ ବଢ଼ିଯିବ ।
- ଅଟାରେ କ୍ଷୀର ଦେଇ ଚକଟି କିଛି ସମୟ ରଖି ଦିଅନ୍ତୁ, ପରେ ରୁଟି ବେଲନ୍ତୁ । ଦେଖିବେ ରୁଟି ବହୁତ ସମୟ ଯାଏ ନରମ ଓ ଭଲ ରହିବ ।

ଅପର୍ଣ୍ଣା ନାୟକ
ନୂଆଦିଲ୍ଲୀ

## ସହରର ବିଭିନ୍ନ ଥାନା ପକ୍ଷରୁ ଗୁଣ୍ଡା ପ୍ୟାରେଡ୍

ପୁରୀ (ସବ୍ୟୁ): ଆଗକୁ ଆସୁଛି ମହାପ୍ରଭୁ ଜଗନ୍ନାଥଙ୍କ ବିଶ୍ୱ ପ୍ରସିଦ୍ଧ ରଥ ଯାତ୍ରା । ରଥ ଯାତ୍ରାକୁ ଶାନ୍ତି ଶୃଙ୍ଖଳା ସହ ସମାପନ କରିବା ପାଇଁ ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି । ପୋଲିସ ପକ୍ଷରୁ ବ୍ୟାପକ ଅପରାଧି ଧର ପଗଡ ଅଭିଯାନ ଆରମ୍ଭ ହୋଇଛି । ସହରରେ ପୋଲିସ ପେଟ୍ରୋଲିଂକୁ କଡ଼ାକଡ଼ି କରାଯାଇଛି । ବିଭିନ୍ନ ଥାନା ପକ୍ଷରୁ ଅସାମାଜିକ ଯୁବକ ଙ୍କୁ ଥାନାକୁ ଅଣା ଯାଇ ଗୁଣ୍ଡା ପ୍ୟାରେଡ କରା ଯାଇଛି । ଅପରାଧି ମାନଙ୍କୁ ପୋଲିସ ଅପରାଧ ନ କରିବା ପାଇଁ କଡ଼ା ଚେତାବନୀ ଦେଇଛି । ଅପରଧ କଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଅସାମାଜିକ ଯୁବକଙ୍କୁ ପୋଲିସ ତାଗିଦ କରିଛି ।

### କଳିଙ୍ଗ ଷ୍ଟୁଡ଼ିଓ ପରିଦର୍ଶନ କଲେ ମୁଖ୍ୟମନ୍ତ୍ରୀ

## ଅତ୍ୟାଧୁନିକ ସ୍ୱୟଂ ସମ୍ପୂର୍ଣ୍ଣ ଷ୍ଟୁଡ଼ିଓ କରିବା ପାଇଁ ଡିପିଆର୍ ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ

ଭୁବନେଶ୍ୱର, (ସବ୍ୟୁ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କଳିଙ୍ଗ ଷ୍ଟୁଡ଼ିଓ ପରିଦର୍ଶନ କରି ଏହାକୁ ଏକ ସ୍ୱୟଂ ସମ୍ପୂର୍ଣ୍ଣ ଅତ୍ୟାଧୁନିକ ଷ୍ଟୁଡ଼ିଓ ଭାବେ ବିକଶିତ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଏଥିପାଇଁ ଏକ ଡିପିଆର୍ ପ୍ରସ୍ତୁତ କରିବା ପାଇଁ ସେ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି । ୧୯୮୦ ମସିହାରେ ସ୍ଥାପିତ ହୋଇଥିବା ଏହି ଷ୍ଟୁଡ଼ିଓ ଏକଦା ଚଳଚ୍ଚିତ୍ର ନିର୍ମାଣ ପାଇଁ ଉନ୍ନତ ଯନ୍ତ୍ରପାତି ସହିତ ପୂର୍ବ ଭାରତର ଏକମାତ୍ର ଷ୍ଟୁଡ଼ିଓ ଭାବେ ଖ୍ୟାତି ଅର୍ଜନ କରିଥିଲା । ସମୟକ୍ରମେ ଆଧୁନିକ ଯନ୍ତ୍ରପାତି ଓ ବୈଷୟିକ ଉପକରଣ ଅଭାବରୁ ଷ୍ଟୁଡ଼ିଓଟିର ଚାହିଦା ହ୍ରାସ ପାଇଥିଲା । ଏହାର ଉନ୍ନତିକରଣ କାର୍ଯ୍ୟ ଜାରି ରହିଛି ।

ନୂଆ ସରକାର ଦାୟିତ୍ୱ ନେବା ପରେ ଏହି ଷ୍ଟୁଡ଼ିଓର ଅତ୍ୟାଧୁନିକୀକରଣକୁ ଗୁରୁତ୍ୱ ଦେବାପାଇଁ ମୁଖ୍ୟମନ୍ତ୍ରୀ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ




। ନିର୍ଦ୍ଦେଶ ଅନୁଯାୟୀ ପ୍ରଥମ ପର୍ଯ୍ୟାୟରେ ଷ୍ଟୁଡ଼ିଓର ଟେକ୍ ବିଲଡ଼ିଙ୍ଗ, ଏଣ୍ଟ୍ରାନ୍ସ ପ୍ଲାଜା, ଇନଡୋର୍ ସୁଟିଙ୍ଗ ବ୍ୟବସ୍ଥା, କଳିଙ୍ଗ ମୁଭି ମ୍ୟାଜିକ୍, ଆଭେନ୍ୟୁ ଲ୍ୟାଣ୍ଡ, ଭିଲେଜ୍ ଏରିଆ, ଆଇକନିକ୍ ଲ୍ୟାଣ୍ଡ ମାର୍କ, ସ୍ନୋ ୱାର୍ଲଡ, କମ୍ୟୁନିଟି ହଲ୍, ବାମ୍ବୋ ଷ୍ଟ୍ରକ୍ଚର, ୱାଟର ବଡ଼ି, ଗ୍ରୀନ ଏରିଆ ଇତ୍ୟାଦି ବିକଶିତ କରାଯାଇଛି । ବାକି ରହିଥିବା କାମ ଗୁଡ଼ିକ ଯଥାଶୀଘ୍ର ସମ୍ପୂର୍ଣ୍ଣ କରିବା ପାଇଁ ମୁଖ୍ୟମନ୍ତ୍ରୀ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଇଡ୍‌କୋ ପକ୍ଷରୁ ଏହି ବିକାଶ କାର୍ଯ୍ୟ କରାଯାଉଛି । ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଓଡ଼ିଆ ଚଳଚ୍ଚିତ୍ରର ବିକାଶ ପାଇଁ ଏହି ଷ୍ଟୁଡ଼ିଓର ବିକାଶ ଅତ୍ୟନ୍ତ ଆବଶ୍ୟକ । ସମସ୍ତ ଅତ୍ୟାଧୁନିକ ସୁବିଧା ସୁଯୋଗ ଥାଇ ଏହାକୁ ଏକ ସ୍ୱୟଂ ସମ୍ପୂର୍ଣ୍ଣ ଷ୍ଟୁଡ଼ିଓରେ ପରିଣତ କରାଯିବ । ଚଳଚ୍ଚିତ୍ର ଜଗତ ସହିତ ଜଡ଼ିତ ସମସ୍ତଙ୍କ ସହ ଆଲୋଚନା କରାଯାଇ ଏହି ଷ୍ଟୁଡ଼ିଓର ବିକାଶ କରାଯିବ ବୋଲି ସେ କହିଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ସହିତ ଶିଳ୍ପ ଓ ଦକ୍ଷତା ବିକାଶ ମନ୍ତ୍ରୀ ସମ୍ପଦ ଚରଣ ସ୍ୱାଇଁ ଷ୍ଟୁଡ଼ିଓ ବୁଲି ଦେଖିଥିଲେ । ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ପ୍ରକଳ୍ପ କାର୍ଯ୍ୟ ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଇଥିଲେ । ଓଡ଼ିଶା ଚଳଚ୍ଚିତ୍ର ଉନ୍ନୟନ ନିଗମର ପରିଚାଳନା ନିର୍ଦ୍ଦେଶକ ସମର୍ଥ ବର୍ମା ଏବଂ ଇଡ୍କୋର ପରିଚାଳନା ନିର୍ଦ୍ଦେଶକ ଶ୍ରୀ ଭୂପିନ୍ଦର ସିଂ ପୁନିଆ ଉପସ୍ଥିତ ଥିଲେ ।

### ଗାଡ଼କଣ ଅଳିଆ ଗଦା ଆଗରେ ଗର୍ଜିଲେ ଜନତା

## ପ୍ଲାଣ୍ଟ ଗେଟ୍‌ରେ ତାଲା ପକାଇ ଆନ୍ଦୋଳନ

ଭୁବନେଶ୍ୱର(ସବ୍ୟୁ): ପ୍ରତିବାଦ ନୁହେଁ ପକାଇଲେ ତାଲା । ଗାଡକଣ ଅଳିଆ ଗଦା ଗେଟ୍ ଆଗରେ ଗର୍ଜିଛନ୍ତି ଜନତା । ବର୍ଷେ ପରେ ହଟିଲାନି ଅଳିଆ ଗଦା । ବିଏମସି ଫଣ୍ଡାରେ ନେତା, ମନ୍ତ୍ରୀ ଓ କମିଶନରଙ୍କ ଘରେ ଅଳିଆ ଫିଙ୍ଗିବେ ଜନତା । ଅଳିଆ ଗଦା ହଟାଓ, ସୈନିକ ସ୍କୁଲ ବଞ୍ଚାଓ ଅଭିଯାନର ଗାଡକଣ ଅଳିଆ ଗଦା ଗେଟ ଆଗରେ ଜନ ପ୍ରତିବାଦ କରାଯାଇଛି ।

କିଏ ନାକରେ ରୁମାଲ ବାନ୍ଧିଛି ତ, ଆଉ କିଏ ମୁହରେ ଶାଢୀ ବାନ୍ଧିଛି । ପ୍ରତିବାଦ ବେଳେ ଅଳିଆ ଗନ୍ଧରେ ଅଚେତ ହୋଇଗଲେ ଲୋକେ । ପ୍ରବେଶ ଦ୍ୱାରାରେ ତାଲା ପକାଇବା ସହିତ ଅଳିଆ ଗାଡିକୁ ଅଟକାଇଲେ । ଏକ ଘଣ୍ଟା ଧରି ଚାଲିଲା ପ୍ରତିବାଦ । ଅଳିଆ ଗଦା ଯୋଗୁଁ ଅଞ୍ଚଳର ପ୍ରାୟ ୧୦ କିମି ପରିଧିରେ ବଞ୍ଚିବା ଦୁର୍ବିସହ ହୋଇ ପଡିଛି । ଆଗକୁ ବର୍ଷା ହେଲେ ସ୍ଥିତି ସଂଗୀନ ହେବ । ପଳାଶୁଣିରେ ଶୁଖିଲା ପ୍ରୋସେସିଙ୍ଗ ୟୁନିଟ କାମ ସରିଥିଲେ ବି ସରକାର କାର୍ଯ୍ୟକ୍ଷମ କରୁ ନଥିବା ଅଭିଯୋଗ ହୋଇଛି । ଗାଡକଣରେ ଅଳିଆ ଗଦାକୁ ନେଇ ପୂର୍ବରୁ ବିଜେପି ସତ୍ୟାଗ୍ରହ କରିଥିଲେ । ସରକାରକୁ ଆସିଲେ ୨୪ ଘଣ୍ଟାରେ ଅଳିଆ ଗଦା ହଟେଇବା ପାଇଁ ପ୍ରତିଶ୍ରୁତି ଦେଇଥିଲେ । ଏବେ ସରକାରକୁ ବର୍ଷେ ପୁରିବ । କିନ୍ତୁ ଅଳିଆ ଗଦା ହଟିଲା ନାହିଁ । ଗାଡକଣକୁ ଏବେ ଦୈନିକ ୩୫୦ ମେଟ୍ରିକ ଟନ ଶୁଖିଲା ଓ ଓଦା ଅଳିଆ ଆସୁଛି । ବିଏମସିକ କମିଶନରଙ୍କ ସହ ବୈଠକ ପରେ ଜୁନ୍ ଶୁଦ୍ଧା ପଳାଶୁଣି ପ୍ରୋସେସିଙ୍ଗ ୟୁନିଟ କାର୍ଯ୍ୟକ୍ଷମ ହେବ କହିଥିଲେ । ତେବେ କାର୍ଯ୍ୟକାରୀ ହୋଇ ନଥିବାରୁ ଆଗକୁ ବିଏମସି ଫଣ୍ଡାରେ ନେତା, ମନ୍ତ୍ରୀ ଓ କମିଶନରଙ୍କ ଘରେ ଅଳିଆ ଫିଙ୍ଗିବେ ବୋଲି ଚେତାବନୀ ଦେଇଛନ୍ତି ଜନତା । ଅଳିଆ ଗଦା ହଟେଇବେ କ'ଣ ଓଲଟି ସୈନିକ ସ୍କୁଲକୁ ଏଠୁ ହଟାଇବା ପାଇଁ ସରକାର ଷଡ଼ଯନ୍ତ୍ର କରୁଛନ୍ତି ବୋଲି ଭୁବନେଶ୍ୱର ଉନ୍ନୟନ ପରିଷଦ ଅଭିଯୋଗ କରିଛି ।

## ରାଜମହଲ ଛକରେ ସିରିଜ୍ ଦୁର୍ଘଟଣା, ୪ ଆହତ

ଭୁବନେଶ୍ୱର, (ସବ୍ୟୁ) : ରବିବାର ସକାଳେ ରାଜମହଲ ଛକ ନିକଟରେ ସିରିଜ୍ ଦୁର୍ଘଟଣା ଘଟି ୪ ଜଣ ଆହତ ହୋଇଛନ୍ତି। ଗୁରୁତର ଆହତ ୪ ଜଣ ହସ୍ପିଟାଲ୍‌ରେ ଚିକିତ୍ସିତ ହେଉଥିବା ବେଳେ ଦୁର୍ଘଟଣା ଘଟାଉଥିବା କାର୍ ଚାଳକକୁ ପୋଲିସ ଖୋଜୁଛି।



ଗୋଟିଏ ଆଇ -୨୦ କାର୍ ଦ୍ରୁତ ଗତିରେ ଆସି ୨ ଅଟୋକୁ ଧକ୍କା ଦେବା ପରେ ୨ ଟି କାର୍‌କୁ ଧକ୍କା ଦେଇଥିଲା। ଗାଡି ଏତେ ସ୍ପିଡ୍ ଥିଲା ଯେ ପାଖରେ ଥିବା କ୍ୱାର୍ଟର ଗେଟ୍ ଭାଙ୍ଗି ଭିତରକୁ ପଶିଯାଇଥିଲା। ଆଇ -୨୦ ଡ୍ରାଇଭର ନିଶାଶକ୍ତ ଥିବାରୁ ଏପରି ଘଟିଲା ବୋଲି ଘଟଣା ସ୍ଥଳରେ ଥିବା ଲୋକମାନେ କହିଛନ୍ତି। ଆଇ -୨୦ ଚାଳକ ଭୟରେ ଘଟଣା ସ୍ଥଳରୁ ଫେରାର ହୋଇଯାଇଛି। ପୂର୍ବରୁ ଜାଭିୟର ଛକରେ ଏହିପର ଏକ ସିରିଜ୍ ଦୁର୍ଘଟଣା ଘଟିଥିଲା। ନିଶାଶକ୍ତ ଅବସ୍ଥାରେ ଗାଡି ଚଳାଇ ରାସ୍ତାର ଅନ୍ୟ ଲୋକମାନଙ୍କୁ ଧକ୍କା ଦେବା ଫଳରେ ସେମାନେ ଗୁରୁତର ହେଉଛନ୍ତି। କେତେକ କ୍ଷେତ୍ରରେ ପଥଚାରୀଙ୍କ ମୃତ୍ୟୁ ହେବାର ନଜିର ମଧ ଅଛି। ଫେରାର କାର୍ ଡ୍ରାଇଭର ଅନୁଭବ ଦାସକୁ ଗିରଫ କରାଯାଇଥିବା ପୋଲିସ କହିଛି ।

## ଆଇନ ମନ୍ତ୍ରୀଙ୍କୁ ଭେଟିଲେ ପିଡୀତା ଯାତ୍ରା ଅଭିନେତ୍ରୀ ମାମୁନି

ଭୁବନେଶ୍ୱର, (ସବ୍ୟୁ) : ଯାତ୍ରା ବିବାଦ ବଢିବାରେ ଲାଗିଥିବା ବେଳେ ପୋଲିସ କାର୍ଯ୍ୟାନୁଷ୍ଠାନରେ ବିଳମ୍ବ ହେବାରୁ ପୀଡିତା ଅଭିନେତ୍ରୀ ମାମୁନି ଷଡଙ୍ଗୀ ଆଇନମନ୍ତ୍ରୀଙ୍କୁ ଭେଟି ତାଙ୍କୁ ଅଭିଯୋଗ କରିଛନ୍ତି।

ଯାତ୍ରା ପାର୍ଟି ମାଲିକ ଅନନ୍ତ ନାରାୟଣ ଧଳ ଓରଫ୍ ନାଣ୍ଟୁଙ୍କ ବିରୋଧରେ ଅଭିଯୋଗ ଲମ୍ବିବାରେ ଲାଗିଛି। ମାମୁନିଙ୍କ ପରେ ପୂଜା ତାଙ୍କ ବିରୋଧରେ ସାଂଘାତିକ ଅଭିଯୋଗ କରିଛନ୍ତି। ମାମୁନିଙ୍କୁ ବକେୟା ଟଙ୍କା ଦେବା ପରିବର୍ତ୍ତେ ଲୋକ ଲଗାଇ ମାରଧର କରିବା ସହ ଗଣବଳାତ୍କାର ଧମକ ଦେଇଛନ୍ତି ମାଲିକ ନାଣ୍ଟୁ। ସେହିପରି ପୂଜା ଅଭିଯୋଗ କରିଛନ୍ତି ଯେ, ଶାରୀରିକ ସମ୍ପର୍କ ପାଇଁ ତାଙ୍କୁ ମାଲିକ ନାଣ୍ଟୁ ବାଧ କରିବା ସହ ନିର୍ଯାତନା ଦେବାରୁ ସେ ତାଙ୍କ ପାଖରୁ ଖସି ପଳାଇ ଆସିଛନ୍ତି।

ମାମୁନି ଏତଲା ଦେବାର ୬ ଦିନ ବିତିଯାଇଥିଲେ ମଧ ପୋଲିସ କାର୍ଯ୍ୟାନୁଷ୍ଠାନ ନହେବାରୁ ସେ ରବିବାର ଆଇନମନ୍ତ୍ରୀଙ୍କୁ ଭେଟି ତାଙ୍କ ଅଭିଯୋଗ ଜଣାଇଛନ୍ତି। ମାମୁନି ଓ ତାଙ୍କ ସ୍ୱାମୀ ଆଇନମନ୍ତ୍ରୀଙ୍କ ସରକାରୀ ଘରକୁ ଯାଇ ଅଭିଯୋଗ କରିବା ପରେ ସେ ତାଙ୍କୁ ନ୍ୟାୟ ମିଳିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

## ଶ୍ରୀମନ୍ଦିର ସୁରକ୍ଷା ପାଇଁ ଖୁବଶୀଘ୍ର ଆଣ୍ଟି ଡ୍ରୋନ ଟେକ୍ନୋଲୋଜି

ଭୁବନେଶ୍ୱର(ସବ୍ୟୁ): ପୁଣି ଶ୍ରୀମନ୍ଦିର ଉପରେ ଉଡ଼ିଲା ଡ୍ରୋନ୍, ସୁଟ୍ ହେଲା ଭିଡିଓ । ଶ୍ରୀମନ୍ଦିର ଉପରେ ଡ୍ରୋନ୍ ଉଡ଼ି ଭିଡିଓ ସୁଟ୍ ହୋଇଥିବାର ଏକ ଭିଜୁଆଲ୍ ଭାଇରାଲ ହେବାରେ ଲାଗିଛି । ଏହି ଘଟଣାକୁ ନେଇ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ପ୍ରତିକ୍ରିୟା ରଖି କହିଛନ୍ତି, ଅନେକଗୁଡିଏ ଦୋଷ ତ୍ରୁଟି ସାମ୍ନାକୁ ଆସୁଛି । ଆଣ୍ଟି ଡ୍ରୋନ୍ ଟେକ୍ନୋଲୋଜି ନେଇ ପ୍ରକ୍ରିୟା ଆରମ୍ଭ ହୋଇଛି । ଶ୍ରୀମନ୍ଦିର ସୁରକ୍ଷା, ଶୃଙ୍ଖଳା ଓ ଭକ୍ତଙ୍କ ସୁଗମତାକୁ ନିୟନ୍ତ୍ରଣକୁ ଆଣିବା ପାଇଁ ସରକାର ଗୁରୁତ୍ୱ ଦେଉଛନ୍ତି । ଏସବୁ ପାଇଁ ଯେଉଁ ଆବଶ୍ୟକତା ରହିଛି ତାକୁ ନେଇ କାମ ଆରମ୍ଭ କରିଛୁ । ଖୁବ୍‌ଶୀଘ୍ର ତା'ର ପ୍ରକୃତ ଚିତ୍ର ପ୍ରତିଫଳିତ ହେବ ବୋଲି ଆଇନ ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଛନ୍ତି । ସୂଚନା ଯୋଗ୍ୟ 'କ୍ଷ୍ଟୋରୀ ବାଏ ନରୁ ଗୋପାଳ' ନାମକ ଏକ ଇନଷ୍ଟାଗ୍ରାମ ଆଇଡିରେ ଗତ ମେ ୩୦ ତାରିଖରେ ଏହାକୁ ପୋଷ୍ଟ କରାଯାଇଛି । ଡ୍ରୋନ୍ ଉଡିବା ଭାଇରାଲ୍ ଭିଡିଓରେ ଜଣେ ଚୁନରା ସେବକ ସାମ୍ନାକୁ ଆସିଛନ୍ତି ।



ଚୁନରା ସେବକ ବାନା ଧରି ନମସ୍କାର ମୁଦ୍ରାରେ ରହିବା ଏବଂ ଶ୍ରୀମନ୍ଦିର ଉପରକୁ ଚଢି ୧୪ ହାତିଆ ମୁଖ୍ୟ ବାନା ବାନ୍ଧିବା ସମୟର ସ୍ପଷ୍ଟ ଦୃଶ୍ୟ ଡ୍ରୋନରେ କଏଦ୍ ହୋଇଛି । ଶ୍ରୀମନ୍ଦିର ଉପରେ ଡ୍ରୋନ୍ ଉଡ଼ିବା ବ୍ୟାନ୍ ହୋଇଥିବା ବେଳେ ଖୋଲମଖୁଲା ଡ୍ରୋନ୍ ଉଡ଼ାଇ ଏବଂ ସ୍ପଷ୍ଟ ଚିତ୍ର କଏଦ୍ କରି ଏହାକୁ ସୋସିଆଲ୍ ମିଡିଆରେ ପୋଷ୍ଟ କରାଯାଇଛି ।

### ୯ ରାଜ୍ୟରୁ କୋଟିଏରୁ ଉର୍ଦ୍ଧ୍ୱ ଠକେଇ

## ଦୁଇ ଆନ୍ତରାଜ୍ୟ ସାଇବର ଠକ ଗିରଫ

ଭୁବନେଶ୍ୱର, (ସବ୍ୟୁ) : ଟଙ୍କା ବିନିଯୋଗ କଲେ ମାସିକ ୭ % ହିସାବରେ ଟଙ୍କା ପାଇବେ ବୋଲି ସାଇବର ଠକମାନେ ଏକ କମ୍ପାନି ଗଢି ଲୋକଙ୍କୁ ପ୍ରତିଶ୍ରୁତି ଦେଉଥିଲେ। ବୈଷ୍ଣବ ଦେବୀ ଏଣ୍ଟରପ୍ରାଇଜର୍ସ ନାମକ ସଂସ୍ଥା ଗଢି ସାଇବର ଠକମାନେ ବିଭିନ୍ନ ରାଜ୍ୟରୁ କୋଟିଏରୁ ଉର୍ଦ୍ଧ୍ୱ ଟଙ୍କା ଠକି ନେଇଛନ୍ତି। ସାଇବର ଥାନାରେ ଅଭିଯୋଗ ହେବା ପରେ ଗତ ୨୪ ତାରିଖରେ ମୁଖ୍ୟ ଅଭିଯୁକ୍ତକୁ ଗିରଫ କରାଯାଇଥିଲା। ସେହି ମାମଲାର ତଦନ୍ତ ଜାରି ରହିଥିବା ବେଳେ ଆଉ ୨ ଜଣଙ୍କୁ ଗିରଫ କରାଯାଇଥିବା ସାମ୍ବାଦିକ ସମ୍ମିଳନୀରେ ଡିସିପି ଜଗମୋହନ ମିନା କହିଛନ୍ତି।



ଗିରଫ ଦୁଇ ଅଭିଯୁକ୍ତ ହେଲେ ପ୍ରଶନ୍ନ ବେହେରା ଓ ରାହୁଲ ପ୍ରଧାନ। ପ୍ରଶନ୍ନ ଅନନ୍ୟା ଇନ୍‌ଫ୍ରା ଡେଭ୍‌ଲପର ନାମକ ଏକ ସଂସ୍ଥାର ମାଲିକ ହୋଇଥିବା ବେଳେ ରାହୁଲ ଏଜେଣ୍ଟ ଭାବେ କାମ କରୁଥିଲା। ପ୍ରଶନ୍ନ ଘର ଭୁବନେଶ୍ୱର ହୋଇଥିବା ବେଳେ ରାହୁଲ ଘର ପୁରୀରେ । ଗିରଫ ଅଭିଯୁକ୍ତଙ୍କ ନିକଟରୁ ୨୪ ଚେକ୍ ବହି, ୮ ପାସ୍ ବୁକ୍, ୪ ମୋବାଇଲ୍, ୧ଟି ଲାପ୍‌ଟପ୍, ୨୭ ଟି ଏଟିଏମ୍ ଓ ଡେବିଟ୍ କାର୍ଡ, ୬ଟି ପ୍ୟାନ୍‌କାର୍ଡ, କ୍ରେଡିଟ୍ କାର୍ଡ ଓ କମ୍ପାନୀ ନାମ ଥିବା ଷ୍ଟାମ୍ପ ଜବତ କରାଯାଇଥିବା ପୋଲିସ କହିଛି। ଚଳିତ ମାସ ୭ ତାରିଖରେ ମିଳନ କୁମାର ବେହେରା ସାଇବର ଥାନାରେ ଅଭିଯୋଗ କରିଥିଲେ ୧୨ ଲକ୍ଷ ଟଙ୍କା ବିନିଯୋଗ ବାହାନାରେ ସାଇବର ଠକ ଠକି ନେଇଛନ୍ତି। ସାଇବର ଥାନାରେ ଅଭିଯୋଗ ହେବା ପରେ ପୋଲିସ ଛାନ୍‌ଭିନ୍ କରି ଜଣଙ୍କୁ ଗିରଫ କରିଥିଲା। ଆଉ ଦୁଇଜଣଙ୍କୁ ଗିରଫ କରିବା ପରେ ବହୁ ରହସ୍ୟ ଜଣାପଡିଛି। ଗିରଫ ସାଇବର ଠକମାନେ ଓଡିଶା, ଦିଲ୍ଲୀ, ମହାରାଷ୍ଟ୍ର, ଉତ୍ତରପ୍ରଦେଶ, ପଶ୍ଚିମବଙ୍ଗ, ତେଲେଙ୍ଗାନା, ଚଣ୍ଡିଗଡ, ଜାମ୍ମୁକାଶ୍ମୀର ଓ କର୍ଣ୍ଣାଟକ ପ୍ରଭୃତି ରାଜ୍ୟର ଲୋକଙ୍କଠାରୁ ଟଙ୍କା ଠକେଇ କରିଥିବା ତଦନ୍ତରୁ ଜଣାପଡିଛି। ଗିରଫ ଦୁଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯିବା ପରେ ଜାମିନ୍ ନାମଞ୍ଜୁର ହୋଇଯିବାରୁ ଦୁହିଁଙ୍କୁ ଜେଲ୍ ହାଜତ୍ ପଠାଇ ଦିଆଯାଇଛି। ତଦନ୍ତ ଜାରି ରହିଛି, ଆଉ ଯେଉଁମାନେ ଠକେଇର ଶିକାର ହୋଇଛନ୍ତି ଅଭିଯୋଗ କରିବାକୁ ପୋଲିସ କହିଛି।

### ରାସ୍ତାରେ ମାଡୁଛି ନର୍ଦ୍ଦମା ପାଣି

## ରାସ୍ତାରୋକ୍ କଲେ ମହିଳା ଓ ଗ୍ରାମବାସୀ

ଚୌଦ୍ୱାର, (ସବ୍ୟୁ): ଚୌଦ୍ୱାର ଚାରବାଟିଆ ବିରାଟ ବଜାରରୁ ଆଗ୍ରାହାଟକୁ ଯାଇଥିବା ରାସ୍ତାର ମହିମା ପ୍ୟାଲେସ୍ ଠାରୁ ରାସ୍ତା ଉପରେ ଦୀର୍ଘ ମାସ ଧରି ନର୍ଦ୍ଦମା ପାଣି ଭାସି ଚାଲିଥିବା ବେଳେ ଏହାକୁ ବିରୋଧ କରି ସ୍ଥାନୀୟ ମହିଳା ଓ ଗ୍ରାମବାସୀ ଏହି ରାସ୍ତାକୁ ଅବରୋଧ କରିଥିଲେ । ଡ୍ରେନେଜ୍ ବ୍ୟବସ୍ଥା ନଥିବାରୁ ପୌରାଞ୍ଚଳରେ ବସବାସ କରୁଥିବା ଅଧିବାସୀମାନଙ୍କର ଘରୁ ନିର୍ଗତ ମଇଳା ପାଣି ଓ ବର୍ଜ୍ୟବସ୍ତୁ ରାସ୍ତା ଉପର ଦେଇ ଆଗ୍ରାହାଟ ପଂଚାୟତ ଆଡ଼କୁ ମାଡ଼ି ଚାଲିଛି ଛ ରାସ୍ତା ପାଶ୍ୱରେ ଥିବା ପରିବାରମାନେ ଏଥିପାଇଁ ନିଜ ଘରୁ ବାହାରକୁ ବାହାରିପାରୁନଥିବା ବେଳେ ମଶାମାଛି ସହ ପୂତିଗନ୍ଧମୟ ପରିବେଶ ସୃଷ୍ଟି ହେଉଛି । ବର୍ଷା ହେଲେ ଏହି ନର୍ଦ୍ଦମା ପାଣି ଘରମାନଙ୍କର ପଶିବା ସହିତ ଆଗ୍ରାହାଟରେ ଥିବା ପ୍ରସିଦ୍ଧ ଶୈବପୀଠ ବୈଦେଶ୍ୱର ପୁଷ୍କରିଣୀକୁ ମଧ ପ୍ରବେଶ କରିବାର ଯଥେଷ୍ଟ ସମ୍ଭାବନା ରହିଛି । ଏ ସମ୍ବନ୍ଧରେ ଗ୍ରାମବାସୀମାନେ ବହୁବାର ପୌର କାର୍ଯ୍ୟାଳୟକୁ ଜଣାଇଥିଲେ ସୁଦ୍ଧା ଏହାର କୌଣସି ନିର୍ଯ୍ୟାସ ବାହାରିପାରିନାହିଁ । ଏହି ଘଟଣାରେ ଉକ୍ଷିପ୍ତ ହୋଇ ଆଜି ଶତାଧିକ ମହିଳା ଓ ଗ୍ରାମବାସୀ ରାସ୍ତା ଉପରେ ବସି ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ସ୍ଥାନୀୟ ପୁଲିସ୍ ଘଟଣାସ୍ଥଳରେ ପହଂଚି ସେମାନଙ୍କୁ ବୁଝାସୁଝା କରିବା ପରେ ଯାତାୟତ ସ୍ୱାଭାବିକ ହୋଇଥିଲା ।

### ଓଡିଶା ଟ୍ରକ ମାଲିକ ମହାସଂଘର ରାଜ୍ୟ ପଦାଧିକାରୀ ବୈଠକ

## ଦାବି ପୂରଣ ନହେଲେ ବ୍ୟାପକ ଆନ୍ଦୋଳନ ଚେତାବନୀ

ଭୁବନେଶ୍ୱର (ସବ୍ୟୁ): ଓଡିଶା ଟ୍ରକ ମାଲିକ ମହାସଂଘର ରାଜ୍ୟ ପଦାଧିକାରୀ ବୈଠକ ଅନୁଷ୍ଠିତ ହୋଇଛି । ଟ୍ରକ ମାଲିକ ମାନଙ୍କ ବିଭିଧ ସମସ୍ୟା ଗୁଡିକର ସମସ୍ୟା ଗୁଡିକୁ ଯଥା ଟ୍ରେନ, ପାଇପ ଲାଇନ ଜରିଆରେ ମାତ୍ରାଧିକ ପରିବହନ ଏବଂ ରାଜ୍ୟର ଅସଂଖ୍ୟ ଟ୍ରକ ମାଲିକ ମାନଙ୍କୁ ଅଣଦେଖା, ଦୀର୍ଘ ବର୍ଷ ଧରି ରାଜ୍ୟ ପରିବହନ ବିଭାଗ ଟ୍ରକ ପରିବହନ ମୂଲ୍ୟ ନିର୍ଦ୍ଧାରଣ ନ କରିପାରିବା, ଇତ୍ୟାଦି ବିବିଧ ସମସ୍ୟା ଗୁଡିକୁ ରାଜ୍ୟ ସରକାରଙ୍କ ପାଖରେ ଉପସ୍ଥାପନା କରାଯିବାକୁ ନିଷ୍ପତି ନିଆଯାଇଛି । ତତସହିତ ସରକାରୀ ଏବଂ ପ୍ରଶାସନିକ ସ୍ତରରେ ଯେଉଁ ସମସ୍ୟା ରହିଛି ଯଦି ଦୂର ନ କରାଯାଏ ତେବେ ଆଗାମୀ ଦିନରେ ଏକ ବଡ଼ ଆନ୍ଦୋଳନ କରାଯିବ ବୋଲି ରଣନୀତି ପ୍ରସ୍ତୁତ ହେବ ବୋଲି ମହାସଂଘ ରାଜ୍ୟ ସଭାପତି ପୁରଞ୍ଜନ ପାଢ଼ୀ କହିଥିଲେ । ରାଜ୍ୟର ବିର୍ଭିଣ୍ଣ ଜିଲ୍ଲାର ଉପଦେଷ୍ଟା ମଣ୍ଡଳୀ ନିଜ ନିଜ ଅଞ୍ଚଳ ସମସ୍ୟା ବିଷୟରେ ଜଣାଇଥିଲେ । ସମ୍ପାଦିକା ପରବିନ, ସମ୍ପାଦକ ଏସ୍.କେ ଅହମଦ ଚିଷ୍ଟି, ଉପସଭାପତି ଫିରୋଜ ଖାନ, ଉପସଭାପତି ମାନସ ମହାନ୍ତି, ଟ୍ରେଜରର ତପନ ବେହେରା, ଜହର ଅଲ୍ଲୀ ଖାନ, ମୁକୁନ୍ଦ ନାଥ, ଇମ୍ରାନ ଖାନ, ଦୀନା ନାଥ ସାଓ, ଲକ୍ଷ୍ମୀଧର ନାୟକ, ରଶ୍ମି ରଞ୍ଜନ ବାରିକ, ରଜତ ବେଉରା, ଜିତେନ୍ଦ୍ର ସାହୁ, ପ୍ରଫୁଲ୍ଲ କୁମାର ରାୟ, ବିରେନ ସାହୁ, ଗୋବିନ୍ଦ ଖିଲାର, ଅବଦୁଲ ୱିହିଦ, ସନ୍ତୋଷ ସାହୁ, ସତ୍ୟଜିତ ବିଶ୍ୱାଳ, ଅଶୋକ ଦାସ ପ୍ରମୁଖ ଉପସ୍ଥିତ ରହିଥିଲେ । ଏହି କାର୍ଯ୍ୟକ୍ରମରେ ଅବଦୁଲ, ଗୋଲଡି ରହିମ ଇତ୍ୟାଦି ସହଯୋଗ କରିଥିଲେ ।










ଶିତଳଷଷ୍ଠୀ ଉପଲକ୍ଷେ ଭୁବନେଶ୍ୱରରେ ମହାପ୍ରଭୁ ଶିବ-ପାର୍ବତୀଙ୍କ ନଗର ପରିକ୍ରମା

## ଟ୍ରେନ୍‌ରୁ ଖସି ଯାତ୍ରୀ ଗୁରୁତର କଟିଗଲା ବାମ ଗୋଡ

କଟକ,(ସବ୍ୟୁ): କଟକ ରେଳ ଷ୍ଟେସନ ନିକଟର ୟାର୍ଡ ନିକଟରେ ଏକ ଦୁର୍ଘଟଣା ଘଟିଛି । ଟ୍ରେନରୁ ଖସିପଡ଼ି ଜଣେ ଯାତ୍ରୀଙ୍କ ବାମ ଗୋଡ଼ କଟିଯାଇଛି । ଆହତ ଜଣକ ହେଉଛନ୍ତି ଆସାମ ନଅଗାଁ ଜିଲ୍ଲା ସିଙ୍ଗିଆ ଗାଁର ମୋହିଜୁଲ ଇସଲାମ୍(୧୭) । ସକାଳ ପ୍ରାୟ ୮ଟା ୨୦ ବେଳେ ୟାର୍ଡ ନିକଟରେ ଜଣେ ଯୁବକ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡ଼ିଥିବା ଆରପିଏଫ୍ ଖବର ପାଇଥିଲା । ଏ ସମ୍ପର୍କରେ ଆରପିଏଫ୍ ଟିମ୍ ଖବର ପାଇବା ପରେ ସେଠାରେ ପହଞ୍ଚି ମୋହିଜୁଲଙ୍କ ନିକଟରୁ ଏକ ଆଧାର କାର୍ଡ ଓ ଦୁଇଟି ଟିକଟ୍ ଜବତ ହୋଇଥିଲା । ତାଙ୍କୁ ତୁରନ୍ତ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା । ସେ କେରଳପ ଆଲ୍ୱାରୁ ଆସାମର ଜାଗିର ରୋଡକୁ ଯାଉଥିଲେ । କନ୍ୟାକୁମାରୀ-ଦିବ୍ରୁଗଡ଼ ଏକ୍ସପ୍ରେସରେ ଯାଉଥିବା ବେଳେ ଟ୍ରେନରୁ ଖସିପଡ଼ି ଏଭଳି ଅଘଟଣ ଘଟିଥିଲା ।

### ୧୦ ଯାଏଁ ମୌସୁମୀ ବିରାମ

## ବିପଦ ଆଣିବ ବର୍ଦ୍ଧିତ ଗ୍ରୀଷ୍ମପ୍ରବାହ

ଭୁବନେଶ୍ୱର, (ସବ୍ୟୁ): ଦକ୍ଷିଣ-ପଶ୍ଚିମ ମୌସୁମୀର ସ୍ୱାଭାବିକ ଅଗ୍ରସରରେ ଏକ ଅସ୍ଥାୟୀ ମନ୍ଥରତା କିମ୍ବା ବିରତିକୁ ବୁଝାଏ । ଏହା ସାଧାରଣତଃ ମୌସୁମୀ ଶୀଘ୍ର ଆରମ୍ଭ ହେବା ପରେ କିମ୍ବା ଯେତେବେଳେ ଏହା ଦ୍ରୁତ ଗତିରେ ଆଗକୁ ବଢ଼ିଥାଏ, ତା'ପରେ ଏପରି ଏକ ସମୟ ଆସିଥାଏ ଯେଉଁଠାରେ ବୃଷ୍ଟିପାତର କାର୍ଯ୍ୟକଳାପ ହ୍ରାସ ପାଏ କିମ୍ବା ସମ୍ପୂର୍ଣ୍ଣ ବନ୍ଦ ହୋଇଯାଏ । ତେବେ ଆସନ୍ତା ୧୦ ତାରିଖ ଯାଏଁ ମୌସୁମୀ ବିରାମ ନେବାର ସମ୍ଭାବନା ରହିଛି । ମୌସୁମୀ ବିରାମ ନେଇଥିଲେ ବି ସ୍ୱାଭାବିକ ସମୟରେ ପୁଣି ମୌସୁମୀ ସକ୍ରିୟ ହେବ ବୋଲି ସୂଚନା ଦେଇଛନ୍ତି ପାଣିପାଗ ବିଶେଷଜ୍ଞ ।

ଏହି ବିରାମ ଫଳରେ ଆଶାଅନୁଯାୟୀ ବୃଷ୍ଟିପାତରେ ବିଳମ୍ବ ହୋଇଥାଏ । ଯାହା ଉଭୟ କୃଷି ଏବଂ ଜଳସମ୍ପଦକୁ ପ୍ରଭାବିତ କରିଥାଏ । କିଛି ଅଞ୍ଚଳରେ ମୌସୁମୀ ବର୍ଷାର ଅନୁପସ୍ଥିତି ଦୀର୍ଘକାଳୀନ ଗ୍ରୀଷ୍ମପ୍ରବାହ ପାଇଁ ପାଗ ଅନୁକୂଳ କରିଥାଏ । ତଥା ଗ୍ରୀଷ୍ମପ୍ରବାହ ନହେଲେ ମଧ ଉଚ୍ଚ ତାପମାତ୍ରା ଯୋଗୁ ଗୁଳୁଗୁଳି ବୃଦ୍ଧି ସହ ସ୍ୱାସ୍ଥ୍ୟ ଗତ ସମସ୍ୟା ବୃଦ୍ଧି ସହ ଚାଷ କାର୍ଯ୍ୟରେ ପ୍ରଭାବ ପକେଇଥାଏ । ଗୁରୁତର କ୍ଷେତ୍ରରେ, ଦୀର୍ଘ ସମୟ

**ବିଜୁଳି ଘଡ଼ଘଡ଼ିର ପ୍ରଭାବ ବଢ଼ିବ**

**ଚାଷରେ ବାଧା, ମରୁଡ଼ି ସମ୍ଭାବନା**

ଧରି ବିରତି ମରୁଡ଼ି ପରିସ୍ଥିତି ସୃଷ୍ଟି କରିପାରେ କିମ୍ବା ସମୟ ସମୟରେ ଗଜାମରୁଡି ପରିସ୍ଥିତି ସୃଷ୍ଟି କରିଥାଏ । ମୌସୁମୀ ବିରାମ ସମୟରେ ବାଦଲ ଆଚ୍ଛାଦନ ହ୍ରାସ ଘଟି ତାପମାତ୍ରା ବୃଦ୍ଧି ହେତୁ ବାୟୁମଣ୍ଡଳ ଉତ୍ତପ୍ତ ହୋଇଉଠେ । ଫଳସ୍ୱରୂପ ଏହି ଉତ୍ତପ୍ତ ବାୟୁମଣ୍ଡଳ ସଂସ୍ପର୍ଶରେ ଜଳୀୟବାଷ୍ପ ଆସିଲେ ବିପଦଜନକ ବିଜୁଳି ଘଡଘଡି ସୃଷ୍ଟି କରିଥାଏ ।

୨୦୦୯ ମସିହାରେ ମୌସୁମୀ କେରଳ ଉପକୂଳକୁ ୨୩ ମେ'ରେ ଛୁଇଁଥିଲା । ତା'ର ଠିକ ଦୁଇଦିନ ପରେ ମୌସୁମୀ ଓଡିଶା ଉପକୂଳକୁ ଅଗ୍ରସର ହୋଇଥିଲା । ଏହି ବର୍ଷ ସର୍ବ ପ୍ରଥମେ ଦକ୍ଷିଣ ଓଡିଶା ପରିବର୍ତ୍ତେ ପ୍ରଥମ କରି ପାରାଦୀପ ଏବଂ ବାଲେଶ୍ୱର ମୌସୁମୀ ଅଗ୍ରସର ହୋଇଥିଲା । ସେହି ବର୍ଷ ବଙ୍ଗୋପସାଗରରେ ଏକ ବାତ୍ୟା ସୃଷ୍ଟି ହୋଇଥିଲା । ଏହି ବାତ୍ୟା ସ୍ଥଳଭାଗ ଛୁଇଁବା ସହ ମୌସୁମୀ ବିରାମ ପ୍ରକ୍ରିୟା ଆରମ୍ଭ ହୋଇଥିଲା । ମେ'୨୬ରୁ ୨୦ ଜୁନ ଯାଏଁ ଏହି ବର୍ଷ ମୌସୁମୀ ବିରାମ ନେଇଥିଲା। ଫଳ ସ୍ୱରୂପ ଓଡ଼ିଶାରେ ଏହି ବର୍ଷ ମୌସୁମୀ ବିରାମ ପରେ ଗ୍ରୀଷ୍ମ ପ୍ରବାହ ସ୍ଥିତତି ଉପୁଜିଥିଲା ।

ଚଳିତବର୍ଷ ୨୦୨୫ରେ କେରଳ ଉପକୂଳକୁ ମୌସୁମୀ ମେ'୨୪ରେ ଛୁଇଁଥିବା ବେଳେ ୪ ଦିନ ପରେ ଓଡିଶାକୁ ଅଗ୍ରସର ହୋଇଥିଲା । କିନ୍ତୁ ବଙ୍ଗୋପସାଗରରେ ସୃଷ୍ଟି ଲଘୁଚାପ ଘନୀଭୂତ ହୋଇ ଅବପାତରେ ରୂପ ନେବା ସହ ଉତ୍ତର-ଉତ୍ତରପୂର୍ବ ଦିଗରେ ଗତି କରି ଉତ୍ତରପୂର୍ବ ରାଜ୍ୟ ମୁହାଁ ହୋଇଥିଲା । ଏହା ଶୁଷ୍କ ବାୟୁକୁ ଆକର୍ଷଣ ସହ ମୌସୁମୀ ଅଗ୍ରସରରେ ବାଧା ସୃଷ୍ଟି କରିଥିଲା । ଫଳ ସ୍ୱରୂପ ମେ'୨୯ ପରଠାରୁ ପରବର୍ତ୍ତୀ ୩ ଦିନ ହେବ ମୌସୁମୀ ବିରାମ ନେଇଥିବା ବେଳେ ଏହି ପ୍ରକ୍ରିୟା ଆଗାମୀ ୯-୧୦ ଦିନ ଲାଗି ରହିବାର ସମ୍ଭାବନା ସୃଷ୍ଟି ହୋଇଛି । କାରଣ ଏହି ଅବପାତ ପ୍ରଭାବ ପରେ ଦୁଇଟି ପଶ୍ଚିମା ଝଡ଼ ଉତ୍ତରପଶ୍ଚିମ ସଂଲଗ୍ନ ଅଞ୍ଚଳରେ ସକ୍ରିୟ ହୋଇଥିବାରୁ ଉତ୍ତର ପଶ୍ଚିମ ଦିଗରୁ ଏହା ଶୁଷ୍କ ବାୟୁ ପ୍ରବାହକୁ ପ୍ରଶମିତ କରିବା ସହ ବିରାମକୁ ଆହୁରି ସକ୍ରିୟ କରିଛି । ଫଳ ସ୍ୱରୂପ ରାଜ୍ୟରେ ତାପମାତ୍ରା ବୃଦ୍ଧି ସହ ଗୁଳୁଗୁଳି ବଢିଛି । ଏହାସହ ବିଜୁଳି, ଘଡ଼ଘଡ଼ି ବୃଦ୍ଧି ପାଇଁ ଅନୁକୂଳ ପାଣିପାଗ ସୃଷ୍ଟି ହୋଇଛି ।

### ସମ୍ବଲପୁର କୃଷି ଭବନ ଉଦଘାଟନ କଲେ କେନ୍ଦ୍ରମନ୍ତ୍ରୀ

## 'କୃଷି ଭବନ' କୃଷି କ୍ଷେତ୍ରକୁ ନୂଆ ପରିଚୟ ଦେବ



ଭୁବନେଶ୍ୱର (ସବ୍ୟୁ): କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ରବିବାର 'ଶୀତଳ ଷଷ୍ଠୀ'ର ପବିତ୍ର ଅବସରରେ ସମ୍ବଲପୁରରେ କୃଷି ଭବନର ଉଦଘାଟନ କରିବା ସହ ମୃତ୍ତିକା ଭବନ ପରିଦର୍ଶନ କରିଛନ୍ତି । କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଏହି ଅବସରରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି ଯେ ସମ୍ବଲପୁର ଏକ କୃଷି ପ୍ରଧାନ ଅଞ୍ଚଳ । ରବିବାର ଲୋକାର୍ପିତ ଅତ୍ୟାଧୁନିକ କୃଷି ଭବନ ସମ୍ବଲପୁରର କୃଷି ଗବେଷଣା ସହ କୃଷି କ୍ଷେତ୍ରକୁ ନୂଆ ପରିଚୟ ଦେବା ସହ ଅନ୍ନଦାତାଙ୍କ ଉତ୍ତରୋତ୍ତର ଉନ୍ନତି ଦିଗରେ ବିଶେଷ ସହାୟକ ହେବ । ଏଥିପାଇଁ ଶ୍ରୀ ପ୍ରଧାନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଧନ୍ୟବାଦ ଜଣାଇଛନ୍ତି ।

ସେ ଆହୁରି କହିଛନ୍ତି ଯେ ଦେଶର ପ୍ରଧାନମନ୍ତ୍ରୀ ମୋଦୀଙ୍କ କଳ୍ପନାରେ ଓଡ଼ିଶାର ଗରିବ, ଚାଷୀ, ମହିଳା, ଯୁବକଙ୍କ କଲ୍ୟାଣ ଏବଂ ଶିଶୁଙ୍କୁ ଉପଯୁକ୍ତ ପୋଷଣ ପ୍ରଦାନ କରିବା ଦିଗରେ ଡବଲ ଇଞ୍ଜିନ ସରକାର ସମର୍ପିତ । ନୂଆ ସରକାରର ଶାସନକୁ ଏକ ବର୍ଷ ପୂର୍ତ୍ତି ହେବାକୁ ଯାଉଛି । ଲମ୍ବା ସମୟ ଧରି ଓଡ଼ିଶାର ଥିବା ଆବଶ୍ୟକତାକୁ ଡବଲ ଇଞ୍ଜିନ ସରକାର ପୂରଣ କରୁଛନ୍ତି । ପୂର୍ବ ସରକାର ସୋହେଲାରେ ଧାନ ଉପରେ ୧୦୦ ଟଙ୍କା ଅତିରିକ୍ତ ବୋନସ ଦେବା ପାଇଁ ପ୍ରତିଶ୍ରୁତି ଦେଇଥିଲେ ମଧ ତାହାକୁ ପୂରଣ କରିନଥିଲେ । ବିଜେପି ନେତୃତ୍ୱାଧୀନ ରାଜ୍ୟ ସରକାର ଇନପୁଟ ସବସିଡିକୁ ମିଶାଇ ଧାନର ଏମଏସପି କ୍ୱିଣ୍ଟାଲ ପିଛା ୩୧୦୦ ଟଙ୍କାକୁ ବୃଦ୍ଧି କରାଯାଇଛି । ରାଜ୍ୟର ଖରିଫ ଓ ରବି ଧାନ ସଂଗ୍ରହ ପ୍ରାୟ ୯୦ ହଜାରରୁ ୧ ଲକ୍ଷ ମେଟ୍ରିକ୍ ଟନ କିଣାଯାଉଛି । ରାଜ୍ୟ ସରକାର ଧାନ କିଣା ବାବଦକୁ ନିଜସ୍ୱ ବଜେଟରୁ ପ୍ରାୟ ୮୦୦୦ କୋଟି ଟଙ୍କା ଚାଷୀମାନଙ୍କୁ ଦେଉଛନ୍ତି । ହିତାଧିକାରୀମାନଙ୍କୁ ଡିବିଟି ଜରିଆରେ ସିଧାସଳଖ ସହାୟତା ରାଶି ପ୍ରଦାନ ସହ ବିଭିନ୍ନ କଲ୍ୟାଣକାରୀ ଯୋଜନା ଓଡ଼ିଶାର ବିକାଶ ଗତିକୁ ତ୍ୱରାନ୍ୱିତ କରୁଛି । ସ୍କୁଲ ଛାତ୍ରଛାତ୍ରୀଙ୍କୁ ଗୁଣାତ୍ମକ ଶିକ୍ଷା ସହ ସେମାନଙ୍କୁ ପୁଷ୍ଟିକର ଖାଦ୍ୟ ଦେଇ ଶାରିରୀକ ଓ ମାନସିକ ସ୍ୱାସ୍ଥ୍ୟକୁ ବିକଶିତ କରିବାର ଦାୟିତ୍ୱ ନିଆଯାଇଛି । ଶ୍ରୀ ପ୍ରଧାନ ଏହି ଅବସରରେ ସମ୍ବଲପୁର କୃଷି ଭବନ ପରିସରରେ ମାଆ ପାଇଁ ଗଛଟିଏ ଅଭିଯାନରେ ବୃକ୍ଷରୋପଣ କରିଥିଲେ । ଏହି ଉଦଘାଟନୀ କାର୍ଯ୍ୟକ୍ରମରେ ଓଡ଼ିଶାର ଉପମୁଖ୍ୟମନ୍ତ୍ରୀ କେଭି ସିଂହଦେଓ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ଗ୍ରାମୀଣ ବିକାଶ ଓ ପଞ୍ଚାୟତିରାଜ ମନ୍ତ୍ରୀ ରବି ନାଏକ ଏବଂ ସମ୍ବଲପୁର ବିଧାୟକ ଜୟ ନାରାୟଣ ମିଶ୍ର ଉପସ୍ଥିତ ଥିଲେ ।

## କାହିଁକି ହୁଏ ମୌସୁମୀର ବିରାମ

ଭୁବନେଶ୍ୱର (ସବ୍ୟୁ): ଉତ୍ତର କିମ୍ବା ଉତ୍ତର ପଶ୍ଚିମ ଦିଗରୁ ଖାସ କରି ମଧ୍ୟ-ଅକ୍ଷାଂଶ ଅଞ୍ଚଳରୁ (୩୦ ଡ଼ିଗ୍ରୀ ଅକ୍ଷାଂଶର ଉପର ଅଞ୍ଚଳ) ଶୁଷ୍କ ବାୟୁ ପ୍ରବେଶ ମୌସୁମୀ ପ୍ରବାହକୁ ବାଧା ଦେଇପାରେ ଏବଂ ମନ୍ଥରତା ଆଣିଥାଏ । କାରଣ ଶୁଷ୍କ ବାୟୁ ପ୍ରବାହରେ ବ୍ୟାପକ ପ୍ରଭୁତ୍ୱ ବୃଦ୍ଧି ହେତୁ ବାୟୁମଣ୍ଡଳରେ ଜଳୀୟବାଷ୍ପ ମାତ୍ର ଅହେତକ ଭାବରେ ହ୍ରାସ ଘଟିଥାଏ । ଫଳ ସ୍ୱରୂପ ବୃଷ୍ଟିପାତ ହ୍ରାସ ସହିତ ଚାପି ତାରତମ୍ୟ ହେତୁ ମୌସୁମୀରେ ବିରାମ ସୃଷ୍ଟି ହୁଏ ।

ମୌସୁମ ଅଗ୍ରସର ସମୟରେ ସାଧାରଣତଃ ପଶ୍ଚିମାଝଡ଼ କିମ୍ବା ବାତ୍ୟା ସୃଷ୍ଟି ହେଲେ, ଏହା ଶୁଷ୍କ ବାୟୁକୁ ଦେଶର ମଧ୍ୟଭାଗକୁ ଗତିଶୀଳ କରିବା ସହ ବାୟୁମଣ୍ଡଳରେ ଜଳୀୟବାଷ୍ପର ମାତ୍ରକୁ ହ୍ରାସ କରାଇଥାଏ । କାରଣ ସାଧରଣତଃ ପଶ୍ଚିମ ଝଡ଼ର ପଛ ଭାଗ ଶୁଷ୍କ ବାୟୁ ସହ ଜଡିତ ହୋଇରହିଥାଏ । ଫଳରେ ବର୍ଷାର ପ୍ରଭାବକୁ କମେଇ ଦେଇଥାଏ । ସେହିପରି ବାତ୍ୟା ସୃଷ୍ଟି ହେଲେ ମଧ ତାହା ସ୍ଥଳଭାଗ ଅତିକ୍ରମ କରିବା ପରେ ଶୁଷ୍କ ବାୟୁକୁ ଆକର୍ଶଣ କରିବା ସହ ମୌସୁମୀ ବିରାମ ସୃଷ୍ଟି କରିବାରେ ସାହାଯ୍ୟ କରିଥାଏ । ସମୟ ସମୟରେ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ, କିମ୍ବା ଅବପାତ ଉତ୍ତର-ପୂର୍ବ ରାଜ୍ୟ କିମ୍ବା ହିମାଳୟ ପାଦଦେଶ ମୁହାଁ ହେଲେ ମଧ ମୌସୁମୀ ରେ ବିରାମ ଆସିଥାଏ ।

### ଶ୍ରୀମନ୍ଦିର ଉପରେ ଡ୍ରୋନ୍ ଉଡ଼ିବା ଘଟଣା

## ଚୁନେରା ସେବକଙ୍କ କାର୍ଯ୍ୟକୁ ନେଇ ସନ୍ଦେହ

ପୁରୀ (ସବ୍ୟୁ): ଶ୍ରୀମନ୍ଦିର ଉପରେ ପୁଣି ଡ୍ରୋନ ଉଡିଛି । ଯାହାର ଭିଡ଼ିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି । ଶ୍ରୀମନ୍ଦିରର ଡ୍ରୋନ୍ ଭିଡିଓ ଭାଇରାଲ୍ ହୋଇଛି । ଡ୍ରୋନ୍ ଭାଇରାଲ୍‌ରେ ଜଣେ ଚୁନେରା ସେବକଙ୍କ ସମ୍ପୃକ୍ତି ଥିବା ଅନୁମାନ କରାଯାଉଛି । ଚୁନେରା ସେବକ ଜଣକ ନମସ୍କାର କରୁଥିବା ଭିଡିଓରେ ଦେଖାଯାଉଛି । ପତାକା ପରିବର୍ତ୍ତନ ସମୟରେ ନମସ୍କାର କରୁଥିବା ଭିଡିଓରେ ସ୍ପଷ୍ଟ ଦେଖା ଯାଇଛି । ଏହା ଭିଡିଓ ସୋସିଆଲ ମିଡିଆରେ ଭାଇରାଲ୍ ହେଉଛି ଶ୍ରୀମନ୍ଦିର ଉପରେ ଡ୍ରୋନ ଉଡାଣ ପ୍ରସଙ୍ଗ ଘଟଣାକୁ ଗୁରୁତର ସହ ନିଆଯାଇଥିବା କହିଛନ୍ତି ପୁରୀ ଏସପି । ଉତ୍ତର ପ୍ରଦେଶର ହିମାଂଶୁ ନାମକ ଜଣେ ଯୁବକଙ୍କ ଆକାଉଣ୍ଟ ରୁ ଏହା ଭାଇରାଲ ହୋଇଛି । କିନ୍ତୁ ପରେ ତାହାକୁ ସେ ନିଜ ଆକାଉଣ୍ଟରୁ ଡିଲିଟ୍ କରିଛନ୍ତି । ତେବେ ଏହି ଭିଡିଓରେ ଚୁନା ସେବକଙ୍କ ଦୃଷ୍ଟିଭଙ୍ଗୀରୁ ଜଣାପଡୁଛି ତାଙ୍କ ଜାଣନ୍ତରେ ଏହି ସୁଟିଂ ହୋଇଥାଇପାରେ । ମହାପ୍ରଭୁଙ୍କ ବାନା ପରିବର୍ତ୍ତନ ନିତି ସ୍ୱଭାବିକ ଭାବେ ସମ୍ପାଦନ କରାଯାଏ । ମାତ୍ର ତାହା ପରିବର୍ତ୍ତେ ଷ୍ଟଣ୍ଟ ଭଳି ଅଙ୍ଗ ପ୍ରଦର୍ଶନ କରାଯାଉଥିବା ଭଳି ଅନୁଭବ ହେଉଛି । ତେବେ ଏହି ଭାଇରାଲ ଭିଡିଓଟିକୁ ପୁଲିସ ପୁଙ୍ଖାନୁପୁଙ୍ଖ ତର୍ଜମା କରି ଭିଡିଓ କରିଥିବା ଡ୍ରୋନ ଓ ଉଠାଇଥିବା ବ୍ୟକ୍ତିଙ୍କ ବିରୁଦ୍ଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସାଧାରଣରେ ଦାବି ହେଉଛି । ଏ ନେଇ ପୁରୀ ଏସପି ବିନୀତ କୁମାର ଅଗ୍ରୱାଲ କହିଛନ୍ତି ଶ୍ରୀ ମନ୍ଦିର ସେବାୟତ ଶ୍ରୀମନ୍ଦିର ଉପରେ ଡ୍ରୋନ ଉଡାଣ ଉଡ଼ିବା ଘଟଣା ତାଙ୍କ ନଜରକୁ ଆସିଛି । ପୋଲିସ ଘଟଣାକୁ ଗୁରୁତର ସହ ନିଆଯାଇଥିବା କହିଲେ ପୁରୀ ଏସପି । ଖୁବଶୀଘ୍ର ଘଟଣାକୁ ନେଇ ସିଂହଦ୍ୱାର ଥାନାରେ ଏତାଲା ଦିଆଯିବ ବୋଲି କହିଛନ୍ତି ପୁରୀ ଏସପିଛ ସୋସିଆଲ ମିଡିଆ ହ୍ୟାଣ୍ଡଲେର,ସମ୍ପୃକ୍ତ ଚୁନେରା ସେବକ ଓ ସବୁ ଦିଗକୁ ନେଇ ତଦନ୍ତ କରାଯିବ । ତେବେ ଦୁଇଦିନ ତଳେ ଷ୍ଟୋରି ବାଏ ନାରୁ ଗୋପାଳ ନାମକ ଜଣେ ଯୁବକ ପଶ୍ଚିମବଙ୍ଗ ନବଦୀପର ତାଙ୍କ ସୋସିଆଲ ସାଇଡରେ ଶ୍ରୀମନ୍ଦିର ଉପରେ ଡ୍ରୋନ୍ ଉଡାଣ ଭିଡିଓଟି ପୋଷ୍ଟ କରିଥିଲେ । ସେହି ଡ୍ରୋନ୍ ଉଡାଣ ଭିଡିଓରେ ଜଣେ ଚୁନେରା ସେବକ କ୍ୟାମେରାକୁ ଚାହିଁ ନମସ୍କାର କରୁଥିବା ସ୍ପଷ୍ଟ ହେଉଥିଲା । ତେଣୁ ଡ୍ରୋନ୍ ଉଡାଣ ପ୍ରସଙ୍ଗରେ ଚୁନେରା ସେବକଙ୍କ ସମ୍ପୃକ୍ତି ଜଣାପଡିବାରୁ ତାଙ୍କୁ ମଧ ତଦନ୍ତ ପରିସରଭୁକ୍ତ କରାଯିବ ବୋଲି ଏସପି କହିଛନ୍ତି । ସେପଟେ ବାରମ୍ବାର ଶ୍ରୀମନ୍ଦିର ଉପରେ ଡ୍ରୋନ୍ ଉଡିବାରୁ ଶ୍ରୀମନ୍ଦିର ସୁରକ୍ଷା ଉପରେ ମଧ ବଡଧରଣର ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।

## ସମାଜସେବୀ ସଲିମ ରେଜାଙ୍କ ଦେହାନ୍ତ

ଭୁବନେଶ୍ୱର, (ସବ୍ୟୁ): ସମାଜସେବୀ ଓ ଭୁବନେଶ୍ୱର ସତ୍ୟନଗର ବାସିନ୍ଦା ସଲାମ ରେଜାଙ୍କ ରବିବାର ଦେହାନ୍ତ ହୋଇ ଯାଇଛି । ମୃତ୍ୟୁବେଳକୁ ତାଙ୍କୁ ୭୦ ବର୍ଷ ହୋଇଥିଲା । ଚୌଦ୍ୱାର ସ୍ଥିତ ହାୟର ସେକେଣ୍ଡାରୀ ସ୍କୁଲ ଅଫ ସାଇନସ ଓ ଟେକ୍ନୋଲୋଜି ସ୍କୁଲରୁ ଉତ୍ତୀର୍ଣ୍ଣ ହେବାପରେ ସେ ଉଚ୍ଚଶିକ୍ଷା ଲାଭ କରିବା ସହିତ ବିଭିନ୍ନ ବ୍ୟବସାୟ ଆରମ୍ଭ କରିଥିଲେ । ମାତ୍ର ସମାଜ ସେବାକୁ ସେ ଗୁରୁତ୍ୱ ଦେଇଥିଲେ । ତାଙ୍କର ପତ୍ନୀ ଯେବିନ ସୁଲତାନା, ବଡପୁଅ ଇଂ ବସୁର ଓ ସାନପୁଅ ଆଇନୁଲ ଅଛନ୍ତି । ସତ୍ୟନଗର ଶ୍ମଶାନ ଠାରେ ତାଙ୍କର ଅନ୍ତେଷ୍ଟି କ୍ରିୟା ସମ୍ପନ ହୋଇଛି । ତାଙ୍କ ବିୟୋଗରେ ସ୍କୁଲର ପୁରାତନ ଛାତ୍ର ସଂସଦ ପକ୍ଷରୁ ଗଭୀର ଶୋକ ପ୍ରକାଶ ପାଇଛି ।

### ଚନ୍ଦକା ଗୁଳିକାଣ୍ଡ

## ମୁଖ୍ୟ ଅଭିଯୁକ୍ତ ଗିରଫ, ବନ୍ଧୁକ ଜବତ



ଭୁବନେଶ୍ୱର/ବାରଙ୍ଗ (ସବ୍ୟୁ) : ଚନ୍ଦକା ଗୁଳିକାଣ୍ଡ ମାମଲାରେ ପୋଲିସ ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ତା ନିକଟରୁ ଗୁଳି କାଣ୍ଡରେ ବ୍ୟବହୃତ ହୋଇଥିବା ବନ୍ଧୁକ ଜବତ କରିଛି । ପୂର୍ବରୁ ଏହି ମାମଲାରେ ୪ ଜଣ ଗିରଫ ହୋଇଛନ୍ତି। ସହଦେବ ବାରିକ ନାମକ ମୁଖ୍ୟ ଅଭିଯୁକ୍ତକୁ ପୋଲିସ ଗିରଫ କରିବା ପରେ ସେ ଜଣେ ଦୁର୍ଦ୍ଧାନ୍ତ ଅପରାଧି ବୋଲି ଜଣାପଡିଛି। ତା ନାଁରେ ଭୁବନେଶ୍ୱର ସମେତ ରାଜ୍ୟର ବିଭିନ୍ନ ଜିଲ୍ଲାରେ ୧୨ ଟି ମାମଲା ପଞ୍ଜିକୃତ ରହିଥିବା ପୋଲିସ କହିଛି। ପୂର୍ବରୁ ଗିରଫ ହୋଇଥିବା ଅଭିଯୁକ୍ତମାନେ ହେଲେ ବୁଲେଟ୍ ରାଜା ଓରଫ ବିକାଶ ବାରିକ, ଆଶିଷ କୁମାର ରାୟ ଓରଫ ଆଶୁ, ପୁପୁନ୍ ମାଝି ଓରଫ୍ ପପୁ ଓ ସୁଧିର କୁମାର ଜେନା। ମୁଖ୍ୟ ଅଭିଯୁକ୍ତ ସହଦେବକୁ କୋର୍ଟ ଚାଲାଣ କରାଯିବା ପରେ ଜାମିନ୍ ନାମଞ୍ଜୁର ହୋଇଯିବାରୁ ତାକୁ ଜେଲ୍ ହାଜତ ପଠାଇ ଦିଆଯାଇଛି। ତା ଘର ଘଙ୍ଗାପାଟଣା ହୋଇଥିବା ବେଳେ ସେ ଭରତପୁରରେ ରୁହେ। ଘଟଣା ଦିନ ଭରତପୁର ଆସିବା ପରେ ଏହି ଘଟଣା ଘଟିଥିଲା।

## ପ୍ରତିଶ୍ରୁତିରେ ସମ୍ପୂର୍ଣ୍ଣ ଫେଲ ମାରିଛି ସରକାର : ଭକ୍ତ

ସମ୍ବଲପୁର,(ସବ୍ୟୁ): ୨୦୨୪ ନିର୍ବାଚନ ସମୟରେ ବିଜେପି ଓଡିଶାବାସୀଙ୍କୁ ଅନେକ ପ୍ରତିଶ୍ରୁତି ଦେଇ ସରକାର ଗଠନ କରିଛି । ରାଜ୍ୟରେ ନୂତନ ବିଜେପି ସରକାରର କାର୍ଯ୍ୟକାଳ ୧ବର୍ଷ ପୁରିବାକୁ ବସିଛି । ତେବେ ନିର୍ବାଚନ ସମୟରେ ଦେଇଥିବା ପ୍ରତିଶ୍ରୁତି ପାଳନ କରିବାରେ ସରକାର ଫେଲ ମାରିଛି ।



ବିଜେପି ସରକାର ଓଡିଶାବାସୀଙ୍କୁ ୩୦୦ୟୁନିଟ୍ ବିଜୁଳି ଫ୍ରି ଦେବ ବୋଲି କହିଥିଲା । କିନ୍ତୁ ଶାସନରେ ଆସିବା ପରେ ବିଜୁଳି ଫ୍ରି ଦେବା ଦୂରର କଥା ଲୋକଙ୍କ ଘରର ବିଜୁଳି ମଧ୍ୟ କାଟି ଦେଉଛି । ଚାଷୀଙ୍କୁ ବିଜୁଳି, ପାଣି କିଛି ମିଳୁନାହିଁ । ଚାଷ ଜମିକୁ ପାଣି ବଦଳରେ ଏହି ସରକାର କମ୍ପାନୀକୁ ପାଣି ଯୋଗାଉଛି । ସମ୍ବଲପୁର ଓ ଝାରସୁଗୁଡା ଜିଲ୍ଲାରେ ବିଦ୍ୟୁତ୍ ଉତ୍ପାଦନ ହେଉଥିବା ବେଳେ ଏଠିକାର ଲୋକଙ୍କୁ ବିଜୁଳି ମଧ୍ୟ ମିଳୁନାହିଁ । ସେହିପରି ସୁଭଦ୍ରା ଯୋଜନାରେ ମହିଳା ମାନଙ୍କୁ ୧୦ହଜାର ଟଙ୍କା ଦିଆଯାଇଛି । ତାହା ଦିନକୁ ୨୭ଟଙ୍କା ପଡୁଛି । ସେଥିରେ ଗୋଟିଏ ଦିନର ଖାଇବା ମଧ୍ୟ ମିଳିପାରିବ ନାହିଁ । ସମ୍ବଲପୁର ଦିନିକିଆ ଗସ୍ତରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ଓଡିଶା ପ୍ରଦେଶ କଂଗ୍ରେସ ସଭାପତି ଭକ୍ତଚରଣ ଦାସ ଆସି ରାଜ୍ୟର ବିଜେପି ସରକାରକୁ କଡାକଡି ଟାର୍ଗେଟ କରିଥିଲେ । ରାଜ୍ୟରେ ମହିଳାମାନଙ୍କୁ ନ୍ୟାୟ ମିଳି ପାରୁନାହିଁ । ଦିନକୁ ଦିନ ଦୁଷ୍କର୍ମ ଓ ଗଣଦୁଷ୍କର୍ମ ମାମଲା ବଢ଼ିବାରେ ଲାଗିଛି । ରାଜ୍ୟରେ ୬୫ହଜାର ମହିଳା ନିଖୋଜ ଥିବାବେଳେ ଏହି ସରକାର ଆସିବା ପରେ ପାଖାପାଖି ୨ହଜାର ମହିଳାଙ୍କ ପ୍ରତି ଏଟ୍ରୋସିଟି ହୋଇଛି । ରାଜ୍ୟରେ ଧାନ କିଣାବିକା ବେଳେ କଟନୀଛଟନୀ ହେଉଛି । ନାମକୁ ମାତ୍ର ୩୧୦୦ଟଙ୍କା ଘୋଷଣା କରାଯାଇଛି । ଧାନ ବିକ୍ରି ବେଳେ କ୍ୱିଣ୍ଟାଲ ପିଛା ୩୦୦ଟଙ୍କାର କଟନୀଛଟନୀ ହେଉଛି । ଯୁବକଯୁବତୀ ମାନଙ୍କୁ କୌଣସି ରୋଜଗାର ମିଳୁନାହିଁ । ରେଲୱେ ପାଇଁ ଜମି ଅଧିଗ୍ରହଣ ଠିକାଦାର କରୁଛି । ସରକାରଙ୍କ ପାଖରେ ଜମି ଅଧିଗ୍ରହଣ ଅଧିକାରୀ ଥିଲେ ମଧ୍ୟ ସରକାରୀ ନୀତି ଅନୁଯାୟୀ କାର୍ଯ୍ୟ ହେଉନାହିଁ । ଏଥିରୁ ସ୍ପଷ୍ଟ ଯେ, ରାଜ୍ୟରେ ସରକାର ଥାଇ ମଧ୍ୟ ବେସରକାରୀ ଲୋକଙ୍କ ରାଜ ଚାଲୁଛି । ସରକାରଙ୍କ ବିଫଳତା ନେଇ କଂଗ୍ରେସ ଲୋକଙ୍କୁ ପାଖକୁ ଯିବ । ଲୋକଙ୍କ ସ୍ୱାର୍ଥ ପାଇଁ ରାଜରାସ୍ତାକୁ ଓହ୍ଲାଇବ । ଭକ୍ତଙ୍କ ଗସ୍ତବେଳେ ବିଭିନ୍ନ ଅଞ୍ଚଳରେ ତାଙ୍କୁ ସ୍ୱାଗତ କରାଯାଇଥିଲା । ଏହାପରେ ସେ ମାଁ ସମଲେଶ୍ୱରୀଙ୍କ ଦର୍ଶନ କରିଥିଲେ । ଏହାପରେ ମହାନଦୀ କ୍ଲବକୁ ଯାଇ ଝାଡୁଆପଡା ଲୋକନନାଥ ବାବାଙ୍କ ଯୁଗଳ ଦର୍ଶନ ଲାଭ କରିଥିଲେ । ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟରେ କର୍ମୀ ଓ ନେତାଙ୍କ ସହ ସଙ୍ଗଠନ ସମ୍ପର୍କରେ ବିଶେଷ ଆଲୋଚନା କରିଥିଲେ । ଏଥିରେ ଜିଲ୍ଲା କଂଗ୍ରେସ ସଭାପତି ଜୟଶଙ୍କର ମିଶ୍ର, ଉପସଭାପତି ନିରଞ୍ଜନ ତ୍ରିପାଠୀ, ଦିଲ୍ଲୀପ ଦୁରିଆ, ବିଜୟଲକ୍ଷ୍ମୀ ବେହେରା, ଅମିତ ଗୁରୁ, ଗିରିଜା ନାୟକ, ସୁଧିର ପଣ୍ଡା, ଜିତେନ୍ଦ୍ର ପ୍ରଧାନ ପ୍ରମୁଖ ସାମିଲ ଥିଲେ ।

## କୃତ୍ରିମ ଗୋଡ ଲାଗିବା ପରେ ଏସସିବିରୁ ଡିସଚାର୍ଜ ହେଲେ ବୈଷ୍ଣବୀ

କଟକ,(ସବ୍ୟୁ)ଏସ୍‌ସିବି ପ୍ଲାଷ୍ଟିକ ସର୍ଜରୀ ବିଭାଗରେ ମୟୂରଭଞ୍ଜ ଜିଲା ବେତନଟୀ ଅଞ୍ଚଳର ୮ ବର୍ଷର ଝିଅ ବୈଷ୍ଣବୀଙ୍କ ଶରୀରରେ କୃତ୍ରିମ ଗୋଡ଼ ଲାଗିବା ପରେ ମେଡିକାଲରୁ ରବିବାର ତାଙ୍କୁ ଡ଼ିସଚାର୍ଜ କରାଯାଇଥିବା ଏସ୍‌ସିବି ପ୍ଲାଷ୍ଟିକ ସର୍ଜରୀ ବିଭାଗର ସମ୍ମିଳନୀକକ୍ଷରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି । ଏଥିରେ ମେଡିକାଲ ଭାରପ୍ରାପ୍ତ ଅଧୀକ୍ଷକ ପ୍ରଫେସର ଡା. ଗୌତମ ଶତପଥୀ, ବିଭାଗୀୟ ମୁଖ୍ୟ ପ୍ରଫେସର ଡା. ବିଭୂତି ଭୂଷଣ ନାୟକ, ବିଧାୟକ ସନାତନ ବିଜୁଳି ଉପସ୍ଥିତ ଥିଲେ । ଗତ ମାର୍ଚ୍ଚ ମାସରେ ମୟୂରଭଞ୍ଜ ଜିଲା ବେତନଟୀ ଅଞ୍ଚଳର ୮ ବର୍ଷୀୟ ଝିଅ ବୈଷ୍ଣବୀ ସିଂ ବାଇକରେ ଯାଉଥିବା ସମୟରେ ଦୁର୍ଘଟଣାର ଶିକାର ହୋଇଥିଲେ । ଫଳରେ ବୈଷ୍ଣବୀର ବାମ ଗୋଡ଼ର ଜଙ୍ଘ ପାଖରୁ କଟି ଶରୀରରୁ ଅଲଗା ହୋଇ ଯାଇଥିଲା । ବେତନଟୀ ମେଡିକାଲରୁ ବୈଷ୍ଣବୀଙ୍କୁ କଟକ ଏସ୍ସିବି ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା । ଏସ୍‌ସିବିରେ ବୈଷ୍ଣବୀଙ୍କ ଅସ୍ତ୍ରୋପଚାର କରାଯାଇ କଟା ଗୋଡ଼କୁ ଯୋଡ଼ା ଯାଇଥିଲା ହେଲେ ଏହା ସଂକ୍ରମଣ ରୂପ ନେବାରୁ ପରେ ଯୋଡ଼ା ଗୋଡ଼କୁ ଶରୀରରୁ ଅଲଗା କରାଯାଇଥିଲା । ଏନେଇ ବିଭାଗୀୟ ମୁଖ୍ୟ ଡା. ବିଭୁତି ଭୂଷଣ ନାୟକ କହିଛନ୍ତି, ଏସ୍ସିବିରେ କଟା ହାତ ଯୋଡ଼ିବାରେ ବହୁ ସଫଳତା ହାସଲ କରିଛି ହେଲେ ଏହି କେସ୍ଟି ସମ୍ପୂର୍ଣ୍ଣ ଭିନ୍ନ ଥିଲା । ଝିଅଟିର ସ୍ୱାସ୍ଥ୍ୟବସ୍ଥାକୁ ନଜରରେ ରଖି କଟା ଗୋଡ଼ ଯାହାକି ଯୋଡ଼ା ଯାଇଥିଲା ତାହାକୁ ପାଞ୍ଚଦିନ ପରେ ଶରୀରରୁ ଅଲଗା କରାଯାଇଥିଲା । ଉଚ୍ଚମାନର କୃତ୍ରିମ ଗୋଡ଼ ଲଗାଯାଇଛି । ରାଜ୍ୟସରକାର ଏହାର ଖର୍ଚ୍ଚ ବହନ କରିଛନ୍ତି । ଝିଅଟି ସମ୍ପୂର୍ଣ୍ଣ ଭାବେ ସାଧାରଣ ଲୋକଙ୍କ ଭଳି ଚଲାବୁଲା କରି ପାରିବ ବୋଲି ନାୟକ କହିଛନ୍ତି ।

## ଦୁଇଦିନିଆ ଅସ୍ଥି ରୋଗ ନିବାରଣ ଶିବିର



ଭୁବନେଶ୍ୱର(ସବ୍ୟୁ): ନୟାପଲ୍ଲୀ ଯୋଗ ଜିଲ୍ଲା, ଭାରତୀୟ ଯୋଗ ସଂସ୍ଥାନ ଆନୁକୂଲ୍ୟରେ ଦୁଇଦିବସୀୟ ଅସ୍ଥି ରୋଗ ନିବାରଣ ଶିବିର ରେଣ୍ଟାଲ କଲୋନୀ ପାର୍କ ଯୋଗ କେନ୍ଦ୍ରରେ ଅନୁଷ୍ଠିତ ହୋଇଯାଇଛି ।

ଶିବିର ପୂର୍ବରୁ ରେଣ୍ଟାଲ କଲୋନୀରେ ଯୋଗ ଦ୍ୱାରା ଓଷ୍ଟିଓଆର୍ଥାଇଟିସ୍, ଆର୍ଥାଇଟିସ୍, ଆଣ୍ଠୁ, ଅଣ୍ଟା, ବେକ, ଆଦି ରୋଗ ଯନ୍ତ୍ରଣାରୁ କିପରି ମୁକ୍ତି ପାଇବେ, ସେ ବିଷୟରେ ଲୋକମାନଙ୍କୁ ସଚେତନ କରାଯାଇଥିଲା । ଓଡ଼ିଶା ପ୍ରାନ୍ତ ମୁଖ୍ୟ ସୁରେଶ କୁମାର ମହାପାତ୍ର ଶିବିର ଉଦଘାଟନ କରିଥିଲେ ଏବଂ ଯୋଗ ଦ୍ୱାରା ସୁନ୍ଦର, ନିରୋଗ ଜୀବନ ଯାପନ କରାଯାଇପାରିବ ବୋଲି ବକ୍ତବ୍ୟ ରଖିଥିଲେ ।

ପ୍ରାନ୍ତ ସଦସ୍ୟା ମଞ୍ଜୁଳା ମିଶ୍ର ଅସ୍ଥି ରୋଗରେ ପୀଡ଼ିତ ବ୍ୟକ୍ତିଙ୍କର ଖାଦ୍ୟପେୟ, ଦିନଚର୍ଯ୍ୟା ଉପରେ ଆଲୋକପାତ କରିବା ସହ ଶିବିରାର୍ଥୀଙ୍କର ଅନେକ ସମସ୍ୟାର ଯୋଗଦ୍ୱାରା ସମାଧାନ ବାଟ ବତାଇଥିଲେ । ଜିଲ୍ଲା ମୁଖ୍ୟ ପ୍ରଦୀପ୍ତ କୁମାର ମହାନ୍ତି, ଜିଲ୍ଲା ଉପମୁଖ୍ୟ ରାମ କିଶୋର ଶର୍ମା, ଜିଲ୍ଲା ମନ୍ତ୍ରୀ ଜ୍ୟୋର୍ତିମୟ ରଥ ଓ ଜିଲ୍ଲା ସଂଗଠନ ମନ୍ତ୍ରୀ ଜୟଶ୍ରୀ ପଣ୍ଡା ଓ ପ୍ରମୁଖ ଅଧିକାରୀମାନେ ବିଭିନ୍ନ ଯୋଗାସନ ଓ ପ୍ରାଣାୟାମର ଅଭ୍ୟାସ କରାଇଥିଲେ । ଏହି କାର୍ଯ୍ୟକ୍ରମରେ ବହୁସଂଖ୍ୟାରେ ସାଧକ, ସାଧିକା ଓ ଜନସାଧାରଣ ଯୋଗଦେଇ ଶିବିରକୁ ସଫଳ କରାଇଥିଲେ । ଶୁଭ୍ରସୀମା ମହାନ୍ତି ମଞ୍ଚ ପରିଚାଳନା ଓ ସଂଯୋଜନା କରିଥିଲେ ।

# ଆୟ ଠାରୁ ଅଧିକ ସମ୍ପତ୍ତି : ସହକାରୀ ନିର୍ବାହୀ ଯନ୍ତ୍ରୀ ଗିରଫ

ବ୍ରହ୍ମପୁର, (ସବ୍ୟୁ): ବ୍ରହ୍ମପୁର ରାସ୍ତା ଓ କୋଠାବାଡି ବିଭାଗ-୧ ଡିଭିଜନର ସହାକରୀ ନିର୍ବାହୀ ଯନ୍ତ୍ରୀ ଏନ. ଦିଲିପ କୁମାର ଚୌଧୁରୀଙ୍କୁ ଭିଜିଲାନ୍ସ ଗିରଫ କରିଛି । ତଦନ୍ତ ପରେ ଯନ୍ତ୍ରୀ ଚୌଧୁରୀଙ୍କ ନିକଟରୁ ଅଧିକ ୧୧୯% ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ଠାବ ହୋଇଛି । ଆୟ ବର୍ହିଭୂତ ସମ୍ପତ୍ତି ଠୁଳ ଅଭିଯୋଗ ପରେ ଶନିବାର ଯନ୍ତ୍ରୀ ଚୌଧୁରୀଙ୍କ ଗିରିରୋଡ ସ୍ଥିତ କାର୍ଯ୍ୟାଳୟ ସମେତ ବ୍ରହ୍ମପୁର ଓ ଭୁବନେଶ୍ୱରରେ ଥିବା ଏକାଧିକ ଘରେ ଚଢଉ ହୋଇଥିଲା। ଏହି ସମୟରେ ଯନ୍ତ୍ରୀ ଚୌଧୁରୀଙ୍କ ନାମରେ



ବ୍ରହ୍ମପୁରରେ ଥିବା ୨ କୋଟି ମୂଲ୍ୟର ୧୧ଟି ପ୍ଲଟ, ଧର୍ମନଗର ସ୍କେକ୍ସମ ରୟାଲ ଆପାର୍ଟମେଣ୍ଟରେ ଥିବା ୫୦ ଲକ୍ଷ ମୂଲ୍ୟର ଏକ ଫ୍ଲାଟ, ମୟୁରବିହାରରେ ଥିବା ୧ କୋଟି ମୂଲ୍ୟର ୨୪୦୦ ବର୍ଗଫୁଟର ଏକ ୨ ମହଲା କୋଠା, ଭୁବନେଶ୍ୱର ସହିଦନଗରରେ ଥିବା ୧ କୋଟି ମୂଲ୍ୟର ଏକ ଫ୍ଲାଟ୍, ୩୦ ଲକ୍ଷ ଟଙ୍କାର ବ୍ୟାଙ୍କ ଓ ବୀମା ଜମା, ୧୬ ଲକ୍ଷ ଟଙ୍କାର ଗୃହ ଉପକରଣ ଠାବ କରାଯାଇଥିଲା । ଏ ନେଇ ବ୍ରହ୍ମପୁର ଭିଜିଲାନ୍ସ ଏକ ମାମଲା(୬/୨୫) ରୁଜୁ ହୋଇଛି । ଆଜି ତାଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି । ତାଙ୍କର ସମ୍ପତ୍ତିକୁ ନେଇ ଭିଜିଲାନ୍ସ ଅଧିକ ତଦନ୍ତ ଜାରି ରଖିଛି ।

# ୩୦ ଲକ୍ଷ ଟଙ୍କାର ସୁନା ଅଳଙ୍କାର ଚୋରି

## ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ ଟିମ୍‌ର ତଦନ୍ତ

ପାରଳାଖେମୁଣ୍ଡି, (ସବ୍ୟୁ): ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ସହରର ନଟରାଜ ସିନେମାହଲ୍ ରାସ୍ତାରେ ଥିବା ଏକ ଘରୁ ୩୦ ଲକ୍ଷ ଟଙ୍କାର ସୁନା ଗହଣା ଚୋରି ହୋଇଥିବା ପାରଳା ଥାନାରେ ଲିଖିତ ଅଭିଯୋଗ ହୋଇଛି । ଅଭିଯୋଗ ପରେ ପୋଲିସ ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ ଟିମ ସହ ପହଞ୍ଚି ସବୁ ଦିଗରୁ ଅନୁଧାନ ସହ ତଦନ୍ତ କରିଛନ୍ତି। ସଞ୍ଜୁଲତା ପାଳ ନାମକ ଜଣେ ମହିଳାଙ୍କ ଘରୁ ଏହି ଚୋରି ହୋଇଛି। ଚୋରମାନେ ତାଙ୍କ ଆଲମିରା ଖୋଲି ୩୦ ଲକ୍ଷ ଟଙ୍କା ମୂଲ୍ୟର ୩୦ ଭରି ତୋଳା ସୁନା ଅଳଙ୍କାର ଚୋରି ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ସେ ତାଙ୍କ ଲିଖିତ ଅଭିଯୋଗରେ ଉଲ୍ଲେଖ କରିଛନ୍ତି ଯେ, ତାଙ୍କ ପୁଅ, ଝିଅ, ଯାଆ ଓ ମା ସମସ୍ତେ ମିଳିମିଶି ଗୋଟିଏ ଘରେ ରହିଆସୁଛନ୍ତି । କିଛି ଦିନ ହେଲା ତାଙ୍କର କିଛି ଅତିଥି ଆସିଥିଲେ। ସେମାନେ ଗତକାଲି ଚାଲି ଯାଇଥିଲେ। ଅତିଥିମାନେ ଚାଲିଯିବା ପରେ ମନ୍ଦିରକୁ ଯାଇଥିଲେ। ମନ୍ଦିରରୁ ଫେରିଲା ପରେ ଆଲମିରା ଖୋଲା ହୋଇଥିବା ଦେଖିଥିଲେ। ଆଲମିରାରେ ଥିବା ୩୦ ଲକ୍ଷ ଟଙ୍କାର ଭରି ସୁନା ଅଳଙ୍କାର ଦେଖା ଯାଇନଥିଲା। କିନ୍ତୁ ଆଲମିରା ଚାବି ଯେଉଁ ସ୍ଥାନରେ ରହୁଥିଲା ସେହି ସ୍ଥାନରେ ହିଁ ଥିଲା। ପରେ ସେମାନେ ପାରଳାଖେମୁଣ୍ଡି ଆଦର୍ଶ ଥାନା ପୁଲିସ୍କୁ ଖବର ଦେବାସହ ଲିଖିତ ଅଭିଯୋଗ କରିଥିଲେ। ଘଟଣା ସ୍ଥଳରେ ପାରଳାଖେମୁଣ୍ଡି ଆଦର୍ଶ ଥାନା ଅଧିକାରୀ ପ୍ରଶାନ୍ତ କୁମାର ଭୂପତି ସଦଳବଳେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ଅନୁସନ୍ଧାନୀ କୁକୁର ଓ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ତନ୍ନତନ କରି ଯାଞ୍ଚ କରିଥିଲେ । ଏନେଇ ପାରଳାଖେମୁଣ୍ଡି ଆଦର୍ଶ ଥାନାରେ ଏକ ମାମଲା ରୁଜୁ ହୋଇଛି।

## ଜମି ହଡପ ମାମଲା, ଅନ୍ୟତମ ଅଭିଯୁକ୍ତ ଗିରଫ

ବ୍ରହ୍ମପୁର, (ସବ୍ୟୁ): ଦଳିତ ପରିବାରର ଜମି ହଡ଼ପ ମାମଲାରେ ସମ୍ପୃକ୍ତ ଥାଇ ଫେରାର ଥିବା ଅଭିଯୁକ୍ତଙ୍କୁ ନିମଖଣ୍ଡି ପୋଲିସ ଗିରଫ କରିଛି। ଅଭିଯୁକ୍ତ ଜଣଙ୍କ ହେଲେ ନିମଖଣ୍ଡି ଖଞ୍ଜିପଡ଼ିଆ ସାହିର କାମ୍ପାନୀଧି ସାହୁ(୬୨)। ତାଙ୍କୁ ରବିବାର କୋର୍ଟ ଚାଲାଣ କରାଯାଇଛି। ପୂର୍ବରୁ ପୋଲିସ ଉକ୍ତ ମାମଲାରେ ସଂପୃକ୍ତ ଥିବା ଲୋଚାପଡ଼ା ଖଞ୍ଜିପଡ଼ିଆ ସାହିର କାର୍ତ୍ତିକ ସାହୁ(୪୫), ନରସିଂହ ନାୟକ(୫୨), ତାଙ୍କ ସ୍ତ୍ରୀ ତିଳତମା ନାୟକ(୪୫) ଓ ସୁଧାଂଶୁ ଶେଖର ବେହେରାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଲୋଚାପଡା ଅଞ୍ଚଳର ଦଳିତ ମହିଳା ଡ଼ମୁଣି ନାୟକ(୩୮) ଗାନ୍ଧୀନଗର ସରକାରୀ ଆବାସରେ ରହୁଛନ୍ତି । ତାଙ୍କ ଶାଶୁ ସାଧବାଣୀ ନାୟକଙ୍କ ନାମରେ ଲୋଚାପଡା ମୌଜାର ଖାତା ନମ୍ବର ୪୪୩ ରେ ଏକ ଜମି ରହିଥିଲା । ସେହି ଜମିକୁ ଅଞ୍ଚଳର କିଛି ଲୋକ ଜାଲିଆତି କରି ବିକ୍ରୀ କରିଦେଇଥିବା ନେଇ ନିମଖଣ୍ଡି ଥାନାରେ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

# କୋଟେଶ୍ୱରଙ୍କ ପୀଠରେ ଦେବବିବାହ

କଟକ, (ସ୍ୱପ୍ର) : ଟାଙ୍ଗୀର ଆରାଧ୍ୟ ଶ୍ରୀ କୋଟେଶ୍ୱର ମହାପ୍ରଭୁଙ୍କ ପୀଠରେ ଶୀତଳ ଷଷ୍ଠୀ ଓ ଦେବ ବିବାହ ଉତ୍ସବ ପାରମ୍ପରିକ ରୀତିନୀତି ଅନୁଯାୟୀ ସମ୍ପନ୍ନ ହୋଇଥିଲା । ଏହି ଅବସରରେ ମହାପ୍ରଭୁଙ୍କ ଜଳାଭିଷେକ, ରୁଦ୍ରାଭିଷେକ ଓ ଅନ୍ୟାନ୍ୟ ନୀତିକାନ୍ତି ସହ ମଧ୍ୟାହ୍ନରେ ବିବାହ ଉତ୍ସବ ଅନୁଷ୍ଠିତ ହୋଇଥିଲା । ଶୁଭେନ୍ଦ୍ରନାଥ ଷଡଙ୍ଗୀ ଓ ପ୍ରଭାସିନୀ ଷଡଙ୍ଗୀ ବର ପିତାମାତା ଭାବରେ ଦାୟିତ୍ୱ ନିର୍ବାହ କରିଥିଲାବେଳେ ପ୍ରଦୀପ୍ତ ଚନ୍ଦ୍ର ରଥ ଓ ନିୟମିତା ରଥ କନ୍ୟା ଦାନ କରିଥିଲେ । ହାତଗଣ୍ଠି ପଡିଲାପରେ ଉପସ୍ଥିତ ଶ୍ରଦ୍ଧାଳୁ ବରକନ୍ୟାଙ୍କୁ ନାନାଦି ଉପହାର ଦେବା ସହିତ ପୁଷ୍ପାଞ୍ଜଳି ଅର୍ପଣ କରିଥିଲେ । ବାବାଜୀ ବିଶ୍ୱନାଥ ଦାସ, କୋଟେଶ୍ୱର କଲ୍ୟାଣ ସମିତିର ମୁଖ୍ୟ ପୃଷ୍ଠପୋଷକ ଡ. ପ୍ରମୋଦ ଚନ୍ଦ୍ର ରଥ, ସମାଜର ପ୍ରକାଶକ ଓ ମୁଦ୍ରାକର ଡ. ପ୍ରଭାସ ଚନ୍ଦ୍ର ଆଚାର୍ଯ୍ୟ,ଏବିଡିଓ ଶାଶ୍ୱତ କୁମାର ଜେନା, ମାନସ ବାବା, ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର ଡା. ଭକ୍ତ ଚରଣ ପ୍ରଧାନ, ଡେପୁଟୀ ରେଜିଷ୍ଟ୍ରାର ଶିଶିର କୁମାର ସାହୁ. ପ୍ରଫେସର ସୁଶାନ୍ତ କୁମାର ଦାସ, ଡ. ଦୟାନନ୍ଦ ଷଡଙ୍ଗୀ, ପ୍ରଫେସର ଡ. ନିରୂପମା ଚୟନୀ, ଆଶୁତୋଷ ଦ୍ୱିବେଦୀଙ୍କ ସମେତ ସମିତିର କର୍ମକର୍ତ୍ତା ଓ ବହୁମାନ୍ୟଗଣ୍ୟ ବ୍ୟକ୍ତି ଉତ୍ସବରେ ଯୋଗଦେଇଥିଲେ । ପଣ୍ଡିତ ପ୍ରଭାତ ଦାଶ, କ୍ଷୀରୋଦ କର, ଉମାକାନ୍ତ ପଣ୍ଡା, ବିଜୟ ପଣ୍ଡା, ଲୋକନାଥ ପଣ୍ଡା, ବିଶ୍ୱନାଥ ପଣ୍ଡା, ଶିବାନନ୍ଦ ପଣ୍ଡା, ପ୍ରମୁଖ ବିବାହ କାର୍ଯ୍ୟ ଓ ପୂଜା ସମ୍ପାଦନ କରିଥିଲେ । ଏହି ଉପଲକ୍ଷେ ସତ୍ୟ ସନାତନ ଭାଗବତ ପ୍ରଚାର ସମିତି କପକ୍ଷରୁ ସମୂହ ଭାଗବତ ପାରାୟଣ ଓ ଓଡିଶୀ ମଣ୍ଡଳୀ ପକ୍ଷରୁ ସଂକୀର୍ତ୍ତନ ପରିବେଷଣ ହୋଇଥିଲା । ସଂଧ୍ୟାରେ ଦେବଦମ୍ପତି ସୁସଜ୍ଜିତ ରଥରେ ସଂକୀର୍ତ୍ତନ, ଘଣ୍ଟ ବାଦ୍ୟ, ବାଜା, ବାଣ ରୋଷଣୀ ସହ ବର୍ଣ୍ଣାଢ୍ୟ ଶୋଭାଯାତ୍ରାରେ ନଗର ପରିକ୍ରମା କରିଥିଲେ । କଏରାପାରୀ ରଥ ସାହି ସମେତ ବିଭିନ୍ନ ସ୍ଥାନରେ ଶ୍ରଦ୍ଧାଳୁମାନେ ଦେବ ଦମ୍ପତିଙ୍କୁ ବନ୍ଦାପନା ସହ ଭୋଗ ନୈବେଦ୍ୟ ଅର୍ପଣ କରିଥିଲେ।



## ସୁନା ବନ୍ଧକ ରଖି ଟଙ୍କା କରାଇ ଦେବି କହି ଠକେଇ

ବ୍ରହ୍ମପୁର, (ସବ୍ୟୁ): ଜଣେ ବନ୍ଧୁ ତାଙ୍କର ଅନ୍ୟଜଣେ ବନ୍ଧୁଙ୍କ ଠାରୁ ସୁନାହାର ନେଇ ବନ୍ଧକ ରଖି ଟଙ୍କା କରାଇଦେବା କହି ଠକେଇ କରିଛନ୍ତି। ଏନେଇ ବଡବଜାର ଥାନାରେ ଅଭିଯୋଗ ପରେ ପୋଲିସ ଘଟଣାର ତଦନ୍ତ କରୁଛି। ହନୁମାନବଜାର ମାଧବନଗରରେ ରହୁଥିବା ସିମରନ ପାତ୍ରଙ୍କ ଟଙ୍କା ଆବଶ୍ୟକ ଥିବାରୁ ସେ ନିଜ ସାଙ୍ଗ ରାଜେଶ ମିଶ୍ରଙ୍କୁ ଏବିଷୟରେ ଜଣାଇଥିଲେ । ସିମରନଙ୍କ ନିକଟରେ ଥିବା ୨୫ ଗ୍ରାମ ଓଜନର ଏକ ସୁନା ହାର ବନ୍ଧକ ରଖି ଟଙ୍କା ଯୋଗାଡ କରିବାକୁ ଉଭୟ କଥାବାର୍ତ୍ତା ହୋଇଥିଲେ। ସେହିକ୍ରମରେ ରାଜେଶ ତାଙ୍କର ଜଣେ ସାଙ୍ଗ ରାହୁଲ ପାଢୀଙ୍କୁ ଡାକି ସିମରନଙ୍କ ସହ ସାକ୍ଷତ କରାଇଥିଲେ। ସେ ସୁନା ହାର ବନ୍ଧକ ରଖି ଟଙ୍କା ଧାର ଆଣିଦେବେ ବୋଲି କହିଥିଲେ। ସେହିକ୍ରମରେ ଗତ ୧୩ ତାରିଖରେ ସିମରନ ଆସିକା ରୋଡ ତାଲୁକା ଛକ ଠାରେ ପହଞ୍ଚି ରାହୁଲଙ୍କୁ ସୁନାହାର ଦେଇଥିଲେ । ପରଦିନ ସେ ଟଙ୍କା ଯୋଗାଡ କରିଦେବେ ବୋଲି କହିଥିଲେ ମଧ୍ୟ ପରବର୍ତ୍ତୀ ସମୟରେ ଫୋନ କଲେ ମଧ୍ୟ ସେ ଗ୍ରହଣ କରିନଥିଲେ। ଏହା ଭିତରେ ୧୫ ଦିନରୁ ଅଧିକ ସମୟ ବିତି ଯାଇଥିଲେ ମଧ୍ୟ ସିମରନଙ୍କୁ ଟଙ୍କା ମିଳିନଥିଲା କିମ୍ବା ସେ ତାଙ୍କ ସୁନାହାର ମଧ୍ୟ ଫେରସ୍ତ ପାଇନଥିଲେ । ଶେଷରେ ସେ ରାହୁଲ ଓ ରାଜେଶଙ୍କୁ ଭେଟି ସେ ସମ୍ପର୍କରେ ପଚାରିବାରୁ ଉଭୟ ତାଙ୍କୁ ଗାଳିଗୁଲଜ କରିବା ସହ ବିଭିନ୍ନ ପ୍ରକାର ଧମକ ଚମକ ଦେଇଥିଲେ। ଠକେଇର ଶିକାର ହୋଇଥିବା ଯୁବତୀ ଜଣଙ୍କ ଘଟଣାକୁ ନେଇ ବଡବଜାର ଥାନାରେ ଅଭିଯୋଗ କରିଥିଲେ।

# ପ୍ରଶସ୍ତିକରଣ ନାମରେ ଉଚ୍ଛେଦର ପକ୍ଷପାତ ନୀତି

## କଂଗ୍ରେସ ଓ ସିପିଆଇର ପ୍ରତିବାଦ

ବାରିପଦା, (ସବ୍ୟୁ) : ପାଲବଣି ଛକରୁ ରଙ୍ଗାମାଟିଆ ମେଡିକାଲ କଲେଜ ରାସ୍ତାର ପ୍ରଶସ୍ତିକରଣ ସ୍ୱାଗତ ଯୋଗ୍ୟ ପଦକ୍ଷେପ। ଉନ୍ନୟନ କାର୍ଯ୍ୟର ଆମେ ବିରୋଧୀ ନୋହୁଁ। ମାତ୍ର ଉଚ୍ଛେଦ ପ୍ରକ୍ରିୟା ବେଳେ ଜିଲ୍ଲା ପ୍ରଶାସନର ପାତର ଅନ୍ତର ନୀତି ସ୍ପଷ୍ଟ ବାରି ହୋଇଛି। ଶିଳ୍ପ ପତି ମ୍ୟାରେଜ ପ୍ୟାଲେସ ଭଳି କିଛି ଥିଲାବାଲାକୁ ସୁରକ୍ଷା ଦେଇ, ଖଟିଖିଆ ମଜୁରୀଆ, ବେସାହାରା ମଣିଷର ବଞ୍ଚିବାର ଅଧିକାରକୁ ଆଇନ୍‌ର ଦ୍ୱାହି ଦେଇ ଛଡ଼ାଇ ନିଆଯାଇଛି, ଯଦିଓ ଆଇନ୍ ସମସ୍ତଙ୍କ ପାଇଁ ସମାନ୍। ସରକାରୀ ଜମିରେ ୭୦/୮୦ ବର୍ଷ ଧରି ବାସିନ୍ଦା ହୋଇ ପେଟ ପୋଷୁଥିବା ଅଭାବୀ ଲୋକଙ୍କୁ ଥୈଥାନ ନକରି ଉଚ୍ଛେଦ ପ୍ରକ୍ରିୟା ଗ୍ରହଣୀୟ ନୁହେଁ। ଆର୍‌ଡି ବିଭାଗ ଅଧିନ ମଝି ରାସ୍ତାରୁ ବାମକୁ ୭୨ଫୁଟ୍ ଉଚ୍ଛେଦର ପରିସିମା ଥିବାବେଳେ, ଡାହାଣ ପଟକୁ କେତେ ଫୁଟ୍‌ର ଉତ୍ତର ଉଚ୍ଛେଦରେ ଉପସ୍ଥିତ ଅଧିକାରୀମାନଙ୍କ ନୀରବତା ଜିଲ୍ଲାପ୍ରଶାସନର ସ୍ୱଚ୍ଛତାକୁ ପ୍ରଶ୍ନ କରୁଛି। ଅଧିକନ୍ତୁ ବର୍ଷା ଓ ଅନ୍ଧାର ସମୟରେ ଆପାତତଃ ନିଜ ଘରେ ଛୁଆ ପିଲା ଧରି ରହିଥିବା ଲୋକମାନଙ୍କ ଘରୁ ବିଦ୍ୟୁତ୍ ଓ ପାଣି ଭଳି ସଂଯୋଗ କାଟିବା ମାନବିକ ଅଧିକାରର ଉଲଘଂନ। ବାସହରା ହୋଇଥିବା ଲୋକଙ୍କୁ ସରକାରୀ ନୀତି ଅନୁସାରେ ଥଇଥାନ କରିବା, ବ୍ୟବସାୟ କରି ପରିବାର ଚଳାଉଥିବା ବ୍ୟକ୍ତିଙ୍କୁ ଭେଣ୍ଡିଂଜୋନ୍ କରି ଦେବା, ଉଚ୍ଛେଦର ଶିକାର ହୋଇଥିବା ଜନଗଣଙ୍କୁ କ୍ଷତି ପୂରଣ ଦେବାକୁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯିବା ସହ ସହରରେ, ଜାତୀୟ ରାଜପଥ କଡ଼ରେ ବହୁମୂଲ୍ୟ ସରକାରୀ ସମ୍ପତ୍ତିର ଦଖଲକୁ ଉଚ୍ଛେଦ କାହିଁକି କରାଯାଉନାହିଁ, ଜଙ୍ଗଲ ଜମିଗୁଡିକ କେଉଁ ମାଲିକାନାରେ ଅଛି, ତାହା ସାର୍ବଜନୀନ କରିବା ସହିତ ସଠିକ୍ ପଦକ୍ଷେପ ଗ୍ରହଣ କରିବାକୁ କଂଗ୍ରେସର ଶାନ୍ତନୁ ପାଲ ଓ ସିପିଆଇର ଜିଲ୍ଲା ସମ୍ପାଦକ ସାଥୀ ଜଗବନ୍ଧୁ ମିଶ୍ର ଗଣମାଧ୍ୟମ ଜରିଆରେ ରାଜ୍ୟ ସରକାର ଓ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଆଗାମୀ ଦିନରେ ଏଗୁଡ଼ିକ କାର୍ଯ୍ୟକାରୀ ନହେଲେ ଜନ ଆନ୍ଦୋଳନ ଉଗ୍ର ରୂପ ଧାରଣ କରିବାକୁ ଚେତାବନୀ ଦିଆଯାଇଛି। ଏଥିରେ କାହ୍ନୁଚରଣ ବେହେରା, ଜୟରାମ ନାୟକ, ବୁଧୁ ମହାନ୍ତ, ମହେଶ୍ୱର ବେହେରା, ପୂର୍ଣ୍ଣିମା ମହାନ୍ତି ପ୍ରମୁଖ ସରକାରୀ କଳର ପାତର ଅନ୍ତର ନୀତିକୁ ନିନ୍ଦା କରିଛନ୍ତି।



## ବଜ୍ରାଘାତରେ ଶିଶୁ ଓ ୪ ଛେଳି ମୃତ

ପାରଳାଖେମୁଣ୍ଡି, (ସବ୍ୟୁ): ଗଜପତି ଜିଲ୍ଲାରେ ବଜ୍ରାଘାତ ଯୋଗୁଁ ଏକ ଶିଶୁ ସହ ୪ ଛେଳିର ମୃତ୍ୟୁ ହୋଇଥିବା ଜଣାଯାଇଛି। ଏଭଳି ଦୁଃଖଦ ଘଟଣା ଘଟିଛି ଗଜପତି ଜିଲ୍ଲା ଗୁମ୍ମା ବ୍ଲକ୍ ସେରଙ୍ଗ ଥାନା ଅନ୍ତର୍ଗତ କୁମୁଡ଼ିଆ ଗ୍ରାମରେ। ମୃତକ ହେଲେ ବାମୁଡ଼ା ଗମାଙ୍ଗଙ୍କ ୭ ବର୍ଷର ପୁଅ ଅମିତ ଗମାଙ୍ଗ। ବଜ୍ରାଘାତରେ ମୃତ୍ୟୁ ହେବାପରେ ଶବକୁ ବ୍ୟବଚ୍ଛେଦ ନିମନ୍ତେ ପାରଳାଖେମୁଣ୍ଡି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଦିଆଯାଇଛି। ପ୍ରକାଶଯେ, ଗତକାଲି ଘରଠାରୁ କିଛି ଦୂରରେ ଅମିତ ଗାଧୋଇ ଥିବାବେଳେ ବଜ୍ରଘାତ ହୋଇଥିଲା। ଏଥିରେ ଅମିତ ଗୁରୁତର ହେବାସହ ସେଠାରେ ଥିବା ୪ଗୋଟି ଛେଳିର ମୃତ୍ୟୁ ଘଟିଥିଲା। ପରେ ପରିବାର ଲୋକ ସଙ୍ଗେସଙ୍ଗେ ଅମିତଙ୍କୁ ଗୁମ୍ମା ଡାକ୍ତରଖାନା ଚିକିତ୍ସା ପାଇଁ ନେଇଥିଲେ। ହେଲେ ଡ.ଆଲୋକ କୁମାର ଶିଶୁକୁ ମୃତ ଘୋଷଣା କରିଥିଲେ। ସେରଙ୍ଗ ଥାନାରେ ଏହି ଘଟଣା ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ପ୍ରଶାସନ ଏହି ଗରିବ ପରିବାରକୁ ଆର୍ଥିକ ସାହାର୍ଯ୍ୟ ପ୍ରଦାନ କରନ୍ତୁ ବୋଲି ଗ୍ରାମବାସୀ ନିବେଦନ କରିଛନ୍ତି ।

# ୭ ୟୁପିଏସକୁ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଘୋଷିତ

ବୁଗୁଡା, (ସବ୍ୟୁ): ରାଜ୍ୟସରକାର ପକ୍ଷରୁ ବିଦ୍ୟାଳୟ ମାନଙ୍କରେ ପିଲାମାନଙ୍କ ଗୁଣାତ୍ମକ ଶୈକ୍ଷିକର ବୃଦ୍ଧି ନିମନ୍ତେ ବ୍ଲକ ସ୍ତରରେ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଭାବରେ କିଛି ବିଦ୍ୟାଳୟକୁ ଘୋଷଣା କରାଯାଇଛି । ଏଥିରେ ସ୍ଥାନୀୟ ବିଧାୟକ ତଥା ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକଙ୍କ ସୁପାରିସ କ୍ରମେ ବୁଗୁଡା ବ୍ଲକର ୭ଟି ଗୋଟି ବିଦ୍ୟାଳୟକୁ ସ୍ଥାନ ଦିଆଯାଇଥିବା ଜଣାଯାଇଛି । ସ୍ଥାନୀୟ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଅଧିନସ୍ଥ ବାଲିପଦର ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ପ୍ରଥମ ପର୍ଯ୍ୟାୟରେ ଏବଂ ତାଳସାକର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ବିଷ୍ଣୁଚକ୍ର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଅନ୍ତରପଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ପାଙ୍ଗିଡି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, କରଚୁଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ଆଦିପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ଦ୍ୱିତୀୟ ପର୍ଯ୍ୟାୟରେ ଗୋଦାବରିଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟରେ ପରିଣତ କରାଯିବା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ବୁଗୁଡ଼ା ଗୋଷ୍ଠୀ ଶିକ୍ଷା ଅଧିକାରୀ ଚିନ୍ମୟ ମହାପାତ୍ର, ଅତିରିକ୍ତ ଶିକ୍ଷା ଅଧିକାରୀ ଅମିତା କୁମାରୀ ପାଢୀ, ସିଆରସିସି ବିଶ୍ୱଜିତ୍ ପରିଡା, ଦିଲ୍ଲୀପ କୁମାର ବେହେରା, ସନ୍ତୋଷ କୁମାର ଡାକୁଆ ଶର୍ମିଷ୍ଠା ଜେନା, ପୂର୍ଣ୍ଣଚନ୍ଦ୍ର ବେହେରା ଓ ଦେବଦତ୍ତ ମହାନ୍ତି ପ୍ରମୁଖ ବିଭିନ୍ନ ବିଦ୍ୟାଳୟ ବୁଲି ସ୍ଥିତି ଅନୁଧାନ କରି ରିପୋର୍ଟ ପ୍ରସ୍ତୁତ କରିଛନ୍ତି । ସଂପ୍ରତି ଏହି ସମସ୍ତ ବିଦ୍ୟାଳୟରେ ପାଚେରୀ ନିର୍ମାଣ, ଅଡିଟୋରିୟମ ନିର୍ମାଣ, ଚାରିଟି ଅତିରିକ୍ତ ଶ୍ରେଣୀ ଗୃହ ନିର୍ମାଣ, ସାଇକେଲ ଷ୍ଟାଣ୍ଡ ନିର୍ମାଣ, ମୁଖ୍ୟ ଫାଟକ ନିର୍ମାଣ, ଛାତ୍ରଛାତ୍ରୀ ଓ ଦିବ୍ୟାଙ୍ଗ ପିଲାଙ୍କ ପାଇଁ ଭିନ୍ନ ଭିନ୍ନ ଶୌଚାଳୟ ନିର୍ମାଣ, ରୋଷେଇ ଘର ସହ ସାମୁହିକ ଡାଇନିଂ ହଲ ନିର୍ମାଣ, ପେଭର ଯୁକ୍ତ ଆପ୍ରୋଚ ରାସ୍ତା, ପ୍ରଧାନ ଶିକ୍ଷକଙ୍କ ସ୍ୱତନ୍ତ୍ର ରୁମ ସହ କମନ ରୁମ, ବୋରୱେଲ ସହ ଓଭର ହେଡ ଟ୍ୟାଙ୍କ ନିର୍ମାଣ କରାଯିବ । ଛାତ୍ରଛାତ୍ରୀଙ୍କ ସୁରକ୍ଷା ଦୃଷ୍ଟିରୁ କିଛି ପୁରୁଣା ଶ୍ରେଣୀ ଗୃହକୁ ଭଙ୍ଗାଯିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ବିଦ୍ୟାଳୟର ପରିବେଶକୁ ସରସ ସୁନ୍ଦର କରାଯିବା ସହ ସମଗ୍ର ପରିସରକୁ ସିସିଟିଭି ଫୁଟେଜ୍ ମଧ୍ୟରେ ରଖାଯିବ। ସାମ୍ପ୍ରତିକ ପରିସ୍ଥିତିରେ ପ୍ରାଥମିକ ଶିକ୍ଷାରେ ସଂସ୍କାର ଆଣିବା ସହ ଶୈକ୍ଷିକ ବାତାବରଣ ସୃଷ୍ଟି କରି ଛାତ୍ରଛାତ୍ରୀଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ ପାଇଁ ସରକାର ନେଇଥିବା ଏହି ପଦକ୍ଷେପକୁ ଅଭିଭାବକ ମହଲରେ ସ୍ୱାଗତ କରାଯାଇଥିବା ବେଳେ ଆଗାମୀ ଦିନରେ ପ୍ରତି ପଞ୍ଚାୟତରେ ଗୋଟିଏ ଲେଖାଏଁ ୟୁପିଏସକୁ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଭାବେ ଗ୍ରହଣ ନିମନ୍ତେ ଯୋଜନା ରହିଥିବା ଜଣାଯାଇଛି ।

## ବାଇକ୍ ଚାଳକଙ୍କ ଉପରେ ମାଡିଗଲା ଟ୍ରକ୍

ପାରଳାଖେମୁଣ୍ଡି, (ସବ୍ୟୁ): ଗଜପତି ଜିଲ୍ଲାର କାଶୀନଗର ବ୍ଲକରେ ଦୁର୍ଘଟଣା ଘଟି ବାଇକ ସହ ଚାଳକ ତଳେ ପଡ଼ିଥିବା ବେଳେ ପଛ ପଟରୁ ଏକ ଟ୍ରକ ଆସି ମାଡ଼ିଯିବା ଯୋଗୁଁ ଘଟଣା ସ୍ଥଳରେ ବାଇକ ଚାଳକଙ୍କ ମୃତ୍ୟୁ ଘଟିଛି। କାଶୀନଗର ଠାରେ ଥିବା ସତ୍ୟସାଇ ପେଟ୍ରୋଲ ପମ୍ପ ନିକଟରେ ଏକ ସାଇନ ବୋର୍ଡକୁ ଧକ୍କା ଦେବା ଯୋଗୁଁ ଏକ ବାଇକ ଦୁର୍ଘଟଣା ଘଟିଥିଲା । ବାଇକ ଚାଳକ ସହ ବାଇକଟି ତଳେ ପଡ଼ିଥିବାବେଳେ ହଟାତ ଏକ ଟ୍ରକ ପଛପଟରୁ ଆସି ମାଡ଼ିଯିବା ଯୋଗୁଁ ଘଟଣା ସ୍ଥଳରେ ବାଇକ ଚାଳକଙ୍କ ମୃତ୍ୟୁ ଘଟିଥିଲା । ମୃତ ଯୁବକଙ୍କ ନାମ ରାଜୁ ଗମାଙ୍ଗ । ତାଙ୍କ ଘର କାଶୀନଗର ବ୍ଲକର ଜାଇଗୁଡା ଗ୍ରାମରେ । ଟ୍ରକଟି ବାଇକ ଚାଳକଙ୍କୁ ମାଡି ଯିବା ପରେ ଘଟଣା ସ୍ଥଳରେ ଡ୍ରାଇଭର ଟ୍ରକକୁ ନଅଟକାଇ ଦ୍ରୁତଗତିରେ ଚାଲି ଯାଇଥିଲା । କାଶୀନଗର ପୋଲିସ ଏହି ଘଟଣା ଜାଣିବା ପରେ ଟ୍ରକକୁ ପିଛା କରିଥିଲେ। ହେଲେ ଡ୍ରାଇଭର ଜଣକ ୧୦ କିମି ଦୂରରେ ଟ୍ରକଟିକୁ ଅଟକାଇ କୁଆଡେ ଫେରାର ହୋଇଯାଇଛି।

## ଜିଲ୍ଲା ହ୍ୟାଣ୍ଡବଲ ସଙ୍ଘ ପକ୍ଷରୁ ଗ୍ରୀଷ୍ମକାଳୀନ ତାଲିମ ଶିବିର ଉଦ୍‌ଯାପିତ




ବ୍ରହ୍ମପୁର, (ସବ୍ୟୁ): ସ୍ଥାନୀୟ ଖଲିକୋଟ ଏକକ ବିଶ୍ୱବିଦ୍ୟାଳୟ ଖେଳପଡିଆରେ ଗତ ମେ ୪ତାରିଖ ଠାରୁ ଗ୍ରୀଷ୍ମକାଳୀନ ହ୍ୟାଣ୍ଡବଲ ଆରମ୍ଭ ହୋଇଥିବା ବେଳେ ପ୍ରଶିକ୍ଷଣ ଶିବିର ଜୁନ ୧ତାରିଖ ରବିବାର ଦିନ ଉଦଯାପିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ଉତ୍ସାବରେ ମୁଖ୍ୟଅତିଥି ରୂପେ ବ୍ରହ୍ମପୁରର ବିଧାୟକ କେ. ଅନିଲ କୁମାର, ସମ୍ମାନିତ ଅତିଥି ଭାବେ ଜିଲ୍ଲା ବିଜେପି ସଭାପତି ସରୋଜ କୁମାର ସାବତ, ସମାଜସେବୀ ତଥା ବିଜେଡି ନେତା ଅଜୟ ମହାରଣା, ଡ ଦେବଯାନୀ ଦେଓ, ବନମାଳୀ ସେଠି, ଜିଲ୍ଲା ହ୍ୟାଣ୍ଡବଲ ସଙ୍ଘର କାଯ୍ୟକାରୀ ସଭାପତି ଅଶୋକ କୁମାର ଶୁକ୍ଳ, ସମ୍ପାଦକ ସୁରେଶ ଚନ୍ଦ୍ର ପାଢ଼ୀ, ସାଙ୍ଗଠନିକ ସମ୍ପାଦକ ଶକ୍ତିଧର ରାଜଗୁରୁ ଓ କୋଷାଧକ୍ଷ ଡାକ୍ତର ମୋନଜ କୁମାର ପାତ୍ର ପ୍ରମୁଖ ଉପସ୍ଥିତ ରହିଥିଲେ। ଶିବିରରେ ଉପସ୍ଥିତ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ମୁଖ୍ୟଅତିଥି ବ୍ରହ୍ମପୁର ବିଧାୟକ ଖେଳାଳିଙ୍କୁ ନିଷ୍ଠାର ସହ ନିୟମିତ ଅଭ୍ୟାସ ଜାରି ରଖିବାକୁ ପରାମର୍ଶ ଦେଇଥିଲେ। ବ୍ରହ୍ମପୁର ଷ୍ଟାଡିୟମରେ ଏକ ସ୍ଥାୟୀ ସିନ୍ଥେଟିକ ହ୍ୟାଣ୍ଡବଲ କୋର୍ଟ ପ୍ରତିଷ୍ଠା ପାଇଁ ଚେଷ୍ଟା କରିବେ ବୋଲି ପ୍ରତିଶୃତି ଦେଇଥିଲେ। ଅନ୍ୟ ଅତିଥିମାନେ ଜିଲ୍ଲା ହ୍ୟାଣ୍ଡବଲ ସଙ୍ଘର ଏହିପରି ଉଦ୍ୟମକୁ ଭୁୟସୀ ପ୍ରଶଂସା କରିଥିଲେ। ଏହି ଶିବିରରେ ୨୫୦ଜଣ ଖେଳାଳିଙ୍କୁ ଅତିଥିମାନେ ପ୍ରମାଣପତ୍ର ପ୍ରଦାନ କରିଥଲେ। ଏହି କ୍ୟାମ୍ପର ଶିବିରାର୍ଥୀଙ୍କ ଦ୍ୱାରା ବହୁ ରଙ୍ଗାରଙ୍ଗ ସାଂସ୍କୃତିକ କାଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏହି ଶିବିରକୁ ଏନଆଇଏସ କୋଚ ପ୍ରଶାନ୍ତ କୁମାର ରଥଙ୍କ ସହ ବହୁ ବରିଷ୍ଠ ଖେଳାଳି ପ୍ରତିଦିନ ଉପସ୍ଥିତ ରହି ତାଲିମ ପ୍ରଦାନ କରିଥିଲେ। ଜିଲ୍ଲା ହ୍ୟାଣ୍ଡବଲ ସଂଘର ଏହି ଉଦ୍ୟମକୁ ଅଭିଭାବକଙ୍କ ସହ ବିଭିନ୍ନ ମହଲରେ ଉଚ୍ଚ ପ୍ରଶଂସା କରାଯାଇଛି। ଏହି ଶିବିରରୁ ବିଭିନ୍ନ ବର୍ଗରୁ ବହୁ ଖେଳାଳୀ ଚୟନ କରାଯାଇଛି। ଚିହ୍ନଟ ଖେଳାଳିଙ୍କୁ ଜିଲ୍ଲାସ୍ତରୀୟ ପ୍ରତୀଯୋଗିତାରେ ଭାଗ ନେବାପାଇଁ ସୁଯୋଗ ଦିଆଯିବ ବୋଲି ସମ୍ପାଦକ ସୁରେଶ ଚନ୍ଦ୍ର ପାଢ଼ୀ କହିଛନ୍ତି ।

## ଶାନ୍ତିସ୍ରୋତ ଭବନରେ ନିଶାମୁକ୍ତ ଦିବସ

ଭଞ୍ଜନଗର, (ସବ୍ୟୁ) : ଅନ୍ତଃରାଷ୍ଟ୍ରୀୟ ସ୍ତରରେ ଦୀର୍ଘ ୩୫ ବର୍ଷ ହେଲା 'ନିଶାମୁକ୍ତ ଦିବସ' ପାଳନ କରିଆସୁଥିବା ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ତରଫରୁ ଶାନ୍ତିସ୍ରୋତ ଭବନ, ଭଞ୍ଜନଗର ଠାରେ ଏହା ପାଳିତ ହୋଇଯାଇଛି। ଏହି ଅବସରରେ କାରାଧ୍ୟକ୍ଷ ମାନସ ରଞ୍ଜନ ସାମଲ, ଡଃ କାର୍ତ୍ତିକେଶ୍ୱର ଜେନା, ସବ୍ ଇନ୍ସପେକ୍ଟର ଲକ୍ଷ୍ମୀଧର ମହାନ୍ତି ସନ୍ଧ୍ୟା କାର୍ଯ୍ୟକ୍ରମରେ ଅତିଥିଭାବେ ଯୋଗ ଦେଇଥିଲେ। ଅତିଥିମାନେ ନିଜ ନିଜର କାର୍ଯ୍ୟକାଳରେ ତମାଖୁ ସେବନ ବ୍ୟକ୍ତିବିଶେଷଙ୍କ ଦୁର୍ଦ୍ଦଶାମୟ ଜୀବନ ଶୈଳୀ ଉପରେ ଆଲୋକପାତ କରିଥିଲେ। ଭଗବତ ନିଶା ହିଁ ତମାଖୁ ବର୍ଜନର ଏକମାତ୍ର ପଥ ବୋଲି ମତ ରଖି ଶିକ୍ଷିତ ଯୁବ ଗୋଷ୍ଠୀଙ୍କ ମଧ୍ୟରେ ସଚେତନତା ଜାଗ୍ରତ ଦ୍ୱାରା ନିଶାମୁକ୍ତ ସମାଜ ଗଠନ କରାଯାଇପାରିବ ବୋଲି ଅତିଥି ମାନେ ବକ୍ତବ୍ୟ ରଖିଥିଲେ। ବ୍ରହ୍ମାକୁମାରୀ ନିରୁ ଉକ୍ତ ସଂସ୍ଥାର ପରିଚୟ ସଂପର୍କରେ ଓ ନିଶାମୁକ୍ତ ବିଶ୍ୱ ଗଠନରେ ସଂସ୍ଥା କିପରି କାର୍ଯ୍ୟ କରିଆସୁଅଛି ଅବଗତ କରାଇଥିଲେ। ସେବାକେନ୍ଦ୍ର ସଂଚାଳିକା ବ୍ରହ୍ମ କୁମାରୀ ସନ୍ତୋଷିନୀ ନିଶାମୁକ୍ତ ସମାଜ ପାଇଁ ରାଜଯୋଗ ଏକ ସହଜ ଓ ସରଳ ଉପାୟ ବୋଲି ବିଶଦ ଆଲୋଚନା କରିବା ପରେ ନିଶା ନିବାରଣ ପାଇଁ ସମସ୍ତଙ୍କୁ ପ୍ରତିଜ୍ଞା କରାଇଥିଲେ। ସକାଳୁ ପ୍ରଭାତ ଫେରି କାର୍ଯ୍ୟକ୍ରମ ସହିତ ପାର୍କ, ଜେଲ୍, ବସ୍ ଷ୍ଟାଣ୍ଡ ଓ ବିଭିନ୍ନ କାର୍ଯ୍ୟାଳୟ ଯାଇ ନିଶାମୁକ୍ତ ଜୀବନର ସୌନ୍ଦର୍ଯ୍ୟତା ସହିତ ପରମାତ୍ମାଙ୍କ ପରିଚୟ ପ୍ରଦାନ କରାଯାଇଥିଲା । ସାଂସ୍କୃତିକ କାର୍ଯ୍ୟକ୍ରମ ଦ୍ୱାରା ମଧ୍ୟ ସଚେତନ ବାର୍ତ୍ତା ଦିଆଯାଇଥିଲା।

## ମହେନ୍ଦ୍ର ତନୟା ନଦୀରେ ଭାସିଗଲେ ବୃଦ୍ଧ

ପାରଳାଖେମୁଣ୍ଡି, (ସବ୍ୟୁ): ଗଜପତି ଜିଲ୍ଲାରେ ଏକ ଅଭାବନୀୟ ଦୁଃଖଦ ଖବର ହସ୍ତଗତ ହୋଇଛି । ଶବଦାହ ପାଇଁ ଯାଇଥିବା ଜଣେ ବୃଦ୍ଧ ମହେନ୍ଦ୍ର ତନୟା ନଦୀରେ ଗତକାଲି ଆଜି ଖବର ଲେଖିବା ସୁଦ୍ଧା ନିଖୋଜଥିବା ସୂଚନା ମିଳିଛି। ଏହି ଜିଲ୍ଲାର ଗୋଷାଣି ବ୍ଲକ ମାଛମରା ଗ୍ରାମରେ ଏହି ଘଟଣା ଘଟିଛି । ଶବଦାହ ପାଇଁ ଯାଇଥିବା ଜଣେ ବୃଦ୍ଧ ମହେନ୍ଦ୍ର ତନୟା ନଦୀରେ ବୁଡି ନିଖୋଜ ହୋଇଯାଇଥିଲେ। ସେ ହେଲେ ଉକ୍ତ ଗ୍ରାମର ମାମିଡି ସାବରେୟା। ସେ ଗ୍ରାମର ଜଣେ ବୃଦ୍ଧାଙ୍କ ମୃତଦେହ ସତ୍କାର କାର୍ଯ୍ୟରେ ଯୋଗ ଦେବା ନିମନ୍ତେ ଯାଇଥିଲେ। ମୃତଦେହ ସତ୍କାର ପରେ ମହେନ୍ଦ୍ରତନୟା ନଦୀରେ ଗାଧେଇବା ବେଳେ ଗୋଡ଼ ଖସିଯିବାରୁ ପ୍ରଖର ସ୍ରୋତରେ ଭାସି ନିଖୋଜ ହୋଇ ଯାଇଥିଲେ । ପ୍ରଥମେ ଗ୍ରାମବାସୀ ଖୋଜାଖୋଜି କରିଥିଲେ । ହେଲେ ତାଙ୍କର କୌଣସି ପତ୍ତା ନମିଳିବାରୁ ଗୁରାଣ୍ଡି ଥାନା ପୁଲିସ ଓ ଅଗ୍ନିଶମ ବାହିନୀକୁ ସୂଚନା ଦେଇଥିଲେ। ଅଗ୍ନିଶମ ବାହିନୀ ଓ ପୁଲିସ୍ ଗତକାଲି ସନ୍ଧ୍ୟା ସମୟରେ ପ୍ରାୟ ତିନି ଘଣ୍ଟା ଧରି ଖୋଜିବା ପରେ ମଧ୍ୟ କୌଣସି ପତ୍ତା ମିଳିନଥିଲା। ରାତ୍ର ଯୋଗୁଁ ଘନ ଅନ୍ଧକାର ଘଟିବା ଯୋଗୁଁ ଖୋଜିବା କାମ ସ୍ଥଗିତ ରହିଥିଲା।

## ଆର୍ଟ ଆଣ୍ଡ କ୍ରାଫ୍ଟର ୧୧ଦିନିଆ ଗ୍ରୀଷ୍ମ କାଳୀନ ଶିବିର ଉଦ୍‌ଯାପିତ

ବାରିପଦା, (ସବ୍ୟୁ) : ବାରିପଦା ସ୍ଥିତ ଶ୍ରୀ ଜଗନ୍ନାଥ କଳା ଏକାଡେମୀ ଆନୁକୂଲ୍ୟରେ ଆର୍ଟ ଆଣ୍ଡ କ୍ରାଫ୍ଟର ୧୧ଦିନିଆ ତଥା ୨୧ତାରିଖ ଠାରୁ ୩୧ତାରିଖ ପର୍ଯ୍ୟନ୍ତ ଗ୍ରୀଷ୍ମ କାଳୀନ ଶିବିର ଉଦ୍‌ଯାପିତ ହୋଇଯାଇଅଛି । ଆଜିର ଏହି ଉଦ୍‌ଯାପନୀ ସଭାରେ ଅଧକ୍ଷା ଶୁଭସ୍ମିତା ଭାରତୀ ହୋତା ସଭାପତିତ୍ତ୍ୱ କରିଥିବାବେଳେ ମୁଖ୍ୟଅତିଥି ଭାବେ ଜାତୀୟ ସ୍ତରରେ ସମ୍ମାନିତ ଚିତ୍ର ଶିଳ୍ପୀ ତଥା ଆର୍ଟ ଆଣ୍ଡ କଲଚରର ଡିସଟ୍ରିକ୍ଟ ଆଡ଼ଭାଇଜାରୀ ମେମ୍ବର ଚାରୁଚନ୍ଦ୍ର ଦାସ ଯୋଗଦେଇ ବିଭିନ୍ନ ପ୍ରକାର ଉପଦେଶ ପିଲା ମାନଙ୍କୁ ଦେଇଥିଲେ। ସମ୍ମାନୀୟ ଅତିଥି ଭାବେ ବରିଷ୍ଠ ଇଂରାଜୀ ଅଧ୍ୟାପକ ଡଃ ରଂଜିତ କୁମାର ସାହୁ ଯୋଗ ଦେଇଥିଲେ। ତାସହିତ ସବୁ ଆର୍ଟ ଆଣ୍ଡ କ୍ରାଫ୍ଟକୁ ବୁଲି ଦେଖିବା ସହିତ କ୍ୟାମ୍ପରେ ଯୋଗ ଦେଇଥିବା ସମସ୍ତ ପିଲାଙ୍କୁ ସାର୍ଟିଫିକେଟ ସହିତ ମେଡାଲ ପ୍ରଦାନ କରିଥିଲେ । ଆଜିର ସଭାରେ ଟ୍ରଷ୍ଟି ରାକେଶ କୁମାର ବେହେରା ଅତିଥି ପରିଚୟ କରିଥିବା ବେଳେ ଟ୍ରଷ୍ଟି ସୁବାସ ଚନ୍ଦ୍ର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ । ଶ୍ରୀ ଜଗନ୍ନାଥ କଳା ଏକାଡେମୀରେ ବର୍ତ୍ତମାନ ଆର୍ଟ ଆଣ୍ଡ କ୍ରାଫ୍ଟ ସହିତ ଶାସ୍ତ୍ରୀୟ ନୃତ୍ୟ, ଆଧୁନିକ ନୃତ୍ୟ, କଣ୍ଠ ସଙ୍ଗୀତ ସହିତ ଯୋଗ କ୍ଲାସ ମଧ୍ୟ କରାଯାଉଅଛି । ଆଜିକାର ସଭାକାର୍ଯ୍ୟରେ ଆର୍ଟ ଆଣ୍ଡ କ୍ରାଫ୍ଟର ଦୁଇଜଣ ପ୍ରଶିକ୍ଷକ ଚିରଞ୍ଜୀବ ସାହୁ ଓ ପ୍ରକାଶନି ସାହୁ ସହଯୋଗ କରିଥିଲେ।

## ଓରମାସ ପକ୍ଷରୁ ମୟୂରଭଞ୍ଜ ଗାଁ ଆମ୍ବ ପସରାର ଶୁଭାରମ୍ଭ



ବାରିପଦା, (ସବ୍ୟୁ) : ସ୍ଥାନୀୟ ଗ୍ରାମାଞ୍ଚଳ ଚାଷୀମାନଙ୍କ ଠାରୁ ବିଭିନ୍ନ ପ୍ରକାର ଉନ୍ନତ କ୍ୱାଲିଟିର ଟଟକା ସ୍ୱାଦିଷ୍ଟ ପାଚିଲା ଆମ୍ବ ସଂଗ୍ରହ କରାଯାଇ ଜନସାଧାରଣଙ୍କୁ ସୁଲଭ ମୂଲ୍ୟରେ ଯୋଗାଇଦେବା ଉଦ୍ଦେଶ୍ୟରେ ଆଜି ଓରମାସ ତରଫରୁ ବାରିପଦା ଷ୍ଟାଡିୟମ ଗୋଲେଇ ନିକଟସ୍ଥ ବୟନିକା ସମ୍ମୁଖରେ ଏକ ମୟୂରଭଞ୍ଜ ଗାଁ ଆମ୍ବ ପସରା-୨୦୨୫ର ଶୁଭାରମ୍ଭ କରାଯାଇଛି। ଉକ୍ତ ଆଉଲେଟକୁ ଜିଲ୍ଲାପରିଷଦର ମୁଖ୍ୟଉନ୍ନୟନ ଅଧିକାରୀ ଧର୍ମାନନ୍ଦ ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ। ଉକ୍ତ ଉତ୍ସବରେ ଏସିଡ଼ିଓ ଶାନ୍ତନୁ କୁମାର ନାୟକ, ଉଦଳା ପିଏଆଇଟିଡିଏ ନରେନ୍ଦ୍ର ଖମାରୀ, ଅରମାସର ଡେପୁଟି ସିଇଓ ବିମାନ ମଲ ଓ ଡେପୁଡି ଡାଇରେକ୍ଟର ଉଦ୍ୟାନ କୃଷି ଟଙ୍କଧର କାଲେ। ପ୍ରମୁଖ ଯୋଗ ଦେଇଥିଲେ। ଉକ୍ତ ଗାଁ ଆମ୍ବ ପସରାରେ ଲୋକମାନଙ୍କୁ ବିଭିନ୍ନ କିସମର ସ୍ୱାଦିଷ୍ଟ ପାଚିଲା ଆମ୍ବ ଯଥା ସୁନ୍ଦରୀ କେଜି ପ୍ରତି ୬୦ଟଙ୍କା, ଦୋଷରୀ, ଲେଙ୍ଗେଡା ଓ ଆମ୍ରପଲ୍ଲୀ କେଜି ପ୍ରତି ୫୦ଟଙ୍କା ଓ ଗୋପାଳଭୋଗ ଜାତିର ଆମ୍ବ କେଜି ପ୍ରତି ୪୦ଟଙ୍କାରେ ପାଇପାରିବେ। ଏଥିସହିତ ସପୁରି ଗୋଟା ପ୍ରତି ୪୦ଟଙ୍କାରେ ପାଇପାରିବେ। ଏହି ଆମ୍ବ ପସରାକୁ ଲାଗି ପାଖରେ ମଦର ଆର୍ଥ ଜୁସ ନାମରେ ଅନ୍ୟ ଏକ ଷ୍ଟଲରେ ଭାଗ୍ୟ ଜ୍ୟୋତି ସ୍ୱୟଂସହାୟକ ଗୋଷ୍ଠୀ ଦ୍ୱାରା ପ୍ରସ୍ତୁତ ଦହି ସର୍ବତ ଓ ବିଭିନ୍ନ ପ୍ରକାର ଫଳ ରସ ମଧ୍ୟ ସୁଲଭ ମୂଲ୍ୟରେ ଲୋକମାନଙ୍କ ପାଇଁ ଉପଲବ୍ଧ ହେବ।

## ବନ କମିଶନ ଗଠନ ଦାବି

# ଏକାଠି ହେଲେ ଅଣ ଗେଜେଟେଡ ବନ କର୍ମଚାରୀ ସଂଘ

ଭଞ୍ଜନଗର, (ସବ୍ୟୁ): ଓଡ଼ିଶା ଅଣ ଗେଜେଟେଡ୍ ବନ ସେବା ସଂଘ ବ୍ରହ୍ମପୁର ଜୋନ୍ ପକ୍ଷରୁ ରବିବାର ଭଞ୍ଜନଗର ଲାଲସିଂ ନର୍ସରୀ ପରିସରରେ ଏକ ବୈଠକ ହୋଇଥିଲା। ସଭା ପ୍ରାରମ୍ଭରେ ଶିକାରୀ ମାନକ ଗୁଳିରେ ନିହତ ହୋଇଥିବା ଢେଙ୍କାନାଳ ବନଖଣ୍ଡର ବନରକ୍ଷୀ ପ୍ରହଲ୍ଲାଦ ପ୍ରଧାନଙ୍କ ବିୟୋଗରେ ଏକ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଏହାପରେ ବନରକ୍ଷୀ ପ୍ରହଲ୍ଲାଦ ପ୍ରଧାନଙ୍କ ହତ୍ୟାକାରୀ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ସହ ତାଙ୍କ ପରିବାରକୁ ୧ କୋଟି ଟଙ୍କା ସହାୟତା ରାଶି ପ୍ରଦାନ ପାଇଁ ବୈଠକରେ ଦାବି ହୋଇଥିଲା। ଏଥିସହ ସରକାର ତୁରନ୍ତ ଫରେଷ୍ଟ କମିଶନ ଗଠନ କରନ୍ତୁ। ପୋଲିସ ଭଳି ବନ କର୍ମଚାରୀଙ୍କୁ ମଧ୍ୟ ସୁବିଧା ସୁଯୋଗ ପ୍ରଦାନ କରିବା ପାଇଁ ବୈଠକରେ ଦାବି ହୋଇଥିଲା। ଉକ୍ତ ୩ ଦଫା ଦାବି ନେଇ ଆସନ୍ତା ୯ ତାରିଖରେ ସଂଘ ପକ୍ଷରୁ ସମସ୍ତ ଜିଲାପାଳଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯିବ। ଏହାପରେ ୧୫ରୁ ୨୧ ତାରିଖ ପର୍ଯ୍ୟନ୍ତ କଳାବ୍ୟାଚ ପିନ୍ଧି ଆନ୍ଦୋଳନ କରିବେ। ୨୧ ତାରିଖ ସୁଦ୍ଧା ସରକାର ଦାବିଗୁଡ଼ିକୁ ପୂରଣ ନ କଲେ ୨୨ ତାରିଖରୁ ସଙ୍ଘର ସମସ୍ତ ସଭ୍ୟା ସଭ୍ୟ ସମୂହ ଛୁଟିରେ ଯାଇ ଆନ୍ଦୋଳନକୁ ଓହ୍ଲାଇବା ପାଇଁ ଆଜିର ବୈଠକରେ ନିଷ୍ପତ୍ତି ହୋଇଥିଲା। ବିଭିନ୍ନ ସମୟରେ ଆନ୍ଦୋଳନ ପ୍ରତ୍ୟାହାର ସମୟରେ ରାଜ୍ୟ କର୍ମକର୍ତ୍ତା ଏବଂ ବନଖଣ୍ଡ କର୍ମକର୍ତ୍ତା ମଧ୍ୟରେ ସମନ୍ୱୟ ରହୁନାହିଁ। ଏଥିସହ କେତେକ ସ୍ଥାନରେ ବନଖଣ୍ଡ କର୍ମକର୍ତ୍ତା ଓ ସଭ୍ୟା ସଭ୍ୟଙ୍କ ମଧ୍ୟରେ ମଧ୍ୟ ସମନ୍ୱୟ ରହୁନାହିଁ। ଫଳରେ ବିଗତ ଦିନରେ ଅନେକ ଆନ୍ଦୋଳନ ସଫଳ ହେଉନାହିଁ। କିନ୍ତୁ ଆଗାମୀ ଦିନରେ ହେଉଥିବା ଆନ୍ଦୋଳନ କିଭଳି ସଫଳ ହେବ ସେଥିପାଇଁ ସମସ୍ତ କର୍ମକର୍ତ୍ତା ସମସ୍ତ ଭେଦଭାବ ଭୁଲି ଆନ୍ଦୋଳନ କରିବା ପାଇଁ ମଧ୍ୟ ବୈଠକରେ ନିଷ୍ପତ୍ତି ହୋଇଥିଲା। ବୈଠକରେ ରାଜ୍ୟ ସହ ସମ୍ପାଦକ ସନ୍ତୋଷ କୁମାର ବିଷୋୟୀ ରନ୍ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆନ୍ଦୋଳନ କିଭଳି ସଫଳ ହେବ ସେଥିପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ବିଠକରେ ଜୋନ ସଭାପତି ଅନୁପ କୁମାର ବିଷୋୟୀ ଅଧକ୍ଷତା କରିଥିଲେ। ଜୋନ୍ ଉପ ସଭାପତି ଶୁଶାନ୍ତ କୁମାର ସାହୁ, ଜୋନ କୋଷାଧକ୍ଷ ଗିରିଶ ଚନ୍ଦ୍ର ରାୟ, ଜୋନ ସମ୍ପାଦକ ଅମରେଶ ଦାସ, ବ୍ରହ୍ମପୁର ବନଖଣ୍ଡ ସଭାପତି ଅବିନାଶ ଚୌଧୁରୀ, ପାରଳାଖେମୁଣ୍ଡି ସଭାପତି ଦେବାଶିଷ ଶତପଥୀ, ଦକ୍ଷୀଣ ଘୁମୁସର ବନଖଣ୍ଡ ସଭାପତି ସୁଶାନ୍ତ ବିଷୋୟୀ, ବାଲିଗୁଡ଼ା ବନଖଣ୍ଡ ସମ୍ପାଦକ ସନ୍ତୋଷ ସେନାପତି, ବରିଷ୍ଠ କର୍ମକର୍ତ୍ତା ଶରତ କୁମାର ମହାନ୍ତି, ଭଞ୍ଜନଗର ବନଖଣ୍ଡ ସଭାପତି ସନ୍ତୋଷ ପାତ୍ର ପ୍ରମୁଖ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ।



# ଧବଳେଶ୍ୱର ବାବାଙ୍କ ବିବାହ ସମ୍ପନ୍ନ ପରେ ମନ୍ଦିର ପ୍ରତ୍ୟାବର୍ତ୍ତନ



ଟିଟିଲାଗଡ଼, (ସବ୍ୟୁ): ଟିଟିଲାଗଡ଼ କୁମୁଡା ପାହାଡ଼ ସ୍ଥିତ ଐତିହାସିକ ପର୍ଯ୍ୟଟନ କ୍ଷେତ୍ର ଗୁମ୍ଫାରେ ବିଦ୍ୟମାନ ଶ୍ରୀଶ୍ରୀ ଧବଳେଶ୍ୱର ବାବାଙ୍କ ମାଁ ପାର୍ବତୀଙ୍କ ସହ ପାଣିଗ୍ରହଣ ଶନିବାର ରାତ୍ରିରେ ଧାର୍ଯ୍ୟ ଲଗ୍ନ ମତେ ସମ୍ପନ୍ନ ହୋଇଛି । ଶୀତଳଷଷ୍ଠୀ କମିଟି, ଟିଟିଲାଗଡ଼ ପକ୍ଷରୁ ଚଳିତ ବର୍ଷ ୨୫ତମ ଏହି ବିବାହ ମହୋତ୍ସବରେ ସହସ୍ରାଧିକ ଭକ୍ତ ସାମିଲ ହୋଇଥିଲେ । ସଂକୀର୍ତ୍ତନ, ଶଙ୍ଖନାଦ ସହ ଏକ ଆଧ୍ୟାତ୍ମିକ ଶୋଭାଯାତ୍ରାରେ ସହରର ସିରଭଟା ପଡ଼ାରୁ ଭକ୍ତଙ୍କ ଗହଣରେ ବରପକ୍ଷ ଭଗବାନ ଧବଳେଶ୍ୱରଙ୍କ ସହ ପିତା ମହେନ୍ଦ୍ର ରାଉତ, ମାତା ମେନକା ରାଉତ କନ୍ୟାଙ୍କ ଘରେ ପହଞ୍ଚିଥିଲେ । କନ୍ୟା ଘର ପକ୍ଷରୁ ପିତା ସୀତାରାମ ବେହେରା, ମାତା ରେଣୁକା ବେହେରା ତଥା ଜ୍ଞାତି କୁଟୁମ୍ବ, ପଡ଼ାବାସୀ ବରଯାତ୍ରୀ ଦଳଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ସହ ପ୍ରସାଦ ବଣ୍ଟନ କରାଯାଇଥିଲା । ରବିବାର କନ୍ୟା ଘର ପକ୍ଷରୁ ଅନେକ ଜାନିଯୌତୁକ ଦେଇ ବର କନ୍ୟାଙ୍କୁ ବିଦାୟ ସହ ମନ୍ଦିର ପ୍ରତ୍ୟାବର୍ତ୍ତନ ଅନୁଷ୍ଠାନ ସମ୍ପନ୍ନ ହୋଇଛି । ଏନେଇ କୁମୁଡା ଧବଳେଶ୍ୱଙ୍କ ପୀଠରେ ସାମୁହିକ ପ୍ରସାଦ ସେବନ ଅନୁଷ୍ଠିତ ହୋଇଥିଲା । ପୂର୍ବତନ ନଗରପାଳ ଶୁଭାଂଶୁ ଦାଶଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ବିରାଟ ଧାର୍ମିକ ଅନୁଷ୍ଠାନ ଆୟୋଜନରେ ଟିଟିଲାଗଡ଼ ବିଧାୟକ ନବୀନ ଜୈନ, ପୌରାଧ୍ୟକ୍ଷା ମମତା ଜୈନ, ଶୀତଳ ଷଷ୍ଠୀ କମିଟି ସଭାପତି ଶ୍ରୀପତି ସାହୁ, ସମ୍ପାଦକ ସୁଧୀର ଘଡେଇ, ଉପଦେଷ୍ଟା ଲିଙ୍ଗରାଜ ସାହୁ, ନାରାୟଣ ସାହୁ, ଟିକେଲାଲ ସେଠ, ସଞ୍ଜୀବ ତ୍ରିପାଠୀ ପ୍ରମୁଖ ସହରବାସୀ ସହଯୋଗ କରିଥିଲେ ।

# ଦାଦନ ଯାଇ ଶବ ହୋଇ ଫେରିଲେ ଚିନାବୁବୁ

ରାୟଗଡା,(ସବ୍ୟୁ): ଦାଦନ ଯାଇ ଶବ ହୋଇ ଫେରିଲେ ଚିନାବୁବୁ। ପେଟର ଭୋକ, ଅଭାବ, ଅନଟନ ଦାଦନର ବାଟ ଖୋଲିଥାଏ । ଆଉ ସେହି ବାଟନ ଏବେ ଆଣିଦେଲା ଦାରୁଣ ଦୁଃଖ । କିନ୍ତୁ ଏଥର ଦାଦନର କଷାଘାତରେ ମୃତ୍ୟୁ ଘଟିଛି ଜଣେ ପରିବାରର ମୁଖିଆଙ୍କର । ପେଟର ତୃଷ୍ଣା ମେଣ୍ଟାଇବା ପାଇଁ କେରଳ ରାଜ୍ୟର ଆଲେପି ଠାରେ କାମକରୁଥିବା ବେଳେ ସାପ କାମୁଡିବା ଯୋଗୁଁ ମୃତ୍ୟୁ ବରଣ ହୋଇଛି ଚିନାବାବୁ ପ୍ରାସ୍କାଙ୍କ(୩୨) । ମୃତଦେହ ଆଲେପି ମେଡିକାଲରୁ ନିଜ ଆତ୍ମୀୟ ପରିଜନ ନିଜ ଭିଟା ମାଟିକୁ ଶବ ଫେରି ରିତିନୀତି ଅନୁସାରେ ଅନ୍ତିମ ସଂସ୍କାର ହୋଇଛି । ରାୟଗଡା ଜିଲ୍ଲାରେ ଘରେ ଘରେ ଭୋକ ବସା ବାନ୍ଧିଛି । ତେଣୁ ପେଟର ଭୋକ ମେଣ୍ଟାଇବା ପାଇଁ ପରିବାର ଠାରୁ ୧୮ଶହ କିଲୋମିଟର ଦୂରକୁ ଯାଇ କାମ କରନ୍ତି । କିଏ କିଛି ଅର୍ଥ ଧରି ଫେରନ୍ତି ଏବଂ ଅନ୍ୟ କିଏ ଶବ ହୋଇ ଫେରନ୍ତି । ଏହି ଘଟଣା ପ୍ରତି ସପ୍ତାହରେ ଥରେ ଗଣମାଧ୍ୟମରେ ପ୍ରକାଶିତ ହେଉଛି । ପ୍ରକାଶ ଥାଉକି ବିଷମକଟକ ବ୍ଲକ୍ ଅନ୍ତର୍ଗତ କୋଣାବାଇ ଗ୍ରାମପଞ୍ଚାୟତ କୁଚୁମପଦର ଗ୍ରାମର ଚିନାବାବୁ ପ୍ରାସ୍କା କେରଳ



ରାଜ୍ୟକୁ ଗତ ୩ମାସ ଦାଦନ ଖଟିବାକୁ ଯାଇଥିଲେ । ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ଆଲେପି ଚିକିତ୍ସାଳୟରେ ଡାକ୍ତର ମୃତ୍ୟୁ ଘୋଷଣା କରିଥିଲେ। ପରିବାରକୁ ଜଣାଇବା ପରେ ଆଦିବାସୀ ନେତା ଜିତୁ ଜାକାସିକା ସେଠାକାର ନେତା ସହଯୋଗ କୋଟି ଠାରୁ ବିମାନରେ ବିଶାଖାପାଟଣା ଆଣିଥିଲେ । ସେଠାରୁ ଆମ୍ବୁଲାନ୍ସ ମାଧ୍ୟମରେ ନିଜ ଗାଁକୁ ଶବ ଆସି ଆତ୍ମୀୟ ପରିଜନ ଗହଣରେ ଅନ୍ତିମ ସଂସ୍କାର ହୋଇଥିଲା। ମୃତ୍ୟୁ ଚିନାବାବୁ ସ୍ନାତକ ଶିକ୍ଷା ଲାଭ କରି ବିଭିନ୍ନ ଚାକିରୀ ପାଇଁ ପ୍ରୟାସ କରିଥିଲେ। ଶେଷରେ ଜଣେ ଦଲାଲ ଚାକିରୀ ଯୋଗାଇ ଦେବିକହି ଲକ୍ଷାଧିକ ଟଙ୍କା ହଡ଼ପ କରିଥିଲା। ତାଙ୍କର ତିନୋଟି ସନ୍ତାନ ରହିଥିବା ବେଳେ ୩ମାସର ଝିଅକୁ ଛାଡି ଅର୍ଥ ପାଇଁ ଦାଦନ ଶ୍ରମିକ ଭାବେ କେରଳ ଯାଇଥିବା ତାଙ୍କ ସ୍ତ୍ରୀ ଚନ୍ଦ୍ରିକା ପ୍ରାସ୍କା କହିଛନ୍ତି । ଏବେ ତାଙ୍କ ଜମିଜମା ନାହିଁ କି ଘରଦ୍ୱାର ନାହିଁ ପରିବାର କିପରି ଚଳାଇବେ ଗ୍ରାମବାସୀ ମାନେ କହୁଛନ୍ତି । ସରକାରଙ୍କ ସମସ୍ତ ପ୍ରକାର ସହାୟତା ଯୋଗାଇଦେବାକୁ ମଧ୍ୟ ଅନୁରୋଧ କରିଛନ୍ତି । ତେବେ ରାୟଗଡ଼ା ଜିଲ୍ଲାର ପେଟର ଭୋକ ପାଇଁ ଦାଦନ ଯିବା କେବେ ବନ୍ଦ ହେବା ସହ ଲୋକଙ୍କ ଦୁଃଖ କେବେ ଦୂର ବୋଲି ଗଣମାଧ୍ୟମକୁ ଆଦିବାସୀ ନେତା ଜିତୁ କହିଛନ୍ତି।

# କଲେଜ ପରିସରରୁ କାଟିଦେଲେ ୩୦ ଗଛ

ନବରଙ୍ଗପୁର,(ସବ୍ୟୁ): ନବରଙ୍ଗପୁର କଲେଜ ଆଜି ପର୍ଯ୍ୟନ୍ତ ସରକାରୀ ମାନ୍ୟତା ପାଇନାହିଁ । ଏହାକୁ ନେଇ ପୁରାତନ ଛାତ୍ର ମହଲରେ ଅସନ୍ତୋଷ ଲାଗି ରହିଛି। ଏହାରି ମଧ୍ୟରେ କଲେଜ ପରିସରରୁ ୩୦ଟି ଗଛ କଟାଯାଇଛି। କଲେଜ ଛୁଟି ଥିବା ସମୟରେ ଗଛ କିଏ କାଟିଛି ବୋଲି ପୁରାତନ ଛାତ୍ର ମାନେ ପ୍ରଶ୍ନ କରିବା ସହ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି।

ନବରଙ୍ଗପୁର କଲେଜର ଚାରିପାର୍ଶ୍ୱରେ ଶାଳ, ଚାକୁଣ୍ଡା, ଆକାଶିଆ ଆଦି ଗଛ ଲାଗିବାସହ କଲେଜ ସବୁଜ କ୍ୟାମ୍ପସ୍ ଭାବେ ପରିଚିତ ଥିଲା। ଗତ ୮ବର୍ଷ ପୂର୍ବେ ଏପରି କଲେଜ ପରିସରରୁ ବ୍ୟାପକ ଭାବେ ଗଛ କାଟି ବିକ୍ରି କରି ଦିଆଯାଇଥିଲା। ସେହି ଇତିହାସର ପୁନରାବୃତ୍ତି ବୋଲି ପୁରାତନ ଛାତ୍ରମାନେ କହିଛନ୍ତି। ବିନା ସାଧାରଣ ପରିଷଦ ବୈଠକରେ ଗଛ କାଟିବା କଥା ନୁହେଁ ବୋଲି ଏମାନେ ଅଭିଯୋଗ କରିଛନ୍ତି। ସାମାନ୍ୟ ଝଡ଼ବର୍ଷା କିମ୍ବା ପବନ ହେବା ମାତ୍ରକେ ଗଛ ଗୁଡ଼ିକ ଉପୁଡ଼ି ପଡୁଛି। ବିଦ୍ୟୁତ ତାର ଉପରେ ବି ପଡି ବହୁବାର ବିଦ୍ୟୁତ କାଟ ହୋଇଛି ବୋଲି କହିଛନ୍ତି କଲେଜର ଅଧକ୍ଷ ଡି.ଗୋବିନ୍ଦ ରାଓଛା। ସେ ଗଛ କାଟିବା ପାଇଁ ଜିଲ୍ଲାପାଳ, ଅତିରିକ୍ତ ଜିଲ୍ଲାପାଳ, ଡିଏଫଓ, ବିଧାୟକ ଆଦିଙ୍କୁ ବି ଅବଗତ କରି ଚିଠି କରିଥିବା କହିଛନ୍ତି ଅଧକ୍ଷ। ତେବେ ଯେଉଁ ସବୁ ଗଛ ପଡ଼ି ଯାଇଥିଲା ତାହାକୁ ତଳରୁ ଏବଂ ପଡିଯିବାର ସମ୍ଭାବନା ଥିଲା ସେଭଳି ଗଛକୁ ଟ୍ରିମିଂ କରାଯାଇଛି ବୋଲି ସଫେଇ ଦେଇଛନ୍ତି ଅଧକ୍ଷ। ଅପରପକ୍ଷରେ ପୁରାତନ ଛାତ୍ରମାନେ ଏ ନେଇ ପ୍ରତିକ୍ରିୟା ପ୍ରକାଶ କରି କଲେଜ ଅଧକ୍ଷଙ୍କୁ ଭେଟି ଗଛ କାଟିବାର କାରଣକୁ ନେଇ ଘେରିବା ଯୋଜନା ଆରମ୍ଭ କରିଛନ୍ତି।

# ଲ୍ୟାଣ୍ଡ ମାଇନ୍ସ ବିସ୍ଫୋରଣରେ ଯୁବକ ମୃତ

ସୁନ୍ଦରଗଡ଼,(ସବ୍ୟୁ) : ସୁନ୍ଦରଗଡ଼ ଜିଲ୍ଲା ଜରେଇକେଲା ସୀମାନ୍ତରୁ ମାତ୍ର ୨୫ କିଲୋମିଟର ଦୂରରେ ଥିବା ସରଣ୍ଡା ଜଙ୍ଗଲ ସଂଲଗ୍ନ ଗ୍ରାମ ବଲିବାଠାରେ ଶନିବାର ଅପରାହ୍ଣରେ ଲ୍ୟାଣ୍ଡ ମାଇନ୍ସ ବିସ୍ଫୋରଣରେ ସ୍ଥାନୀୟ ଅଞ୍ଚଳର ଜଣେ ଗ୍ରାମବାସୀ ସାଉ ବାରଜୋ (୩୦) ଆହତ ହୋଇଥିଲେ । ସାଉ ବାରଜୋ ପତ୍ର ତୋଳିବା ସହ କାଠ ପାଇଁ ଆଜି ସକାଳେ ଜଙ୍ଗଲକୁ ଯାଇଥିଲେ। ଜଙ୍ଗଲରୁ ଫେରୁଥିବା ବେଳେ ଜଙ୍ଗଲ ରାସ୍ତାରେ ଖଞ୍ଜା ଯାଇଥିବା ଲ୍ୟାଣ୍ଡ ମାଇନ ସଂସ୍ପର୍ଶରେ ଆସିଯିବା ଯୋଗୁଁ ଲ୍ୟାଣ୍ଡ ମାଇନ ବିସ୍ଫୋରଣ ହେଇଥିଲା। ବିସ୍ଫୋରଣରେ ସାଉ ବାରଜୋର ଦୁଇ ଗୋଡ଼ରେ ଗଭୀର ଆଘାତ ଲାଗିଥିଲା। ବାଲିବାରେ ଥିବା ସିଆରପିଏଫ ଯବାନମାନେ ସାଉ ବାରଜୋକୁ ଚିକିତ୍ସା ନିମନ୍ତେ ମନୋହରପୁର ସ୍ଥିତ ସରକାରୀ ହସ୍ପିଟାଲକୁ ପଠାଇଥିବା ବେଳେ ଚିକିତ୍ସିତ ଅବସ୍ଥାରେ ମୃତ୍ୟୁ ଘଟିଛି ବୋଲି ସୂଚନା ମିଳିଛି ।

ଚାଇଁବାସା ଏସ ପି ରାକେଶ ରଞ୍ଜନ ମାଓବାଦୀଙ୍କ ଦ୍ୱାରା ଲଗାଯାଇଥିବା ଆଇଇଡି ବିସ୍ଫୋରଣକୁ ନିଶ୍ଚିତ କରିଛନ୍ତି। କୁହାଯାଉଛି ଯେ ମାଓବାଦୀମାନେ ପୁଲିସ କର୍ମଚାରୀଙ୍କୁ କ୍ଷତି ପହଞ୍ଚାଇବା ପାଇଁ ଏହି ଲ୍ୟାଣ୍ଡ ମାଇନ ଲଗାଇ ଥିଲେ। କିନ୍ତୁ ଜଣେ ନିରୀହ ଗ୍ରାମବାସୀ ସଂସ୍ପର୍ଶରେ ଆସିଗଲେ। ଅପରପକ୍ଷରେ କେ ବଲାଙ୍ଗ ଥାନା ଅନ୍ତର୍ଗତ ବାଙ୍କୋ ପଥର କୁଆରୀରୁ ମାଓବାଦୀମାନେ ୪ ଟନ ବିସ୍ଫୋରକ ଲୁଟିବା ଘଟଣାକୁ ପାଞ୍ଚ ଦିନ ପୁରିଛି । ତାକୁ ନେଇ ଏବେ ଉଭୟ ଓଡ଼ିଶା ଓ ଝାରଖଣ୍ଡ ରାଜ୍ୟରେ କମ୍ବିଂ ଅପରେସନ ଜୋରଦାର କରାଯିବା ସହିତ ଏବେ ସବିଶେଷ ସୂଚନା ମୁତାବକ ଝାରଖଣ୍ଡ ସରଣ୍ଡା ସଂଲଗ୍ନ ଥଲକୋବାଦ ଓ ବିଟକେଲସୋୟା ଅଞ୍ଚଳରେ ମାଓବାଦୀଙ୍କ ଉପସ୍ଥିତି ନେଇ ସୂଚନା ମିଳିବା ପରେ ସମ୍ପୃକ୍ତ ଅଞ୍ଚଳରେ କମ୍ବିଂ ଓ ସର୍ଚ୍ଚ ଅପରେସନକୁ ତୀବ୍ର କରାଯାଇଛି ।

# ଗଞ୍ଜେଇ ସହ ବାଇକ ଜବତ, ଜଣେ ଗିରଫ

କନ୍ଧମାଳ,(ସବ୍ୟୁ) : ଘଣ୍ଟାପଡା ଥାନା ପକ୍ଷରୁ ଚଢ଼ଉ କରାଯାଇ ୧୧କେଜି ଗଞ୍ଜେଇ ଜବତ କରିବା ସହିତ ଗଞ୍ଜେଇ ଚାଲାଣରେ ସମ୍ପୃକ୍ତ ବ୍ୟକ୍ତିକୁ ଗିରଫ କରାଯାଇଛି । ସୂଚନା ପ୍ରକାରେ ଘଣ୍ଟାପଡା ପୋଲିସ ପକ୍ଷରୁ ପେଟ୍ରୋଲିଂ ଚାଲିଥିବା ବେଳେ ସୁର୍କାଭଟା ଗ୍ରାମ ପାଖରେ ଜଣେ ବ୍ୟକ୍ତିକୁ ଅଟକାଇ ଯାଞ୍ଚ କରିବାରୁ ଗଞ୍ଜେଇ ବାହାରିଥିଲା । ଅଭିଯୁକ୍ତ ଜଣକ ସୁବର୍ଣ୍ଣପୁର ଜିଲା ତରଭା ଥାନା ଅନ୍ତର୍ଗତ ଝାରତରଭା ଗ୍ରାମର ଅକ୍ଷୟ ନାଏକ(୨୬)। ତାଙ୍କ ନିକଟରୁ ଗୋଟିଏ ଟିଭିଏସ ଏକ୍ସଏଲ ୧୦୦ ଏବଂ ଗୋଟିଏ ମୋବାଇଲ ଜବତ କରାଯାଇଛି । କନ୍ଧମାଳ ତହସିଲଦାର ଶ୍ୱେତପଦ୍ମା ଯୋଶୀଙ୍କ ଉପସ୍ଥିତିରେ ଓଜନ କରିବାରୁ ଜବତ ଗଞ୍ଜେଇର ପରିମାଣ ୧୧କେଜି ବୋଲି ଜଣା ପଡିଛି । ଏନେଇ ଘଣ୍ଟାପଡା ଥାନାରେ ଏକ ମାମଲା ରୁଜୁ କରାଯାଇ କୋର୍ଟ ଚାଲାଣ କରାଯାଇଛି ବୋଲି ଥାନା ଅଧିକାରୀ ମାଧବ ଚନ୍ଦ୍ର ଟାକ୍ରି ସୂଚନା ଦେଇଛନ୍ତି ।

# ଦୋକାନ ସଟର ଭାଙ୍ଗି ଚୋରି

ମୁରିବାହାଲ,(ସବ୍ୟୁ): ବଲାଙ୍ଗିର ଜିଲ୍ଲା ମୁରିବାହାଲ ଥାନା ହଳଦୀ ପଞ୍ଚାୟତ ସଦର ମହକୁମାର ବ୍ୟସ୍ତବହୁଳ ବଜାର ଛକରୁ ଏକ କିରାନା(ପାନ) ଦୋକାନର ସଟର ଭାଙ୍ଗି ୩୦ହଜାର ଟଙ୍କାର ସାମଗ୍ରୀ ଚୋରୀ ହୋଇଥିବା ଥାନାରେ ଲିଖିତ ଅଭିଯୋଗ ହୋଇଛି। ହଳଦୀ ଗ୍ରାମର ଅନୀଲ କୁମାର ହାତୀ(୩୧) ବଜାର ଛକରେ ଏକ ପାନ ଦୋକାନ ଦେଇ ନିଜର ଗୁଜୁରାଣ ମେଣ୍ଟାଉଥିଲେ। ଶନିବାର ରାତି ସାଢ଼େ ୯ଟାରେ ସେ ଦୋକାନ ସର୍ଟର ବନ୍ଦ କରି ନିଜ ଘରକୁ ଚାଲିଯାଇଥିଲେ। ମଧ୍ୟ ରାତ୍ରିରେ ତାଙ୍କ ଦୋକାନର ସଟର ଭାଙ୍ଗି ସମସ୍ତ ସାମଗ୍ରୀ ଚୋରୀ ହୋଇଥିବା ସେ ସକାଳୁ ଦୋକାନ ଖୋଲିବାକୁ ଆସି ଦେଖିବାକୁ ପାଇଥିଲେ। । ସେ ଏନେଇ ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ଅନୀଲଙ୍କ ଏହି ଦୋକାନରେ ତୃତୀୟ ଥର ପାଇଁ ଚୋରୀ ହୋଇଥିବା ସେ ନିଜ ଏତଲାରେ ଉଲ୍ଲେଖ କରିଛନ୍ତି। ଅନୀଲଙ୍କ ଏତଲା ଆଧାରରେ ପୁଲିସ ହଳଦୀ ବଜାର ଛକରେ ଥିବା ଦୋକାନକୁ ପହଞ୍ଚି ତଦନ୍ତ କରିଥିଲା। ଏ ସମ୍ପର୍କରେ ଥାନାରେ କେଶନ ୧୧୯/୨୫ ରୁଜୁ କରାଯାଇ ଅଧିକ ତଦନ୍ତ ଜାରି ରହିଛି ବୋଲି ଥାନା ଆଇଆଇସି ସିପୋରା ସରାୟ ଲୁଗୁନ ପ୍ରକାଶ କରିଛନ୍ତି।

# ଆତ୍ମସମର୍ପଣ କରିଥିବା ମାଓବାଦୀଙ୍କ ଜେଲ ଭିତରେ ଆତ୍ମହତ୍ୟା

ରାଉରକେଲା,(ସବ୍ୟୁ): ଝାଡ଼ଖଣ୍ଡର ହଜାରିବାଗସ୍ଥିତ ଲୋକନାୟକ ଜୟପ୍ରକାଶ ନାରାୟଣ କେନ୍ଦ୍ରୀୟ କାରାଗାରରେ ଆତ୍ମସମର୍ପଣ କରିଥିବା ମାଓ କଏଦୀ ଛୋଟା ଶ୍ୟାମଲାଲ ଦେହ୍ରି ଓରଫ ସନ୍ତୁ ଦେହ୍ରି ଓରଫ ସୋମଲାଲ ଦେହ୍ରି ଆତ୍ମହତ୍ୟା କରିଛନ୍ତି। ଜେଲ ପ୍ରଶାସନ ତରଫରୁ ଏହି ସୂଚନା ପ୍ରଦାନ କରାଯାଇଛି। ଘଟଣାର ତଦନ୍ତ ଆରମ୍ଭ ହୋଇଛିଛ। ମୃତ ମାଓବାଦୀ ଛୋଟା ଶ୍ୟାମଲାଲ ଦେହ୍ରି ଦୁମକା ଜିଲ୍ଲାର କାଠିକୁଣ୍ଡ ଥାନା ଅଞ୍ଚଳର ବାସିନ୍ଦା ଥିଲେ। ତାଙ୍କୁ ୯ ଫେବ୍ରୁଆରି ୨୦୨୧ରେ ଦୁମକା କେନ୍ଦ୍ରୀୟ କାରାଗାରରୁ ହଜାରିବାଗ ଲୋକନାୟକ ଜୟପ୍ରକାଶ ନାରାୟଣ କେନ୍ଦ୍ରୀୟ କାରାଗାରକୁ ସ୍ଥାନାନ୍ତର କରାଯାଇଥିଲା। ସୂଚନା ଅନୁଯାୟୀ ଝାଡ଼ଖଣ୍ଡ ରାଜ୍ୟର ବିଭିନ୍ନ ମାଓ ପ୍ରଭାବିତ ଅଞ୍ଚଳର ଥାନାରେ ଦେହ୍ରିଙ୍କ ବିରୋଧରେ ମୋଟ ୮ଟି ଗୁରୁତର ମାମଲା ବିଚାରାଧୀନ ରହିଛି। ସେ ଜଣେ ଆତ୍ମସମର୍ପଣ କରିଥିବା ମାଓବାଦୀ ଥିଲେ ଏବଂ ନ୍ୟାୟିକ ପ୍ରକ୍ରିୟା ଅନୁଯାୟୀ ତାଙ୍କୁ ବିଚାରାଧୀନ କଏଦୀ ଭାବରେ ଜେଲରେ ରଖାଯାଇଥିଲା।

# ବେକରେ ଦଉଡ଼ି ଦେଇ ଜୀବନ ହାରିଲେ ଶିକ୍ଷୟିତ୍ରୀ

ରାୟଗଡ଼ା,(ସବ୍ୟୁ): ସ୍ୱାମୀ ଘରେ ନଥିବା ବେଳେ ଶିକ୍ଷୟିତ୍ରୀ ସ୍ତ୍ରୀ ଘର ଭିତରେ ବେକରେ ଦଉଡ଼ି ଲଗାଇ ଜୀବନ ହାରିଛନ୍ତି ରାୟଗଡ଼ା ଜିଲ୍ଲା ମୁନିଗୁଡ଼ା ଅଞ୍ଚଳରେ ଶିକ୍ଷୟିତ୍ରୀ । ମୃତ ଶିକ୍ଷୟିତ୍ରୀ ହେଲେ ଅତସୀ ତ୍ରିପାଠୀ।

ସୂଚନା ଅନୁସାରେ ମୁନିଗୁଡା ବ୍ଲକ ଭୈରବଗଡ଼ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ଶିକ୍ଷୟତ୍ରୀ ତଥା ସିଆରସିସି ଅତସୀ ତ୍ରିପାଠୀ ରବିବାର ନିଜ ଘରେ ଥିଲେ। ତାଙ୍କ ସ୍ୱାମୀ କୌଣସି କାମରେ ବ୍ରହ୍ମପୁର ଯାଇଥିଲେ। ତେବେ ସେ ମୁନିଗୁଡ଼ାସ୍ଥିତ ନିଜ ଘରେ କେହି ନଥିବା ସମୟରେ ବେକରେ ଫାସ ଲଗାଇଥିଲେ । ସ୍ୱାଇଁଙ୍କ ଠାରୁ ଖବର ପାଇ ଅତସୀଙ୍କ ବାପା ଝିଅ ଘରକୁ ଯାଇଥିଲେ। କିନ୍ତୁ ବାପା ପହଞ୍ଚିବା ପୂର୍ବରୁ ଝିଅ ଜୀବନ ହାରି ସାରିଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଛି। ମୃତଦେହକୁ ପୋଷ୍ଟମର୍ଟମ ପାଇଁ ପଠାଇଛି। ରିପୋର୍ଟ ଆସିବା ପରେ ଅଧିକ ତଥ୍ୟ ମିଳିପାରିବ ବୋଲି ଆଶା କରାଯାଉଛି । ତେବେ ତାଙ୍କର ମୃତ୍ୟୁର କାରଣ ଅସ୍ପଷ୍ଟ ରହିଥିବା ବେଳେ ପୁଲିସ ତଦନ୍ତ ଆରମ୍ଭ କରିଛି।

# ବାଲୁଙ୍କେଶ୍ୱର ମହାଦେବ ଓ ମାତା ପାର୍ବତୀଙ୍କ ବିବାହ ସମ୍ପନ୍ନ

ଭବାନୀପାଟଣା, (ସବ୍ୟୁ): କଳାହାଣ୍ଡି ଜିଲା ଭବାନୀପାଟଣା ସହର ସ୍ଥିତ ପୁରୁଣା ପଡାରେ ବାଲୁଙ୍କେଶ୍ୱର ମହାଦେବ ଓ ମାତା ପାର୍ବତୀଙ୍କ ବିବାହ ତଥା ଶୀତଳ ଷଷ୍ଠୀ ଯାତ୍ରା ସମ୍ପନ୍ନ ହୋଇଛି। ଶନିବାର ଅପରାହ୍ଣରେ ପ୍ରଭୁ ବାଲୁଙ୍କେଶ୍ୱର ମହାଦେବଙ୍କ ବରାନୁଗମନ ହୋଇଥିଲା।। ଏଥିରେ ବର ପକ୍ଷରୁ ପ୍ରଣବ କୁମାର ପ୍ରଧାନ ଓ ତାଙ୍କ ଧର୍ମପତ୍ନୀ ସୀମା ମିଶ୍ରଲ ଦାୟିତ୍ୱ ତୁଲାଇଥିବା ବେଳେ କନ୍ୟା ପକ୍ଷରୁ ସିଦ୍ଧାର୍ଥ କୁମାର ନାୟକ ଓ ତାଙ୍କ ଧର୍ମପତ୍ନୀ ଜୟନ୍ତୀ ନାୟକ ଦାୟିତ୍ୱ ତୁଲାଇଥିଲେ। ବର ପକ୍ଷରୁ ଏକ ଭବ୍ୟ ଶୋଭାଯାତ୍ରା ରେ ସହର ପରିକ୍ରମା କରି ମନ୍ଦିର ପ୍ରବେଶ କରିଥିଲେ। ପରେ ବାଲୁଙ୍କେଶ୍ୱର ମହାଦେବ ଓ ମାତା ପାର୍ବତୀ ଙ୍କ ବିବାହ ଉତ୍ସବ ଅନୁଷ୍ଠିତ ହୋଇଥିଲା।

# ପୋଷ୍ୟ ସନ୍ତାନ ଗ୍ରହଣ କଲେ ଇଟାଲୀୟ ଦମ୍ପତି

ଝାରସୁଗୁଡା,(ସବ୍ୟୁ): ପୋଷ୍ୟ ସନ୍ତାନ ଗ୍ରହଣର ଚୂଡାନ୍ତ ପ୍ରକ୍ରିୟା ପରେ ଏକ ଦମ୍ପତି ସୁଦୂର ଇଟାଲୀରୁ ଆସି ଝାରସୁଗୁଡା ଜିଲ୍ଲାରୁ ଜଣେ ପାଞ୍ଚ ବର୍ଷର ଶିଶୁ ପୁତ୍ରକୁ ପୋଷ୍ୟ ସନ୍ତାନ ରୂପେ ଗ୍ରହଣ କରିଛନ୍ତି । ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ଆବୋଲି ସୁନୀଲ ନରଓ୍ୱଣେଙ୍କ ଉପସ୍ଥିତିରେ ଇଟାଲୀୟ ଦମ୍ପତ୍ତି ପୁତ୍ର ସନ୍ତାନ ଗ୍ରହଣ କରି ଖୁସି ବ୍ୟକ୍ତ କରିବା ସହିତ ଜିଲ୍ଲାପାଳଙ୍କୁ କୃତଜ୍ଞତା ଜଣେଇଥିଲେ। କାର୍ଯ୍ୟକ୍ରମରେ ପ୍ରଜ୍ଞାନନ୍ଦ ଗିରି (ଆଇଏଏସ୍ ପ୍ରବେଶନର), ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟର ସୁରକ୍ଷା ଅଧିକାରୀ ଚୂଡ଼ାମଣି ପଣ୍ଡା, ଶିଳ୍ପାଞ୍ଜଳି ତାର୍କି, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ



ପୁଣ୍ୟବତୀ ହେଲେନ ଖେସ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଜୟ କୁମାର ଜେନା, ଶିଶୁ ମଙ୍ଗଳ କମିଟି ସଦସ୍ୟ ଜେନ ମେରୀ ପିୟୁଷ ଓ ଗୋବର୍ଦ୍ଧନ ମହାନନ୍ଦ, ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ରର ଡ. ଅଙ୍କିତ ପଟ୍ଟନାୟକ ଓ ପ୍ରବୀଣ ବାଗ ପ୍ରମୁଖ ଉପସ୍ଥିତ ଥିଲେ।

# ମହିଳାଙ୍କୁ ତୀରମାଡ଼ କରି ଯୁବକ ଅଟକ

ସୁନ୍ଦରଗଡ଼,(ସବ୍ୟୁ) : ସୁନ୍ଦରଗଡ଼ ଜିଲ୍ଲାରେ ମହିଳାଙ୍କ ଉପରେ ତୀରମାଡ଼ ହୋଇଛି । ଜିଲ୍ଲାରେ ଲହୁଣୀପଡ଼ା ଥାନା ଅନ୍ତର୍ଗତ ଗମଲେଇ ଗାଁର ମହିଳା ତୀରମାଡ଼ର ଶିକାର ହେଲା ପରେ ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଗୁରତର ମହିଳା ହେଲେ ଲକମୀ କିସାନ। ଅଭିଯୁକ୍ତ ଯୁବକଙ୍କୁ ଅଟକ ରଖି ପୁଲିସ ପଚରାଉଚରା କରୁଛି। ସୂଚନା ଅନୁସାରେ ଅପ୍ରୀତିକର ଘଟଣାକୁ ଆଧାର କରି ଲକମି କିସାନଙ୍କୁ ଅଭିଯୁକ୍ତ ଯୁବକ ତୀର ମାଡ଼ କରିଛି। ଏହି ତୀରଟି ଯାଇ ଲକମୀଙ୍କ ଛାତିରେ ଭେଦ କରିଛି। ତାଙ୍କୁ ଗୁରୁତର ଭାବେ ଉଦ୍ଧାର କରାଯାଇ ବଣାଇଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ଅବସ୍ଥା ଗୁରୁତର ଥିବାରୁ ପରେ ରାଉରକେଲା ସରକାରୀ ହସପିଟାଲକୁ ସ୍ଥାନାନ୍ତରିତ କରାଯାଇଛି। ଧନୁ ଓ ତୀର ହେଉଛି ପାରଂପରିକ ଅସ୍ତ୍ର । ଆଦିବାସୀମାନେ ପୂର୍ବକାଳରେ ବନ୍ୟପ୍ରାଣୀ ଶିକାର ଉଦ୍ଦେଶ୍ୟରେ ଏହାକୁ ଘରେ ସାଇତି ରଖୁଥିଲେ । ସଂପ୍ରତି ଜଙ୍ଗଲରୁ ଜନ୍ତୁ ଶିକାର ନିଷେଧ ଥିବା ବେଳେ ଆଦିବାସୀମାନେ ଏବେ ମଧ୍ୟ ଘରେ ଧନୁତୀର ରଖୁଛନ୍ତି । ଏହା ସମୟ ସମୟରେ ସମାଜକୁ ବିପଦ ମୁଖକୁ ଠେଲି ନେଉଛି । ପୁଲିସ ଘଟଣାସ୍ଥଳରେ ପହଞ୍ଚି ତୀର ମାରିଥିବା ଯୁବକ ଲୁକୁ କିସାନକୁ ଅଟକ ରଖି ପଚରାଉଚରା କରୁଛି । ପୁଲିସର ତଦନ୍ତ ପ୍ରକ୍ରିୟା ସରିବା ପରେ ଘଟଣାକ୍ରମ ସଂପର୍କରେ ଅଧିକ କୁହାଯାଇପାରିବ ।

# ହରଭଙ୍ଗା ଅଞ୍ଚଳରେ ଅଘୋଷିତ ବିଦ୍ୟୁତ କାଟ

ହରଭଙ୍ଗା,(ସବ୍ୟୁ): ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ୍ ଅଞ୍ଚଳରେ ପ୍ରାକ ମୌସୁମୀ ବର୍ଷା ପରେ ବର୍ଷା ଉଭାନ ଯୋଗୁଁ ଅସହ୍ୟ ଗରମ ଗୁଳୁଗୁଳି ଜାରିରହିଛି। ଏଭଳି ସମୟରେ ଟାଟା ପାଓ୍ୱାରର ଅଘୋଷିତ ବିଦ୍ୟୁତ୍ କାଟ ଜନସାଧାରଣଙ୍କ ପାଇଁ କଟା ଘା ରେ ଚୂନ ଭଳି କଲବଲ ଅବସ୍ଥା ସୃଷ୍ଟି କରିଛି। ବିନା ବର୍ଷା ପବନରେ ବାରମ୍ବାର ବିଦ୍ୟୁତ୍ କାଟ ସାଙ୍ଗକୁ ଲୋ ଭୋଲଟେଜ ସମସ୍ୟା ବିଦ୍ୟୁତ ସେବାର ବିକଳ ଚିତ୍ରକୁ ପଦାରେ ପକାଇଛି। ଏହାକୁ ନେଇ ଜନସାଧାରଣଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଟାଟା ପାଓ୍ୱାର ନିରବଛିନ୍ନ ବିଦ୍ୟୁତ୍ ସେବା ଯୋଗାଇବାରେ ଏକ ପ୍ରକାର ବିଫଳ ହୋଇଥିବା ବେଳେ ବିଲ୍ କଲେକ୍ସନରେ ସଫଳତା ସାଉଁଟିଥିବା ସାଧାରଣରେ ଆଲୋଚନ ହେଉଛି । ରବିବାର ଦିନ ବ୍ଲକର ପୁରୁଣା କଟକ ଅଞ୍ଚଳରେ ଗ୍ରୀଷ୍ମ ପ୍ରବାହ ଯୋଗଁ ଗରମ୍ ସାଙ୍ଗକୁ ଗୁଳୁଗୁଳିରେ ଜନ ଜୀବନ ଅତିଷ୍ଠ ହୋଇ ପଡ଼ିଥିଲା। ଦିନ ୧୧ଟା ବେଳକୁ ବଜାର ସୁନ ସାନ ହୋଇପଡ଼ିଥିଲା । ଏଭଳି ସମୟରେ ବଲଣ୍ଡା, ଫୁଲଝରି, ସରଧାପୁର, ରାଜିଙ୍ଗ,ଇନ୍ଦ୍ରପୁର, ଉଦୟପୁର, ଚାଉଁରପୁର , ପୁରୁଣାକଟକ ବଜାରର କିଛି ଅଞ୍ଚଳରେ ଅପରାହ୍ଣ ୧. ୩୦ ରୁ ସନ୍ଧ୍ୟା ୬. ୩୦ପର୍ଯ୍ୟନ୍ତ ଅଘୋଷିତ ବିଦ୍ୟୁତ କାଟ ଯୋଗୁଁ ଦୀର୍ଘ ୫ ଘଣ୍ଟା ଧରି ଲୋକେ ଗରମ ଗୁଳୁଗୁଳି ରେ ସନ୍ତୁଳି ହୋଇଥିଲେ । ଏ ନେଇ ଲୋକେ ପୁରୁଣାକଟକ ସେକ୍ସନ ଦାୟିତ୍ୱରେ ଥିବା ଯନ୍ତ୍ରୀଙ୍କୁ ଯୋଗାଯୋଗ କରିଥିଲେ ସୁଦ୍ଧା ସେ ଫୋନ ନ ଉଠେଇବାରୁ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା ।

# 'ସ୍ମାରକୀ ନାଟ୍ୟ ସଂସ୍ଥା' ପକ୍ଷରୁ ନାଟ୍ୟ କର୍ମଶାଳା ଉଦ୍‌ଯାପିତ

ଭବାନୀପାଟଣା, (ସବ୍ୟୁ): କଳାହାଣ୍ଡିର ଅଗ୍ରଣୀ 'ସ୍ମାରକୀ ନାଟ୍ୟ ସଂସ୍ଥା' ପକ୍ଷରୁ ସ୍ଥାନୀୟ କଳାହାଣ୍ଡି ଲେଖକ କଳା ପରିଷଦଠାରେ ନାଟ୍ୟ କର୍ମଶାଳା ଉଦଯାପିତ ହୋଇଯାଇଛି। କର୍ମଶାଳାଟି ୧୫ ତାରିଖଠାରୁ ୩୦ ମେ ତାରିଖ ଯାଏଁ ଚାଲିଥିଲାଛ ଏହି ୧୫ ଦିନିଆ କର୍ମଶାଳାରେ ଯୁବ ନିର୍ଦ୍ଦେଶକ ସୌରଭ ମହାପାତ୍ର ନାଟ୍ୟ ଶିକ୍ଷା ଦେଇଥିଲେ। ସଙ୍ଗୀତ, ନୃତ୍ୟ, ବାଦ୍ୟ, ମଞ୍ଚ ନିର୍ମାଣ, ଚରିତ୍ର, ସଂଳାପ ଆଦି ମଞ୍ଚ ନାଟକର ଏକ ଏକ ଉପାଦାନ। ଉଦୀୟମାନ ଶିଶୁ କଳାକାର ହିଁ ଆଗାମୀ କାଲିର ଭବିଷ୍ୟତ। ନାଟ୍ୟକଳା ପାଇଁ ଅଭିଭାବକମାନେ ଛୁଆମାନଙ୍କୁ ଏବେ ପିଠି ଥାପୁଡ଼େଇବାର ସମୟ ଆସିଛି। ଛୁଆମାନଙ୍କ ମଧ୍ୟରେ ଅନ୍ତର୍ନିହିତ କଳାକୁ ଉଜ୍ଜିବିତ କରିବାକୁ ଅଭିଭାବକମାନେ ଆଗେଇ ଆସିବାକୁ ପଡିବ। ଦର୍ଶକମାନେ ଅଭିନେତାମାନଙ୍କ ମଧ୍ୟରେ ନିଜକୁ ଖୋଜି ପାଇଥାନ୍ତି। ଦର୍ଶକମାନଙ୍କର ନିଜସ୍ୱ କଥା ହିଁ ଅଭିନେତାମାନେ ମଞ୍ଚରେ ପ୍ରଦର୍ଶନ କରିଥାନ୍ତି ବୋଲି ନାଟ୍ୟ କର୍ମଶାଳାର ଉଦଯାପନୀ



ସନ୍ଧ୍ୟାରେ ଅତିଥିଗଣ ମନ୍ତବ୍ୟ ଦେଇଥିଲେ। ଉଦଯାପନୀ ପର୍ବରେ ମୁଖ୍ୟ ଅତିଥି ଭାବେ ତ୍ରିଲୋଚନ ଜେନା, ଅଧକ୍ଷ, ସରକାରୀ ମହିଳା ମହାବିଦ୍ୟାଳୟ, ଭବାନୀପାଟଣା, ସମ୍ମାନିତ ଅତିଥି ଭାବେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ ଯୁବ ଲେଖକ ଡିଲେଶ୍ୱର ରଣା, ସଭାପତି, ଲେଖକ କଳା ପରିଷଦ ଉମେଶ ପଣ୍ଡା ଏବଂ ଆବାହକ ତଥା ଯୁବ ନିର୍ଦ୍ଦେଶକ ସୌରଭ ମହାପାତ୍ର ପ୍ରମୁଖ ଯୋଗ ଦେଇ ଉଦବୋଧନ ଦେଇଥିଲେ। ମଞ୍ଚ ପରିଚାଳନା କରିଥିଲେ ଯୁବଶିଳ୍ପୀ ପ୍ରତାପ ଚନ୍ଦ୍ର ପଣ୍ଡା। କାର୍ଯ୍ୟକ୍ରମ ପ୍ରାରମ୍ଭରେ ସୁଶ୍ରୀ ଲିପ୍ସା ମହାରଣା ଦୀପଜ୍ୟୋତି ମନ୍ତ୍ର ପାଠ କରିଥିଲେ। ଯୁବଶିଳ୍ପୀ ଆଲୋକ କୁମାର ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ସ୍ମାରକୀ ନାଟ୍ୟ ସଂସ୍ଥାର କଳାକାରମାନେ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। କର୍ମଶାଳାରେ ଅଂଶଗ୍ରହଣ କରିଥିବା ଶିଳ୍ପୀ ଶୁଭାଶିଷ ମହାପାତ୍ର, ଶାଲିନି ମହାପାତ୍ର, ମନୋଜ କୁମାର ନାୟକ, ନମ୍ରତା ନାଏକ, ଅନୁଷ୍କା ବୈଠାରୁ, ଶ୍ରୀୟାଂଶୀ ପାଢ଼ୀ, ସୁଧୃତି ଦାସ, ସିମରନ ସାହୁ, ଐଶ୍ୱର୍ଯ୍ୟା ସିଂ ପ୍ରମୁଖ ଦୁଇଟି କ୍ଷୁଦ୍ର ନାଟକ ପରିବେଷଣ କରିଥିଲେ। ଅତିଥିଗଣ କର୍ମଶାଳାରେ ଅଂଶଗ୍ରହଣ କରିଥିବା ଶିଳ୍ପୀମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରିଥିଲେ। ଶେଷରେ ଯୁବଶିଳ୍ପୀ ଆଶୁତୋଷ ପୁରୋହିତ ଧନ୍ୟବାଦ ଅର୍ପଣ କରିଥିଲେ।

# ଶ୍ୟାମା କାଳୀ ମନ୍ଦିରରେ ଶୀତଳ ଷଷ୍ଠୀ ଯାତ୍ରା ପାଳିତ

ବରଗଡ଼,(ସବ୍ୟୁ) : ଜ୍ୟଷ୍ଠ ମାସ ଶୁକ୍ଳପକ୍ଷ ପଞ୍ଚମୀ ଦିନ ଶିବଙ୍କ ସହିତ ପାର୍ବତୀଙ୍କ ବିବାହ ଉତ୍ସବ ଯଥାରୀତିରେ ମାଁ ଶ୍ୟାମାକାଳୀ ମନ୍ଦିରରେ ସମ୍ପନ୍ନ ହୋଇଛି । ଶିତଳଷଷ୍ଠୀ ଶୀତଳତାକୁ ବହନ କରି ଆଣିବା ପ୍ରକ୍ରିୟା ସମ୍ଭବତଃ ଏଇ ଦିନଠାରୁ ହିଁ ଆରମ୍ଭ ହୋଇଥାଏ । ଶୀତଳ ଷଷ୍ଠୀର ଆଉ ଏକ ବିଶେଷତ୍ୱ ହେଲା – ଭଗବାନ ଶଙ୍କର ମହାପ୍ରତାପୀ, ମହାକୋପୀ ପୁଣି ଆଶୁତୋଷ । ତପେ ବର, କୋପେ ବର । ଦକ୍ଷ କନ୍ୟା ସତୀଙ୍କୁ ହରାଇବା ପରେ ଶିବ କୋପରେ ଥରି ଗଲେ । ତାଙ୍କ ସମ୍ମୁଖରେ ଠିଆ ହେବା ପାଇଁ କେହି ସାହସ କଲେନାହିଁ । ପରବର୍ତ୍ତୀ ସମୟରେ ପାର୍ବତୀଙ୍କ ସହ ତାଙ୍କର ବିବାହ ସମ୍ପନ୍ନ ହେଲା । ଶିବଙ୍କର କୋପ ଶୀତଳ ହୋଇଥିଲା ।'ଶୀତଳ ଷଷ୍ଠୀ' ଯାତ୍ରା ପଶ୍ଚିମ ଓଡିଶାରେ ସର୍ବତ୍ର ମହାସମାରୋହରେ ୭ ଦିନ ଧରି ପାଳିତ ହୋଇଥାଏ । ପଞ୍ଚମୀ ଦିନ ଶିବ ବିବାହ ସର୍ବତ୍ର ମହାସମାରୋହରେ ପାଳିତ ହୋଇଥାଏ । ଶିବ ପାର୍ବତୀଙ୍କ ବିବାହକୁ 'ଦିଅଁ ବିଭା' ମଧ୍ୟ କୁହାଯାଏ ଓ ଏହି ଦିନ ଶିବ ମନ୍ଦିରରୁ ଶିବଙ୍କ ପ୍ରତିମାକୁ ପାର୍ବତୀଙ୍କ ମନ୍ଦିରକୁ ନିଆଯାଇ ବିବାହ ସମ୍ପନ୍ନ କରାଯାଇଥାଏ । ଷଷ୍ଠୀ ଦିନ ପତ୍ନୀଙ୍କ ସହିତ ଶ୍ୱଶୁରାଳୟ ଛାଡି ସ୍ୱଗୃହକୁ ପ୍ରତ୍ୟାବର୍ତ୍ତନ କରିଥାନ୍ତି ।



ଏହି ଶିବ ବିବାହ ଏକ ପବିତ୍ର ଉତ୍ସବ । ଭାଗ୍ୟରେ ଥିଲେ ବରପିତା ଓ କନ୍ୟାପିତା ହେବାର ସୌଭାଗ୍ୟ ମିଳେ ବୋଲି ଭାବବିହ୍ୱଳ ହୋଇ କହିଥାନ୍ତି କନ୍ୟା ପିତା ସୁରେଶ କୁମାର ଦାଶ ଓ ତାଙ୍କ ଧର୍ମପତ୍ନୀ ତନୁଶ୍ରୀ ଦାଶ। କନ୍ୟାଙ୍କ ପାଇଁ ସବୁ ପ୍ରକାର ବିବାହ ପାଇଁ ଉଦ୍ଦିଷ୍ଟ ସାମଗ୍ରୀ ଯଥା କଂସାବାସନ, ସୁନାରୁପା, ଲୁଗାପଟା, ମୁଦ୍ରା ଉପହାର ଦେଇଥାନ୍ତି, ସେମିତି ପାର୍ବତୀଙ୍କୁ ଅନେକ ଉପହାର ଦେଇ କନ୍ୟା ବିଦା କରିବୁ ବୋଲି ରଦ୍ଧଭରା କଣ୍ଠରେ କହିଥିଲେ ।

ବରପିତା ହୋଇଥିବା ରାଜେଶ ଶତପଥୀ ଓ ତାଙ୍କ ଧର୍ମପତ୍ନୀ ଦୀପ୍ତମୟୀ ଶତପଥୀ ବହୁଦିନରୁ ଆଶା କରିଥିଲୁ ଦେବ ଦେବ ମହାଦେବଙ୍କ ବାପା ମା ହେବାକୁ ଆଜି ପୁରଣ ହୋଇଛି । ମାଁ ଶ୍ୟାମାକାଳୀଙ୍କ ସନ୍ଧ୍ୟା ଆଳତି ପରେ ବିବାହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ବରୁଣ ପୂଜା, ସଂଙ୍କଳ୍ପ, ରୁଦ୍ରାଭିଷେକ, ଅଳଙ୍କର ଧାରଣ, ଗନ୍ଧାଦିବାସ, ହରିଦ୍ରାଦିବାସ, ହୋଇ ବରାନୁଗମନ, ବିବାହ ପାଣିଗ୍ରହଣ ଅନୁଷ୍ଠିତ ହୋଇଥିଲା । ପରେ ପୁଷ୍ପାଞ୍ଜଳି ହୋଇ ଉପସ୍ଥିତ ସମସ୍ତ ଭକ୍ତଙ୍କୁ ପ୍ରସାଦ ସେବନ କରାଯାଇଥିଲା । ଶିବ ପାର୍ବତୀ ବିବାହ ପଣ୍ଡିତ ନରସିଂହ ଶତପଥୀ,ପଣ୍ଡିତ ନରେଶ ମିଶ୍ର, ପଣ୍ଡିତ ଅନନ୍ତ ଶତପଥୀ , ପଣ୍ଡିତ ହରିରାମ ପଣ୍ଡା, ପଣ୍ଡିତ ସତ୍ୟାନନ୍ଦ ଶତପଥୀ , ପଣ୍ଡିତ ଆନନ୍ଦ ଷଡଙ୍ଗୀ, ପଣ୍ଡିତ ସୁମନ୍ତ ଷଡଙ୍ଗୀ ତୁଲାଇଥିବା ବେଳେ ମାଁ ଶ୍ୟାମାକାଳୀ ମନ୍ଦିର ପରିଚାଳନା ସମିତିର ସମସ୍ତ ସଭ୍ୟ ବିବାହ କାର୍ଯ୍ୟରେ ସହଯୋଗ କରିଥିଲେ ।

## ତାଳି ପକେଇ କୋଟି ଟଙ୍କାର ମରାମତି ଶେଷ !

# ଅଧିକାରୀଙ୍କ ଦୃଷ୍ଟି ପଡୁ

ନୂଆପଡ଼ା, (ସବ୍ୟୁ) : ନୂଆପଡ଼ା ଜିଲ୍ଲା ଦେଇ ଯାଇଛି ଜାତୀୟ ରାଜପଥ ୩୫୩ । ଏହି ଜାତୀୟ ରାଜପଥ ଛତିଶଗଡ଼ ରାଜ୍ୟ ରାଜଧାନୀ ରାଇପୁର ରୁ ଗୋପାଳପୁରକୁ ସଂଯୋଗ କରିଛି । ଏହାର କିଛି ଅଂଶ ରେ ରାଜ୍ୟ ସରକାରଙ୍କ ଏକ୍ସପ୍ରେସ ୱେ ସଂଯୋଗ ହୋଇଛି । ପ୍ରତ୍ୟହ ଏହି ରାସ୍ତା ଦେଇ ଶହ ଶହ ଭାରୀ ଓ ହାଲୁକା ଯାନ ବାହନ ଯାତାୟାତ କରୁଛି । ନିର୍ମାଣ ଜନିତ ତ୍ରୁଟି ଯୋଗୁଁ ପେଣ୍ଡ୍ରାବନ୍ଧ ପୋଲ ଉପର ରାସ୍ତା ବିପଦସଂକୁଳ ଅବସ୍ଥାରେ ଦୀର୍ଘ ଦିନରୁ ରହିଥିବାବେଳେ ଦୁର୍ଘଟଣା ଯୋଗୁଁ ବହୁ ମୂଲ୍ୟବାନ ଜୀବନ ହାନୀ ହୋଇଥିବା ନଜିର ରହିଛି । ଏଭଳି ସ୍ଥିତିରେ ଉକ୍ତ ରାସ୍ତା ର ଜରୁରୀକାଳୀନ ମରାମତି ପାଇଁ କିଛି ବର୍ଷ ପୂର୍ବେ ଦୀର୍ଘ ଦିନ ପାଇଁ ସେହି ରାସ୍ତା ଉପରେ ଭାରୀ ଯାନ ଚଳାଚଳ ଉପରେ ପ୍ରଶାସନ ରୋକ ଲଗେଇ କାମଚଳା ମରାମତି ପରେ ପୁଣି ଭାରୀ ଯାନ ଚଳାଚଳ ଆରମ୍ଭ କରିଥିଲା । ସ୍ଥାନୀୟ ଜନସାଧାରଣ ଉକ୍ତ ରାସ୍ତା ମରାମତି ପାଇଁ ପ୍ରଶାସନ ନିକଟରେ ବାରମ୍ବାର ଦାବି ଉପସ୍ଥାପନ ପରେ କିଛି ମାସ ପୂର୍ବରୁ ଭାଲୁମୁଣ୍ଡାରୁ କୁରୁମପୁରୀ ମଧ୍ୟସ୍ଥ ରାଜପଥ ମରାମତି କାର୍ଯ୍ୟ ଆରମ୍ଭ କରାଯାଇଥିବା ଦେଖି ବାକୁ ମିଳିଥିଲା । ତେବେ ଦୀର୍ଘ ମାସରୁ ଏହି କାର୍ଯ୍ୟ ବନ୍ଦ ରହି ଥିବା ବେଳେ ମରାମତି କାର୍ଯ୍ୟ ସମ୍ପୂର୍ଣ୍ଣ ହେଲା କି ନାହିଁ ଜଣା ପଡିଲା ନାହିଁ । ଏହି ରାସ୍ତାଟି ୨ କୋଟି ଟଙ୍କା ବ୍ୟୟ ଅଟକଳ ରେ ଟେଣ୍ଡର ମାଧ୍ୟମରେ ଠିକାଦାର ନିଯୁକ୍ତ କରାଯାଇ ମରାମତି କରାଯାଉଥିବା ବଲାଙ୍ଗୀର ଜାତୀୟ ରାଜପଥ ବିଭାଗ ନିର୍ବାହୀ ଯନ୍ତ୍ରୀ ମହମ୍ମଦ ସହାଜ ପ୍ରକାଶ କରିଥିବାବେଳେ ଉକ୍ତ ରାସ୍ତା ର କୌଣସି ସ୍ଥାନରେ ଅଦ୍ୟାବଧି ଜନସୂଚନା ସମ୍ବନ୍ଧିତ ସ୍ୱଚ୍ଛତା କାର୍ଯ୍ୟ ଫଳକ ସ୍ଥାପନ କରାଯାଇନଥିବାରୁ ଜନସାଧାରଣ କାର୍ଯ୍ୟ ସମ୍ବନ୍ଧୀୟ ସୂଚନା ପାଇବାରୁ ବଂଚିତ ହୋଇଥିବା ଅଭିଯୋଗ ହେଉଛି । ଅପରପକ୍ଷେ ଧର୍ମକୁ ଆଖିଠାର ଭଳି ନାମକୁ ମାତ୍ର କେଉଁଠି କେମିତି ରାସ୍ତା ଉପର ଫାଟ ଉପରେ ତାଳି ପକାଯାଇଥିଲେ ହେଁ ରାସ୍ତାତମାମ ଅଧିକାଂଶ ସ୍ଥାନରେ ସୃଷ୍ଟ ଫାଟ ଓ ଗର୍ତ୍ତ ର ମରାମତି ଏଯାବତ କରାଯାଇନାହିଁ । ଏପରିକି ପିଚୁ ଭଳି ରାସାୟନିକ ପ୍ରଲେପ ମାଧ୍ୟମରେ ରାସ୍ତା ଉପରେ ପକା ଯାଇଥିବା ତାଳି ଉପରେ ଏବେବି ଫାଟ ସବୁ ସ୍ପଷ୍ଟ ବାରିହୋଇପଡୁଛି । ବିପଦ ସଂକୁଳ ତଥା ଦୁର୍ଘଟଣା ପ୍ରବଣ ପେଣ୍ଡ୍ରାବନ୍ଧ ପୋଲ ଉପର ରାଜପଥ ମରାମତି ବେଳେ ରାସ୍ତା ର ସ୍ଥାୟିତ୍ୱ ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦିଆଯାଇନଥିବା ଅଭିଯୋଗ ହେଉଛି । ଉକ୍ତ ସ୍ଥାନରେ ରାସ୍ତା ଉପରେ ଥିବା ପୋଲ ର ପାରାପିଟ ଭାଙ୍ଗି



ଯାଇଥିଲେ ସୁଦ୍ଧା ତାହାର ମରାମତି କରାଯାଇନାହିଁ କିମ୍ବା ଉକ୍ତ ପୋଲ ଉପର ରାସ୍ତା କୁ ସମତୁଲ ମଧ୍ୟ କରାଯାଇନଥିବା ଦେଖିବାକୁ ମିଳିଛିଛ କୋଟି ଟଙ୍କାର ଏହି ମରାମତି କାର୍ଯ୍ୟ ଚାଲିଥିବା ଅବସ୍ଥାରେ କାର୍ଯ୍ୟସ୍ଥଳୀ ରେ କୌଣସି ବିଭାଗୀୟ ନିର୍ବାହୀ ଯନ୍ତ୍ରୀ, ସହକାରୀ ଯନ୍ତ୍ରୀ କିମ୍ବା କନିଷ୍ଠ ଯନ୍ତ୍ରୀ ଉପସ୍ଥିତ ନଥିବା ପରିଲକ୍ଷିତ ହୋଇଛି । ଏନେଇ ଖରିଆର ରୋଡ଼ ସ୍ଥିତ ସହକାରୀ ଯନ୍ତ୍ରୀ ଙ୍କୁ ଯୋଗାଯୋଗ ସତ୍ତ୍ୱେ ଫୋନ ଉଠାଉ ନଥିବାରୁ ପ୍ରତିକ୍ରିୟା ମିଳିପାରି ନଥିବା ବେଳେ ର୍ନିବାହୀ ଯନ୍ତ୍ରୀ କାମ ଭଲ ହୋଇଥିବା ନେଇ ନିଜ ପ୍ରତିକ୍ରିୟା ରେ ପ୍ରକାଶ କରିଛନ୍ତି । ଉକ୍ତ କାର୍ଯ୍ୟରେ ଦୁର୍ନୀତି ର ଗନ୍ଧ ବାରି ହେଉଥିବା ଚର୍ଚ୍ଚା ହେଉଥିବା ବେଳେ ଦୁର୍ନୀତି ନିବାରଣ ବିଭାଗ ଦ୍ୱାରା ଉକ୍ତ କାର୍ଯ୍ୟ ର ଏକ ନିରପେକ୍ଷ ତଦନ୍ତ ପୂର୍ବକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି ।

## ଭକ୍ତଙ୍କୁ ଦର୍ଶନ ଦେଲେ ଦେବଦମ୍ପତି

# ସାଂସ୍କୃତିକ ଶୋଭାଯାତ୍ରାରେ ଦୁଲୁକିଲା ସହର







ସମ୍ବଲପୁର,(ସବ୍ୟୁ): ଲଗ୍ନ ଅନୁଯାୟୀ ବ୍ରାହ୍ମମୁହୂର୍ତ୍ତରେ ଦେବଦେବ ମହାଦେବ ଓ ମାତା ପାର୍ବତୀଙ୍କ ବିବାହ ସମ୍ପନ୍ନ ହେବା ପରେ ଭକ୍ତମାନଙ୍କୁ ଦେବଦମ୍ପତି ଦର୍ଶନ ଦେବାପାଇଁ ରବିବାର ମଧ୍ୟରାତ୍ରିରେ ନଗର ପରିକ୍ରମାରେ ବାହାରିଛନ୍ତି । କନ୍ୟା ମାତାପିତାଙ୍କ ଠାରୁ ବିଦାୟ ନେଇ ଆସିବା ପରେ ଶିବ ପାର୍ବତୀଙ୍କୁ ମନ୍ଦିର ସମ୍ମୁଖ ଅସ୍ଥାୟୀ ମଣ୍ଡପରେ ଉପବିଷ୍ଟ କରାଯାଇଥିଲା । ପଞ୍ଚ ଉପଚାର ଏବଂ ୧୦୮ଆଳତି ପରେ ପଣ୍ଡିତଙ୍କ ମନ୍ତ୍ରୋଚାରଣରେ ପୂଜାର୍ଚ୍ଚନା ଅନୁଷ୍ଠିତ ହୋଇଥିଲା । ଘଣ୍ଟ, ଶଙ୍ଖ, ହରିବୋଲ, ହୁଳହୁଳି, ପାରମ୍ପରିକ ଲୋକବାଦ୍ୟରେ ମନ୍ଦିର ସମ୍ମୁଖ ଦୁଲୁକୁଥିଲା । ରଙ୍ଗିନ ଆତସବାଜିରେ ଚମକି ଉଠିଥିଲା ପରିବେଶ । ଏହି ଅବସରରେ ଭକ୍ତମାନେ ଦେବଦେବ ମହାଦେବ, ବମ୍ ବମ୍ ଭୋଲେ, ହର ହର ମହାଦେବ ଭଳି ଜୟଧ୍ୱନି କରି ସୁସଜ୍ଜିତ ବିମାନରେ ଦେବ ଦମ୍ପତ୍ତିଙ୍କୁ ଆରୁଢ କରାଇଥିଲେ । ଶୀତଳଷଷ୍ଠୀ ସମନ୍ୱୟ କମିଟିର ୭ହଜାର ୫୦୦କଳାକାର, ବଡବଜାର, ବାଲିବନ୍ଧା, ଠାକୁରପଡା, ଦୁର୍ଗାପାଲି, ବୁଢାରଜା କମିଟିର ପ୍ରାୟ ୫ହଜାର କଳାକାରଙ୍କୁ ମିଶାଇ ମୋଟ ୧୨ହଜାର କଳାକାର ନଗର ପରିକ୍ରମା ଶୋଭାଯାତ୍ରାରେ ବାହାରିଥିଲେ । ଏହି ବର୍ଣ୍ଣାଢ୍ୟ ଶୋଭାଯାତ୍ରା ଦେଖଣାହାରି, ଭକ୍ତ ଓ ପର୍ଯ୍ୟଟକଙ୍କ ଆଖି ଝଲସାଇ ଦେଇଥିଲା । ସାରା ସହର ସାଂସ୍କୃତିକ ଶୋଭାଯାତ୍ରାରେ ଯେମିତି ବିମୋହିତ ହୋଇ ପଡିଥିଲେ । କଳାକାରମାନଙ୍କ ବିଭିନ୍ନ ଲୋକନୃତ୍ୟ ଓ ଗୀତ ସାଙ୍ଗକୁ ଲୋକବାଦ୍ୟର ଚମତ୍କାର ପରିବେଷଣ ବାସ୍ତବିକ ଆକର୍ଷଣୀୟ ଥିଲା । ଏହା ସାଙ୍ଗକୁ କିନ୍ନରମାନଙ୍କ ନାଚ, ଆଧୁନିକ ନାଚ, ପାରମ୍ପାରିକ ନୃତ୍ୟ, ପ୍ରଜ୍ଞାପନ ମେଢ ଏହି ଶୋଭାଯାତ୍ରାକୁ ଅଧିକ ଆକର୍ଷଣୀୟ କରିଥିଲା । କାନ୍ତାରା ନୃତ୍ୟ, ମୟୂର, ଅଘୋରୀ, ଘୁମୁରା, ପୁରୁଲିଆ ଛଉ, ଖଡଗପୁରର ଶେର ବାଜା, ମୁମ୍ବାଇର ଲବଣୀ, କେରଳର ମେଲମ, ତମ୍ବୁଲା ଦଳ, କୋଲକାତା ରାଧାକୃଷ୍ଣ, ଆସାମ, ପୁରୀ ଜଗନ୍ନାଥ ଭକ୍ତିନୃତ୍ୟ , ସୁନ୍ଦରଗଡ ହେମଗିରି ଝାଜୀର, ଗଞ୍ଜାମର ଯୋଡି ଶଙ୍ଖ, ଛତିଶଗଡର ଗରିଲା, ରାଉରକେଲାର କାଲସି, ପୁରୀର ଦେବୀ, କୋଲକାତାର ସୃଜନୀ ଆଦି ନୃତ୍ୟ ଦର୍ଶକଙ୍କୁ ସାରା ରାତି ବାନ୍ଧି ରଖିଥିଲା । ନୃତ୍ୟଙ୍ଗନା ମାନେ ଆଧୁନିକ, ସମ୍ବଲପୁରୀ, ହିନ୍ଦୀ ଓ ଚଳଚ୍ଚିତ୍ର ଗୀତରେ ନୃତ୍ୟ କରିଥିଲେ । ଏଥିସହ ଦର୍ଶକଙ୍କ ମନ ମୁତାବକ ଗୀତରେ ମଧ୍ୟ ସେମାନେ ନୃତ୍ୟ ପ୍ରଦର୍ଶନ କରିଥିଲେ । ବିଶେଷ କରି ଯୁବପିଢୀର କଳାକାରମାନେ ନୃତ୍ୟ ପରିବେଷଣ କରୁଥିବାରୁ ଦର୍ଶକମାନେ ବିମୋହିତ ହୋଇଥିଲେ । ନନ୍ଦପଡାର ଶ୍ରୀ ଶ୍ରୀ ବାଲୁଙ୍କେଶ୍ୱର ବାବା, ଝାଡୁଆପଡା ଶ୍ରୀ ଶ୍ରୀ ଲୋକନାଥ ବାବା, ମୁଦିପଡା ଶ୍ରୀ ଶ୍ରୀ ଜାଗେଶ୍ୱର ବାବା, ବାଲିବନ୍ଧାର ସୋମନାଥ ବାବା, ବୁଢାରଜା ଶ୍ରୀ ଶ୍ରୀ ବୁଢାରଜା ମହାଦେବ, ବଡବଜାର ଶ୍ରୀ ଶ୍ରୀ ଶୀତଲେଶ୍ୱର ବାବା, ଠାକୁରପଡା ଶ୍ରୀ ଶ୍ରୀ ଗୁପ୍ତେଶ୍ୱର ବାବା, ଦୁର୍ଗାପାଲି ଶ୍ରୀ ଶ୍ରୀ ଗୁଡେଶ୍ୱର ବାବା ଜଗତ ଜନନୀ ମାତା ପାର୍ବତୀଙ୍କ ସହ ଗଣ୍ଠାଳ ହୋଇ ନଗର ପରିକ୍ରମା କଲାବେଳେ ଶୋଭାଯାତ୍ରା ବାଟରେ ମହିଳା ଓ ପୁରୁଷମାନେ ଘର ସମ୍ମୁଖରେ ପୂର୍ଣ୍ଣକଳସ ସ୍ଥାପନ କରି ଦେବ ଦମ୍ପତିଙ୍କୁ ବନ୍ଦାଣ କରିଥିଲେ । ଶାସ୍ତ୍ରାନୁସାରେ ଦେବ ଦମ୍ପତିଙ୍କ ଏହି ଅପୂର୍ବ ବେଶ ଦେଖିଲେ କିନ୍ନର ଓ ଅନ୍ୟମାନେ ଅଭିଶାପରୁ ମୁକ୍ତି ପାଇଥାନ୍ତି ବୋଲି ଲୋକ ବିଶ୍ୱାସ ରହିଛି । ସେହିପରି ଏହି ଶୋଭାଯାତ୍ରା ବେଳେ ଦେବଗଣ ମଧ୍ୟ ଆକାଶ ମାର୍ଗରୁ ବର୍ଷା ରୂପି ପୁଷ୍ପବୃଷ୍ଟି କରିଥାନ୍ତି । ଏଥିରେ ଉତ୍ତପ୍ତ ଧରାପୃଷ୍ଠ ଶୀତଳ ହୋଇଥାଏ । ଏଥର ଅସହ୍ୟ ଗୁଳଗୁଳି ହେଉଥିବା ସତ୍ତ୍ୱେ ଯାତ୍ରାରେ ଅସଂଖ୍ୟ ଭକ୍ତଙ୍କ ସମାଗମ ହୋଇଥିଲା । ପୋଲିସ ଓ ପ୍ରଶାସନ ପକ୍ଷରୁ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଥିଲା ।

## ଶୀତଳଷଷ୍ଠୀ ଯାତ୍ରାରେ ଦେବଦର୍ଶନ କଲେ କେନ୍ଦ୍ର ଓ ରାଜ୍ୟ ମନ୍ତ୍ରୀ



ସମ୍ବଲପୁର,(ସବ୍ୟୁ): ପୌରାଣିକ କଥାବସ୍ତୁ ଉପରେ ଆଧାରିତ ୪୦୦ବର୍ଷର ସମୃଦ୍ଧ, ଧାର୍ମିକ ଓ ଆଧ୍ୟାତ୍ମିକ ପରମ୍ପରାକୁ ବହନ କରୁଥିବା ସମ୍ବଲପୁର ଶୀତଳଷଷ୍ଠୀ ଯାତ୍ରା ପାଇଁ ସହରରେ ଲକ୍ଷଲକ୍ଷ ଲୋକଙ୍କ ମହାଘ୍ୟ ସମାଗମ ହୋଇଛି । ଗତକାଲି ଦେବଦେବ ମହାଦେବ ଓ ମାତା ପାର୍ବତୀଙ୍କ ଲୌକିକ ବିବାହ ପରେ ଭକ୍ତଜନଙ୍କୁ ଯୁଗଳ ଦର୍ଶନ ଦେବା ପାଇଁ ଯାତ୍ରାରେ ବାହାରିଛନ୍ତି । ଶିବ ଓ ଶକ୍ତିଙ୍କ ଏହି ଅନନ୍ୟ ସ୍ୱରୂପକୁ ଦର୍ଶନ କରିବା ପାଇଁ କାହିଁ କେତେ ଦୂରରୁ ଭକ୍ତ ମାନେ ସମ୍ବଲପୁର ଧାଇଁ ଆସିଛନ୍ତି । ସମ୍ବଲପୁର ଲୋକସଭା ସଦସ୍ୟ ତଥା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସପରିବାର ବିଭିନ୍ନ ପଡାକୁ ଯାଇ ଶିବପାର୍ବତୀଙ୍କ ଦର୍ଶନ କରିଥିଲେ । ପୂର୍ବତନ କେନ୍ଦ୍ର ମନ୍ତ୍ରୀ ତଥା ପ୍ରଦେଶ କଂଗ୍ରେସ ସଭାପତି ଭକ୍ତଚରଣ ଦାସ, ଓଡିଶା ପ୍ରଦେଶ ବିଜେପି ପ୍ରଭାରୀ ବିଜୟପାଲ ସିଂ ତୋମାର, ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ, ଖାଦ୍ୟ ଓ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ପଞ୍ଚାୟତରାଜ ମନ୍ତ୍ରୀ ରବିନାରାୟଣ ନାଏକ, ପୂର୍ବତନ ମନ୍ତ୍ରୀ ରୋହିତ ପୁଝାରୀ, ପରିବହନ ମନ୍ତ୍ରୀ ବିଭୁତିଭୂଷଣ ଜେନାଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ବିଭିନ୍ନ ମନ୍ଦିରକୁ ଯାଇ ଦେବ ଦମ୍ପତିଙ୍କ ଦର୍ଶନ ସହ ମାଁ ସମଲେଶ୍ୱରୀଙ୍କ ପୂଜାର୍ଚ୍ଚନା କରିଛନ୍ତି । ଏତଦ୍ ବ୍ୟତିତ ବହୁ ସାଧୁସନ୍ଥ ମଧ୍ୟ ଉପସ୍ଥିତି ମଧ୍ୟ ଦେଖିବାକୁ ମିଳିଥିଲା । ସୂଚନାଯୋଗ୍ୟ, ବ୍ରଜରାଜନଗର ବିଧାୟକ ତଥା ରାଜସ୍ୱ ମନ୍ତ୍ରୀ ସୁରେଶ ପୁଝାରୀ ଚଳିତବର୍ଷ ଲୋକନାଥ ବାବାଙ୍କ ବିବାହ ପାଇଁ ପାର୍ବତୀଙ୍କ କନ୍ୟା ପକ୍ଷ ଭୂମିକା ନିର୍ବାହ କରୁଛନ୍ତି ।

## କଣ୍ଟାବାଞ୍ଜି-ବଙ୍ଗୋମୁଣ୍ଡା ରାସ୍ତାରେ ମର୍ମନ୍ତୁଦ ଦୁର୍ଘଟଣା, ଜଣେ ମୃତ

କଣ୍ଟାବାଞ୍ଜି/ବଙ୍ଗୋମୁଣ୍ଡା,(ସବ୍ୟୁ): କଣ୍ଟାବାଞ୍ଜି- ବଙ୍ଗୋମୁଣ୍ଡା ରାସ୍ତା ଦନ୍ଦରା ଗାଁ ନିକଟରେ ମର୍ମନ୍ତୁଦ ସଡକ ଦୁର୍ଘଟଣା ଘଟିଛି। ସରକାରୀ ବସରେ ବାଇକ ଧକ୍କା ହେବାରୁ ଜଣକ ମୃତ୍ୟୁ ହୋଇଥିବା ବେଳେ ଆଉ ଜଣେ ଗୁରୁତର ହୋଇଛନ୍ତି । ମୃତ ଯୁବକ ହେଲେ ବଙ୍ଗୋମୁଣ୍ଡା ଗୋଳେଇ ଛକ ନିକଟରେ ରହୁଥିବା ଡ଼ି. ପୁଟେଲ ଏବଂ ଗୁରୁତର ହୋଇଥିବା ଯୁବକ ଅଙ୍କୁର ପୁଟେଲ । ଘଟଣା ସ୍ଥଳରେ ଆମ୍ବୁଲାନ୍ସ ପହଂଚି ଦୁଇ ଜଣକୁ ଉଦ୍ଧାର କରାଯାଇଛି । ପୁଲିସ ତଦନ୍ତ କରୁଛି । ସୂଚନା ଅନୁଯାୟୀ ଆଜି ସନ୍ଧ୍ୟାରେ ଖଡ଼ିଆଳ ପଟୁ ଆସୁଥିବା ସରକାରୀ ବସରେ ଦନ୍ଦରା ଗାଁ ନିକଟରେ ଥିବା ବୁଲାଣି ଠାରେ ଦୁର୍ଘଟଣା ହୋଇଥିଲା । ବଙ୍ଗୋମୁଣ୍ଡାର ଦୁଇ ଜଣ ଯୁବକ ଏକ ହିରୋ ଡିଲକ୍ସ ବାଇକ ରେ କଣ୍ଟାବାଞ୍ଜି ପଟୁ ଯାଉଥିଲେ । ତେବେ ବାଇକ ଭାରସାମ୍ୟ ହରାଇ ବସ ରେ ପିଟି ହୋଇଥିବାରୁ ଦୁଇ ଜଣ ବାଇକରୁ ଛିଟିକି ରାସ୍ତା କଡ଼ରେ ପଡ଼ିଥିଲେ । ଏଥିରେ ବାଇକ ଚାଳକ ଦୁର୍ଯୋ୍ୟଧନଙ୍କ ଘଟଣା ସ୍ଥଳରେ ହିଁ ମୃତ୍ୟୁ ହୋଇଥିଲା । ପରେ ଗୁରୁତର ଅଂକୁରଙ୍କ ସହ ଦୁଇ ଜଣକୁ କଣ୍ଟାବାଞ୍ଜି ଡାକ୍ତର ଖାନାକୁ ନିଆାଯାଇଥିଲା । ଡାକ୍ତର ଦୁର୍ଯ୍ୟୋଧନ ଙ୍କୁ ମୃତ ଘୋଷଣା କରିବା ସହ ଅଂକୁରକୁ ବଲାଙ୍ଗିର ଭୀମ ଭୋଇ ମେଡିକାଲ ଓ ଡାକ୍ତର ଖାନାକୁ ଅଧିକ ଚିକିତ୍ସା ପାଇଁ ସ୍ଥାନାନ୍ତରିତ କରିଛନ୍ତି । ମୃତକଙ୍କ ସୋମବାର ସକାଳୁ ଶବ ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯିବ ବୋଲି ମେଡିକାଲ ଅଫିସର ଡ଼ ରାକେଶ ପଣ୍ଡିତ କହିଛନ୍ତି ।

## ଭତ୍ତା ଟଙ୍କା ପାଇଁ ରାସ୍ତାରେ ଗୁରୁଣ୍ଡି ଗୁରୁଣ୍ଡି ଗଲେ ବୃଦ୍ଧା

ବଲାଙ୍ଗିର,(ସବ୍ୟୁ) : ଭତ୍ତା ଟଙ୍କା ପାଇଁ ରାସ୍ତାରେ ଗୁରୁଣ୍ଡି ଗୁରୁଣ୍ଡି ଗଲେ ବୃଦ୍ଧା । ଏଭଳି ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଛି ବଲାଙ୍ଗିର ଜିଲ୍ଲା ପାଟଣାଗଡ ବ୍ଲକ ଫଟାମୁଣ୍ଡା ପଂଚାୟତର ପାଣ୍ଡେସରା ଗାଁରେ । ଏହି ଗାଁର ଜଣେ ଭିନ୍ନକ୍ଷମ ବୟସ୍କା ସୁରେଖା ନାଗ ଭତ୍ତା ପାଇଁ ଗୁରୁଣ୍ଡି ଗୁରୁଣ୍ଡି ଯାଉଥିବାର ଭିଜୁଆଲ ଭାଇରାଲ ହେବାରେ ଲାଗିଛି । କିଛି ବର୍ଷ ପୂର୍ବେ ଏହି ମହିଳାଙ୍କ ସ୍ୱାମୀଙ୍କ ମୃତ୍ୟୁ ହୋଇଥିବା ବେଳେ ସାହାଯ୍ୟ କରିବା ପାଇଁ ପରିବାରରେ କେହି ନାହାନ୍ତି । ତାଙ୍କ ପାଖରେ ପଇସା ନଥିବାରୁ ଭତ୍ତା ଟଙ୍କା ଉଠାଣ ପାଇଁ ୨ କିମି କୁଡାପଦାର ଗାଁକୁ ଗୁରୁଣ୍ଡି ଗୁରୁଣ୍ଡି ଯାଇଥିଲେ । ଏହାଦେଖି ଯୁବ ସମାଜସେବୀ କରୁଣା କର ମିଶ୍ର ତାଙ୍କୁ ଟ୍ରାକ୍ଟରରେ ବସାଇ ଘରେ ପହଞ୍ଚାଇଥିଲେ । ଏଭଳି ଭିନ୍ନକ୍ଷମ ବୃଦ୍ଧାଙ୍କ ନିକଟରେ ସରକାର ଭତ୍ତାଟଙ୍କା ପହଞ୍ଚାଇବାର ନିୟମ ରହିଛି । ହେଲେ ଖୋଦ ଉପମୁଖ୍ୟମନ୍ତ୍ରୀଙ୍କ ଅଞ୍ଚଳରେ ଏଭଳି ଘଟଣାକୁ ନିନ୍ଦା କରାଯାଇଛି । ଏନେଇ ଉଚ୍ଚସ୍ତରୀୟ ତଦନ୍ତ ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି । ଘଟଣାକୁ ନେଇ ପ୍ରଶାସନିକ ଅଧିକାରୀଙ୍କ କୋଣସି ପ୍ରତିକ୍ରିୟା ମିଳିପାରିନି ।

## ସଅଳ ମୌସୁମୀ

# ଖରିଫ ଚାଷ ପାଇଁ ବୌଦ୍ଧ ଜିଲ୍ଲାରେ କ୍ଷେତ ପ୍ରସ୍ତୁତିରେ କୃଷକ

ବୌଦ୍ଧ,(ସବ୍ୟୁ): ବୌଦ୍ଧ ଜିଲ୍ଲା ହେଉଛି ଏକ କୃଷି ପ୍ରଧାନ ଜିଲ୍ଲା । ଜିଲ୍ଲାର ପ୍ରାୟ ୮୦ ପ୍ରତିଶତ ଲୋକ ଚାଷ ଉପରେ ନିର୍ଭର କରିଚଳିଥାନ୍ତି । ଚାଷ ହେଉଛି ଜିଲ୍ଲାବାସୀଙ୍କ ମୁଖ୍ୟପେସା । ଜିଲ୍ଲାର ଚାଷୀ ଧାନ ସହିତ ବିଭିନ୍ନ ଡାଲି ଜାତୀୟ ଓ ପରିବା କାତୀୟ ଫସଲ କରି ଦି ପଇସା ରୋଜଗାର କରି ପରିବାର ଚଳାଇଥାନ୍ତି । ଖରିଫ ଚାଷ ପାଇଁ ଜିଲ୍ଲାର ଚାଷୀମାନେ ସାଧାରଣତଃ ମୌସୁମୀ ବର୍ଷା ଉପରେ ନିର୍ଭର କରିଥାନ୍ତି । ଚଳିତ ବର୍ଷ ସ୍ୱାଭାବିକ ବୃଷ୍ଟିପାତ ହେବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି । ତାକୁ ଦେଖି ବୌଦ୍ଧଜିଲ୍ଲାର ଚାଷୀମାନେ ଖୁବ ଉତ୍ସାହିତ ହୋଇପଡିଛନ୍ତି । ମୌସୁମୀ ପୂର୍ବରୁ ଜିଲ୍ଲାରେ ପ୍ରାକ ମୌସୁମୀ ବୃଷ୍ଟିପାତ ଦେଖିବାକୁ ମିଳିଛି । ଯାହାଫଳରେ କୃଷକ ଖରିଫ ଚାଷ ପାଇଁ ଜମିକୁ ଓଳାଇଲାଣି । କ୍ଷେତରେ ଖତ ପକାଇବା ସରିଥିବା ବେଳେ ଅନେକ ସ୍ଥାନରେ ପକା ଚାଲିଛି । ଏବଂ ଟ୍ରାକ୍ଟର, ପାୱାରଟିଲର ଏବଂ ହଳ ସାହାର୍ଯ୍ୟରେ ଜମିରେ ଚାଷ କଲେଣି ତ ଆଉ କେଉଁ ଠାରେ ଜେସିବି ସାହାର୍ଯ୍ୟରେ ଜମିକୁ ସଜାଡିବାରେ କୃଷକ ଲାଗିପଡିଛନ୍ତି । ଜିଲ୍ଲାର ଭୌଗଳିକ ସ୍ଥିତିକୁ ଦେଖିଲେ ଜିଲ୍ଲାରେ ୩ଲକ୍ଷ ୫୮ ହଜାର ୨୯୨ ହେକ୍ଟର ଜମି ରହିଛି । ଅଧିକାଂଶ ଜମିରେ ପାହଡ ପର୍ବତ ଭରି ରହିଛି । ସେଥିମଧ୍ୟରୁ ୮୫ ହଜାର ୧୮୦ ହେକ୍ଟର ଚାଷ ଜମିରେ ଚାଷ କରାଯାଇଥାଏ । ଚଳିତ ବର୍ଷ ଜିଲ୍ଲାରେ ୫୯ ହଜାର ୪୩୯ ହେକ୍ଟର ଚାଷ ଜମିରେ ଖରିଫ ଧାନ ଚାଷ କରାଯିବାର ଲକ୍ଷ୍ୟ ରଖାଯାଇଛି । ସେଥିମଧ୍ୟରୁ ବୌଦ୍ଧବ୍ଲକରେ ୩୨ ହଜାର ୫୪୬, ହରଭଙ୍ଗା ବ୍ଲକରେ ୨୫ ହଜାର ୨୯୭ ଓ କଣ୍ଟାମାଳ ବ୍ଲକରେ ୨୭ ହଜାର ୩୨୭ ହଜାର ହେକ୍ଟର ଚାଷ ଜମି ରହିଛି । ଉଠାଣିଆ ଜମି ୧୯ ହଜାର ୮୬୦ରହିଥିବା ବେଳେ ମଧ୍ୟମ ଜମି ୨୪୨୩୩ ହେକ୍ଟର ରହିଛି ଓ ଗଡାଣିଆ ଜମି ୧୫୩୪୬ ଜମି ରହିଛି । ୨୦୧୧ ମସିହା ଜନଗଣନା ଅନୁଯାଇ, ଜିଲ୍ଲାରେ ନାମମାତ୍ର ଚାଷୀ ୪୭୨୫୯ ରହିଥିବା ବେଳେ ଛୋଟ ଚାଷୀ ୧୯୪୩୯ ଜଣ ଅଛନ୍ତି । ସେହିପରି ବଡ ଚାଷୀ ୯୨୦୪ ଜଣ ରହିଛନ୍ତି । ଜିଲ୍ଲାରେ ୨୪୦୪୮ ଜଣ କୃଷି ଶ୍ରମିକ ରହିଛନ୍ତି । ଜିଲ୍ଲାରେ ଖରିଫ ଚାଷ ପାଇଁ ୧୩୬୦୦.୦୦ ଟନ ଉର୍ଦ୍ଧ୍ୱ ବିଭିନ୍ନ ସାରର ଆବଶ୍ୟକତା ରହିଛି । ଚାଷ ପାଇଁ ଚାଷୀକୁ ବିହନ.ସାର ଓ ପାଣିର ଆବଶ୍ୟକତା ଅଧିକ ରହିଥିବା ବେଳେ ବିଭିନ୍ନ ସମୟରେ ଯୋଗାଇ ଦିଆଯାଇଥିବା ବିହନର ମାନ ନିମ୍ନ ମାନର ହୋଇଥିବା ଯୋଗୁଁ ଚାଷୀ ଅଧିକ ଫସଲ ଅମଳ କରିପାରୁନାହିଁ ବୋଲି ଅଭିଯୋଗ ହେଉଛି । ସେହିପରି ଚାଷ କାମ ଯୋରସରରେ ଚାଲିଥିବା ବେଳେ ସାର କୃତ୍ରିମ ଅଭାବ ଦେଖିବାକୁ ମିଳିଥାଏ । ଫଳରେ ଚାଷୀ ବାଧ୍ୟ ହୋଇ ସେହି ସମୟରେ ଚଡା ଦରରେ ସାର କିଣି ଜମିରେ ପକାଇଥାଏ । ସେହିପରି ଯଦି ବର୍ଷା ଠିକ ସମୟରେ ନ ହୁଏ ତାହାହେଲେ ଚାଷୀର ଚିନ୍ତା ବଢି ଯାଇଥାଏ । ପାଣି ପାଇଁ ଚାଷୀ ତାର ଚାଷକୁ ବଂଚାଇ ରଖିବା ପାଇଁ ସଂଘର୍ଷ କରିଥାଏ । କହିବାକୁ ଗଲେ ଚାଷୀ ଧାନ ଚାଷ ଆରମ୍ଭରୁ ଧାନି ବିକ୍ରି କରିବା ପର୍ଯ୍ୟନ୍ତ ବହୁ ଘାତ ପ୍ରତିଘାତ ମଧ୍ୟରେ ଗତି କରଥାଏ । ନୂତନ ସରକାର ଆସିବା ପରେ ଧାନର ସହାୟକ ମୂଲ୍ୟ ବୃଦ୍ଧି ପାଇଥିବାରୁ ଚାଷୀମାନେ ଉତ୍ସାହିତ ରହିଥିବା ବେଳେ ଚଳିତ ବର୍ଷ ଯେପରି ଚାଷୀ କୌଣସି ଅସୁବିଧାର ସମ୍ମୁଖୀନ ନ ହୁଏ ସେଥିପାଇଁ ପ୍ରଶାସନ ଦୃଷ୍ଟି ଦେବାକୁ ଚାଷୀମାନେ ଆଶାବାନ୍ଧି ବସିଛନ୍ତି ।

## ଗ୍ରୀନ ଷ୍ଟମ୍ପସ ଟ୍ରଫି ୨୦୨୫

# ପରିବେଶ ସଚେତନତା ସହିତ କ୍ରିକେଟ ପ୍ରତିଯୋଗିତା

କୋରାପୁଟ,(ସବ୍ୟୁ): କୋରାପୁଟ ବ୍ଲକ ଅନ୍ତର୍ଗତ ଗୀଞ୍ଜୁରୁଗୁଡା ଖେଳ ପଡିଆରେ ଗ୍ରୀନ ଷ୍ଟମ୍ପସ ଟ୍ରଫି ୨୦୨୫ : ପରିବେଶ ସଚେତନତା ସହିତ କ୍ରିକେଟ ପ୍ରତିଯୋଗୀତା ଆୟୋଜିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ନରେନ ଏକାଦଶ ବନାମ ସୁରି ଏକାଦଶ ମଧ୍ୟରେ ମୁକାବିଲା ହୋଇଥିଲା। ସୁରି ଏକାଦଶ ଚାମ୍ପିଅନ ହୋଇଥିବା ବେଳେ ନରେନ ଏକାଦଶ ରନର ଅପ ରୂପେ ସମ୍ମାନିତ କରାଯାଇଥିଲା। ଏହି କ୍ରିକେଟ ପ୍ରତିଯୋଗୀତା କେବଳ ଖେଳରେ ସୀମିତ ରହି ନ ଥିଲା, ବରଂ ପରିବେଶ ସଚେତନତାକୁ ମଧ୍ୟ ସଂପ୍ରସାରଣ କରାଯାଇଥିଲା। ପରିବେଶ ସୁରକ୍ଷା ଓ ସ୍ୱାସ୍ଥ୍ୟ ଭବିଷ୍ୟତ ପ୍ରତି ଏକ ଦୃଢ ପଦକ୍ଷେପ ସ୍ୱରୂପ ବୃକ୍ଷ ରୋପଣ କରାଯାଇଥିଲା। କୋରାପୁଟ ବିଧାୟକ ରଘୁରାମ ମାଛ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ମାନବର ପଞ୍ଚାୟତ ସରପଞ୍ଚ ଲବ ମୁଦୁଲି ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟ ଅତିଥିମାନେ ଭାବେ ରବିନ୍ଦ୍ର ଟାକ୍ରି ଓ ମୂର୍ତ୍ତି ଟାକ୍ରି ଯୋଗଦେଇଥିଲେ। ଖେଳ ପରେ ବିଜେତା ଓ ରନର ଅପ ଦଳଙ୍କୁ ଅତିଥି ମାନଙ୍କ ଦ୍ୱାରା ଟ୍ରଫି ଓ ଧନରାଶି ପୁରସ୍କାର ପ୍ରଦାନ କରାଯାଇଥିଲା। ଏହାକୁ ନରେନ୍ଦ୍ର ଟାକ୍ରି ପରିଚାଳନା କରିଥିବା ବେଳେ କୁନାଲ ବେନ୍ୟା ଓ ପିଣ୍ଟୁ ଟାକ୍ରି ଯୋଗଦେଇ ପରିଚାଳନାରେ ସହଯୋଗ କରିଥିଲେ।

# ତରଭାରେ ଦେବ ଦମ୍ପତିଙ୍କ ବିବାହ ସମ୍ପନ୍ନ

ତରଭା,(ସବ୍ୟୁ): ଶ୍ରୀ ଶ୍ରୀ ନୀଳକଣ୍ଠେଶ୍ୱର ମନ୍ଦିର ପରିସରରେ ନିରାଡ଼ମ୍ବର ଭାବରେ ଦେବ ଦେବ ମହାଦେବ ଓ ମାତା ପାର୍ବତୀଙ୍କ ବିବାହ ସମ୍ପନ୍ନ ହୋଇ ଯାଇଛି । ଶନିବାର ପୂର୍ବାହ୍ଣ ରେ ମହାଦେବ ଓ ମାତା ପାର୍ବତୀଙ୍କ ସାରାଦି,ମଙ୍ଗଳିକ କାର୍ଯ୍ୟ ସହ ମଙ୍ଗଳନ କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା । ମଙ୍ଗଳନ କାର୍ଯ୍ୟରେ ରଥପଡା ଭାଗବତ ରାଧା କୃଷ୍ଣ ମନ୍ଦିର ପୂଜକ ଗୋପାଳ କୃଷ୍ଣ ମିଶ୍ର, ମୂନେଶ ମେହେର, ସୁଶାନ୍ତ ନାଏକ, ରାଜେନ୍ଦ୍ର ମିଶ୍ର ସମେତ ଅଞ୍ଚଳର ଶତାଧିକ ମହିଳା ଓ ପୁରୁଷ ଶିବ ଓ ପାର୍ବତୀ ଙ୍କ ମଙ୍ଗଳନ କାର୍ଯ୍ୟରେ ଯୋଗଦାନ କରି ପ୍ରଭୁଙ୍କ ଆଶୀର୍ବାଦ ଭିକ୍ଷା କରି ପରସ୍ପର ହଳଦୀ ଲେପନ କରିଥିଲେ । ସେହିପରି କୁମ୍ଭାର ପଡା, ନୁଆଁପଡା ସମେତ ବିଭିନ୍ନ ପଡାର ମହିଳା ମାନେ ଯୋଗଦାନ କରିଥିଲେ । ନୀଳକଣ୍ଠେଶ୍ୱର ମନ୍ଦିର ପରିସରରେ ମାତା ପାର୍ବତୀଙ୍କୁ ସୁସଜ୍ଜିତ କରାଯାଇଥିଲା । ପ୍ରାୟ ତିନି ଫୁଟ ଉଚ୍ଚ ସମ୍ପନ୍ନ ରୋପ୍ୟ ନୀଳକଣ୍ଠେଶ୍ୱର ମହାଦେବଙ୍କୁ ବିମାନରେ ସଜ୍ଜିତ କରାଯାଇ ବରପକ୍ଷରୁ ଗଣ ସଣ କରାଯାଇ ଶଙ୍ଖ,ଘଣ୍ଟ ବାଦ୍ୟ ସହିତ ମନ୍ଦିର ପରିସରୁ ବରଯାତ୍ରୀ ବାହାରି ପୂଜା ମଣ୍ଡପ ପର୍ଯ୍ୟନ୍ତ ଆସିଥିଲେ । ବର ଶୋଭାଯାତ୍ରା ପହଞ୍ଚିବା ପରେ କନ୍ୟା ପକ୍ଷରୁ ମାମୁଁ ବାଟ ବରଣ ଓ ଗଣସଣ କରାଯାଇ ବେଦୀ (ପୂଜାମଣ୍ଡପ )କୁ

### ମନ୍ଦିରକୁ ଫେରିଲେ ଦମ୍ପତି

ପାଛୋଟି ନେଇଥିଲେ । ରାତ୍ରି ପ୍ରାୟ ୧୦ଟା ସମୟରେ ପଣ୍ଡିତ ପବିତ୍ର ଶତପଥିଙ୍କ ଦ୍ୱାରା ରୀତିନୀତିରେ ବିବାହ କାର୍ଯ୍ୟ ଆରମ୍ଭ ହୋଇ ରାତ୍ରି ୧୨ଟା ସମୟରେ ବାବା ନୀଳକଣ୍ଠେଶ୍ୱର ଓ ମାତା ପାର୍ବତୀଙ୍କ ବିବାହ ସମ୍ପନ୍ନ ହୋଇଥିଲା । ରୀତିନୀତି ପରେ ଯାନୀ ଯୌତୁକ ସହ କନ୍ୟା ପକ୍ଷରୁ ଦେବଦମ୍ପତିଙ୍କୁ ବିଦାୟ ଦେବା ସହ ମନ୍ଦିରକୁ ନେଇଯାଇ ଶୀତଳ ଷଷ୍ଠୀ ଉତ୍ସବ ସମ୍ପନ୍ନ କରାଯାଇଥିଲା । ତରଭା ତେଲିପଡାର ଦେବେନ୍ଦ୍ର ନାଏକ ଏବଂ ବିନୋଦିନୀ ମାଝୀ ବର ପକ୍ଷରୁ ନୀଳକଣ୍ଠେଶ୍ୱର ବାବାଙ୍କ ପିତା ମାତା ଦାୟିତ୍ୱ ନେଇଥିବା ବେଳେ କୁମ୍ଭାରପଡାର କପିଳାସ ସେଠ ଏବଂ କମଳିନୀ ସେଠ କନ୍ୟା ପକ୍ଷରୁ ମାତା ପାର୍ବତୀଙ୍କ ପିତାମାତା ଦାୟିତ୍ୱ ତୁଲାଇଥିଲେ । କନ୍ୟା ପକ୍ଷରୁ ମାମୁଁ ଭାବରେ ପୂର୍ଣ୍ଣ ଚନ୍ଦ୍ର ସେଠ (ପୁଆ)ଏବଂ ବରପକ୍ଷରୁ ସାଳେଗ୍ରାମ ମାଝୀ (ଆଗଳପୁର )ମାମୁଁ ଭାବରେ ଦାୟିତ୍ୱ ତୁଲାଇଥିଲେ । ଶିବ ବିବାହ ଓ ଶୀତଳ ଷଷ୍ଠି ଉତ୍ସବ ପାଳନ ନେଇ ମନ୍ଦିର ପୂଜକ ଜନାର୍ଦ୍ଦନ ଥନାପତି, ଗୋବର୍ଦ୍ଧନ ଥନାପତି, କୁଳମଣି ଥନାପତି, ଆଭାଶ ଥନାପତିଙ୍କ ସମେତ ମନ୍ଦିର ପରିଚାଳନା କମିଟି ସଭାପତି ସନ୍ତୋଷ ସାହୁଙ୍କ ସହ ଶଙ୍କର ପ୍ରସାଦ ସାହୁ, ଗୁଞ୍ଜୁରୁ ଗୁରୁ, ପର୍ଶୁରାମ ସାହୁ, ଶିବୁ ଷଡ଼ଙ୍ଗୀ, ପ୍ରମୁଖ ନେତୃତ୍ୱ ନେଇଥିଲେ ।

# ଜାମୁକୋଳି ଗଛରୁ ପଡ଼ି ନାବାଳକ ମୃତ

ରେଢ଼ାଖୋଲ,(ସବ୍ୟୁ): ସମ୍ବଲପୁର ଜିଲ୍ଲା ନାକଟିଦେଉଳ ଥାନା ଗଦାଧର ପୁର ଗ୍ରାମରେ ଜଣେ ନାବାଳକ ଜାମୁକୋଳି ଖାଇବାକୁ ଗଛ ଚଢି ଥିବା ବେଳେ ଗଛରୁ ପଡି ମୃତ୍ୟୁ ବରଣ କରିଛନ୍ତି । ରବିବାର ଅପରାହ୍ନରେ ସମ୍ବଲପୁର ଜିଲ୍ଲା ନାକଟିଦେଉଳ ଥାନା ଅନ୍ତର୍ଗତ ଗଦାଧରପୁର ଗ୍ରାମର ରବି କଂସାରୀଙ୍କ ପୁଅ ବାବୁସାନ କଂସାରୀ(୧୧) ଅନ୍ୟ ସାଥୀଙ୍କ ସହିତ ମିଶି କୋଳି ଖାଇବାକୁ ଘର ନିକଟ ଏକ ଜାମୁ ଗଛରେ ଚଢିଥିଲେ। ବାବୁସାନ



ଗଛକୁ ଚଢି ଜାମୁକୋଳି ତୋଳୁଥିବାବେଳେ ଗଛରୁ ତଳକୁ ଖସି ପଡ଼ିଥିଲେ। ଗଛ ତଳେ ଏକ କାଠ ବାଡା ଥିବାରୁ ବାଡାର ଏକ କାଠ ଖୁଣ୍ଟି ବାବୁସାନଙ୍କ ପେଟରେ ଗଳି ଅପର ପାର୍ଶ୍ୱକୁ ବାହାରି ଯାଇଥିଲା। ଫଳରେ ପରିବାର ଲୋକେ ବାବୁସାନକୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ସଙ୍ଗେ ସଙ୍ଗେ ଆମ୍ବୁଲାନ୍ସ ଯୋଗେ ନାକଟିଦେଉଳ ଡାକ୍ତରଖାନାକୁ ନେଇଯାଇଥିଲେ। ତେବେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତକ ନାବାଳକ ଚଳିତ ବର୍ଷ ଷଷ୍ଠ ଶ୍ରେଣୀରେ ପାଠ ପଢୁଥିଲେ । ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ କରୁଛି ।

(ଶ୍ରୀମଭଗବଦ୍ ଗୀତା ୧୬/୦୫)
-ଦୈବାସୁରସମ୍ପଦ୍‌ବିଭାଗ-
(ଶ୍ରୀଭଗବାନୁବାଚ )

**ଦୈବୀ ସମ୍ପଦ୍ ବିମୋକ୍ଷାୟ ନିବନ୍ଧାୟାସୁରୀ ମତା ।**
**ମା ଶୁଚଃ ସମ୍ପଦଂ ଦୈବୀମଭିଜାତୋଽସି ପାଣ୍ଡବ ।।୫।।**

ଦୈବୀ ସମ୍ପଦ ମୋକ୍ଷ ନିମିତ୍ତ, ଆସୁରୀ ସମ୍ପଦ ବନ୍ଧନ ନିମିତ୍ତ ପ୍ରସିଦ୍ଧ ଅଟେ । (ଏହା ଶୁଣି ଅର୍ଜୁନ ଦୈବୀ ସମ୍ପଦର ଅଧିକାରୀ କି ନୁହନ୍ତି ଏହି ସନ୍ଦେହରେ ବ୍ୟାକୁଳଚିତ୍ତ ହେବାରୁ ତାଙ୍କୁ ଆଶ୍ୱାସନା କରୁଛନ୍ତି)-ହେ ପାଣ୍ଡବ ! ଶୋକ କର ନାହିଁ, କାହିଁକି ନା ତୁମେ ଦୈବୀ ସମ୍ପଦ ଅବଲମ୍ବନ କରି ଜନ୍ମଗ୍ରହଣ କରିଛ ।।୫।।

# ଭାରତ ଓ ପାକିସ୍ତାନ

ସମ୍ପାଦକୀୟ

ଭାରତ ଏକ ଧର୍ମ ନିରପେକ୍ଷ ଓ ଶାନ୍ତିପ୍ରିୟ ରାଷ୍ଟ୍ର ହୋଇଥିଲାବେଳେ ପାକିସ୍ତାନ ଏକ ଧର୍ମାନ୍ଧ ଓ ଅଶାନ୍ତିପ୍ରିୟ ରାଷ୍ଟ୍ର, ଏଥିରେ ସନ୍ଦେହ ନାହିଁ । ଭାରତ ଠାରୁ ନୈତିକ ଶିକ୍ଷା ଲାଭ କରିଥିଲେ, ପାକିସ୍ତାନ ଯୁଦ୍ଧ ମୁହାଁ ହୋଇ ନଥାନ୍ତା କିମ୍ବା ଆତଙ୍କବାଦକୁ ପ୍ରଶ୍ରୟ ଦେଇ ଅଳ୍ପ ଧନରେ ସନ୍ତୁଷ୍ଟ ନୀତିକୁ ଆପଣେଇ ପାରି ନଥାନ୍ତା । ସେଥିପାଇଁ ଆମ ସ୍ୱାଧୀନତାର ୭୮ ବର୍ଷ ପରେ ଓ ସାଧାରଣତନ୍ତ୍ରର ୭୫ ବର୍ଷ ପରେ ପାକିସ୍ତାନରେ ଶାସନ ବୋଲି କିଛି ନାହିଁ । ଗଣତନ୍ତ୍ର ସେଠାରେ ଭୁଷୁଡ଼ି ପଡ଼ିଛି । କେତେବେଳେ ଭୋଟ ପାଇ ନିର୍ବାଚିତ ପ୍ରଧାନମନ୍ତ୍ରୀଙ୍କୁ ସେଠାକାର ସାମରିକ ଶାସନ ପଦଚ୍ୟୁତ କରୁଛି ତ ଆଉ କେତେବେଳେ ତାଙ୍କର ବିଚାରାଳୟ ରାଜନେତା ବା ସାମରିକ କର୍ତ୍ତୃପକ୍ଷଙ୍କୁ ଦଣ୍ଡିତ କରୁଛି । ନିଜେ ପାକିସ୍ତାନ ତାହାର ଅର୍ଥନୀତି ସଜାଡ଼ି ପାରି ନାହିଁ ଆଉ ପଡୋଶୀ ଚୀନ ବା ଅନ୍ୟାନ୍ୟ ରାଷ୍ଟ୍ରର ଦ୍ୱାରସ୍ଥ ହୋଇ ବଞ୍ଚିବା ପାଇଁ ସଂଗ୍ରାମ ଜାରି ରଖିଛି ।

ଯେଉଁ କାଶ୍ମୀର ଭାରତରେ ଅଛି, ତାହାକୁ ଅଯଥାରେ ପାକିସ୍ତାନର ବୋଲି ଦାବି କରି ପାକିସ୍ତାନ ହୁଏତ ଭାରତରେ ଅଶାନ୍ତି ସୃଷ୍ଟି କରିବାକୁ ଚାହିଁଥିଲା । ତେଣୁ କାଶ୍ମୀରର ପହଲଗାମରେ ପାକିସ୍ତାନର ଆତଙ୍କବାଦୀମାନେ ଯେଉଁ ନୀରିହ ଲୋକ ଓ ମହିଳାଙ୍କର ପ୍ରାଣ ନେଲେ, ତାହାର ଦୃଢ଼ ଜବାବ ଦେଲା ଭାରତ, 'ଅପରେସନ ସିନ୍ଦୂର' ଜରିଆରେ । ଏଥିପାଇଁ ଅନ୍ତର୍ଜାତୀୟ ସ୍ତରରେ ପାକିସ୍ତାନ ନିନ୍ଦିତ ବି ହୋଇଛି । ପାକିସ୍ତାନକୁ ଭାରତ ବିରୋଧରେ ଯିବା ଲାଗି ଚୀନ୍ ଓ ତୁର୍କୀ ପ୍ରଭୃତି କେତେକ ରାଷ୍ଟ୍ର ଉସୁକାଉଥିବା ମଧ୍ୟ ପରିଲକ୍ଷିତ ହେଉଛି ।

ଭାରତ ମଧ୍ୟ ଯୁଦ୍ଧ ଚାହେଁ ନାହିଁ । ତଦ୍ୱାରା ଧନହାନି ତ ହେବ ପ୍ରାଣହାନି ମଧ୍ୟ ହେବ । ମୂଳରୁ ନରେନ୍ଦ୍ର ମୋଦି ପ୍ରଧାନମନ୍ତ୍ରୀ ହେବା ବେଳରୁ ଭାରତ ତାହାର ପଡୋଶୀ ରାଷ୍ଟ୍ରଗୁଡ଼ିକ ସହିତ ସୁସଂପର୍କ ରଖିବାକୁ ଚାହୁଁଥିଲା । ମାତ୍ର ପାକିସ୍ତାନ ସେୟା ଚାହୁଁନଥିଲା । ଧର୍ମାନ୍ଧ ହୋଇ ପାକିସ୍ତାନ ଶାନ୍ତିପ୍ରିୟ ଓ ଧର୍ମ ବିଶ୍ୱାସୀ ଭାରତକୁ ଅସୁବିଧାରେ ପକାଇବାକୁ ଚାହୁଁଥିଲା ଓ ଚାହିଁ ଆସିଛି । ମାତ୍ର ଭାରତ ପ୍ରତିରକ୍ଷା କ୍ଷେତ୍ରରେ ଏବେ ଆତ୍ମନିର୍ଭରଶୀଳ । ପାକିସ୍ତାନ ସେଥିପାଇଁ ଭାରତ ସହ ଶାନ୍ତିପୂର୍ଣ୍ଣ ଉପାୟରେ କଥାବାର୍ତ୍ତା କରିବାକୁ ଆଗ୍ରହୀ । ମାତ୍ର ଲସ୍କର-ଇ-ତୋଇବାର ମୁଖ୍ୟ ଆତଙ୍କବାଦୀ ମାସୁଦ ଆଝାରକୁ ଭାରତକୁ ହସ୍ତାନ୍ତର କରିବା ପରେ ଯାଇ ଭାରତ ପାକିସ୍ତାନ ସହିତ କଥାବାର୍ତ୍ତା କରିବ ବୋଲି ଭାରତ ଧମକ ଦେଇଥିବାରୁ ପାକିସ୍ତାନର ନିଦ ହଜି ଯାଇଥିବା ପରିଲକ୍ଷିତ ହୋଇଛି । ଆତଙ୍କବାଦୀଙ୍କୁ ସମୂଳେ ବିଲୋପ ନ କଲା ପର୍ଯ୍ୟନ୍ତ ଭାରତ 'ଅପରେସନ ସିନ୍ଦୂର' ଜାରି ରଖିଛି ବୋଲି ପାକିସ୍ତାନକୁ ଜଣାଇ ଦେଇଛି । ଭାରତ ପାକିସ୍ତାନକୁ ପରାସ୍ତ କରିଛି, ଭାଗ ଭାଗ କରିଛି ୧୯୭୧ରେ । ଫଳରେ ପାକିସ୍ତାନ ଓ ବାଙ୍ଗଲାଦେଶ ଦୁଇଟି ରାଷ୍ଟ୍ର ସୃଷ୍ଟି ହୋଇଥିଲା । ପାକିସ୍ତାନ ପରି ବାଙ୍ଗଲାଦେଶରେ ମଧ୍ୟ ଗୃହଯୁଦ୍ଧ ଦେଖାଦେବାରୁ ତାହାର ପ୍ରଧାନମନ୍ତ୍ରୀ ସେଖ ହାସିନା ଦେଶ ଛାଡ଼ି ଅନ୍ୟତ୍ର ଆଶ୍ରୟ ନେଇଛନ୍ତି ।

୧୯୭୧ ଯୁଦ୍ଧରେ ଭାରତକୁ ରୁଷ ସହଯୋଗ କରିଥିଲା । କାରଣ ସେତେବେଳେ ଆମେରିକା ଓ ଇଂଲଣ୍ଡ ପାକିସ୍ତାନ ପକ୍ଷରେ ଥିବାରୁ ରୁଷ୍‌ର ଏ ସହଯୋଗ ଭାରତ ପାଇଁ ବେଶ୍ ଗୁରୁତ୍ୱପୂର୍ଣ୍ଣ ଥିଲା ।

ପରିବର୍ତ୍ତିତ ପରିସ୍ଥିତିରେ ଭାରତ ପାକିସ୍ତାନକୁ ଏଇ ମେ (୨୦୨୫)ରେ ଧମକଦେଇଛି ଯେ କେବଳ ଏୟାର ଷ୍ଟ୍ରାଇକ୍ ଭାରତ ପକ୍ଷରୁ କରାଗଲା । ଯଦି ନୌସେନାକୁ ସକ୍ରିୟ କରାଯାଇଥାନ୍ତା ତେବେ ପାକିସ୍ତାନ ଚାରି ଭାଗରେ ବିଭକ୍ତ ହେବା ସୁନିଶ୍ଚିତ ହୋଇଥାନ୍ତା । ତଥାପି ଆଲ୍ଲା ଯଦି ପାକିସ୍ତାନକୁ ସଦ୍‌ବୁଦ୍ଧି ନ ଦିଅନ୍ତି, ତେବେ ପାକିସ୍ତାନ ଘୋର ଦୁର୍ଦ୍ଦଶା ଭୋଗିବା ପରି ମନେ ହେଉଛି ।

**ସଙ୍କଳ୍ପ**

**ମିଶୁ ମୋର ଦେହ**
**ଏ ଦେଶ ମାଟିରେ,**
**ଦେଶବାସୀ**
**ଚାଲିଯାଆନ୍ତୁ ପିଠିରେ ।**
**ଦେଶର ସ୍ୱରାଜ୍ୟ ପଥେ**
**ଯେତେ ଗାଡ଼,**
**ପୂରୁ ତହିଁ ପଡ଼ି**
**ମୋର ମାଂସ ହାଡ଼ ।**
**ଗୋପବନ୍ଧୁ ଦାସ**

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ପଛୁଆ ବର୍ଗଙ୍କ ସ୍ଥାନ ସଂରକ୍ଷଣ ସଂପର୍କରେ



## ପ୍ରହଲାଦ କୁମାର ସିଂହ

ପଛୁଆ ବର୍ଗଙ୍କ ପାଇଁ ସ୍ଥାନ ସଂରକ୍ଷଣ ପ୍ରସଙ୍ଗକୁ ନେଇ ପ୍ରାୟ ୫୦ବର୍ଷ ଧରି ବିଭିନ୍ନ ରାଜନୈତିକ ଦଳ ସେମାନଙ୍କ ଭୋଟ ବ୍ୟାଙ୍କ ବଢ଼ାଇବାକୁ ଉଦ୍ୟମ ଚଳାଇଛନ୍ତି । ଏ ପରିପ୍ରେକ୍ଷୀରେ ସମାଜର ପଛ ଧାଡ଼ିରେ ଥିବା ଲୋକଙ୍କ ବିକାଶ ସ୍ୱାଧୀନତାର ୭୮ବର୍ଷରେ କେତେ ହୋଇଛି ତାହାର ସମୀକ୍ଷା କରିବା ପରିବର୍ତ୍ତେ କିଏ କେତେ ପଛୁଆ ହୋଇପାରିବ ଏବଂ ସେମାନଙ୍କୁ ନେଇ କେଉଁ ଦଳ କେତେ ରାଜନୈତିକ ଫାଇଦା ଉଠାଇବ ସେଥିଘେନି ଚାଲିଛି ଘମାଘୋଟ ପ୍ରତିଯୋଗିତା ।

ସମ୍ବିଧାନ ପ୍ରଣୟନ ପୂର୍ବରୁ ପରାଧୀନ ଭାରତବର୍ଷରେ ବିଧାନସଭା ପାଇଁ ମହିଳା, ଅନୁସୂଚିତ ଜାତି, ମୁସଲମାନ, ଖ୍ରୀଷ୍ଟିଆନ, ଶିଳ୍ପ ଓ ବାଣିଜ୍ୟ ସହ ଜଡ଼ିତ ବ୍ୟକ୍ତିବିଶେଷ ଏବଂ ରାଜା ଜମିଦାର ଆଦିଙ୍କ ଲାଗି ସ୍ୱତନ୍ତ୍ର ଆସନ ବ୍ୟବସ୍ଥା ଥିଲା । ଭାରତର ସମ୍ବିଧାନ ଲାଗୁ ହେଲା ୧୯୫୦ ଜାନୁଆରୀ ୨୬ରେ । ଏଥିରେ ଅନୁସୂଚିତ ଜାତି ଓ ଜନଜାତି ବର୍ଗଙ୍କୁ ଜନସଂଖ୍ୟାର ଆନୁପାତିକ ହାରରେ ସରକାରୀ ଚାକିରି ଏବଂ ବିଧାନସଭା ଓ ଲୋକସଭା ଆଦିରେ ସଂରକ୍ଷଣ ସୁବିଧା ଦେବା ପାଇଁ ବ୍ୟବସ୍ଥା ରହିଲା । ସମ୍ବିଧାନ ପ୍ରଣୟନ ସଭା ଆଶା ରଖିଥିଲା ଯେ ସୀମିତ ସମୟ ମଧ୍ୟରେ ଏହି ବର୍ଗଙ୍କୁ ପଛରୁ ଆଣି ମୁଖ୍ୟ ସ୍ରୋତରେ ସାମିଲ କରାଯାଇପାରିବ ବୋଲି । କିନ୍ତୁ ଏଥିରେ ବିଫଳ ଆମ ଦେଶର ନେତୃତ୍ୱ ବାରମ୍ବାର ସଂରକ୍ଷଣର ସମୟସୀମା ବଢ଼ାଇ ଚାଲିଥିଲେ ମଧ୍ୟ ମୂଳ ସମସ୍ୟାର ପ୍ରତିକାର କରିପାରୁ ନାହାନ୍ତି ।

ଅନୁସୂଚିତ ଜାତି ଓ ଜନଜାତି ବର୍ଗଙ୍କ ଛଡ଼ା ଅଣସଂରକ୍ଷିତ ବର୍ଗରେ ଯେଉଁ ଦରିଦ୍ରତମ ଲୋକେ ରହୁଛନ୍ତି, ସେମାନଙ୍କ ପ୍ରସଂଗରେ ସୁପାରିସ କରିବା ପାଇଁ କାକା ସାହେବ କାଲେଲକରଙ୍କ ଅଧ୍ୟକ୍ଷତାରେ କେନ୍ଦ୍ର ସରକାର ୧୯୫୦ ଦଶକରେ ଯେଉଁ କମିଶନ ବସାଇଥିଲେ, ତାହାର ରିପୋର୍ଟକୁ ଅମଲାତନ୍ତ୍ରର ଅଳିଆ ଗଦାରେ ହଜାଇ ଦିଆଗଲା । ଏହାର ଦୀର୍ଘବର୍ଷ ପରେ ୧୯୭୭ ମସିହାରେ କେନ୍ଦ୍ରରେ ଜନତା ପାର୍ଟି ସରକାର ଆସିବା ପରେ ପଛୁଆ ବର୍ଗଙ୍କ ସଂପର୍କରେ ଅନୁଧ୍ୟାନ କରିବା ପାଇଁ ବିନ୍ଧେଶ୍ୱରୀ ପ୍ରସାଦ ମଣ୍ଡଳଙ୍କ ଅଧ୍ୟକ୍ଷତାରେ ଏକ କମିଶନ ବସାଗଲା ଏବଂ ଏହି କମିଶନ ତାଙ୍କ ସୁପାରିସ ପ୍ରଦାନ କରିବା ବେଳକୁ ଜନତା ପାର୍ଟି ସରକାରର ପତନ ଘଟି ସାରିଥିଲା । ମଣ୍ଡଳ କମିଶନ ରିପୋର୍ଟ ପ୍ରାୟ ୧୦ବର୍ଷ ଧରି ଅମଲାତନ୍ତ୍ରର ଶୀତଳ ଭଣ୍ଡାରରେ ପଡ଼ିରହିବା ପରେ ବିଶ୍ୱନାଥ ପ୍ରତାପ ସିଂହଙ୍କ ସରକାର ଅମଳରେ ପଛୁଆ ବର୍ଗ ବା ଓବିସିଙ୍କ ଲାଗି ସରକାରୀ ଚାକିରିରେ ସଂରକ୍ଷଣ ଲାଗୁ କରିବା ପାଇଁ ନିଷ୍ପତ୍ତି ନିଆଗଲା । ସେତେବେଳେ ଏହା ବିରୋଧରେ ଦେଶ ବ୍ୟାପୀ ପ୍ରବଳ ଆନ୍ଦୋଳନ ଚାଲିବା ପରିପ୍ରେକ୍ଷୀରେ କେତେଜଣ ଆତ୍ମାହୁତି ଦେଇଥିଲେ ଏବଂ ଆନ୍ଦୋଳନକୁ ଦମନ କରିବା ପାଇଁ ଲାଠି, ଗୁଳି ଚାଲି ଓଡ଼ିଶା ସମେତ କେତେକ ରାଜ୍ୟରେ ବହୁ ଯୁବକ ଓ ଛାତ୍ର ମଧ୍ୟ ମୃତାହତ ହୋଇଥିଲେ ।

ଓଡ଼ିଶାର ସେତେବେଳର ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ମଣ୍ଡଳ କମିଶନ ରିପୋର୍ଟକୁ ଗ୍ରହଣ ନକରି ଗରିବଙ୍କ ଜାତି ନାହିଁ ବୋଲି ଖୋଲା ମନ୍ତବ୍ୟ ରଖିବା ସହିତ ୧୯୯୧ ଫେବୃଆରୀ ୩ ତାରିଖରେ ଅବସରପ୍ରାପ୍ତ ହାଇକୋର୍ଟ ବିଚାରପତି ନବ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଏକ କମିଶନ ଓଡ଼ିଶାରେ ବସିଥିଲା । ୧୯୯୩ ଜୁନ୍ ୨୮ ତାରିଖରେ ଜଷ୍ଟିସ ଦାସ କମିଶନ ତାଙ୍କର ବିସ୍ତୃତ ରିପୋର୍ଟ ପ୍ରଦାନ କରିଥିଲେ । ଏହି କମିଶନଙ୍କ କାର୍ଯ୍ୟ ଚାଲିଥିବାବେଳେ ୧୯୯୨ ନଭେମ୍ବର ୧୬ ତାରିଖରେ ସୁପ୍ରିମକୋର୍ଟର ଏକ ସାମ୍ବିଧାନିକ ବେଞ୍ଚ ପଛୁଆ ବର୍ଗଙ୍କ ପାଇଁ ସ୍ଥାନ ସଂରକ୍ଷଣ ପ୍ରସଙ୍ଗରେ ଇନ୍ଦ୍ରା ସାୱାନୀ ମାମଲାରେ ଦୀର୍ଘ ରାୟ ଦେଇଥିଲେ । ଏଥିରେ ସଂରକ୍ଷଣର ବିଭିନ୍ନ ଦିଗ ପ୍ରସଙ୍ଗରେ ଆଲୋଚନା କରାଯିବା ସହିତ ଚାକିରି କ୍ଷେତ୍ରରେ ସଂରକ୍ଷଣ ସୀମା ୫୦ ପ୍ରତିଶତରେ ସୀମିତ ରଖିବାକୁ ନିର୍ଦ୍ଦେଶ ଥିଲା । ତେବେ ଅତ୍ୟାବଶ୍ୟକ ସ୍ଥଳେ ସ୍ୱତନ୍ତ୍ର କ୍ଷେତ୍ରରେ ସ୍ଥାନ ସଂରକ୍ଷଣ ସୀମା ବଢ଼ାଯାଇପାରିବ ବୋଲି ଏହି ରାୟରେ ସର୍ତ୍ତମୂଳକ ସଂକେତ ରହିଥିଲା ।

ଜଷ୍ଟିସ ଦାସ କମିଶନ ଓଡ଼ିଶାରେ ସଂରକ୍ଷଣ ସୀମା ୫୦ ପ୍ରତିଶତ ରଖିବାକୁ ସୁପାରିସ କରିଥିଲେ । ମଣ୍ଡଳ କମିଶନଙ୍କ ସୁପାରିସକୁ କାର୍ଯ୍ୟକାରୀ କରିବା ପାଇଁ ଜଷ୍ଟିସ ରାମନନ୍ଦନ ପ୍ରସାଦ କମିଟି କେନ୍ଦ୍ର ସରକାର ବସାଇଥିଲେ ଏବଂ ସେହି କମିଟି ମଧ୍ୟ କେତେକ ଗୁରୁତ୍ୱପୂର୍ଣ୍ଣ ସୁପାରିସ କରିଥିଲେ । ଏହା ପୂର୍ବରୁ ୧୯୭୫ ମସିହାରେ ଓଡ଼ିଶା ସରକାର ଏସ୍‌ସି ଓ ଏସ୍‌ଟି ବର୍ଗଙ୍କ ଲାଗି ଓଡ଼ିଶା ସ୍ଥାନ ସଂରକ୍ଷଣ ଆଇନ୍ ଓ ୧୯୭୬ ମସିହାରେ ତାହାର ଅଧିନିୟମ ଆଣିଥିଲେ । ୧୯୮୫ ମସିହାରେ ଆର୍ଥିକ ଦୃଷ୍ଟିରୁ ପଛୁଆ ବର୍ଗ ଓ ଗରିବ ଲୋକଙ୍କ ପାଇଁ ଚାକିରିରେ ସଂରକ୍ଷଣ ଲାଗି ଏକ ଆଇନ ପ୍ରଣୀତ ହୋଇଥିଲା ।

୧୯୯୩ ସେପ୍ଟେମ୍ବର ୧୦ ତାରିଖରେ ଓଡ଼ିଶା ସରକାର ଏକ ସଂକଳ୍ପପତ୍ର ଜାରି କରି ସାମାଜିକ ଓ ଶିକ୍ଷା କ୍ଷେତ୍ରରେ ପଛୁଆ ପଡ଼ିଥିବା ବର୍ଗ (ଏସ୍‌ଇବିସି)ଙ୍କ ଲାଗି ଚାକିରି କ୍ଷେତ୍ରରେ ଜଷ୍ଟିସ ଦାସ କମିଶନଙ୍କ ସୁପାରିସ ଆଧାରରେ ୧୧.୨୫ ପ୍ରତିଶତ ସ୍ଥାନ ସଂରକ୍ଷଣ ଘୋଷଣା କରିଥିଲେ । ଓଡ଼ିଶାରେ ଏସ୍‌ଟି ବର୍ଗଙ୍କ ପାଇଁ ୨୨.୫୦ ପ୍ରତିଶତ ଓ ଏସ୍‌ସିଙ୍କ ଲାଗି ୧୬.୨୫ ପ୍ରତିଶତ ଆସନ ସଂରକ୍ଷଣ ଥିବାରୁ ୫୦ ପ୍ରତିଶତ ସୀମାକୁ ଆଖି ଆଗରେ ରଖି ୧୧.୨୫ ପ୍ରତିଶତ ଏସ୍‌ଇବିସିଙ୍କୁ ଦିଆଯାଇଥିଲା । ତେବେ ସେତେବେଳକୁ ଜାତୀୟ ସ୍ତରରେ ଏସ୍ ସି ଓ ଏସ୍‌ଟିଙ୍କ ପାଇଁ ଚାକିରି କ୍ଷେତ୍ରରେ ଜନସଂଖ୍ୟା ଆଧାରରେ ୨୨.୫୦ ପ୍ରତିଶତ ସ୍ଥାନ ସଂରକ୍ଷଣ ରହିଥିବା ଦୃଷ୍ଟିରୁ ସୁପ୍ରିମକୋର୍ଟଙ୍କ ୫୦ ପ୍ରତିଶତ ସୀମା ନିର୍ଦ୍ଦେଶକୁ ମାନି ଭାରତ ସରକାର ଓବିସିଙ୍କ ଲାଗି ୨୭ ପ୍ରତିଶତ ଆସନ ସଂରକ୍ଷଣ ଘୋଷଣା କରିଥିଲେ ।

କେନ୍ଦ୍ର ସରକାର ୨୭ ପ୍ରତିଶତ ଆସନ ସଂରକ୍ଷଣ କରିଥିବା ଦୃଷ୍ଟିରୁ ଓଡ଼ିଶାରେ ଏସ୍‌ଇବିସିଙ୍କ ପାଇଁ ୨୭ ପ୍ରତିଶତ ଆସନ ସଂରକ୍ଷଣ କରିବା ଲାଗି ଚାପ ବଢ଼ିବାରୁ ୧୯୯୫ରେ ବିଧାନସଭା ନିର୍ବାଚନ ପୂର୍ବରୁ ୧୯୯୪ ଡିସେମ୍ବର ୮ ତାରିଖରେ ରାଜ୍ୟ ସରକାର ଏସ୍‌ଇବିସିଙ୍କ ଲାଗି ଚାକିରି କ୍ଷେତ୍ରରେ ୨୭ ପ୍ରତିଶତ ସଂରକ୍ଷଣ ରଖିବା ସଂକ୍ରାନ୍ତୀୟ ସଂକଳ୍ପ ପତ୍ର ପ୍ରକାଶ କରିଥିଲେ । ରାଜ୍ୟ ସରକାରଙ୍କ ୨୭ ପ୍ରତିଶତ ଏସ୍‌ଇବିସି ସଂରକ୍ଷଣକୁ ବିରୋଧ କରି କୁମାରୀ ହରପ୍ରିୟା ଦାସ ନାମ୍ନୀ ଜଣେ ଚାକିରି ପ୍ରତ୍ୟାଶୀ ସ୍ୟାଟ୍‌ରେ ଏକ ମାମଲା ରୁଜୁ କରିଥିଲେ । ଓଡ଼ିଶା ଭାରତର ଅଙ୍ଗ ଏବଂ ସୁପ୍ରିମକୋର୍ଟଙ୍କ ରାୟ ସମଗ୍ର ଦେଶ ପାଇଁ ପ୍ରଯୁଜ୍ୟ ହୋଇଥିବାବେଳେ ଓଡ଼ିଶାକୁ ଏଥିରୁ ବାଦ୍ ଦିଆଯାଇପାରିବ ନାହିଁ ବୋଲି ସ୍ୟାଟ୍ ଉଲ୍ଲେଖ କରି ଏସ୍‌ଇବିସିଙ୍କ ପାଇଁ ୨୭ ପ୍ରତିଶତ ସ୍ଥାନ ସଂରକ୍ଷଣ ବ୍ୟବସ୍ଥାକୁ ନାପସନ୍ଦ କରିବା ସହ ମୋଟ ସଂରକ୍ଷଣ ସୀମାକୁ ୫୦ ପ୍ରତିଶତରେ ସୀମିତ ରଖିବାକୁ କହିଥିଲ । ଏହା ବିରୋଧରେ ଓଡ଼ିଶା ସରକାର ହାଇକୋର୍ଟ ଓ ସୁପ୍ରିମକୋର୍ଟରେ ମାମଲା ଲଢ଼ି ହାରିଥିଲେ । ତେଣୁ ପୁଣି ଏସ୍‌ଇବିସିଙ୍କ ପାଇଁ ସଂରକ୍ଷଣ ୨୭ରୁ ୧୧.୨୫ ପ୍ରତିଶତକୁ ଖସି ଆସିଥିଲା । ସୁପ୍ରିମକୋର୍ଟଙ୍କ କେତେକ ଐତିହାସିକ ରାୟର ସବୁ ତର୍ଜମା କରି ୧୫/୦୩/୨୦୦୭ରେ ଓଡ଼ିଶା ସରକାର ସ୍ପଷ୍ଟ ଭାବେ ଘୋଷଣା କରିଥିଲେ ଯେ ସଂରକ୍ଷଣ ସୀମା ୫୦ ପ୍ରତିଶତକୁ ଡେଇଁବ ନାହିଁ ।

ତେବେ ପରେ ପରେ ସେତେବେଳର ବିଜେଡି-ବିଜେପି ମେଣ୍ଟ ସରକାର ନିଜ ନିଷ୍ପତ୍ତିକୁ ବଦଳାଇ ବିଧାନସଭାରେ ଏକ ବିଧେୟକ ଆଣି ଏସ୍‌ଇବିସିଙ୍କ ପାଇଁ ୨୭ ପ୍ରତିଶତ ସଂରକ୍ଷଣ ସୁବିଧା ଦେବାକୁ ୨୦୦୮ରେ ସ୍ୱତନ୍ତ୍ର ଆଇନ୍ ପ୍ରଣୟନ କରିଥିଲେ । ଏହି ୨୭ ପ୍ରତିଶତ ସ୍ଥାନ ସଂରକ୍ଷଣ ଲାଗୁ କରାଯିବା ଫଳରେ ଓଡ଼ିଶାରେ ସରକାରୀ ଚାକିରି କ୍ଷେତ୍ରରେ ସଂରକ୍ଷଣ ସୀମା ୬୫.୭୫ ପ୍ରତିଶତକୁ ବୃଦ୍ଧି ପାଇଥିଲା । ଉଲ୍ଲେଖନୀୟ ଯେ ପୂର୍ବରୁ ଶାରୀରିକ ଭିନ୍ନକ୍ଷମ, କ୍ରୀଡ଼ାବିତ୍, ମହିଳା, ପ୍ରତିରକ୍ଷା ବାହିନୀର ପୂର୍ବତନ ସେନା ଆଦିଙ୍କ ପାଇଁ ମଧ୍ୟ ସଂରକ୍ଷଣ ଭିତରେ ସଂରକ୍ଷଣ ବ୍ୟବସ୍ଥା ରହିଥିଲା । ଓଡ଼ିଶା ସରକାରଙ୍କ ୨୦୦୮ର ଚାକିରି କ୍ଷେତ୍ରରେ ଏସ୍‌ଇବିସି ସ୍ଥାନ ସଂରକ୍ଷଣ ଆଇନ୍‌ର ୨୭ ପ୍ରତିଶତ ସଂରକ୍ଷଣକୁ ବିରୋଧ କରି ଅମର ଛାଟୋଇ ସ୍ୟାଟ୍‌ରେ ଏକ ମାମଲା ରୁଜୁ କରିଥିଲେ । ୧୨/୧୨/୨୦୧୩ରେ ସ୍ୟାଟ୍ ଏହି ମାମଲାରେ ଏକ ଐତିହାସିକ ରାୟ ଦେଇ ୨୭ ପ୍ରତିଶତ ଆସନ ସଂରକ୍ଷଣକୁ ଅଗ୍ରାହ୍ୟ କରିଦେବାରେ ଓଡ଼ିଶା ସରକାର ହାଇକୋର୍ଟରେ ଏହା ବିରୋଧରେ ଏକ ରିଟ୍ ଆବେଦନ କରିଥିଲେ ଏବଂ ଏହି ମାମଲା ବିଚାରାଧୀନ ଥିବାବେଳେ ଓଡ଼ିଶା ସରକାର ୨୪/୦୬/୨୦୧୪ରେ ଅନ୍ୟଏକ ସଂକଳ୍ପ ପତ୍ର ଜାରି କରି ଏସ୍‌ଇବିସିଙ୍କ ସଂରକ୍ଷଣକୁ ପୁଣିଥରେ ୧୧.୨୫ ପ୍ରତିଶତକୁ କମାଇ ଦେଇଥିଲେ । ଏହି ମାମଲାରେ ଓଡ଼ିଶା ସରକାର ହାରିବା ପରେ ପୁଣି ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ ମଧ୍ୟ କିଛି ଫାଇଦା ପାଇନାହାନ୍ତି ।

**ସେତେବେଳର ବିଜେଡି-ବିଜେପି ମେଣ୍ଟ ସରକାର ନିଜ ନିଷ୍ପତ୍ତିକୁ ବଦଳାଇ ବିଧାନସଭାରେ ଏକ ବିଧେୟକ ଆଣି ଏସ୍‌ଇବିସିଙ୍କ ପାଇଁ ୨୭ ପ୍ରତିଶତ ସଂରକ୍ଷଣ ସୁବିଧା ଦେବାକୁ ୨୦୦୮ରେ ସ୍ୱତନ୍ତ୍ର ଆଇନ୍ ପ୍ରଣୟନ କରିଥିଲେ । ଏହି ୨୭ ପ୍ରତିଶତ ସ୍ଥାନ ସଂରକ୍ଷଣ ଲାଗୁ କରାଯିବା ଫଳରେ ଓଡ଼ିଶାରେ ସରକାରୀ ଚାକିରି କ୍ଷେତ୍ରରେ ସଂରକ୍ଷଣ ସୀମା ୬୫.୭୫ ପ୍ରତିଶତକୁ ବୃଦ୍ଧି ପାଇଥିଲା । ଉଲ୍ଲେଖନୀୟ ଯେ ପୂର୍ବରୁ ଶାରୀରିକ ଭିନ୍ନକ୍ଷମ, କ୍ରୀଡ଼ାବିତ୍, ମହିଳା, ପ୍ରତିରକ୍ଷା ବାହିନୀର ପୂର୍ବତନ ସେନା ଆଦିଙ୍କ ପାଇଁ ମଧ୍ୟ ସଂରକ୍ଷଣ ଭିତରେ ସଂରକ୍ଷଣ ବ୍ୟବସ୍ଥା ରହିଥିଲା । ଓଡ଼ିଶା ସରକାରଙ୍କ ୨୦୦୮ର ଚାକିରି କ୍ଷେତ୍ରରେ ଏସ୍‌ଇବିସି ସ୍ଥାନ ସଂରକ୍ଷଣ ଆଇନ୍‌ର ୨୭ ପ୍ରତିଶତ ସଂରକ୍ଷଣକୁ ବିରୋଧ କରି ଅମର ଛାଟୋଇ ସ୍ୟାଟ୍‌ରେ ଏକ ମାମଲା ରୁଜୁ କରିଥିଲେ । ୧୨/୧୨/୨୦୧୩ରେ ସ୍ୟାଟ୍ ଏହି ମାମଲାରେ ଏକ ଐତିହାସିକ ରାୟ ଦେଇ ୨୭ ପ୍ରତିଶତ ଆସନ ସଂରକ୍ଷଣକୁ ଅଗ୍ରାହ୍ୟ କରିଦେବାରେ ଓଡ଼ିଶା ସରକାର ହାଇକୋର୍ଟରେ ଏହା ବିରୋଧରେ ଏକ ରିଟ୍ ଆବେଦନ କରିଥିଲେ ଏବଂ ଏହି ମାମଲା ବିଚାରାଧୀନ ଥିବାବେଳେ ଓଡ଼ିଶା ସରକାର ୨୪/୦୬/୨୦୧୪ରେ ଅନ୍ୟ ଏକ ସଂକଳ୍ପ ପତ୍ର ଜାରି କରି ଏସ୍‌ଇବିସିଙ୍କ ସଂରକ୍ଷଣକୁ ପୁଣିଥରେ ୧୧.୨୫ ପ୍ରତିଶତକୁ କମାଇ ଦେଇଥିଲେ । ଏହି ମାମଲାରେ ଓଡ଼ିଶା ସରକାର ହାରିବା ପରେ ପୁଣି ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ ମଧ୍ୟ କିଛି ଫାଇଦା ପାଇନାହାନ୍ତି ।**

ଇତିମଧ୍ୟରେ ବିଜେଡି ସରକାରଙ୍କ ସମୟରେ ପଞ୍ଚାୟତ ଓ ପୌର ନିର୍ବାଚନରେ ଏସ୍‌ଇବିସିଙ୍କ ପାଇଁ ୨୭ ପ୍ରତିଶତ ସ୍ଥାନ ସଂରକ୍ଷଣ ବ୍ୟବସ୍ଥା କରାଯାଇଥିଲା । ୫୦ ପ୍ରତିଶତ ସଂରକ୍ଷଣ ସୀମାକୁ ଆଧାର କରି ସୁପ୍ରିମକୋର୍ଟ ମଧ୍ୟ ଓଡ଼ିଶା ସରକାରଙ୍କ ପୌର ନିର୍ବାଚନରେ ଏସ୍‌ଇବିସିଙ୍କ ପାଇଁ ୨୭ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥାକୁ ଖାରଜ କରିଦେବା ଫଳରେ ରାଜ୍ୟ ସରକାର ତାହାକୁ ମାନି ନେବା ପାଇଁ ବାଧ ହୋଇଛନ୍ତି ।

କେନ୍ଦ୍ରରେ ଅର୍ଜୁନ ସିଂହ ମାନବ ସମ୍ବଳ ବିକାଶ ବିଭାଗ ମନ୍ତ୍ରୀ ଥିବାବେଳେ ଏସ୍‌ସି/ଏସ୍‌ଟିଙ୍କ ଭଳି ପଛୁଆ ବର୍ଗଙ୍କ ପାଇଁ ଶିକ୍ଷାନୁଷ୍ଠାନରେ ସ୍ଥାନ ସଂରକ୍ଷଣ ବ୍ୟବସ୍ଥା କରିଥିଲେ । ଏହା ଏଯାବତ ଚାଲିଆସିଛି । ତେବେ ଓଡ଼ିଶାରେ ଏସ୍‌ଟି ଓ ଏସ୍‌ସିଙ୍କ ପାଇଁ ଶିକ୍ଷାନୁଷ୍ଠାନ ନାମାଙ୍କନରେ ଆସନ ସଂରକ୍ଷଣ ବ୍ୟବସ୍ଥା ଥିବାବେଳେ ଏସ୍‌ଇବିସିଙ୍କ ପାଇଁ ଏହା ନଥିଲା । **୨୦୨୫ ମଇ ମାସରେ ଓଡ଼ିଶା ସରକାର ଯୁକ୍ତ୨, ଯୁକ୍ତ୩ ଓ ସ୍ନାତକୋତ୍ତର ଆଦି ବିଭିନ୍ନ ପାଠ୍ୟକ୍ରମରେ ଏସ୍‌ସିଏସ୍‌ଟିଙ୍କ ସହିତ ଏସ୍‌ଇବିସିଙ୍କ ପାଇଁ ଆସନ ସଂରକ୍ଷଣ ବ୍ୟବସ୍ଥା କରିଥିବାବେଳେ ଡାକ୍ତରୀ, ଇଞ୍ଜିନିୟରିଂ ଆଦି ବୈଷୟିକ ଶିକ୍ଷା କ୍ଷେତ୍ରରେ କିନ୍ତୁ ତାହା ଲାଗୁ କରି ନାହାନ୍ତି ।**

ଉଲ୍ଲେଖନୀୟ ଯେ ତାମିଲନାଡୁରେ ସଂରକ୍ଷଣ ସୀମା ୫୦ ପ୍ରତିଶତକୁ ଟପିଥିବା ବେଳେ ସମ୍ବିଧାନର ୩୧(ଖ) ଧାରା ମୁତାବକ ଏହା ନବମ ଅନୁଚ୍ଛେଦରେ ସାମିଲ ଥିବାରୁ ବୈଧ ରହିଛି । ଇତିମଧ୍ୟରେ ବିଭିନ୍ନ ମାମଲାରେ ସୁପ୍ରିମକୋର୍ଟ ସଂରକ୍ଷଣ ପ୍ରସଙ୍ଗରେ 'କ୍ୱାଣ୍ଟିଫିଏବଲ୍ ଡାଟା', 'କ୍ରିମିଲେୟର' ଆଦି ପ୍ରସଙ୍ଗ ଉଠାଇଥିଲେ ମଧ୍ୟ ତାହାର ଅନୁପାଳନ କରାଯାଉନାହିଁ । ଯେଉଁମାନେ ସ୍ଥାନ ସଂରକ୍ଷଣ ସପକ୍ଷରେ ଓ ବିପକ୍ଷରେ ବୟାନବାଜି କରନ୍ତି, ସେମାନେ ଇନ୍ଦ୍ରା ସାୱାନୀ, ଏମ୍. ନାଗରାଜ, ଆର.କେ. ସଭରୱାଲ୍, କେଶବାନନ୍ଦ ଭାରତୀ, ୱାମନ୍ ରାଓ, ଏସ୍.ଭି. ଯୋଶୀ, ଅଜିତ ସିଂ, ଜର୍ଣ୍ଣେଲ୍ ସିଂ, ହରପ୍ରିୟା ଦାସ, ଅମର ଛାଟୋଇ, ରାଜେଶ କୁମାର, ଏସ.ସି. ଗୌତମ, ଅଖିଳ ଭାରତ ଶୋଷିତ କର୍ମଚାରୀ ସଂଘ, ଲଳିତ ନାୟକ, ଅନୁଶ୍ରବ ଗନ୍ତାୟତ, ପ୍ରଭାକର ମଲିକ, ବୀରପାଲ ସିଂ ଚୌହ୍ୱାନ, ଉତ୍ତର ପ୍ରଦେଶ ଶକ୍ତି ନିଗମ, ଭରତ ମାଝୀ ଆଦି ମାମଲାରେ ଅଦାଲତଙ୍କ ରାୟ ସହିତ ସାମ୍ବିଧାନିକ ବ୍ୟବସ୍ଥା ଏବଂ କେନ୍ଦ୍ର ଓ ରାଜ୍ୟ ସରକାର ବିଭିନ୍ନ ସମୟରେ ଜାରି କରିଥିବା ମାର୍ଗ ନିର୍ଦ୍ଦେଶିକାଗୁଡ଼ିକର ଅଧ୍ୟୟନ ଓ ଅନୁଶୀଳନ କରିବା ଆବଶ୍ୟକ । ସଂରକ୍ଷଣକୁ କେନ୍ଦ୍ରକରି ସଂରକ୍ଷିତ ଓ ଅଣସଂରକ୍ଷିତ ବର୍ଗଙ୍କ ମଧ୍ୟରେ ବିଦ୍ୱେଷ ସୃଷ୍ଟି ନ କରି ରାଷ୍ଟ୍ର ଓ ସମାଜର ହିତ ଦୃଷ୍ଟିରୁ ଶାନ୍ତିପୂର୍ଣ୍ଣ ସହାବସ୍ଥାନ ସହ ସବୁ ହାତକୁ ରୋଜଗାର ବ୍ୟବସ୍ଥା କରିବା ହେଉଛି ସମୟର ବଡ଼ ଆହ୍ୱାନ ।

*E-mail:*
*prahalladsinha@gmail.com*
ମୋ-୯୪୩୭୦୧୭୩୯୫

# ମହାନ ବୈଜ୍ଞାନିକ ପରିଜା ସାହେବ



## ଅକ୍ଷୟ କୁମାର ରାଉତ

ଯେଉଁ ବିଶ୍ୱବିଖ୍ୟାତ ବୈଜ୍ଞାନିକଗଣ ନିଜର ମହାନ୍ ଅବଦାନ ଦ୍ୱାରା ବିଜ୍ଞାନ ଜଗତକୁ ଋଦ୍ଧିମନ୍ତ କରି ମାନବସମାଜକୁ ବିପୁଳ ଜ୍ଞାନାଲୋକରେ ଉଦ୍‌ଭାସିତ କରିଯାଇଛନ୍ତି, ସେମାନଙ୍କ ମଧ୍ୟରେ ବାପ ମା' ଛେଉଣ୍ଡ ନିପଟ ମଫସଲ ଗାଁର ଦରିଦ୍ର ଓଡ଼ିଆ ପିଲା ପ୍ରାଣକୃଷ୍ଣ ପରିଜା ନିଜ ଗୋଡରେ ଠିଆହୋଇ କେମ୍ବ୍ରିଜ୍ ବିଶ୍ୱବିଦ୍ୟାଳୟରେ ଗବେଷଣାକରି ବିଶ୍ୱବିଖ୍ୟାତ ବୈଜ୍ଞାନିକ ହେବାର ଗୌରବ ଅର୍ଜନ କରିଥିଲେ । ପ୍ରାଣକୃଷ୍ଣ ପରିଜା ଆଦିକବି ଶାରଳା ଦାସଙ୍କ ବଂଶଜ ପରିଡା ବଂଶ ସାରୋଳ ଗ୍ରାମରୁ ଯାଇ ଜଗତ୍‌ସିଂହପୁରର ଖେରସ ଓ ବାଲିକୁଦାର ଇଛାପୁର ଗ୍ରାମରେ ବସତି ସ୍ଥାପନ କରିଥିଲେ । କ୍ରମେ ପରିଡା ବଂଶର ଲୋକେ ପରିଜା ସାଂଜ୍ଞିଆରେ ପରିଚିତ ହେଲେ ।

୧୮୯୧ ମସିହା ଏପ୍ରିଲ ପହିଲାରେ ପ୍ରାଣକୃଷ୍ଣ ଇଛାପୁର ଗ୍ରାମର ବିଶ୍ୱନାଥ ପରିଜା ଓ ଜୟନ୍ତୀ ପରିଜାଙ୍କ ପୁତ୍ର ରୂପେ ଜନ୍ମଗ୍ରହଣ କରିଥିଲେ । ବିଶ୍ୱନାଥ ପରିଜା ପାଠ ପଢ଼ି ନଥିବାରୁ ମୟୂରଭଞ୍ଜରେ ଫରେଷ୍ଟଗାର୍ଡ ରୂପେ କାର୍ଯ୍ୟ କରୁଥିଲେ । ତେଣୁ ପ୍ରାଣକୃଷ୍ଣ ଗାଁ ଚାହାଳିରେ ନିଜର ପଢ଼ା ଆରମ୍ଭ କରିଥିଲେ । ଦିନଯାକ ଚାହାଳିରେ ପ୍ରାଣକୃଷ୍ଣ ପାଠ ପଢ଼ନ୍ତି ଓ ରାତିରେ ଭାଗବତ ଟୁଙ୍ଗୀରୁ ମହାଭାରତ, ରାମାୟଣ ଓ ଭାଗବତ ଶୁଣନ୍ତି । ଏହି ପୁରାଣର କାହାଣୀଗୁଡିକ ପ୍ରାଣକୃଷ୍ଣଙ୍କ ଉପରେ ବହୁତ ପ୍ରଭାବ ପକାଇଥିଲା । ଚାହାଳି ପାଠ ପଢ଼ା ଶେଷ ହେବାପରେ ତାଙ୍କ ମାଆ ପ୍ରାଣକୃଷ୍ଣଙ୍କୁ ତାଙ୍କର ଧର୍ମ ମଉସା ଉଦୟନାଥ ପାଖକୁ ଚାକିରି ପାଇଁ ପଠାଇଦେଲେ । ମଉସା ଉଦୟନାଥ ଜଗତ୍‌ସିଂହପୁରର ଲାଲବଂଶୀୟ ଜମିଦାରୀମାନଙ୍କ ଅଧିନରେ ତହସିଲଦାର ରୂପେ କାର୍ଯ୍ୟ କରୁଥିଲେ । ପ୍ରାଣକୃଷ୍ଣ ଜମାଦାରୀ କାଗଜପତ୍ର କାମ ସାଙ୍ଗକୁ କଚେରୀରେ କାମ ଶିଖନ୍ତି ଓ ନିଜେ ରୋଷେଇ କରି ଖାଆନ୍ତି । ବାପା ମୟୂରଭଞ୍ଜରୁ ଘରକୁ ଆସି ପ୍ରାଣକୃଷ୍ଣଙ୍କୁ ୧୯୦୧ ମସିହାରେ ବାଲିକୁଦା ମାଇନର ସ୍କୁଲରେ ନାମ ଲେଖାଇଦେଲେ । ସେଠାରେ ପ୍ରାଣକୃଷ୍ଣ ମନ ଲଗାଇ ପାଠପଢ଼ିଲେ । ଏହି ସମୟରେ ତାଙ୍କର ପିତା ଆରପାରିକୁ ଚାଲିଗଲେ । ମାଆ ତାଙ୍କ ସ୍ୱାମୀଙ୍କୁ ଝୁରି ଝୁରି ଆଖି ବୁଜିଦେଲେ । ପ୍ରାଣକୃଷ୍ଣ ହୋଇଗଲେ ଅନାଥ, ବାପା ମାଆ ଛେଉଣ୍ଡ ପିଲା । ତାଙ୍କ ବାପାଙ୍କ ଦାଦା ରଘୁନାଥ ପ୍ରାଣକୃଷ୍ଣଙ୍କ ଲାଳନପାଳନ ଓ ପାଠପଢ଼ାର ଦାୟିତ୍ୱ ନେଲେ । ପାଠ ପଢ଼ିବା ପାଇଁ ପ୍ରତିଦିନ ପ୍ରାଣକୃଷ୍ଣଙ୍କୁ ୪ ମାଇଲ ଚାଲିବାକୁ ପଡୁଥିଲା । ୧୯୦୪ ମସିହାରେ ପ୍ରାଣକୃଷ୍ଣ ମଧ୍ୟ ଇଂରାଜୀ ପାଠ ଶେଷ କରିଥିଲେ । ପରୀକ୍ଷାରେ ସାରା ଓଡିଶାରେ ପ୍ରଥମ ହୋଇ ଚାରିଟଙ୍କା ବୃତ୍ତି ପାଇଲେ । ଆଖପାଖରେ କେଉଁଠି ହାଇସ୍କୁଲ ନଥିବାରୁ ଜେଜେ ପ୍ରାଣକୃଷ୍ଣ କଟକ ରେଭେନ୍‌ସା କଲେଜିଏଟ୍ ସ୍କୁଲରେ ନାମ ଲେଖାଇଦେଲେ ।



ଗାଁରୁ କଟକ ଯିବା ଆସିବା କରିବା ପାଇଁ ସେତେବେଳେ ବିଶେଷ କିଛି ସୁବିଧା ନଥିଲା । ବିଦ୍ୟାଳୟ ଛୁଟି ହେଲେ ପ୍ରାଣକୃଷ୍ଣ ପ୍ରାୟ ୩୪ ମାଇଲ ବାଟ ଚାଲି ଚାଲି ଆସନ୍ତି ଓ ଯାଆନ୍ତି । ପ୍ରାଣକୃଷ୍ଣ ବାଟୋଇମାନଙ୍କ ସହିତ ରାତ୍ରିଯାପନ କରନ୍ତି ଚଟିଘରେ । ସେ ବାବଦକୁ ମାଲିକକୁ ଛ' ପଇସା ଦିଅନ୍ତି । ଚଟିଘରେ ଯାତ୍ରୀମାନେ ରୋଷେଇ କରନ୍ତି ଓ ଖିଆପିଆ ସାରି ଶୋଇପଡନ୍ତି । ପ୍ରାଣକୃଷ୍ଣଙ୍କ ଘରଠାରୁ ରେଭେନ୍‌ସା କଲେଜିଏଟ୍ ସ୍କୁଲ ପର୍ଯ୍ୟନ୍ତ ୬ଟି ଚଟିଘର ଥାଏ, ଯାତ୍ରୀଙ୍କ ବିଶ୍ରାମ ନିମନ୍ତେ । ସ୍କୁଲରେ ପଢ଼ିବା ସମୟରେ ପ୍ରାଣକୃଷ୍ଣ ପ୍ୟାଣ୍ଟ ବଦଳରେ ତନ୍ତବୁଣା ଖଦୀ ପିନ୍ଧିଥାନ୍ତି ଓ ଚଦରଟିଏ ବେକରେ ପକାଇ ଥାଆନ୍ତି । ବିଦ୍ୟାଳୟରେ ପ୍ରାଣକୃଷ୍ଣଙ୍କ ଏହିପରି ପରିଧାନ ନେଇ ପଣ୍ଡିତ ମହାଶୟ କହିଲେ ତୁ ଦିନେ ବଡ ମଣିଷ ହେବୁ । ଭବିଷ୍ୟତରେ ପଣ୍ଡିତଙ୍କ କଥା ସତରେ ପରିଣତ ହେଲା । ପତ୍ରପତ୍ରିକାରେ ପ୍ରବନ୍ଧ ଲେଖି ସେ ଚାରିଶହ ଟଙ୍କ ପୁରସ୍କାର ପାଇଥିଲେ । ଏହି ଟଙ୍କାର ମୂଲ୍ୟ ସେତେବେଳେ ଖୁବ୍ ବେଶୀ । ଶେଷରେ ସେ ହାଇସ୍କୁଲ ପରୀକ୍ଷାରେ ଓଡ଼ିଶାରେ ପ୍ରଥମ ହୋଇ ପାସ୍ କଲେ । ତେଣୁ ତାଙ୍କୁ ମାସିକ ୨୦ ଟଙ୍କା ସରକାରୀ ବୃତ୍ତି ମିଳିଲା । ରେଭେନ୍‌ସା କଲେଜରେ ସେ ଆଇ.ଏସ୍‌ସି ପାସ୍ କଲେ । ରେଭେନ୍‌ସା କଲେଜରେ ବି.ଏସ୍‌ସି. ନଥିବାରୁ କଲିକତାର ପ୍ରେସିଡେନ୍‌ସି କଲେଜରେ ବି.ଏସ୍‌ସି ପାଠ ପଢ଼ିଲେ । ଚଳିବା ପାଇଁ ଅର୍ଥର ଆବଶ୍ୟକତା ଥିବାରୁ ସେ କଲିକତାରେ ଟିଉସନ୍ କଲେ । ବି.ଏସ୍‌ସି ପାସ୍ ପରେ ଏମ.ଏସ୍‌ସି. ପଢ଼ିଲେ । ପ୍ରାଣକୃଷ୍ଣ ଏମ୍.ଏସ୍.ସି.ରେ ପାସ୍ କରିପାରିଲେ ନାହିଁ । ଏହାଥିଲା ତାଙ୍କ ଜୀବନର ପ୍ରଥମ ବିଫଳତା । ପ୍ରାଣକୃଷ୍ଣ ବିହାର - ଓଡ଼ିଶା ଛାତ୍ରବୃତ୍ତି ପାଇ ବିଲାତ ପଢ଼ିବାକୁ ଗଲେ । କେମ୍ବ୍ରିଜ୍ ବିଶ୍ୱବିଦ୍ୟାଳୟ ଅଧିନସ୍ଥ କ୍ରାଏଷ୍ଟ କଲେଜରେ ଉଦ୍ଭିଦ ବିଜ୍ଞାନ ପଢ଼ିଲେ । ଉଦ୍‌ଭିଦ ବିଜ୍ଞାନରେ ପ୍ରଥମ ଶ୍ରେଣୀରେ ପ୍ରଥମ ହୋଇ ପାସ୍ କରିଥିବାରୁ ତାଙ୍କୁ ଗବେଷଣା ପାଇଁ ଛାତ୍ରବୃତ୍ତି ମିଳିଥିଲା ।

ପ୍ରାଣକୃଷ୍ଣ ଅଧ୍ୟାପକ ବ୍ଲାକ୍‌ମ୍ୟାନ୍‌ଙ୍କ ଅଧୀନରେ ସେଓ ପତ୍ର ଉପରେ ଗବେଷଣା କଲେ । ଗଛର ଶ୍ୱାସକ୍ରିୟା ଉପରେ ସେ ଯେଉଁ ନୂଆ ତତ୍ତ୍ୱ ବାହାର କଲେ ତାହା 'ପରିଜା-ବ୍ଲାକ୍‌ମ୍ୟାନ' ଥିଓରି ଭାବେ ସର୍ବତ୍ର ପରିଚିତ । ଏହାପରେ ସେ ପୃଥିବୀର ଖ୍ୟାତନାମା ବୈଜ୍ଞାନିକ ହୋଇଗଲେ । ବିଲାତରେ ସାତ ବର୍ଷକାଳ ସାହେବମାନଙ୍କ ମେଳରେ ରହି ସେମାନଙ୍କଠାରୁ ଭଲଗୁଣ ଗ୍ରହଣ କରିଥିଲେ । ଗାଁରୁ ଶିଖିଥିବା ଦୟା, କ୍ଷମା, ସରଳତା ଓ ସାଧୁତା ସାଙ୍ଗରେ ବିଲାତର ଭଲଗୁଣଗୁଡିକ ମିଶିଯିବାରୁ ସେ ଏକ ନୂଆ ମଣିଷ ପାଲଟିଗଲେ । ନାମହେଲା 'ପରିଜା ସାହେବ' ।

ପରିଜା ସାହେବ ରେଭେନ୍‌ସା କଲେଜରେ ଉଦ୍‌ଭିଦ ବିଜ୍ଞାନରେ ମୁଖ୍ୟ ଅଧ୍ୟାପକ ରୂପେ ଯୋଗ ଦେଲେ । ତାଙ୍କ ଚେଷ୍ଟାରୁ ରେଭେନ୍‌ସା କଲେଜର ଉଭିଦ ବିଜ୍ଞାନ ବିଭାଗ ସମଗ୍ର ଭାରତବର୍ଷରେ ଗବେଷଣାର କେନ୍ଦ୍ରସ୍ଥଳୀ ପାଲଟିଗଲା । ବିଭିନ୍ନ ପ୍ରକାର ଦଳ ଉପରେ ଗବେଷଣା କରି ସେ ଅନେକ ନୂଆ କଥା ବାହାର କରିଥିଲେ । ମରୁଡି, ବନ୍ୟା ଓ ଲୁଣିପାଣି ଯୋଗୁଁ ବହୁ ସମୟରେ ଧାନ ଫସଲ ନଷ୍ଟ ହୋଇଯାଇଥାଏ । ଧାନ ଉପରେ ଗବେଷଣାକରି ସେ ବହୁ ନୂଆ ତତ୍ତ୍ୱ ବାହାର କଲେ ।

ମହାନ୍ ବୈଜ୍ଞାନିକ ପରିଜା ସାହେବ ବାଲିପାଟଣା ଗାଁର ଗୌରାଙ୍ଗ ଚରଣ କାନୁନ୍‌ଗୋଙ୍କ ବଡ଼ଝିଅ ସୁନ୍ଦରମଣିଙ୍କୁ ବିବାହ କଲେ । ସୁନ୍ଦରମଣି ଅଳ୍ପ ପାଠ ପଢ଼ିଥିବାରୁ ତାଙ୍କୁ ପାଠପଢ଼ାଇ ଠିକ୍ ଓଡ଼ିଆ ଘରର ବୋହୂ ପରି ଗଢ଼ିଦେଲେ । ବାହାରକୁ ଗଲେ ପରିଜା ସାହେବ ଯାଆନ୍ତି ଠିକ୍ ସାହେବ ପରିଧାନରେ କିନ୍ତୁ ସୁନ୍ଦରମଣି ଯାଉଥିଲେ ଖାଣ୍ଟି ଓଡ଼ିଆଣୀ ପୋଷାକ ପିନ୍ଧି । ଘରର ଚଳଣି ଓ ଖାଦ୍ୟପେୟ ଠିକ୍ ଓଡିଆର ଦହିପଖାଳ, ଶାଗ, ବଡ଼ି, କାଞ୍ଜିପାଣି, ଚକୁଳି, ପିଠା । ସେ କେବେ ନିଜ ଗାଁର ପାଣିପବନ ଓ ଓଡ଼ିଆର ସଂସ୍କୃତି ଓ ପରମ୍ପରାକୁ ଭୁଲନ୍ତି ନାହିଁ ।

ରେଭେନ୍‌ସା କଲେଜରେ ଅଧ୍ୟାପକରୁ ଅଧ୍ୟକ୍ଷ ପଦ ଅଳଙ୍କୃତ କରିଥିଲେ । ଅଧ୍ୟକ୍ଷ ପଦରୁ ଯାଇ ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତି ପଦରେ ବସିଲେ । ବିଭିନ୍ନ ସମୟରେ ସେ କୁଳପତି ରୂପେ ଦୀର୍ଘ ୧୮ ବର୍ଷ କାର୍ଯ୍ୟ କରିଥିଲେ । ବନାରସ 'ହିନ୍ଦୁ' ବିଶ୍ୱବିଦ୍ୟାଳୟର ଉପକୁଳପତି ପଦରେ କିଛି କାଳ କାର୍ଯ୍ୟ କରିଥିଲେ । ସେ କୁଳପତି ପାଇଁ ମନୋନୀତ ହୋଇ ମଧ୍ୟ ହୋଇପାରିଲେ ନାହିଁ । କାରଣ ସେ ହିନ୍ଦି ଭାଷାଭାଷୀ ଅଞ୍ଚଳର ଲୋକ ନଥିଲେ । ବନାରସରୁ ଫେରି ପରିଜା ସାହେବ ନିଜ ଗାଁ ଇଛାପୁରରେ ରହି ଲୋକମାନଙ୍କର ସୁବିଧା ଓ ଅସୁବିଧା ବୁଝିଲେ । ବାଲିକୁଦାରୁ ସ୍ୱାଧୀନ ପ୍ରାର୍ଥୀ ରୂପେ ଠିଆହୋଇ ବିଜୟ ଲାଭକରି ବିଧାୟକ ହେଲେ । ସଭାସମିତି ହେଉ ବା ଘରକାର୍ଯ୍ୟ ହେଉ ସବୁ କାମ ସେ ସମୟ ଅନୁଯାୟୀ କରୁଥିଲେ ।

ସଦାସର୍ବଦା ପରିଜା ସାହେବ ନିଜ କାମ ନିଜେ କରୁଥିଲେ । ସେ କୌଣସି କାର୍ଯ୍ୟପାଇଁ କାହା ଉପରେ ନିର୍ଭର କରୁନଥିଲେ । ଜଣେ ବୈଜ୍ଞାନିକ ହେଲେ ବି ରାମାୟଣ, ମହାଭାରତ, ଭାଗବତ ଆଦି ବିଭିନ୍ନ ପୁରାଣ ଓ ଇତିହାସ ପାଠ କରୁଥିଲେ । ସେ ଥିଲେ ଜ୍ଞାନର ପ୍ରତୀକ । ସେ ମେଧାବୀ ଛାତ୍ରମାନଙ୍କୁ ନିଜ ଦରମାରୁ ସାହାଯ୍ୟ କରୁଥିଲେ । କୌଣସି ଛାତ୍ର ଅସୁବିଧାରେ ପଡ଼ିଲେ ମଧ୍ୟ ସେ ସାହାଯ୍ୟ କରୁଥିଲେ । ନିଜ ଦେହ କଥା ପଛକୁ ରଖି କର୍ତ୍ତବ୍ୟକୁ ସେ ପ୍ରଥମ ସ୍ଥାନ ଦେଉଥିଲେ । ସେ କୁଳପତି ପଦବୀଠାରୁ ପଦ୍ମଭୂଷଣ ଉପାଧି ଯାଏଁ ଅନେକ ସମ୍ମାନ ପାଇଛନ୍ତି । ସେଥିରେ ପ୍ରଥମ ଓଡ଼ିଆ ଯେ ଭାରତୀୟ ବିଜ୍ଞାନ କଂଗ୍ରେସର ସଭାପତି ପଦମଣ୍ଡନ କରିଥିଲେ ।

ଆଗେ ତ ସୁନ୍ଦରମଣି ଯାଇଥିଲେ ତାପରେ ସେହି ମହାନ୍ ବୈଜ୍ଞାନିକ ୧୯୭୮ ମସିହା ଜୁନ୍ ମାସ ୨ ତାରିଖରେ ଶୁକ୍ରବାର ସକାଳ ୧୧.୫୫ ମିନିଟ୍‌ରେ ଚିରନିଦ୍ରାରେ ଶୋଇଯାଇଥିଲେ ।

**ପାରାଦ୍ୱୀପଗଡ଼, କୁଜଙ୍ଗ, ଜଗତସିଂହପୁର**
**ମୋ - ୯୯୩୭୬୯୧୪୭୫**

# ତ୍ରୁଟିମୁକ୍ତ ବିଲିଂ ସ୍ମାର୍ଟ ମିଟର ବ୍ୟବସ୍ଥା

ଭୁବନେଶ୍ୱର,୧୬ (ସବ୍ୟୁ) : ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଯୌଥ ଉଦ୍ୟୋଗ ଟିପି ସେଂଟ୍ରାଲ୍ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍(ଟିପିସିଓଡିଏଲ୍) ପକ୍ଷରୁ ସ୍ମାର୍ଟ ମିଟର ଦ୍ୱାରା ଉପଭୋକ୍ତାମାନଙ୍କୁ ସଶକ୍ତ କରିବା ଓ ତ୍ରୁଟିମୁକ୍ତ ବିଲିଂ ପାଇଁ ପ୍ରୟାସ କରାଯାଇଛି। ଏହାହେଉଛି ସ୍ମାର୍ଟ ଓ ପ୍ରଭାବଶାଳୀ ଶକ୍ତି ପରିଚାଳନା ଦିଗରେ ଏକ ବଡ଼ ଧରଣର ପଦକ୍ଷେପ। ଭାରତ ସରକାର, ଓଡ଼ିଶା ସରକାର ଓଓଇଆର୍‌ସିଙ୍କ ନିର୍ଦ୍ଦେଶାନୁସାରେ ଏହି ପଦକ୍ଷେପ ଗ୍ରହଣ କରାଯାଇଛି।ସ୍ମାର୍ଟ ମିଟର୍ ସ୍ୱୟଂକ୍ରିୟ ରିଡିଂ ଓ ବିଲିଂ ସୁବିଧା ପ୍ରଦାନ କରୁଛି ଯାହା ଗ୍ରାହକଙ୍କ ପାଇଁ ତ୍ରୁଟିମୁକ୍ତ ଓ ସଠିକ୍ ସମୟରେ ବିଲ୍‌କୁ ସୁନିଶ୍ଚିତ କରିଛି। ପ୍ରିପେଡ୍ ମୋଡ୍‌ରେ ସ୍ମାର୍ଟ ମିଟର୍ ସ୍ଥାପନ କରିବା ବାଧ୍ୟତାମୂଳକ ନୁହେଁ। ଏହି ମିଟରଗୁଡ଼ିକୁ ସର୍ବଦା ପୋଷ୍ଟପେଡ୍ ମୋଡ୍‌ରେସ୍ଥାପନ କରାଯାଇଥାଏ ଏବଂ କେବଳ ଗ୍ରାହକଙ୍କ ଅନୁରୋଧକ୍ରମେ ପ୍ରିପେଡ୍ ବିକଳ୍ପ ଉପଲବ୍ଧ ହୋଇଥାଏ।

ଗ୍ରାହକମାନଙ୍କୁ ବାସ୍ତବ ସମୟ ତଥ୍ୟ ସହିତ ସଶକ୍ତ କରିବା ପାଇଁ ଟିପିସିଓଡିଏଲ୍ ସ୍ମାର୍ଟ ମିଟର୍‌କୁ ଏହାର ମିତ୍ର ଆପ୍ ସହ ସମନ୍ୱିତ କରିଛି।ଯାହା ଫଳରେ ଗ୍ରାହକମାନେ ସେମାନଙ୍କ ଦୈନିକ ବିଦ୍ୟୁତ ବ୍ୟବହାରକୁ ଗତ ୩୦ ଦିନର ଗ୍ରାଫିକ୍ ଆକାରରେ ଜାଣିପାରିଥାନ୍ତି। ଏହିସୁବିଧା ଗ୍ରାହକମାନଙ୍କୁ ସେମାନଙ୍କ ଶକ୍ତି ବ୍ୟବହାର ଯୋଜନା କରିବା ଏବଂ ମାସିକ ବିଦ୍ୟୁତ୍ ବିଲ୍‌କୁ ହ୍ରାସ କରିବାରେ ସହାୟକ ହେବ।ପ୍ରିପେଡ୍ ବ୍ୟବହାରକାରୀମାନେ ବାସ୍ତବ ସମୟରେ ସେମାନଙ୍କ ବାଲାନ୍ସ ଯାଂଚ କରିପାରିବେ ଯାହା ଫଳରେ ବିଦ୍ୟୁତ୍ ବ୍ୟବହାର ଓ ଖର୍ଚ୍ଚଉପରେ ନିୟନ୍ତ୍ରଣ ରହିପାରିବ ।

# ସିକିମ୍‌ରେ ଓଡ଼ିଆ ପର୍ଯ୍ୟଟକ ନିଖୋଜ ଘଟଣା
## ନଦୀରୁ ମିଳିଲା ମୋବାଇଲ୍,ଟଙ୍କା

ଭୁବନେଶ୍ୱର,(ସବ୍ୟୁ): ଉତ୍ତର ସିକିମର ମନ୍ଗାଁ ଜିଲ୍ଲାରେ ଘଟିଥିବା ସଡ଼କ ଦୁର୍ଘଟଣାର ସାମ୍ନା କରିଥିବା ନିଖୋଜ ଓଡ଼ିଆଙ୍କ ମୋବାଇଲ୍ ଫୋନ୍ ଓ କିଛି ନଗଦ ଟଙ୍କା ଉଦ୍ଧାର ହୋଇଥିବା ଜଣାପଡ଼ିଛି । ଉଦ୍ଧାରକାରୀ ଦଳ ତିସ୍ତା ନଦୀରୁ ୬ଟି ମୋବାଇଲ ପାଇଛନ୍ତି । ଏହି ମୋବାଇଲ ଗୁଡ଼ିକ ଏକ ଭ୍ୟାନିଟି ବ୍ୟାଗ୍ ଭିତରେ ଥିଲା । ଏଥି ସହିତ ଉଦ୍ଧାରକାରୀ ଦଳ ଭ୍ୟାନିଟି ବ୍ୟାଗ୍ ଭିତରୁ ୯,୨୦୦ ଟଙ୍କା ପାଇଛନ୍ତି । ଉଦ୍ଧାର କରାଯାଇଥିବା ମୋବାଇଲ ଓ ବ୍ୟାଗ୍ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି । ଅନ୍ୟପଟରେ ନିଖୋଜ ପର୍ଯ୍ୟଟକଙ୍କ ପତ୍ତା ଏଯାଏଁ ମିଳି ନାହିଁ ।

# ସଙ୍କୁଳସ୍ତରୀୟ ଶିଶୁଭାରତୀ କର୍ମଶାଳା

ଖଇରା,(ସବ୍ୟୁ) :ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକ ଅଧୀନ ନଟପଡା ଛକସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରରେ ଶୁକ୍ରବାର ଦିନ ସଙ୍କୁଳସ୍ତରୀୟ ଶିଶୁଭାରତୀ କର୍ମଶାଳା ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ସୋର ସଙ୍କୁଳର ୧୨ଟି ବିଦ୍ୟାଳୟରୁ ୭୨ଜଣ ଛାତ୍ରୀଛାତ୍ର ମାନେ ଭାଗ ନେଇଥିଲେ । କମଳାକାନ୍ତ ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍ଘାଟନୀ ସଭାରେ ଅଧ୍ୟାପକ ବନମାଳୀ ବାରିକ,ସଂକୁଳ ସଂଯୋଜକ ଅଶୋକ ରଞ୍ଜନ ପଲାଇ,ସହସଂଯୋଜକ ଖଗେଶ୍ୱର ସ୍ୱାଇଁ ପ୍ରମୁଖ ଯୋଗ ଦେଇ କାର୍ଯ୍ୟକ୍ରମର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ । ପ୍ରତି ବିଦ୍ୟାଳୟରୁ ଆସିଥିବା ଅଧ୍ୟକ୍ଷ,ଉପାଧକ୍ଷ,ସେନାପତି,ଉପସେନାପତି,ମନ୍ତ୍ରୀ,ଉପମନ୍ତ୍ରୀ ମାନଙ୍କୁ ସେମାନଙ୍କ ଦାୟିତ୍ୱ ବିଷୟରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ।ଗୁରୁମା ଅହଲ୍ୟା ପାଣି,ସବିତା ମହାନ୍ତି,ମିତା ପାତ୍ର,ବାସନ୍ତୀ ମହାପାତ୍ର,କବିତା ପାଣିଗ୍ରାହୀ ଗୁରୁଜୀ ଦେବେନ୍ଦ୍ର ପାଣିଗ୍ରାହୀ,ବଳରାମ ଲେଙ୍କା,ପ୍ରଭାକର ଓଝା,ଶୁକଦେବ ପରିଡା,ପଙ୍କଜ ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ମହଙ୍ଗା...

ଯୋଗାଇବାରେ ମଧ ଏହା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି ।

ସେ କହିଥିଲେ ଯେ, 'ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା'ରେ ୭୦ ପ୍ରତିଶତ ପର୍ଯ୍ୟନ୍ତ ଆର୍ଥିକ ସହାୟତା ଯୋଗାଇ ଦିଆଯାଉଛି। ଗତ ୨୦୨୪-୨୫ ଆର୍ଥିକ ବର୍ଷରେ ଏହି ଯୋଜନାରେ ୩ ଲକ୍ଷ ହିତାଧିକାରୀ ୭୧ କୋଟି ଟଙ୍କାର ଅନୁଦାନ ରାଶି ପାଇ ଉପକୃତ ହୋଇସାରିଲେଣି । ଏହି କାମଧେନୁ ଯୋଜନା ଅଧିନରେ ଅନେକ ଯୋଜନା ଆଜି ଆମର ରାଜ୍ୟ ଚାଷୀଙ୍କୁ ସମୃଦ୍ଧ କରୁଛି । ପ୍ରାଣୀକଲ୍ୟାଣ ପ୍ରତି ଆମ ସରକାର ସର୍ବଦା ସମ୍ବେଦନଶୀଳ। ସହାନୁଭୂତି, ସଂବେଦନଶୀଳତା ଓ ପର୍ଯ୍ୟାବରଣ ସୁରକ୍ଷା ପ୍ରତି ଥିବା ଉତ୍ତରଦାୟିତ୍ୱକୁ ଭଲଭାବରେ ବୁଝି ନୂତନ ଗୋଶାଳା ପ୍ରତିଷ୍ଠା ଓ ପଞ୍ଜୀକୃତ ଗୋଶାଳାକୁ ସହାୟତା ଲକ୍ଷ୍ୟରେ ଆମ ସରକାର ୧୮୬ କୋଟି ଟଙ୍କା ବ୍ୟୟ-ଅଟକଳରେ 'ମୁଖ୍ୟମନ୍ତ୍ରୀ ପ୍ରାଣୀକଲ୍ୟାଣ ଯୋଜନା'ର ଶୁଭାରମ୍ଭ କରିଛନ୍ତି । ଏହି ଯୋଜନାରେ ବୁଲା ଓ ଅସହାୟ ଗୋରୁଗାଈଙ୍କ ଖାଦ୍ୟ, ରକ୍ଷଣାବେକ୍ଷଣ ଓ ପରିଚାଳନା ନିମନ୍ତେ ପଞ୍ଜୀକୃତ ଗୋଶାଳାଗୁଡିକୁ ଗୋରୁ ପିଛା ଦୁଇଟି କିସ୍ତିରେ ୨୦ ହଜାର ଟଙ୍କାର ଆର୍ଥିକ ସହାୟତା ଦିଆଯାଉଛି । ପ୍ରଥମ ପର୍ଯ୍ୟାୟରେ ଗତ ନଭେମ୍ବର ମାସରେ ୬୮ ଟି ଗୋଶାଳାକୁ ୯ କୋଟି ଟଙ୍କା ପ୍ରଦାନ କରାଯାଇଥିବା ବେଳେ ଦ୍ୱିତୀୟ ପର୍ଯ୍ୟାୟରେ ୭୭ ଟି ଗୋଶାଳାକୁ ୧୦.୫ କୋଟି ଟଙ୍କାର ଅନୁଦାନ ଆଜି ଦିଆଯାଇଛି । ଏହି ଅର୍ଥ ରାଜ୍ୟର ପ୍ରାୟ ୨୨ ହଜାର ନିରାଶ୍ରୟ ଗୋରୁଗାଈଙ୍କ ରକ୍ଷଣାବେକ୍ଷଣରେ ଖର୍ଚ୍ଚ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ମୁଖ୍ୟମନ୍ତ୍ରୀ ପୁଣି କହିଥିଲେ ଯେ ରାଜ୍ୟର ଖାଉଟିଙ୍କ ଆଗ୍ରହକୁ ଦୃଷ୍ଟିରେ ରଖି ଆଜି ଓମଫେଡ଼ ପକ୍ଷରୁ ତିନୋଟି ନୂଆ ଉତ୍ପାଦର ବଜାରପ୍ରବେଶ କରାଯାଉଛି । ସେଗୁଡ଼ିକ ହେଲା-ବାଲ୍ଟି ଦହି, ଆମ ଓଡିଶାର ବିଞ୍ଝାରପୁରୀ ଗାଈ କ୍ଷୀରରୁ ପ୍ରସ୍ତୁତ ଦେଶୀ ଗାଈ ଘିଅ ଓ ସେହି ଗାଈ ପ୍ରଜାତିର ଏ୨ କ୍ଷୀର । ଆଜିଠାରୁ ରାଜ୍ୟର ଓମଫେଡ଼ ଦୁଗ୍ଧ ଉତ୍ପାଦକମାନଙ୍କୁ ସରକାରଙ୍କ ତରଫରୁ ଲିଟର ପିଛା ୩ ଟଙ୍କା ଅଧିକ ଦାମ ଦିଆଯିବ । ଖାଉଟିମାନଙ୍କ ପାଇଁ ବୃଦ୍ଧି ହେବାକୁ ଥିବା ଲିଟର ପ୍ରତି ୪ ଟଙ୍କାରୁ ୨ ଟଙ୍କା ସରକାର ବହନ କରିବେ । ଏହାଦ୍ୱାରା ରାଜ୍ୟର ପ୍ରାୟ ୨.୫ ଲକ୍ଷ ଗୋପାଳକ ସିଧାସଳଖ ଲାଭବାନ ହୋଇପାରିବେ ।

ଆମେ ଚାହୁଁଛୁ ଯେ ଓଡ଼ିଶା ଏକ ଦୁଗ୍ଧ ଉତ୍ପାଦନ ରାଜ୍ୟ ଭାବରେ ଦେଶରେ ଏକ ମଡେଲ୍ ସ୍ଥାନ ନେଉ । ଆମେ ସମସ୍ତେ ମିଳିତ ଭାବେ ଦୁଗ୍ଧ ସମୃଦ୍ଧ ଓଡ଼ିଶା, ସୁସ୍ଥ ଓଡ଼ିଶା ନାରାକୁ ସାକାର କରିବା ଉଚିତ ବୋଲିମୁଖ୍ୟମନ୍ତ୍ରୀ ପରିଶେଷରେ କହିଥିଲେ । ଏହି କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, କହିଥିଲେ ଯେ, ଦୁଗ୍ଧ ଉତ୍ପାଦନ ଏବଂ ଦୁଗ୍ଧ ଜାତୀୟ ପଦାର୍ଥ ଉତ୍ପାଦନ ଯୋଗୁଁ ଆଜି ଓଡିଶାର ମାଆ, ଭଉଣୀ ମାନେ ଆତ୍ମନିର୍ଭରଶୀଳ । ଏହି ବିଭାଗ ସହିତ ଆମର ମିଶନ ଶକ୍ତି ମାଆ ଓ ଭଉଣୀ ମାନେ ସଂଶ୍ଳିଷ୍ଟ ରହି କେବଳ ଏତିକି ନୁହେଁ ଅର୍ଗାନିକ ବାୟୋ କମ୍ପୋଷ୍ଟ ତିଆରି କରି ନିଜକୁ ଲକ୍ଷ ପତି ଦିଦି ଭାବେ ପରିଚିତ କରିଛନ୍ତି ।

## ରାଜ୍ୟକୁ ...

ଦୁଇ ଜିଲ୍ଲାରେ ସ୍ୱାଭାବିକ ବର୍ଷା ରେକର୍ଡ କରାଯାଇଛି ।

ପାଣିପାଗ ବିଶେଷଜ୍ଞ ସୁରେନ୍ଦ୍ର ନାଥ ପଶୁପାଳକ କହିଛନ୍ତି, ଆସନ୍ତା ୧୦ ତାରିଖ ପର୍ଯ୍ୟନ୍ତ ରାଜ୍ୟ ସମେତ ଦେଶର ଅଧିକାଂଶ ସ୍ଥାନରେ ମୌସୁମୀ ନିଷ୍କ୍ରିୟ ରହିବ । କେବଳ ଦେଶର ପଶ୍ଚିମ ଉପକୂଳ ଓ ଉତ୍ତର-ପୂର୍ବ ଭାରତରେ ବର୍ଷା ହେବ । ବର୍ତ୍ତମାନ ରାଜ୍ୟକୁ ପଶ୍ଚିମା ପବନ ବୋହୁଛି । ମୌସୁମୀ ଟ୍ରପ୍ ସୃଷ୍ଟି ହୋଇପାରୁନାହିଁ । କୌଣସି ସିଷ୍ଟମ ମଧ୍ୟ ସୃଷ୍ଟି ହେବାର ସମ୍ଭାବନା ନାହିଁ ।

ଆସନ୍ତା ୧୦ ତାରିଖରୁ ବାୟୁର ଦିଗ ପରିବର୍ତ୍ତନ ହେବ । ୧୧ କିମ୍ବା ୧୨ରେ ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇ ପରବର୍ତ୍ତୀ ସମୟରେ ଲଘୁଚାପ ଏବଂ ତାହା ଓଡ଼ିଶା ବା ଏହା ସଂଲଗ୍ନ ଉପକୂଳ ଦେଇ ସ୍ଥଳଭାଗକୁ ପ୍ରବେଶ କରିବାର ସମ୍ଭାବନା ରହିଛି । ଫଳରେ ୪ଦିନ ସମଗ୍ର ରାଜ୍ୟରେ ବର୍ଷା ହେବ । ପ୍ରାଥମିକ ଆକଳନ କହୁଛି ଯେ, ବିସ୍ତୃତ ଭାରୀ ବର୍ଷାର ସମ୍ଭାବନା କମ୍ ।

ଆସନ୍ତା ୫ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ ଉପକୂଳ ଓ ଆଭ୍ୟନ୍ତରରେ ତାପମାତ୍ରା ୩୫ରୁ ୩୭ ଡିଗ୍ରୀ ଏବଂ ତାପରେ ୯ ପର୍ଯ୍ୟନ୍ତ ଏକ ଡିଗ୍ରୀ ତାପମାତ୍ରା ବଢ଼ିବ । ୧୦ ତାରିଖରୁ ତାପମାତ୍ରା କମିବ । ତେଣୁ ବର୍ତ୍ତମାନର ଗୁଳୁଗୁଳି ସ୍ନାନ ପୂର୍ଣ୍ଣିମୀ ପର୍ଯ୍ୟନ୍ତ ଚାଲୁ ରହିବ ।

## ବାଇକ...

ସେ ଭବାନୀପାଟଣା ସ୍ଥିତ ପୋଲିସ ରିଜର୍ଭ ଠାରେ କାର୍ଯ୍ୟ କରୁଥିଲେ। ଶନିବାର ବିଳମ୍ବିତ ରାତିରେ ଭବାନୀପାଟଣାରୁ କୋରାପୁଟକୁ ବାଇକ୍ ରେ ଯାଉଥିବାବେଳେ ବାଟରେ ବନମାଳିପୁର ଛକ ନିକଟରେ ଏକ ଅଟକି ଥିବା ଟ୍ରକରେ ପିଟିହୋଇ ତାଙ୍କର ମୃତ୍ୟୁ ହୋଇଥିବା ପୋଲିସ ଠାରୁ ସୂଚନା ମିଳିଛି। ଦୁର୍ଘଟଣା ପରେ ବାଇକ୍ ରେ ନିଆଁ ଲାଗିଯିବା ସହ ପୋଲିସ ଏଏସଆଇଙ୍କ ଦେହରେ ମଧ ନିଆଁ ଲାଗି ଯାଇଥିଲା। ଫଳରେ ଘଟଣା ସ୍ଥଳରେ ସେ ଜଳି ଯାଇ ପୋଡି ଯାଇଥିଲେ। ସୂଚନା ପାଇ ସ୍ଥାନୀୟ ପୋଲିସ ଘଟଣା ସ୍ଥଳକୁ ସାଇଣ୍ଟିଫିକ ଟିମ ସହ ସନ୍ଧାନୀ କୁକୁର ଆସି ତଦନ୍ତ କରିଥିଲା। ତେବେ ଦୁର୍ଘଟଣା ରାତିରେ ଉକ୍ତ ରାସ୍ତା ଦେଇ କୋରାପୁଟ ଜିଲ୍ଲାର ଜଣେ ପୋଲିସ ଅଧିକାରଣୀ ଓ ସ୍ଥାନୀୟ ଲୋକେ ଏହି ଦୃଶ୍ୟ ଦେଖିଥିବା ପୋଲିସ ଠାରୁ ସୂଚନା ମିଳିଛି। ଅନ୍ୟପକ୍ଷରେ,ଦୁର୍ଘଟଣା ଘଟାଇ ଥିବା ଟ୍ରକକୁ ଧରିବା ପାଇଁ ପୋଲିସ ଚେଷ୍ଟା ଜାରି ରଖିଥିବା ଜୁନାଗଡ଼ ଆଇଆଇସି ଶେଷଦେବ ବେହେରା ସୂଚନା ଦେଇଛନ୍ତି। ସେହିପରି ପରିବାର ଲୋକ ଆସିବା ପରେ ପୋଲିସ ଅଧିକାରୀଙ୍କ ମୃତ ଦେହ ଉଦ୍ଧାର କରାଯିବା ନେଇଁ ସୂଚନା ମିଳିଛି।

## ବିସ୍ଫୋରକ ...

୪ ଟନ୍ ବିସ୍ଫୋରକ ଲୁଟ୍ କରିବା ଘଟଣା ଭିତରେ ରାଉରକେଲାରେ ଠାବ ହୋଇଥିବା ଏହି ଦୁଇ ଟ୍ରକକୁ ନେଇ ଚର୍ଚ୍ଚା ଚାଲିଛି । ମଙ୍ଗଳବାର ବାଙ୍କ ପଥର ଖଣିରୁ ମାଓବାଦୀମାନେ ବିସ୍ଫୋରକ ଭର୍ତ୍ତି ଟ୍ରକ ଲୁଟ୍ କରି ନେଇଥିଲେ ।

ଅନ୍ୟ ପକ୍ଷରେ ସରଣ୍ଡା ଜଙ୍ଗଲରେ କମ୍ବିଂ ଓ ସର୍ଚ୍ଚଅପରେସନ୍ ଜୋରଦାର ଚାଲିଛି । ଓଡିଶା ଓ ଝାଡଖଣ୍ଡ ପୋଲିସ ସହ ଏସଓଜି, କୋବ୍ରା , ସିଆରପିଏଫ ଓ ଝାଡ଼ଖଣ୍ଡ ଜାଗୁଆର ପକ୍ଷରୁ ଚାଲିଛି ଯାଞ୍ଚ । ମାଓବାଦୀମାନେ ସରଣ୍ଡା ଜଙ୍ଗଲର ବିଭିନ୍ନ ସ୍ଥାନରେ ଲ୍ୟାଣ୍ଡମାଇନ ବିଛାଇ ଥିବାରୁ ଏହାକୁ ନଷ୍ଟ କରିବା ପାଇଁ ପୋଲିସ ପକ୍ଷରୁ ଉଦ୍ୟମ ଜାରି ରହିଛି। ସରଣ୍ଡା ଜଙ୍ଗଲରେ ମାଓବାଦୀମାନେ ରହିଥିବାରୁ ଜଙ୍ଗଲ ଭିତରକୁ ଯିବାକୁ ଭୟ ଲାଗୁଥିବା କୁହାଯାଉଛି ।ବାଙ୍କୋ ପଥର ଖଣି ନିକଟରୁ ୪ ହଜାର କେଜି ଓଜନର ବିସ୍ଫୋରକ ଲୁଟ ଘଟଣାର ତଦନ୍ତ ମଧ୍ୟ ଜାରି ରହିଛି। ଅତିରିକ୍ତ ଏସପିଙ୍କ ନେତୃତ୍ୱରେ ୫ ଜଣିଆ ଏସଆଇଟି ଟିମ ତଦନ୍ତକୁ ଜୋରଦାର କରିଛନ୍ତି। ବିସ୍ଫୋରକ ସାମଗ୍ରୀ ଯାଇଥିବା ଗୋଦାମ ମାଲିକ, କର୍ମଚାରୀ, ପଥର ଖଣି କର୍ମଚାରୀଙ୍କୁ ପୋଲିସ ପକ୍ଷରୁ ପଚରାଉଚରା କରାଯାଉଛି । ବିସ୍ଫୋରକ ସାମଗ୍ରୀ ପଥର ଖଣିକୁ ଯାଉଥିବା ମାଓବାଦୀମାନେ କିପରି ସୂଚନା ପାଇଲେ , ମାଓବାଦୀଙ୍କ ସହ କାହାର ଲିଙ୍କ୍ ରହିଛି ସେନେଇ ତଦନ୍ତ କରାଯାଉଛି। ଝାଡ଼ଖଣ୍ଡ ରାଜ୍ୟ ଅଧିନରେ ଥିବା ସରଣ୍ଡା ଜଙ୍ଗଲରେ ବହୁ ସଂଖ୍ୟାରେ ମାଓବାଦୀ ରହିଥିବା ସୂଚନା ମିଳିବା ପରେ ଝାଡ଼ଖଣ୍ଡ ଓଡିଶା ସୀମାନ୍ତ ବର୍ତ୍ତି ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥା ଓ ଯାଞ୍ଚ ବ୍ୟବସ୍ଥା ମଧ କଡାକଡି କରାଯାଇଛି ।

# ମାହେଶ୍ୱରୀ ସମାଜ ପକ୍ଷରୁ ରକ୍ତଦାନ ଶିବିର



ବାଲେଶ୍ୱର,(ସବ୍ୟୁ) : ଅପରେସନ୍ ସିନ୍ଦୂର ଓ ମାହେଶ ନବମୀ ଉପଲକ୍ଷେ ନୂଆସାହିସ୍ଥିତ ମାହେଶ୍ୱରୀ ଭବନରେ ଜିଲ୍ଲା ମାହେଶ୍ୱରୀ ସମାଜ, ଜିଲ୍ଲା ମାହେଶ୍ୱରୀ ମହିଳା ସଙ୍ଗଠନ ଓ ମାହେଶ୍ୱରୀ ଯୁବ ସଂଗଠନ ପକ୍ଷରୁ ଏକ ରକ୍ତଦାନ ଶିବିର ସମ୍ବାଦ-ଆମ ଓଡ଼ିଶା ସହଯୋଗରେ ଅନୁଷ୍ଠିତ ହୋଇଥିଲା।ଶିବିରକୁ ପୂର୍ବାଞ୍ଚଳ ଉପ ଆରକ୍ଷୀ ମହା ନିରୀକ୍ଷକ (ଡିଆଇଜି) ଡ଼ ସତ୍ୟଜିତ ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଶିବିରକୁ ଉଦଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ଜିଲ୍ଲା ରକ୍ତ କେନ୍ଦ୍ରର ଅଧିକାରୀ ଡାକ୍ତର ବସନ୍ତ କୁମାର ଉପାଧ୍ୟାୟ, ସମ୍ମାନୀତ ଅତିଥି ଭାବେ ପ୍ରିୟଦର୍ଶନୀ ଆଚାର୍ଯ୍ୟ, ବାଲେଶ୍ୱର ମାହେଶ୍ୱରୀ ସମାଜର ସଭାପତି ତେର ରତନ ଭୁତ୍ରା, ମହିଳା ସମିତି ସଭାପତି ବୀଣା ଭୁତ୍ରା, ଯୁବ ସଭାପତି ଆଶିଷ ଭୂତା ପ୍ରମୁଖ ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଶ୍ରୀମତୀ ଆଚାର୍ଯ୍ୟ ରକ୍ତଦାନ କରିଥିଲେ। ଏନେଇ ଏକ ସଭାର ଆୟୋଜନ କରାଇଥିଲା। ଏହାକୁ ପରିଚାଳନା କରିଥିଲେ ପଙ୍କଜ ପେରିୱାଲ, ଧନ୍ୟବାଦ୍ ଦେଇଥିଲେ ଗୋବିନ୍ଦ ରାଠି।ଅଧ୍ୟକ୍ଷ ଆଶିଷ ଭଚ୍ଚ, କୋଷାଧ୍ୟକ୍ଷ କାର୍ତ୍ତିକ ସାରଡ଼ା, ସୌଭାଗ୍ୟ ଭୁତ୍ରା, ଗୋପାଳ ଚାଣ୍ଡକ, ମୁର୍ଲି ପେରିୱାଲ, ଆଶିଷ ଲାହୋଟି, ଚନ୍ଦ୍ରପ୍ରକାଶ କାବ୍ରା, ପିୟୁଷ ସୋମାନୀ, ଜିଲ୍ଲା ମାହେଶ୍ୱରୀ ସମାଜର ଅଧ୍ୟକ୍ଷ ତେରାରନ୍ ଭୁତ୍ରା, ସମ୍ପାଦକ ପଙ୍କଜ ପେରିୱାଲ, ଉପାଧ୍ୟକ୍ଷ ନବୀନ ଚଣ୍ଡକ, ପୂର୍ବତନ ଅଧ୍ୟକ୍ଷ ବିଷ୍ଣୁ ମାରୁ, ମନହର ପେରିୱାଲ, ନରେଶ ଲୋଧା, ସୁନୀଲ ଚଣ୍ଡକ, ଶ୍ୟାମସୁନ୍ଦର ଝଂର, ଜିଲ୍ଲା ମାହେଶ୍ୱରୀ ମହିଳା ସଙ୍ଗଠନର ଅଧ୍ୟକ୍ଷା ବୀଣା ଭୁତ୍ରା, ସମ୍ପାଦିକା ଶ୍ୱେତାସମାନୀ, ପୂର୍ବତନ ଅଧ୍ୟକ୍ଷା ସୀମା ମୁନ୍ଦ୍ରା, ସୁନୀତା ରାଠୀ, ପ୍ରତି ଚଣ୍ଡକ, ରଞ୍ଜିତା ଲୋଧା, ଅନୁଜା କାବ୍ରା, ନିଲିମା ରାଠୀ, ଯୁବ ସଙ୍ଗଠନର ଅଧ୍ୟକ୍ଷ ଆଶିଷ ଭଚ୍ଚର, ସମ୍ପାଦକ କାର୍ତ୍ତିକ ଶ୍ରର୍ଦ୍ଧା, ମୂରଲୀ ପେରିୱାଲ । ସୌରଭ ରାଠୀ, ପୂର୍ବତନ ଅଧ୍ୟକ୍ଷ କମଳ ରାଠୀ, ପୂର୍ବତନ ସମ୍ପାଦକ ଗୋବିନ୍ଦ ରାଠୀ, ଚନ୍ଦ୍ର ପ୍ରକାଶ କାବ୍ରା, ଆଶିଷ ଲହୋଟି, କିଷାନ ମୁନ୍ଦ୍ରା, ପିୟୁଷ ସମାନୀ, ସୌଭାଗ୍ୟ ଭୁତ୍ରା ଓ ଲକ୍ଷ୍ମୀଧର ବାରିକ ଶିବିରକୁ ପରିଚାଳନା କରିଥିବା ବେଳେ ସଂଗଠନର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ। ବାଲେଶ୍ୱର ରକ୍ତ କେନ୍ଦ୍ରର କର୍ମଚାରୀମାନେ ରକ୍ତ ସଂଗ୍ରହ କରିଥିଲେ। ଶିବିରରୁ ୫୯ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା।

# ପଞ୍ଚାୟତ ସମିତି ଅଷ୍ଟମ ଅଧିବେଶନ

ପାଟଣା,(ସବ୍ୟୁ) : କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ସଭାଗୃହରେ ଶନିବାର ଦିନ ପଞ୍ଚାୟତ ସମିତି ଅଷ୍ଟମ ଅଧିବେଶନ ବ୍ଲକ ଅଧ୍ୟକ୍ଷା ବୀଣାପାଣି ନାଏକ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବରେ ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ ଯୋଗଦାନ କରି ପାଟଣା ବ୍ଲକ ର ବିଭିନ୍ନ ଉନ୍ନତି କାର୍ଯ୍ୟର ସମୀକ୍ଷା କରଥିଲେ।ଏହି ଅବସରରେ ପାଟଣା ବିଡିଓ ମାନସ ଦଣ୍ଡପାଟ,ଜୀପିଓ ରଶ୍ମିରେଖା ମହାନ୍ତି, ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ସିଦ୍ଧ ମାଝି,ପିଇଓ ଦୀପକ କୁମାର ବେହେରା, ଯୋଗାଦାନ କରିଥିବା ବେଳେ ଅନ୍ୟ ବିଭିନ୍ନ ବିଭାଗ ଅଧିକାରୀ ମାନଙ୍କ ଦ୍ୱାରା କାର୍ଯ୍ୟର ସମୀକ୍ଷା ହୋଇଛି।ଏହି ସମୀକ୍ଷା ଅଧିବେଶନ ରେ ବିଭିନ୍ନ ଅଧିକାରୀ କାର୍ଯ୍ୟକୁ ନେଇ ସମୀକ୍ଷା କରାଯାଇ ଥିବା ବେଳେ ବଡପାଟଣା ପଞ୍ଚାୟତ ସରପଞ୍ଚ ବିନତି ବାନରା ସ୍ଥାୟୀ ପଞ୍ଚାୟତ ଅଧିକାରୀ ସ୍ଥାଇ ପିଇଓ ପାଇଁ ଦାବି କରିଥିବା ବେଳେ ଡୁମୁରିଆ ସରପଞ୍ଚ ଗୌରହରି ନାଏକ ପଞ୍ଚାୟତ ଅଧୀନରେ ଥିବ ଇଷ୍ଟି ଲାଇଟ୍ ଗୁଡ଼ିକ ଅଚଳ ଥିବା ଟାଟା ବିଦ୍ୟୁ ବିଭାଗ ମରାମତି ନ କରୁ ଥିବା ରୁ ଲାଇଟ୍ ଗୁଡ଼ିକ କାଟି ଦେବାକୁ ପ୍ରକାଶ କରିଥିଲେ। ଏହି ଅଧିବେସନ ରେ ପାଟଣା ଯୋଗାଣ ନିରୀକ୍ଷକ ଅଧିକାରୀ ସୁନୀତା ମାରାଣ୍ଡି,ଡବ୍ଲୁଇଓ ଇସ୍ପିରା ରାଣୀ ମହାନ୍ତ, ଗୃହ ବିଭାଗ ସଂଯୋଜକ ସୁରେନ୍ଦ୍ର ଖଣ୍ଡା, ବିଏସ୍‌ଏସ୍‌ଓ ଅଭୟ କୁମାର ଦେହୁରୀ, କନିଷ୍ଟ ଯନ୍ତ୍ରୀ ମନାଲିଶା ଚକ୍ର, ଲାଖାଇ ମୁର୍ମୁ, ମନୋଜ ପଣ୍ଡା, ଅଜୟ ଝା ତଥା ବିଭିନ୍ନ ବିଭାଗୀୟ ଯନ୍ତ୍ରୀ, ଅଧିକାରୀ ,ପାଟଣା ବିଧାୟକ ପ୍ରତିନିଧି କମଳାକାନ୍ତ ଦାଶ, ସାଂସଦ ପ୍ରତିନିଧି ପ୍ରହ୍ଲାଦ ପଲେଇ, ୨୨ନଂ ଜିଲ୍ଲାପରିଷଦ ସୌଭାଗୀ ମଞ୍ଜରୀ ନାୟକ, ୨୩ନଂ ଜିଲ୍ଲାପରିଷଦ ରୁନୁ ମହାନ୍ତ ଏବଂ ପାଟଣା ବ୍ଲକ ୨୦ଟି ପଞ୍ଚାୟତ ର ସରପଞ୍ଚ, ସମିତି ସଭ୍ୟ/ସଭ୍ୟା ମାନେ ପ୍ରମୁଖ ଉପସ୍ଥିତି ଥିଲେ।


**AFFIDAVIT**

By virtue of an affidavit I chaudhury Deepak Patasahani natural S/o Madhusudan Rautaray and Jyotsnarani Rautaray adopted by Sarbeswar Sundaray and Pramila Sundaray, Vill/Po-Gurujanga, PS/Dist - Khordha by Registered adoption deed 69/ 8.12.2004 which is continued in C S No.54/2012 before Civil Judge (Jr. Div), Khordha. Judgement and Decree on 9.9.14 /12.9.14. Henceforth I shall be known as chaudhury Deepak Patasahani, S/o- Sarbeswar Sundaray and Pramila Sundaray instead of S/o- Madhusudan Rautaray and Jyotsnarani Rautaray for all purpose.


# ସାମ୍ବାଦିକ ସୁରକ୍ଷା ଆଇନ ଲାଗୁ ହେବାକୁ ଓୟୁଜେ ପକ୍ଷରୁ ଦାବି

ବାଲେଶ୍ୱର,(ସବ୍ୟୁ) :ରାଜ୍ୟରେ କର୍ତ୍ତବ୍ୟରତ ସାମ୍ବାଦିକଙ୍କ ଉପରେ ହେଉଥିବା ଅମାନୁଷିକ ଓ ବର୍ବରୋଚିତ ଆକ୍ରମଣ ପ୍ରତିବାଦ ରେ ଓଡ଼ିଶା ସାମ୍ବାଦିକ ୟୁନିଅନ ପକ୍ଷରୁ ଆଜି ରାଜ୍ୟବ୍ୟାପୀ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କ ଜରିଆରେ ଦାବୀପତ୍ର ପ୍ରଦାନ କରାଯାଇଛି। ଏହି କ୍ରମରେ ଓଡ଼ିଶା ସାମ୍ବାଦିକ ୟୁନିଅନ ବାଲେଶ୍ୱର ଜିଲ୍ଲା ଶାଖା ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲ୍ଲାପାଳ ହେମନ୍ତ କୁମାର ସିଂହ ଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏହି ଦାବି ପ୍ରଦାନ ବେଳେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସୀତାଂଶୁ ଶେଖର ଦାସ ଉପସ୍ଥିତ ଥିଲେ। ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦିଆଯାଇଥିବା ଏହି ଦାବି ପତ୍ରରେ ବଲାଙ୍ଗୀର ଜିଲ୍ଲାର ସାମ୍ବାଦିକ ବିଜୟ ପ୍ରଧାନଙ୍କ ଉପରେ ହୋଇଥିବା ବର୍ବରୋଚିତ ଆକ୍ରମଣ ପ୍ରସଙ୍ଗ କୁ ଗୁରୁତ୍ୱ ଦିଆଯାଇଛି। ସାମ୍ବାଦିକଙ୍କ ଉପରେ ହେଉଥିବା ଏହି ଅମାନୁଷିକ ଆକ୍ରମଣ ଆମ ସମସ୍ତଙ୍କ ସୁରକ୍ଷା କୁ ବିପନ୍ନ କରିଛି।ଏହି ନଗ୍ନ ଘଟଣା ରାଜ୍ୟର ଚର୍ଚ୍ଚାର ବିଷୟ ବସ୍ତୁ ହୋଇଥିବା ବେଳେ ସବୁ ମହଲରେ ପ୍ରତିବାଦ ଓ ନିନ୍ଦା କରାଯାଇଛି।ରାଜ୍ୟ ସରକାର ସାମ୍ବାଦିକ ମାନଙ୍କ ସୁରକ୍ଷା ପାଇଁ ତୁରନ୍ତ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ସଂଘ ପକ୍ଷରୁ ଦୃଢ଼ ଦାବି କରାଯାଇଛି। ଓୟୁଜେ ଜିଲ୍ଲା ଶାଖାର ସଭାପତି ଗଙ୍ଗାଧର ରାଉତଙ୍କ ନେତୃତ୍ୱରେ ଯାଇଥିବା ସଂଘର ପ୍ରତିନିଧି ଦଳରେ କୋଷାଧକ୍ଷ ସୁରେଶ ଚନ୍ଦ୍ର ଦାସ,ବରିଷ୍ଠ ସଦସ୍ୟ ଅଜିତ କୁମାର ମହାନ୍ତି,କନ୍ହେଇ ଚରଣ ପ୍ରଧାନ,ଚିତ୍ତ ରଂଜନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ଖୁସିରାଣୀ ସାହୁ ଉଦ୍ଭିଦ ବିଜ୍ଞାନରେ ବିଶ୍ୱବିଦ୍ୟାଳୟ ଟପ୍ପର

ବେତନଟୀ,(ସବ୍ୟୁ) : ମୟୂରଭଞ୍ଜ ଜିଲ୍ଲା ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱ ବିଦ୍ୟାଳୟର କଳା ବାଣିଜ୍ୟ ଓ ବିଜ୍ଞାନ ବିଭାଗର ସ୍ନାତକ ପରୀକ୍ଷା ଫଳ ଶୁକ୍ରବାର ଅପରାହ୍ନରେ ପ୍ରକାଶ ପାଇଛି। ବେତନଟୀ ମହାବିଦ୍ୟାଳୟର ଉଦ୍ଭିଦ ବିଜ୍ଞାନର ଛାତ୍ରୀ ଖୁସିରାଣୀ ସାହୁ ସର୍ବାଧିକ ନମ୍ବର ରଖି ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ଟପ୍ପର ହୋଇଥିବା ନେଇ ମହାବିଦ୍ୟାଳୟ କର୍ତ୍ତୃପକ୍ଷ ସୂଚନା ପ୍ରଦାନ କରିଛନ୍ତ। ଏହି ବିଶ୍ୱବିଦ୍ୟାଳୟ ଅଧୀନରେ ସମସ୍ତ କଲେଜର ହଜର ହଜାର ଛାତ୍ରଛାତ୍ରୀଙ୍କୁ ପଛରେ ପକାଇ ବେତନଟୀ କଲେଜର ଛାତ୍ରୀ ଖୁସିରାଣୀ ସାହୁ ସର୍ବାଧିକ ନମ୍ବର ରଖି ଟପ୍ପର ହୋଇଛନ୍ତି। ଖୁସିରାଣୀ ସାହୁ ଡିଷ୍ଟିଙ୍ଗସନରେ କୃତିତ୍ୱଲାଭ କରିଥିବା ବେଳେ ମୋଟ ଶତକଡା ୮୮. ୫୭% ନମ୍ବର ରଖି ସଫଳତା ହାସଲ କରିବା ସହିତ ବେତନଟୀ କଲେଜ ପାଇଁ ଗର୍ବ ଓ ଗୌରବ ସାଜିଛନ୍ତି। ଖୁସି ରାଣୀଙ୍କ ଏହି ସଫଳତାର ଶ୍ରେୟ ନିଜ ପରିବାର ତଥା ପିତା ଧୁଲେଶ୍ୱର ସାହୁ, ମାତା ସୁମତି ବେହେରା ଓ କଲେଜର ପ୍ରଧାପକ ଓ ପ୍ରଧାପିକାଙ୍କୁ ଦେଇଛନ୍ତି। ଏହା ବେତନଟୀ କଲେଜ ପାଇଁ ଏକ ଗର୍ବର ବିଷୟ ଏଣୁ ବେତନଟୀ କଲେଜ ଅଧକ୍ଷ ମନରଞ୍ଜନ ମହାନ୍ତ, ବେତନଟୀ କଲେଜ ଉଦ୍ଭିଦ ବିଜ୍ଞାନ ମୁଖ୍ୟ ଦେବୀଦତ୍ତ ପଣ୍ଡା, ପ୍ରଧାପିକା ମଧୁଛନ୍ଦା ପାଲ, ପ୍ରାଧାପକ ଅଭିଷେକ ମହାନ୍ତିଙ୍କ ସମେତ ଅନ୍ୟାନ୍ୟ ଅଧାପକ ଅଧାପିକା ଖୁସି ରାଣୀଙ୍କ ଉଜ୍ଜଳ ଭବିଷ୍ୟର କାମନା ପୂର୍ବକ ତାଙ୍କୁ ଶୁଭେଚ୍ଛା ଓ ଶୁଭକାମନା ଜଣାଇଛନ୍ତି।


N- 60

**Government of Odisha**
Higher Education Department

**Remaining Timeline for e-Admission into P.G. Course under SAMS in the State Public Universities and Collegers for the Academic Session: 2025-26**

The remaining timeline for e-Admission into P.G. Courses for the session 2025-26 in the State Public Universities and Colleges participating in project 'Student Academic Management System (SAMS)' is given below. Any changes in the dateline will be published in the newspapers as well as in the website **www.samsodisha.gov.in.** The Common Prospectus (CP) for the said Course is available on the SAMS Portal. Kindly refer the CP for the below mentioned activities.

| Sl# | Activities | Timeline |
|---|---|---|
| 1 | Publication of subject-wise and State-wide merit list | 02-June-2025 **(04:00 PM)** |
| 2 | Updation of Graduation/Equivalent marks and Choice filling of HEIs by the eligible applicants | 03-June-2025 **(02.00 PM)** to 08-June-2025 **(11.45 PM)** |
| 3 | Publication of Provisiona Allotment of Seats **(For First Round Selection)** | 13-June-2025 **(04:00 PM)** |
| 4 | Selection of **Slide/ Freeze/ Float Option and Online payment** of admission fees by students through SAMS [Student's Account] portal | 13-June-2025 **(06:00 PM)** to 18-June-2025 **(03.00 PM)** |
| 5 | Reporting of applicant at allotted institutions for taking admission **(for First Round Selection)** | 16-June-2025 **(10:00 AM)** to 18-June-2025 **(05:00 PM)** |
| 6 | Data updation of admitted students in the e-space **(for First Round Admission)** by the respective Institutions | 16-June-2025 **(10:00 AM)** to 18-June-2025 **(07:00 PM)** |
| 7 | Publication of Provisional Allotment of Seats **(for Second Round Selection)** | 23-June-2025 **(04:00 PM)** |
| 8 | Selection of **Slide/ Freeze/ Float Option and Online payment** of admission fees by students through SAMS **[Student's Account]** portal | 23-June-2025 **(06:00 PM)** to 26-June-2025 **(03:00 PM)** |
| 9 | Reporting of applicant at allotted institutions for taking admission **(for Second Round Selection)** | 24-June-2025 **(10:00 AM)** to 26-June-2025 **(05:00 PM)** |
| 10 | Data updation of admitted students in the e-space **(for Second Round Admission)** by the respective Institutions | 24-June-2025 **(10:00 AM)** to 26-June-2025 **(07:00 PM)** |
| 11 | Publication of Provisional Allotment of Seats **(for Third/Final Round Selection)** | 03-July-2025 **(04:00 PM)** |
| 12 | Selection of **Freeze Option and Online payment** of admission fees by students through SAMS **[Student's Account]** portal | 03-July-2025 **(06:00 PM)** to 07-July-2025 **(03:00 PM)** |
| 13 | Reporting of applicant at allotted institutions for taking admission **(for Third/Final Round Selection)** | 04-July-2025 **(10:00 PM)** to 08-July-2025 **(05:00 PM)** **(Except Holiday)** |
| 14 | Data updation of admitted students in the e-space **(for Third/Final Round Admission)** by the respective Institutions | 04-July-2025 **(10:00 PM)** to 08-July-2025 **(07:00 PM)** |
| 15 | Reporting of applicants through **[Student's Login]** in online mode **(Applicants have to select their remaining higher preference HEIs by ticking the checkbox provided next to each HEI where they want to participate in the waiting list round)** | 14-July-2025 **(04:00 PM)** to 17-July-2025 **(11:45 PM)** |
| 16 | Publication of merit list among the reported waitlisted applicants at HEI's e-space | 21-July-2025 **(02:00 PM)** |
| 17 | Publication of selected and waitlisted applicant's list by the HELs at their Notice Board/ Website and the HEIs will also communicate to the applicants via phone call /SMS /whatsapp /e-mail etc. | 22-July-2025 **(02:00 PM)** |
| 18 | Reporting of waitlisted applicants to take admission in one of the selected HEIs, where the **total/differential admission fees** will be deposited directly at the HEIs in online mode **(Net Banking/ Bank Challan/NEFT/UPI etc.)** | 23-July-2025 **(10:00 AM)** to 25-July-2025 **(05:00 PM)** |
| 19 | Admission Updation of the selected waitlisted student's data by the HEIs in their e-Space | 23-July-2025 **(10:00 AM)** to 25-July-2025 **(07:00 PM)** |
| 20 | **Commencement of 1st Year Classes (P.G. Courses)** | **10-July-2025 (Thursday)** |

**For more details please contact :**
**e-Admission Helpline (Toll Free) Number 155335/ 1800-345-6770**

**N.B.:** To enroll into the P.G. Courses, the applicants must have completed their graduation/ equivalent courses from an UGC recognized university.

OIPR : 11001/11/0058/2526

**Sd/- Joint Secretary to Govt. PTC Section**

## କଳାହାଣ୍ଡିରେ ବକ୍ସାଇଟ୍ ଖଣି କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ

# ମୁଖ୍ୟମନ୍ତ୍ରୀଙ୍କୁ ଜନ ପ୍ରତିନିଧିଙ୍କ ସ୍ମାରକପତ୍ର ପ୍ରଦାନ



ଭୁବନେଶ୍ୱର, (ସବ୍ୟୁ): କଳାହାଣ୍ଡିର ବହୁ ପ୍ରତୀକ୍ଷିତ ବିକାଶ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ, କଳାହାଣ୍ଡିର ନାଗରିକ ଫୋରମ୍ ବ୍ୟାନର ତଳେ ଜିଲ୍ଲାର ବିଶିଷ୍ଟ ନାଗରିକମାନଙ୍କର ଏକ ୧୩ ଜଣିଆ ପ୍ରତିନିଧି ଦଳ ଭୁବନେଶ୍ୱରରେ ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟି ଲାଞ୍ଜିଗଡ଼ ବକ୍ସାଇଟ୍ ଖଣି ପାଇଁ ଗ୍ରାମସଭା ପ୍ରକ୍ରିୟା ତୁରନ୍ତ ଆରମ୍ଭ କରିବାକୁ ସରକାରଙ୍କୁ ଅନୁରୋଧ କରି ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି । ପୂର୍ବତନ ବିଧାୟକ ପ୍ରଦୀପ୍ତ ନାୟକ ଏବଂ ଅବସରପ୍ରାପ୍ତ ପ୍ରଫେସର ଡକ୍ଟର ଅଜୟ ମିଶ୍ରଙ୍କ ନେତୃତ୍ୱରେ ପ୍ରତିନିଧି ଦଳ ରାଜ୍ୟ ସରକାରଙ୍କ ପାଖରେ ଉପଲବ୍ଧ ସ୍ୱତନ୍ତ୍ର କ୍ଷମତା ବ୍ୟବହାର କରି ଗ୍ରାମସଭାକୁ ମୁକ୍ତ, ନିରପେକ୍ଷ ଏବଂ ସ୍ୱଚ୍ଛ ଭାବରେ ପରିଚାଳନା କରିବାକୁ ଗୁରୁତ୍ୱାରୋପ କରିଥିଲେ । ଗୋଷ୍ଠୀ ଏହା ମଧ୍ୟ ପୁନରାବୃତି କରିଛି ଯେ ଖଣି କ୍ଷେତ୍ର ଅନ୍ତର୍ଗତ ୧୨ ଟି ଗ୍ରାମ ମଧ୍ୟରୁ କୌଣସି ସ୍ଥାନରେ ସ୍ଥାନୀୟ ସମ୍ପ୍ରଦାୟ ବିସ୍ଥାପନ ଘଟିବ ନାହିଁ ଯାହା ସମ୍ପ୍ରଦାୟ ଅଧିକାରକୁ ସୁରକ୍ଷା ଦେଉଥିବା ଦାୟିତ୍ୱପୂର୍ଣ୍ଣ ବିକାଶ ପ୍ରତି ପ୍ରତିବଦ୍ଧତାକୁ ଦୃଢ଼ କରିବ।

ସେମାନଙ୍କ ସ୍ମାରକପତ୍ରରେ, ପ୍ରତିନିଧିମଣ୍ଡଳୀ ଉଲ୍ଲେଖ କରିଥିଲେ ଯେ ୨୦୦୩ ରୁ କାର୍ଯ୍ୟକ୍ଷମ ଲାଞ୍ଜିଗଡ଼ ଆଲୁମିନା ରିଫାଇନାରୀ ନିଯୁକ୍ତି, ଜୀବିକା ସହାୟତା ଏବଂ ସମ୍ପ୍ରଦାୟ ବିକାଶ କାର୍ଯ୍ୟକ୍ରମ ମାଧ୍ୟମରେ ୭୦,୦୦୦ ରୁ ଅଧିକ ପରିବାରଙ୍କ ଜୀବନର ଗୁଣବତା ଉନ୍ନତ କରିଛି। ତଥାପି, କ୍ୟାପ୍ଟିଭ୍ ବକ୍ସାଇଟ୍ ସଂଯୋଗର କ୍ରମାଗତ ଅଭାବ ରିଫାଇନାରୀର ପୂର୍ଣ୍ଣ ସମ୍ଭାବନାକୁ ସୀମିତ କରିଛି, ଯାହା ଫଳରେ ସ୍ଥାନୀୟ ଅର୍ଥନୈତିକ ଅଭିବୃଦ୍ଧିରେ ଏହାର ଅବଦାନକୁ ସୀମିତ କରିଛି। 'ରାୟଗଡା ଏବଂ କୋରାପୁଟ ପରି ଅନ୍ୟ ଜିଲ୍ଲାଗୁଡ଼ିକ ଆଗକୁ ବଢୁଥିବା ବେଳେ, କଳାହାଣ୍ଡି ଏବେ ବି ଅନ୍ତର୍ଭୁକ୍ତି ମୂଳକ ବିକାଶର ପ୍ରତିଶ୍ରୁତି ପୂରଣ ହେବା ପାଇଁ ଅପେକ୍ଷା କରିଛି। ଏହା କେବଳ ଶିଳ୍ପ ପାଇଁ ନୁହେଁ, ବରଂ ଏକ ଉତମ ଭବିଷ୍ୟତ ପାଇଁ ଭୂମିରୁ ଏକ ସାମୂହିକ ଦାବି,' କଳାହାଣ୍ଡି ନାଗରିକ ମଂଚର ସଭାପତି ଡକ୍ଟର ଅଜୟ ମିଶ୍ର କହିଛନ୍ତି । ମୁଖ୍ୟମନ୍ତ୍ରୀ ପ୍ରତ୍ୟେକ କଥାକୁ ଧ୍ୟାନର ସହିତ ଶୁଣିଲେ ଏବଂ ଆମକୁ ଆଶ୍ୱାସନା ଦେଲେ ଯେ ସେ ସଠିକ୍ ପଥ ଅନୁସରଣ କରିବା ପାଇଁ ସମସ୍ତ ପ୍ରକାରର ପଦକ୍ଷେପ ନେବେ । ଏହା ଆମକୁ ବହୁତ ଆଶା ଦେଇଛି', ମିଶ୍ର ଆହୁରି ମଧ୍ୟ କହିଛନ୍ତି ।




ସମ୍ବଲପୁର ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମରେ ଆୟୋଜିତ 'ଆନ୍ତଃ ଜିଲ୍ଲା ଚାମ୍ପିୟନସିପ୍' ସିଏମ୍ ଟ୍ରଫି–୨୦୨୫ ସମାରୋହରେ ଯୋଗଦେଲେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ।

## ସ୍ୱାସ୍ଥ୍ୟ କେନ୍ଦ୍ରରେ ରୋଗୀଙ୍କୁ

# ତାଲା ପକାଇ ପଳାଇଲେ ଫାର୍ମାସିଷ୍ଟ, ଦୁଇ ଘଣ୍ଟା ପରେ ଖୋଲିଲା ତାଲା

ଭଦ୍ରକ, (ସବ୍ୟୁ): ରବିବାର ଭଦ୍ରକ ଜିଲ୍ଲା ଚାନ୍ଦବାଲି ବ୍ଲକ ଘଣ୍ଟେଶ୍ୱର ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି । ଉକ୍ତ ସ୍ୱାସ୍ଥ୍ୟ କେନ୍ଦ୍ରର ଫାର୍ମାସିଷ୍ଟ ମେଡିକାଲ ଭିତରେ ରୋଗୀ ବାହାର ପଟୁ ତାଲା ପକାଇ ପଳାଇଯାଇଥିବା ବେଳେ ରୋଗୀଙ୍କ ସମ୍ପର୍କୀୟ ପାଟି କରି କାନ୍ଦିବାରୁ ପ୍ରାୟ ୨ଘଣ୍ଟା ପରେ ତାଲା ଖୋଲଥିଲେ।ରାଜ୍ୟ ସରକାର ଲୋକଙ୍କୁ ଉତ୍ତମ ଚିକିତ୍ସା ଯୋଗାଇ ଦେବାପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରିଥିବା ବେଳେ ଗ୍ରାମାଞ୍ଚରେ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଡାକ୍ତର ଏବଂ ଫାର୍ମାସିଷ୍ଟ ନିଯୁକ୍ତି ଦେଇ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେଉଛନ୍ତି। ମାତ୍ର କେତେକଙ୍କ ପାଇଁ ନୂତନ ସରକାର କଳଙ୍କ ଟୀକା ଲାଗୁଛି।ଏମିତି ଏକ ଘଟଣାରେ କର୍ମଚାରୀଙ୍କ ମନମୁଖୀ କାର୍ଯ୍ୟପାଇଁ ସ୍ୱାସ୍ଥ୍ୟ କେନ୍ଦ୍ର ଉପରୁ ଭରସା ତୁଟିବାରେ ଲାଗିଛି । ବଜରାପୁର ପଞ୍ଚାୟତ ବାଲିଆପାଳ ଗ୍ରାମର ଗୟାଧର ନାମକ ଜଣେ ବ୍ୟକ୍ତି ଛାତିରେ ଯନ୍ତ୍ରଣା ହେବାରୁ ପାଖରେ ଥିବା ଘଣ୍ଟେଶ୍ୱର ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଯାଇଥିଲେ। ସେଠାରେ ଥିବା କାର୍ଯ୍ୟରତ ଫାର୍ମାସିଷ୍ଟ ତୁଷାର କାନ୍ତ ନାୟକ ରୋଗୀ ଏବଂ ତାଙ୍କ ସହିତ ଥିବା ତାଙ୍କ ସ୍ତ୍ରୀଙ୍କୁ ବାହାର ପଟୁ ତାଲା ପକାଇ ୨ ରୁ ଅଧିକ ଘଣ୍ଟା କୁଆଡେ ପଳାଇ ଯାଇଥିଲେ। ଖବର ପାଇ ରୋଗୀଙ୍କ ସମ୍ପର୍କୀୟ ସେଠାରେ ପହଞ୍ଚି ଦେଖିବା ବେଳକୁ ମେଡିକାଲରେ ତାଲା ପଡିଛି। କିଛି ଉପାୟ ନ ପାଇ ରୋଗୀଙ୍କ ନାଁ ଧରି ଚିତ୍କାର କରିବାରୁ ପେସେଣ୍ଟ ଭିତରେ ଥିବା ଜାଣିବାକୁ ପାଇଥିଲେ। ଫଳରେ ପାଖରେ ଥିବା ଭଙ୍ଗା ଝରକା ପାଖକୁ ଯାଇ ଭିଡ଼ିଓ ଉତୋଳନ କରିଥିଲେ । ଏହି ଭିଡ଼ିଓରୁ କାର୍ଯ୍ୟରତ ଫାର୍ମାସିଷ୍ଟ ରୋଗୀଙ୍କୁ ଚିକିତ୍ସା ନ କରି ବାହାରକୁ କାଢି ଦେଇଥିବା ଦେଖିବାକୁ ମିଳିଛି। ଅନ୍ୟପଟେ ରୋଗୀଙ୍କ ସ୍ତ୍ରୀ କାନ୍ଦୁ ଥିବା ଦେଖିବାକୁ ମିଳୁଛି। କାର୍ଯ୍ୟରତ ଫାର୍ମାସିଷ୍ଟ ସରକାରୀ ମେଡ଼ିସିନ ବାହାରେ ବିକ୍ରି କରୁଥିବା ଭଳି ସଙ୍ଗିନୀ ଅଭିଯୋଗ ମଧ୍ୟ ଆସୁଛି। ତୁରନ୍ତ ଫାର୍ମାସିଷ୍ଟ ଉପରେ କାର୍ଯ୍ୟନୁଷ୍ଠାନ ନେବାକୁ ପରିବାର ପାଖରୁ ଦାବି ହୋଇଛି ।

# ସାମ୍ବାଦିକଙ୍କ ସୁରକ୍ଷା ପାଇଁ ରାଜ୍ୟ ମାଇନରିଟି ସଂଘର ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର

କଟକ, (ସ୍ୱପ୍ର): ସାମ୍ବାଦିକଙ୍କ ଉପରେ ଦୈନନ୍ଦିନ ଆକ୍ରମଣ କରାଯାଉଛି । ଏହି ସାମ୍ବାଦିକଙ୍କ ସୁରକ୍ଷାକୁ ନେଇ ରାଜ୍ୟ ମାଇନରିଟି ସଂଘ (ଆରଏମଏସ) ପକ୍ଷରୁ ସଙ୍ଘର ଆବାହକ ଡାକ୍ତର ସମ୍ମି ସଲିମଙ୍କ ନେତୃତ୍ୱରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି । କଟକ ଜିଲ୍ଲାପାଳଙ୍କ ଜରିଆରେ ଗଣମାଧ୍ୟମ ପ୍ରତିନିଧିଙ୍କୁ ସୁରକ୍ଷା ପ୍ରଦାନ କରିବା ପାଇଁ ଆଇନ୍ ପ୍ରଣୟନ କରିବା ଦାବିପତ୍ରରେ ଉଲ୍ଲେଖ ରହିଛି । ଗଣମାଧ୍ୟମ ପ୍ରତିନିଧିଙ୍କ ସ୍ୱାର୍ଥରକ୍ଷା ନିମନ୍ତେ ତୁରନ୍ତ ପଦକ୍ଷେପ ନେବା ସହ ସେମାନଙ୍କ ଅଧିକାରକୁ ସୁରକ୍ଷିତ ରଖିବା ପାଇଁ ଆଇନ ପ୍ରଣୟନ କରିବା ପାଇଁ ସଂଘର ଆବାହକ ଡାକ୍ତର ସଲୀମ ରାଜ୍ୟ ସରକାରଙ୍କୁ ନିବେଦନ କରିଛନ୍ତି । ଏହି ଦାବି ଗୁଡିକ ମଧ୍ୟରେ ଗଣମାଧ୍ୟମ ପ୍ରତିନିଧିଙ୍କୁ ନିର୍ଯାତନା ଏବଂ ଭୟଭୀତ କରିବାରୁ ରକ୍ଷା କରିବା ପାଇଁ ଏକ ନିର୍ଦ୍ଦିଷ୍ଟ ଆଇନ ପ୍ରଣୟନ କରାଯାଉ, ସମ୍ବେଦନଶୀଳ ପ୍ରସଙ୍ଗରେ ଖବର ସଂଗ୍ରହ କରିବା ସମୟରେ ଗଣମାଧ୍ୟମ ପ୍ରତିନିଧିଙ୍କ ସୁରକ୍ଷା ସୁନିଶ୍ଚିତ କରାଯାଉ, କାର୍ଯ୍ୟରତ ସମୟରେ କ୍ଷତି କିମ୍ବା ଆଘାତର ସମ୍ମୁଖୀନ ହେଉଥିବା ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ସମର୍ଥନ ଏବଂ କ୍ଷତିପୂରଣ ପ୍ରଦାନ କରାଯାଉ ବୋଲି ଦାବିପତ୍ରରେ ଉଲ୍ଲେଖ କରାଯାଇଛି । ଏହି ଦାବିପତ୍ର ପ୍ରଦାନ ସମୟରେ ଶେଖ୍ ମୁବାକିମ୍ ବକ୍ସ, ଆଇନଜୀବୀ ଫିରୋଜ ଖାନ୍, ମୁସ୍ତାକ ଅଲି, ଔଷଫ ଅଲି, ସୈଦ୍ ଏକ୍ରାମ୍ ଉଲ୍ଲାଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ଆଇସିଏମ୍ଏଆଇ ଭୁବନେଶ୍ୱର ଚାପ୍ଟରର ବାର୍ଷିକ ସାଧାରଣ ବୈଠକ

ଭୁବନେଶ୍ୱର, (ସବ୍ୟୁ): ଇନ୍ଷ୍ଟିଚ୍ୟୁଟ ଅଫ୍ କଷ୍ଟ ଆକାଉଣ୍ଟ୍ସ ଅଫ ଇଣ୍ଡିଆ (ଆଇସିଏମ୍ଏଆଇ)– ଭୁବନେଶ୍ୱର




ଚାପ୍ଟର ପକ୍ଷରୁ ଏହାର ୫୬ତମ ବାର୍ଷିକ ସାଧାରଣ ବୈଠକ ଭୁବନେଶ୍ୱରର ନୟାପଲ୍ଲୀସ୍ଥିତ ସିଏମ୍ଏ ଭବନଠାରେ ତା ୩୧–୦୫–୨୦୨୫ରିଖରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକର ସମାପ୍ତି ପରେ ୨୦୨୫–୨୬ ବର୍ଷର ପ୍ରଥମ ବୈଠକରେ ମ୍ୟାନେଜିଂ କମିଟିର ସଦସ୍ୟମାନେ ବିଭିନ୍ନ ପଦାଧିକାରୀମାନଙ୍କୁ ଚୟନ କରିଥିଲେ । ଏଥିରେ ସିଏମ୍ଏ ଶରତ ଚନ୍ଦ୍ର ବେହେରା ଚେୟାରମ୍ୟାନ୍ ରୂପେ, ସିଏମ୍ଏ ଅବିନାଶ କୋଟ୍ନି ଭାଇସ୍ ଚେୟାରମ୍ୟାନ୍ ରୂପେ, ସିଏମ୍ଏ ସୌମ୍ୟ ରଞ୍ଜନ ଜେନା ସେକ୍ରେଟାରୀ ରୂପେ ଏବଂ ସିଏମ୍ଏ ବରଦା ପ୍ରସନ୍ନ ନାୟକ କୋଷାଧ୍ୟକ୍ଷ ରୂପେ ନିର୍ବାଚିତ ହୋଇଥିଲେ। ସିଏମ୍ଏ ରମେଶ ଚନ୍ଦ୍ର ପାତ୍ର ନୂତନ ଭାବେ ନିର୍ବାଚିତ ଶରତ ଚନ୍ଦ୍ର ବେହେରାଙ୍କୁ ସମସ୍ତ ଦାୟିତ୍ୱ ହସ୍ତାନ୍ତର କରିଥିଲେ। ଏହି ଅବସରରେ ଆଇସିଏମ୍ଏଆଇ–ଇଆଇଆର୍ସିର ସେକ୍ରେଟାରୀ ସିଏମ୍ଏ ଦାମୋଦର ମିଶ୍ର ଏବଂ ମ୍ୟାନେଜିଂ କମିଟିର ଅନ୍ୟାନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ । ୫୬ତମ ବାର୍ଷିକ ସାଧାରଣ ବୈଠକ ଏବଂ ୨୦୨୫–୨୬ ବର୍ଷର ପ୍ରଥମ ମ୍ୟାନେଜିଂ କମିଟି ବୈଠକ ଶୃଙ୍ଖଳିତ ଭାବେ ପରିଚାଳିତ ହୋଇଥିଲା ।

# ନୂଆ ବଜାରରେ ସିରିଜ୍ ଦୁର୍ଘଟଣା

କଟକ,(ସବ୍ୟୁ): ନୂଆବଜାର ଛକରେ ରବିବାର ଏକ ସିରିଜ ଦୁର୍ଘଟଣା ଘଟିଛି । ତିନିଟି ଗାଡି ପଛକୁ ପଛ ଧକ୍କାହେବା ଫଳରେ ଆଗରେ ଥିବା କାରଟି ଅଧିକ କ୍ଷତିଗ୍ରସ୍ତ ହୋଇଛି । ଦୁର୍ଘଟଣାରେ ଜଣେ ସାମାନ୍ୟ ଆହତ ହୋଇଛନ୍ତି । ଏହି ଦୁର୍ଘଟଣା ପରେ କଟକ–ପାରାଦ୍ୱୀପ ରାସ୍ତାରେ ଗାଡି ଚଳାଚଳ ବ୍ୟାହତ ହୋଇଥିଲା । ଖବର ପାଇ ସିଆରଆରଆଇ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ସମ୍ଭାଳିବା ଥିଲା । ଏହାପରେ ତିନିଗାଡିକୁ ଥାନାକୁ ନିଆଯାଇ ଘଟଣାର ତଦନ୍ତ କରାଯାଉଥିବା ଇନ୍ସପେକ୍ଟର ବିଜୟକୁମାର ବାରିକ୍ ସୂଚନା ଦେଇଛନ୍ତି । ପାରାଦ୍ୱୀପ ଏରସମା ଅଞ୍ଚଳର ଦିବ୍ୟଜୀବନ ବେହେରା ତାଙ୍କର ଭାଇ ଓ ପୁତୁରାକୁ ଧରି କୌଣସି ଏକ କାମରେ କଟକ ଆସିଥିଲେ । ଆଜି ସକାଳେ ତିନିଜଣ ଏକ କାର୍ରେ ଏରସମାସ୍ଥିତ ଘରକୁ ଫେରୁଥିଲେ । କାର ପଛରେ ଏକ ଟ୍ରକ୍ ମଧ୍ୟ ନୂଆବଜାର ଛକଦେଇ ଯାଉଥିଲା । ଏତିକି ବେଳେ ଏହି ଦୁଇଗାଡି ପଛରେ ଆଉ ଏକ ଟ୍ୟାଙ୍କର ମଧ୍ୟ ଦ୍ରୁତଗତିରେ ଆସୁଥିଲା । ହଠାତ୍ ଟ୍ୟାଙ୍କର ଭାରସାମ୍ୟ ହରାଇ ଆଗରେ ଥିବା ଟ୍ରକ୍କୁ ଧକ୍କା ଦେଇଥିଲା । ଏପଟେ ପଛରୁ ଜୋର୍ରେ ଧକ୍କାଖାଇ ଟ୍ରକ୍ଟି ଆଗରେ ଥିବା କାର୍ରେ ପିଟି ହୋଇଯାଇଥିଲା । ଫଳରେ କାର୍ର ପଛଭାଗ ସଂପୂର୍ଣ୍ଣ ନଷ୍ଟ ହୋଇଯିବା ସହିତ ଭିତରେ ଥିବା ଜଣେ ଆହତ ହୋଇଥିଲେ । ଦୁର୍ଘଟଣା ଯୋଗୁଁ ରାସ୍ତାରେ ଗାଡି ଚଳାଚଳରେ ସମସ୍ୟା ଦେଖାଦେଇଥିଲା । ପୁଲିସ ସେଠାରେ ପହଞ୍ଚି ଗାଡି ତିନିଟିକୁ ଥାନାକୁ ନେଇଯିବା ପରେ ପରିସ୍ଥିତିରେ ସୁଧାର ଆସିଥିଲା ।

## ଏଣ୍ଟରପ୍ରେନିୟର ସିପ୍ ଡେଭଲପମେଣ୍ଟ

# ଇନ୍ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆ ସମାବର୍ତ୍ତନ ସମାରୋହ

ଭୁବନେଶ୍ୱର (ସବ୍ୟୁ): ଭାରତ ସରକାରଙ୍କ ଦକ୍ଷତା ବିକାଶ ଏବଂ ଉଦ୍ୟୋଗୀତା ମନ୍ତ୍ରଣାଳୟ ଦ୍ୱାରା ସ୍ୱୀକୃତିପ୍ରାପ୍ତ ଉତ୍କର୍ଷ କେନ୍ଦ୍ର ଏଣ୍ଟର ପ୍ରେନିୟରସିପ୍ ଡେଭଲପମେଣ୍ଟ ଇନ୍ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆ (ଇଡିଆଇଆଇ), ଅହମ୍ମଦାବାଦ ୩୦ ମେ ୨୦୨୫ ରେ ନିଜର ଅହମ୍ମଦାବାଦ କ୍ୟାମ୍ପସରେ ଏହାର ୨୪ତମ ଆକାଡେମିକ୍ ପ୍ରୋଗ୍ରାମର ସମାବର୍ତନ ଉତ୍ସବ ପାଳନ କରିଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଡକ୍ଟର ବିଜୟ କୁମାର ସାରସ୍ୱତ, ସଦସ୍ୟ, ନୀତି ଆୟୋଗ, ପୂର୍ବତନ ସଚିବ, ଡିଆରଡିଓ ଏବଂ ବିଶିଷ୍ଟ ବୈଜ୍ଞାନିକ ଯୋଗ ଦେଇଥିଲେ । ଏହି ଅବସରରେ ରାକେଶ ଶର୍ମା, ପ୍ରେସିଡେଣ୍ଟ – ଇଡିଆଇଆଇ, ଏବଂ ମ୍ୟାନେଜିଂ ଡାଇରେକ୍ଟର ଏବଂ ଚିଫ୍




ଏକ୍ଜିକ୍ୟୁଟିଭ୍ ଅଫିସର, ଆଇଡିବିଆଇ ବ୍ୟାଙ୍କ ଲିମିଟେଡ୍ ଡକ୍ଟର ସୁନିଲ ଶୁକ୍ଲା, ଡାଇରେକ୍ଟର ଜେନେରାଲ୍, ଇଡିଆଇଆଇ ଏବଂ ଇଡିଆଇଆଇ ଗଭର୍ଣ୍ଣିଂ ବୋର୍ଡର ସମ୍ମାନିତ ସଦସ୍ୟମାନେ ଯୋଗ ଦେଇଥିଲେ । ଏହି ବର୍ଷର ଗ୍ରାଜୁଏଟ୍ ବ୍ୟାଚ୍ ୧୨ଟି ରାଜ୍ୟର ୭୪ ଜଣ (ପୋଷ୍ଟ ଗ୍ରାଜୁଏଟ୍ ଡିପ୍ଲୋମା ଇନ୍ ମ୍ୟାନେଜମେଣ୍ଟ – ଏଣ୍ଟରପ୍ରିନିୟୋରସିପ୍ – ୬୪ ଜଣ ଛାତ୍ର ପୋଷ୍ଟ ଗ୍ରାଜୁଏଟ୍ ଡିପ୍ଲୋମା ଇନ୍ ମ୍ୟାନେଜମେଣ୍ଟ – ଇନୋଭେସନ୍ ଏଣ୍ଟର ପ୍ରିନିୟୋରସିପ୍ ଏବଂ ଭେଂଚର ଡେଭଲପମେଂଟ – ୮ ଜଣ ଛାତ୍ର ଫେଲୋ ପ୍ରୋଗ୍ରାମ ଇନ୍ ମ୍ୟାନେଜମେଂଟ – ୨ ଜଣ ଛାତ୍ର) ଛାତ୍ରଙ୍କୁ ପ୍ରତିନିଧିତ୍ୱ କରେ ।



## ମସଲା ସହିତ ଆକର୍ଷଣୀୟ ପୁରସ୍କାର ଜିତିବାର ସୁଯୋଗ

ଭୁବନେଶ୍ୱର, (ସବ୍ୟୁ) : ଭାରତୀୟ ରୋଷେଇ ଘରେ ମସଲା ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଅଧିକାର କରେ । ଅଧିକାଂଶ ଗୃହିଣୀ ଅତି ଯତ୍ନରେ ଘରେ ନିଜ ହାତରେ ମସଲା ପ୍ରସ୍ତୁତ କରିବାକୁ ପସନ୍ଦ କର଼ି ଯାହା ବିଭିନ୍ନ ଖାଦ୍ୟରେ ସେହି ପାରମ୍ପରିକ ସ୍ୱାଦକୁ ଧରି ରଖିଥାଏ । ତେଣୁ ଏବେ ଆପଣଙ୍କ ପାଖରେ ରହିଛି ପରିବାରର ଏହି ପ୍ରିୟ ମସଲାକୁ ଦେଶର କୋଣ ଅନୁକୋଣରେ ପହଂଚାଇବାର ସୁଯୋଗ । ଗୃହୀଣୀମାନଙ୍କର ସୁଦ୍ଧ ପାରିବାରିକ ଖାଦ୍ୟ ଆଣିବା ପାଇଁ ସୁପରିଚିତ ଘରୋଇ ବ୍ରାଣ୍ଡ ହୋମ କୌଜିନା ଏହାର 'ଫ୍ୟାମିଲି ରେସିପି କଂଟେଷ୍ଟ' ସହିତ ଆପଣଙ୍କ ପରିବାରର ପସନ୍ଦର ରେସିପି ଓ ସ୍ପେଶାଲ ମସାଲାର ସନ୍ଧାନ କରୁଛି। ଏହି ପ୍ରତିଯୋଗିତାରେ ଦେଶବ୍ୟାପୀ ଗୃହୀଣୀମାନେ ନିଜର ମୂଲ୍ୟବାନ ପାରିବାରିକ ମସଲା ମିଶ୍ରଣର ରେସିପି ସେୟାର କରିପାରିବେ। ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ପାଇଁ ଏହି ମସଲା ଆପଣଙ୍କ ପରିବାରରେ ଅନେକ ପିଢି ଧରି ବ୍ୟବହାର ହୋଇଆସୁଥିବା ଏହା ମୂଳ ମସଲା ରେସିପି ହୋଇଥିବା ଆବଶ୍ୟକ ଏବଂ ଦୋକାନରୁ କୌଣସି କିଣା ଯାଇଥିବା ଜିନିଷ ହୋଇନଥିବା ଉଚିତ। ଆପଣ ନିଜକୁ କିମ୍ବା ଆପଣଙ୍କର ପରିଚିତ ବ୍ୟକ୍ତିଙ୍କୁ ନୋମିନେଟ କରିପାରିବେ । ବିଜେତା ମସଲା ରେସିପି ହୋମ୍ କୌଜିନାରେ ତାଲିକାଭୁକ୍ତ ହେବାର ଏକ ସୁଯୋଗ ପାଇବ । ବର୍ତମାନଠାରୁ ଆରମ୍ଭ ହୋଇ ଜୁନ୍ ୧୪, ୨୦୨୫ ପର୍ଯ୍ୟନ୍ତ ଏହି ପ୍ରତିଯୋଗିତା ଚାଲିବ ଏବଂ ହୋମ୍ କୌଜିନାର ୱେବସାଇଟ ଓ ଇନ୍ଷ୍ଟାଗ୍ରାମ ହ୍ୟାଣ୍ଡେଲ ମାଧ୍ୟମରେ ଆବେଦନ କରାଯାଇପାରିବ ।


## ବ୍ୟାଙ୍କ ଅଫ୍ ଇଣ୍ଡିଆ କେନ୍ଦୁଝର ଅଞ୍ଚଳ କାର୍ଯ୍ୟାଳୟରେ

# ନରାକାସ କେନ୍ଦୁଝରର ୨୬ତମ ଅର୍ଦ୍ଧବାର୍ଷିକୀ ବୈଠକ

ଭୁବନେଶ୍ୱର (ସବ୍ୟୁ): ନଗର ରାଜଭାଷା କାର୍ଯ୍ୟାନ୍ୱୟନ ସମିତି, କେନ୍ଦୁଝରର ୨୬ତମ ଅର୍ଦ୍ଧବାର୍ଷିକୀ ବୈଠକ ବ୍ୟାଙ୍କ ଅଫ୍ ଇଣ୍ଡିଆ କେନ୍ଦୁଝର ଆଞ୍ଚଳିକ କାର୍ଯ୍ୟାଳୟଠାରେ ଆୟୋଜିତ ହୋଇଯାଇଛି। ଅଧ୍ୟକ୍ଷ ତଥା କେନ୍ଦୁଝର ଅଞ୍ଚଳର ଆଞ୍ଚଳିକ ପ୍ରବନ୍ଧକ ଅମିତ କୁମାର ପାଲ ଏହି କାର୍ଯ୍ୟକ୍ରମର ଅଧ୍ୟକ୍ଷତା କରିଥିଲେ। ଗୃହ ମନ୍ତ୍ରଣାଳୟ, ରାଜଭାଷା ବିଭାଗ ଅନ୍ତର୍ଗତ କ୍ଷେତ୍ରୀୟ କାର୍ଯ୍ୟାନ୍ୱୟନ କାର୍ଯ୍ୟାଳୟ (ପୂର୍ବାଞ୍ଚଳ)ର ପ୍ରତିନିଧିତ୍ୱ କରୁଥିବା ଉପ ନିର୍ଦ୍ଦେଶକ ଡଃ ବିଚିତ୍ର ସେନ ଗୁପ୍ତା ଅତିଥି ରୂପେ ଏଥିରେ ଉପସ୍ଥିତ ଥିଲେ। ରାଜଭାଷା ବିଭାଗ, ପ୍ରଧାନ କାର୍ଯ୍ୟାଳୟର ପ୍ରତିନିଧିତ୍ୱ କରୁଥିବା ସହାୟକ ମହାପ୍ରବନ୍ଧକ (ରାଜଭାଷା ପ୍ରଭାରୀ) ସୁଶ୍ରୀ ମଉ ମୈତ୍ରା ଏଥିରେ ଯୋଗ ଦେଇଥିଲେ । ନରାକାସ ସଦସ୍ୟ ସଚିବ ଦେବ ଜୈସ୍ୱାଲ କାର୍ଯ୍ୟକ୍ରମ




ପରିଚାଳନା କରିଥିଲେ । ସମସ୍ତ ସଦସ୍ୟ କାର୍ଯ୍ୟାଳୟର କାର୍ଯ୍ୟାଳୟ ମୁଖ୍ୟମାନେ ନିଜ ନିଜର ରାଜଭାଷା ଅଧିକାରୀମାନଙ୍କ ସହ ଏଥିରେ ଉପସ୍ଥିତ ଥିଲେ । ଏହି ବୈଠକ ସଫଳତାର ସହ ଆୟୋଜିତ ହୋଇଥିବା ସହ ନରାକାସ କେନ୍ଦୁଝରର ଅର୍ଦ୍ଧବାର୍ଷିକୀ ପତ୍ରିକା କେନ୍ଦୁଝର ତାରିଣୀ ମଧ୍ୟ ଉନ୍ମୋଚିତ ହୋଇଥିଲା। ଡଃ ବିଚିତ୍ର ସେନ ଗୁପ୍ତା ନରାକାସ କେନ୍ଦୁଝରର ସକ୍ରିୟତା ପାଇଁ ଏହାକୁ ପ୍ରଶଂସା କରିଥିଲେ। ବ୍ୟାଙ୍କ ଅଫ୍ ଇଣ୍ଡିଆ କେନ୍ଦୁଝର ଆଞ୍ଚଳିକ କାର୍ଯ୍ୟାଳୟର ଉପ–ଆଞ୍ଚଳିକ ପ୍ରବନ୍ଧକ ସିଦ୍ଧାର୍ଥ ବେହେରା ସମସ୍ତ ମାନ୍ୟଗଣ୍ୟ ସଦସ୍ୟମାନଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ ।

# ବିଜେଡ଼ିରେ ମିଶିଲେ ନବରଙ୍ଗପୁର ଜିଲ୍ଲା ବିଭିନ୍ନ ଦଳର ନେତୃବୃନ୍ଦ



ଭୁବନେଶ୍ୱର, (ସବ୍ୟୁ): ନବରଙ୍ଗପୁର ଜିଲ୍ଲା ଅନ୍ତର୍ଗତ ନବରଙ୍ଗପୁର ବିଧାନସଭା ନିର୍ବାଚନ ମଣ୍ଡଳୀର ୨୦୨୪ ସାଧାରଣ ନିର୍ବାଚନ କଂଗ୍ରେସ ପ୍ରାର୍ଥୀ ଦିଲ୍ଲୀପ ପ୍ରଧାନୀଙ୍କ ନେତୃତ୍ୱରେ ଶତାଧିକ ପିଆରଆଇ ସଦସ୍ୟ ଓ କର୍ମୀ ରବିବାର ଶଙ୍ଖଭବନ ଠାରେ ବିଧାୟକ ତଥା ଜିଲ୍ଲା ସଭାପତି ମନୋହର ରନ୍ଧାରୀଙ୍କ ଉପସ୍ଥିତିରେ ବିଜେଡିରେ ଯୋଗ ଦେଇଛନ୍ତି । ବିଭିନ୍ନ ଦଳରୁ ଆସି ବିଜୁଜନତା ଦଳରେ ସାମିଲ୍ ହୋଇଥିବା ସମସ୍ତଙ୍କୁ ଶ୍ରୀ ରନ୍ଧାରୀ ଉପଢୌକନ ଦେଇ ଦଳକୁ ସ୍ୱାଗତ କରିଥିଲେ। ଶଙ୍ଖ ଭବନରେ ଆୟୋଜିତ ମିଶ୍ରଣ ପର୍ବରେ ସରପଞ୍ଚ ପ୍ରମିଳା ମୁଦୁଲି, ଶଙ୍କର ନାୟକ, ରୁକ୍ମଣୀ ମାଝୀ, ସମିତିସଭ୍ୟ ଦୁର୍ଯୋ ମାଝୀ, ଜିତେନ୍ଦ୍ର ହରିଜନ, ସୋମନାଥ ସୌରା, ବରିଷ୍ଠ କଂଗ୍ରେସନେତା ମନ୍ଦର ଜାନୀ ଓ ବିପିନି ବିଶୋୟୀ, ପୂର୍ବତନ ସରପଞ୍ଚ କୁମର ପୂଜାରୀ ପ୍ରମୁଖ ବିଜେଡ଼ିରେ ସାମିଲ୍ ହୋଇଥିଲେ । ଏହିମିଶ୍ରଣ ପର୍ବରେ ରାଜ୍ୟସଭା ସାଂସଦ ମୁଜିବୁଲ୍ଲା ଖାନ (ମୁନ୍ନାଖାନ), ସାଧାରଣ ସମ୍ପାଦକ ରମେଶ ମାଝୀ, ସଦାଶିବ ପ୍ରଧାନୀ, ମିଡିଆ ସଂଯୋଜକ ତଥା ମୁଖପାତ୍ର ଡ଼ ଲେନିନ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ଦେବୀ ନଦୀରୁ ଯୁବକଙ୍କ ଶବ ଉଦ୍ଧାର

କାକଟପୁର (ସବ୍ୟୁ) :କାକଟପୁର ଥାନା ଅଧିନସ୍ତ ବଡକଣ ଦେବୀ ନଦୀରେ ମୃତ ଦେହ ଭାସୁଥିବା ଖବର ପାଇ କାକଟପୁର ଥାନା ପୋଲିସ ଘଟଣା ସ୍ଥଳରେ ପହଂଚି ଶବ ଜବତ କରି ବ୍ୟବଛେଦ ନିମନ୍ତେ ଚାରିଛକ ପଠାଇଛନ୍ତି। ମୃତ ଯୁବକ ଜଣକ ବଡକଣ ଗ୍ରାମର କୈଳାସ ଚନ୍ଦ୍ର ନାୟକ (୫୪)ବୋଲି ଜଣାପଡିଛି। ଗତ ଦୁଇ ଦିନ ହେବ ସେ ନିଖୋଜ ଥିଲେ । ରବିବାର ଦିନ ତାଙ୍କ ଶବ ଦେବୀ ନଦୀରୁ ମିଳିଛି। ସେ ଜଣେ ମାନସିକ ବିକାର ଗ୍ରସ୍ତ ବ୍ୟକ୍ତି ହୋଇଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି। ଏସଂକ୍ରାନ୍ତ ରେ କାକଟପୁର ଥାନାରେ କେଶ ନଂ ୧୦/୨୦୨୫ଏକ ଅପମୃତ୍ୟୁ ମାମଲା ରଜୁ କରାଯାଇଛି।

## ସମ୍ବଲପୁରରେ ଯୁଗଳମୂର୍ତ୍ତିଙ୍କ ଦର୍ଶନ କଲେ କେନ୍ଦ୍ରମନ୍ତ୍ରୀ

# ଆଧ୍ୟାତ୍ମିକ ଓ ସାଂସ୍କୃତିକ ବିଭବର ଅନନ୍ୟ ନିଦର୍ଶନ 'ଶୀତଳ ଷଷ୍ଠୀ'

ଭୁବନେଶ୍ୱର (ସବ୍ୟୁ): ସମ୍ବଲପୁର ଗସ୍ତରେ ଥିବା କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ରବିବାର ସହରର ବିଭିନ୍ନ କୋଲୋନୀକୁ ଯାଇ ଭଗବାନ ଶିବ



ଓ ମାତା ପାର୍ବତୀଙ୍କ ଯୁଗଳ ମୂର୍ତ୍ତି ଦର୍ଶନ କରିବା ସହ ଶୀତଳ ଷଷ୍ଠୀ ଯାତ୍ରାରେ ସାମିଲ ହୋଇଛନ୍ତି । କେନ୍ଦ୍ରମନ୍ତ୍ରୀ ବୁଢାରାଜା ସ୍ଥିତ ଜଗନ୍ନାଥ କୋଲୋନୀ, ମୁଦିପଡ଼ାରେ ଜାଗେଶ୍ୱର ବାବା, ନନ୍ଦପଡ଼ାରେ ବାଲୁଙ୍କେଶ୍ୱର ବାବା, ଝାଡୁଆପଡ଼ା ସ୍ଥିତ କଚେରି ଛକ ଠାରେ ଯୁଗଳମୂର୍ତ୍ତି ଦର୍ଶନ କରିଥିଲେ । ଭଗବାନ ଶିବ ଏବଂ ମାତା ପାର୍ବତୀଙ୍କ ବିବାହ ଉତ୍ସବରେ ସାମିଲ ହେବା ସହ କନ୍ୟା ପିତାମାତାଙ୍କୁ ଭେଟିଥିଲେ । ସେହିପରି ସଂଧ୍ୟାରେ ସମ୍ବଲପୁର ମ୍ୟୁନିସପାଲିଟି ଛକରେ ଗୁପ୍ତେଶ୍ୱର ମନ୍ଦିର, ହୀରାକୁଦ ନୀଳକଣ୍ଠେଶ୍ୱର ମନ୍ଦିରର ଶୀତଳ ଷଷ୍ଠୀ ଯାତ୍ରାରେ ସାମିଲ ହୋଇ ମହାଆଳତି କରିଥିଲେ କେନ୍ଦ୍ରମନ୍ତ୍ରୀ । ଖେତରାଜପୁରରେ ମଧ୍ୟ 'ମାରୱାଡ଼ି ଯୁବ ମଞ୍ଚ' ତରଫରୁ ଅନୁଷ୍ଠିତ ଶୀତଳ ଷଷ୍ଠୀ ଯାତ୍ରାରେ ଯୋଗଦେଇ ଶ୍ରୀ ପ୍ରଧାନ ଖୁସିବ୍ୟକ୍ତ କରିଥିଲେ ।

ଏ ସମ୍ପର୍କରେ ଶ୍ରୀ ପ୍ରଧାନ କହିଛନ୍ତି ପ୍ରତ୍ୟକ୍ଷ ଭାବେ ସମ୍ବଲପୁରରେ ଶୀତଳ ଷଷ୍ଠୀରେ ସାମିଲ ହେବା ମୋର ସୌଭାଗ୍ୟ । ଶୀତଳ ଷଷ୍ଠୀ ଯାତ୍ରା ଆମର ଆଧ୍ୟାତ୍ମିକ ଓ ସାଂସ୍କୃତିକ ବିଭବର ଅନନ୍ୟ ନିଦର୍ଶନ । ଶୀତଳ ଷଷ୍ଠୀର ଥାଳି ଉଠା, ପତର ପେଣି,ଗୁଆ ଗୁଣା, ଦେବ ନିମନ୍ତ୍ରଣ ଏବଂ ଦେବ ବିବାହ ଇତ୍ୟାଦି ପରମ୍ପରା ଏହି ପର୍ବକୁ ଗୋଟିଏ ଭିନ୍ନ ପରିଚୟ ଦେଇଛି । ମହାଦେବ ଓ ମାତା ପାର୍ବତୀଙ୍କର ଏହି ଅନନ୍ୟ ପରମ୍ପରା ଲୋକମାନଙ୍କୁ ଭକ୍ତିରେ ସମର୍ପିତ ହେବାର ଅବସର ଦେଇଛି । ଦେବ ଦମ୍ପତ୍ତିଙ୍କ ବିବାହ ଉତ୍ସବ ନେଇ ସାରା ରାଜ୍ୟ ଉତ୍ସବମୁଖର ହୋଇଛି । ରାଜ୍ୟର ଅନେକ ଅଞ୍ଚଳରୁ ସପରିବାର ସମ୍ବଲପୁରକୁ ଆଗମନ କରୁଛନ୍ତି । ସମ୍ବଲପୁରର ଶୀତଳଷଷ୍ଠୀର ବିଶେଷ ପର୍ବରେ ରହି ନିଜକୁ ସୌଭାଗ୍ୟଶାଳୀ ମନେକରୁଛି ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି ।

## ବ୍ଲୁ ୱାଟର ଲଜିଷ୍ଟିକ୍ସ ୨୦୨୫ ଜୁନ ୦୩ରେ

# ତାଲିକାଭୁକ୍ତ ହେବ ଆଇପିଓ ୯.୩୬ ଗୁଣ ସବସ୍କ୍ରିପସନ

ଭୁବନେଶ୍ୱର (ସବ୍ୟୁ): ଏକ ବହୁଧା ପରିବହନ ଅପରେଟର ବ୍ଲୁ ୱାଟର ଲଜିଷ୍ଟିକ୍ସ ୨୦୨୫ ଜୁନ ୦୩ ତାରିଖରେ ଏନଏସଇ ଏମର୍ଜ ପ୍ଲାଟଫର୍ମରେ ତାଲିକାଭୁକ୍ତ ହେବାକୁ ଯାଉଛି । କମ୍ପାନୀର ଆଇପିଓ ବିଡିଂର ଚୂଡାନ୍ତ ଦିବସ ପର୍ଯ୍ୟନ୍ତ ୯.୩୬ ଗୁଣ ସବସ୍କ୍ରାଇବ କରାଯାଇଛି, ଯାହା ୨୫୩.୯୧ କୋଟି ଟଙ୍କାର ବିଡ ହାସଲ କରିଛି । କମ୍ପାନୀ ଇନିସିଆଲ ପବ୍ଲିକ ଅଫରିଂରୁ ୪୦.୫ କୋଟି ଟଙ୍କା ଉଠାଇବାକୁ ଲକ୍ଷ୍ୟ ରଖିଥିଲା । ଏହାର ଆଇପିଓରେ ବୁକ–ବିଲଡିଂ ରୁଟରେ ପ୍ରତ୍ୟେକ ୧୦ ଟଙ୍କାର ଫେସ ଭାଲ୍ୟୁ ବିଶିଷ୍ଟ ୩୦ ଲକ୍ଷ ଇକ୍ୱିଟି ସେୟାର ଜାରି ଅନ୍ତର୍ଭୁକ୍ତ । ଆବେଦନ ନିମନ୍ତେ ସର୍ବନିମ୍ନ ଲଟ ପରିମାଣ ୧୦୦୦ ଇକ୍ୱିଟି ସେୟାର ରଖାଯାଇଛି ।

ସମୟ

# ଆସାମଠାରୁ ସିକ୍କିମ ପର୍ଯ୍ୟନ୍ତ ଜଳପ୍ରଳୟ, ୩୦ ମୃତ



ଗୌହାଟୀ : ଲଗାଣ ବର୍ଷା ଫଳରେ ଦେଶର ଉତ୍ତର-ପୂର୍ବାଞ୍ଚଳ ରାଜ୍ୟଗୁଡ଼ିକରେ ଭୀଷଣ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି । ଏହା ଯୋଗୁଁ ଉତ୍ତର-ପୂର୍ବ ରାଜ୍ୟଗୁଡ଼ିକରେ ସଡ଼କ ପରିବହନ, ରେଳ ଏବଂ ବିମାନ ସେବା ମଧ୍ୟ ପ୍ରଭାବିତ ହୋଇଛି । ଆସାମ, ତ୍ରିପୁରା, ସିକିମ ଏବଂ ଅରୁଣାଚଳ ପ୍ରଦେଶରେ ବନ୍ୟା ଯୋଗୁଁ ୩୦ ଜଣ ଲୋକଙ୍କ ଜୀବନ ଯାଇଛି ।

ଭାରତୀୟ ପାଣିପାଗ ବିଭାଗ ତାର ସଦ୍ୟତମ ବୁଲେଟିନରେ ପଶ୍ଚିମ ତ୍ରିପୁରା ଏବଂ ଖୋୱାଇ ପାଇଁ ରେଡ୍ ଆଲର୍ଟ ଜାରି କରିଛି । ଏହା ବ୍ୟତୀତ, ବନ୍ୟା ଯୋଗୁଁ ରାଜ୍ୟଗୁଡ଼ିକରେ ସଡ଼କ ପରିବହନ, ଭୂସ୍ଖଳନ, ଫସଲ କ୍ଷତି ଏବଂ ବିଦ୍ୟୁତ୍ ଯୋଗାଣ ସମସ୍ୟା ବିଷୟରେ ସତର୍କ କରାଇଛି ।

ଭାରତୀୟ ପାଣିପାଗ ବିଭାଗ ତାର ସଦ୍ୟତମ ବୁଲେଟିନରେ ପଶ୍ଚିମ ତ୍ରିପୁରା ଏବଂ ଖୋୱାଇ ପାଇଁ ରେଡ୍ ଆଲର୍ଟ ଜାରି କରିଛି । ଏହା ବ୍ୟତୀତ, ବନ୍ୟା ଯୋଗୁଁ ରାଜ୍ୟଗୁଡ଼ିକରେ ସଡ଼କ ପରିବହନ, ଭୂସ୍ଖଳନ, ଫସଲ କ୍ଷତି ଏବଂ ବିଦ୍ୟୁତ ଯୋଗାଣ ସମସ୍ୟା ବିଷୟରେ ସତର୍କ କରାଇଛି ।

ତ୍ରିପୁରାରେ ପ୍ରବଳ ବର୍ଷା ଏବଂ ବନ୍ୟା ପରିସ୍ଥିତିକୁ ଦୃଷ୍ଟିରେ ରଖି, ମୋଟ ୧୩୦୦ ପରିବାରକୁ ରିଲିଫ୍ ଶିବିରକୁ ସ୍ଥାନାନ୍ତର କରାଯାଇଛି । ଏହା ବ୍ୟତୀତ, ଇମ୍ଫାଲରେ ଭାରତୀୟ ସେନା ବର୍ଷା ଏବଂ ବନ୍ୟାରେ ଫସି ରହିଥିବା ଲୋକଙ୍କୁ ସ୍ଥାନାନ୍ତର କରିବାରେ ନିୟୋଜିତ ଅଛନ୍ତି । କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଆସାମ, ମଣିପୁର, ସିକିମ ଏବଂ ଅରୁଣାଚଳ ପ୍ରଦେଶର ମୁଖ୍ୟମନ୍ତ୍ରୀମାନଙ୍କୁ ଟେଲିଫୋନ କରି ବନ୍ୟା ପରିସ୍ଥିତିର ସମୀକ୍ଷା କରିଛନ୍ତି ଏବଂ ପରିସ୍ଥିତିର ମୁକାବିଲା ପାଇଁ ସମସ୍ତ ପ୍ରକାରର ସହାୟତା ପ୍ରଦାନ କରିଛନ୍ତି ।

## ଗାଜା ଉପରେ ଇସ୍ରାଏଲୀ ହମ୍‌ଲା
## ୪୦ ମୃତ, ଶତାଧିକ ଆହତ



ଗାଜା ସିଟି : ପାଲେଷ୍ଟାଇନର ଔଷଧ ସାମଗ୍ରୀ ବଣ୍ଟନ କେନ୍ଦ୍ର ନିକଟରେ ଇସ୍ରାଏଲର ଆକ୍ରମଣରେ ପ୍ରାୟ ୪୦ ଜଣ ପ୍ରାଣ ହରାଇଥିବା ସୂଚନା ମିଳିଥିବା ବେଳେ ବର୍ତ୍ତମାନ ସୁଦ୍ଧା ୧୫୦ରୁ ଅଧିକ ଆହତ ହୋଇଥିବା ଖବର ରହିଛି । ଗୁରୁତର ଆହତ ମାନଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ଦକ୍ଷିଣ ଗାଜାର ରାଫା ଅଞ୍ଚଳରେ ଶରଣାର୍ଥୀ ସ୍ୱାସ୍ଥ୍ୟ ଶିବିର ଉପରେ ଇସ୍ରାଏଲ ଟ୍ୟାଙ୍କ ମାଧ୍ୟମରେ ଆକ୍ରମଣ କରିଛି । ଗାଜା ହ୍ୟୁମାନିଟାରିଆନ୍ ଫାଉଣ୍ଡେସନ୍ ଦ୍ୱାରା ପରିଚାଳିତ ଏକ ରିଲିଫ୍ କେନ୍ଦ୍ର ନିକଟରେ ସ୍ଥାନୀୟ ସମୟ ସକାଳ ୪ଟା ୩୦ରେ ଅଲ-ଆଲମ୍ ସ୍କୋୟାର ନିକଟରେ ଖାଦ୍ୟ ଏବଂ ଔଷଧ ସଂଗ୍ରହ କରିବାକୁ ଭିଡ଼ ଲାଗିଥିଲା । ଯେଉଁ ଭିଡ଼ର ଫାଇଦା ଉଠାଇବାକୁ ଯାଇ ଏହି ସମୟରେ ଇସ୍ରାଏଲର ଟ୍ୟାଙ୍କଗୁଡ଼ିକ ଗୁଳି ଚଳାଇଥିଲେ । ଗୁଳିମାଡ଼ ପରେ ମୃତ ଏବଂ ଆହତମାନେ ଅନେକ ସମୟ ଧରି ତଳେ ପଡ଼ି ରହିଥିଲେ । ଇସ୍ରାଏଲ ନିୟନ୍ତ୍ରଣରେ ଥିବାରୁ ଉଦ୍ଧାରକାରୀ ଦଳ ସେହି ଅଞ୍ଚଳକୁ ପହଞ୍ଚିପାରିଲେ ନାହିଁ ।

## କୁକୁର ସାଜିଲା ଦେବଦୂତ

ସତାନା: ଯାହାକୁ ଭଗବାନ ବଂଚାଇବାକୁ ଚାହିଁବେ ତାଙ୍କୁ କିଏ ବା ମାରିପାରିବ । ଏ ଭଳି ଏକ ଘଟଣା ଛତିଶଗଡର ସତାନାରେ ଦେଖିବାକୁ ମିଳିଛି । ଗୋଟିଏ କୁକୁର ଏକ ଛୋଟ ଛୁଆ ପାଇଁ ଦେବଦୂତ ସାଜିଛି । କୁକୁର ଯୋଗୁ ୨ଟି ନିଷ୍ପାପ ଜୀବର ଜୀବନ ବଂଚିପାରିଛି । ଯାହାକି ସମ୍ପୂର୍ଣ୍ଣ ଅଂଚଳରେ ଚର୍ଚ୍ଚାର କାରଣ ସାଜିଛି । ସୁଧୀର ଜୈନ ନାମକ ଜଣେ ବ୍ୟକ୍ତି ସବୁଦିନ ପରି ପ୍ରାତଃଭ୍ରମଣରେ ବାହାରିଥିଲେ । ଘରୁ କିଛି ବାଟ ଯିବା ପରେ ସେ ଗୋଟିଏ କୁକୁର ଭୁକୁଥିବା ଦେଖିବାକୁ ପାଇଥିଲେ । ଏହା ଏକ ସାଧାରଣ ଘଟଣା ଭାବି ସେ ପଳାଇ ଯାଉଥିଲେ । ମାତ୍ର କୁକୁରଟି ଗୋଟିଏ କୂଅ ନିକଟକୁ ଯାଇ ଜୋରରେ ଭୁକୁଥିଲା । ଏହା ଦେଖି ସୁଧୀରଙ୍କ ମନରେ ସନ୍ଦେହ ହୋଇଥିଲା ।

ସେ ପାଖକୁ ଯାଇ ଦେଖିଲା ବେଳକୁ ତାଙ୍କ ପାଦ ତଳୁ ଭୂମି ଖସି ଯାଇଥିଲା । କୂଅ ଭିତରେ ଗୋଟିଏ ୩ ମାସର ଛୋଟ ପିଲା କାନ୍ଦୁଥିଲା । ସେ ସଙ୍ଗେ ସଙ୍ଗେ ପୋଲିସକୁ ଖବର ଦେଇଥିଲେ । ବହୁତ କଷ୍ଟରେ ଫାୟାର ବ୍ରିଗେଡ ଶିଶୁଟିକୁ ଉଦ୍ଧାର କରିଥିଲେ । ସବୁଠାରୁ ଆଶ୍ଚର୍ଯ୍ୟଜନର କଥା ଶିଶୁ ପାଖରେ ଗୋଟେ ଛୋଟ କୁକୁର ଛୁଆ ମଧ୍ୟ ରହିଥିଲା । ଉଭୟ ଏବେ ବିପଦମୁକ୍ତ । ତେବେ ଏହି ଛୋଟ ପିଲାଟି କିପରି କୂଅ ଭିତରେ ପଡିଲା ତାର ତଦନ୍ତ ପୋଲିସ ଆରମ୍ଭ କରିଛି । ସମ୍ପୂର୍ଣ୍ଣ ଅଂଚଳରେ ଲାଗି ରହିଥିବା ସିସିଟିଭି ଫୁଟେଜକୁ ପୋଲିସ ଅନୁଧ୍ୟାନ କରିବାରେ ଲାଗିଛି । ଶିଶୁର ମାତାପିତାଙ୍କୁ ପୋଲିସ ଏବେ ଖୋଜୁଛି । ଅବଶ୍ୟ ଏହା ସ୍ପଷ୍ଟ ହୋଇ ପାରି ନ ଥିଲା ଯେ, କୂଅରୁ ମିଳିଥିବା କୁକୁର ଛୁଆ ଭୁକୁଥିବା କୁକୁରର କିମ୍ବା ନୁହେଁ ।

## ସାମ୍ନାକୁ ଆସିଲା ଆହୁରି ୩୬୩ଟି କରୋନା ମାମଲା



ନୂଆଦିଲ୍ଲୀ: ଦେଶରେ କରୋନା ସଂକ୍ରମିତଙ୍କ ସଂଖ୍ୟା ବି ବି ଚାଲିଛି । ଆହୁରି ୩୬୩ଟି ନୂଆ ମାମଲା ସାମ୍ନାକୁ ଆସିଛି । ଏହା ସହିତ ଦେଶରେ ସକ୍ରିୟ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୩୭୫୮କୁ ବୃଦ୍ଧି ପାଇଛି । ଗତ ୨୪ ଘଣ୍ଟାରେ କରୋନାରେ ୪ ଜଣଙ୍କର ମୃତ୍ୟୁ ଘଟିଥିବା ରବିବାର କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି । ମୃତକଙ୍କ ମଧ୍ୟରୁ ଦୁଇ ଜଣ ପଶ୍ଚିମବଙ୍ଗର ହୋଇଥିବା ବେଳେ କେରଳ ଓ କର୍ଣ୍ଣାଟକାରୁ ଜଣେ ଲେଖାଏଁ ଅଛନ୍ତି । ଯେଉଁ ୩୬୩ଟି ନୂଆ ମାମଲା ସାମ୍ନାକୁ ଆସିଛି, ସେଥିରୁ ୮୨ଟି ପଶ୍ଚିମବଙ୍ଗର, ୬୪ଟି କେରଳର, ୬୧ଟି ଦିଲ୍ଲୀର ଓ ୫୫ଟି ଗୁଜରାଟର ।

କେରଳରେ ସବୁଠୁ ଅଧିକ ବ୍ୟାପିଛି କରୋନା । ଏବେ ସେଠାରେ ସକ୍ରିୟ ଆକ୍ରାନ୍ତଙ୍କ ସଂଖ୍ୟା ୧୪୦୦ ରହିଛି । ସେହିପରି ମୁମ୍ବାଇରେ ସକ୍ରିୟ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୪୮୫ ଥିବା ବେଳେ ଦିଲ୍ଲୀରେ ୪୩୬, ଗୁଜରାଟରେ ୩୨୦ ଓ ପଶ୍ଚିମବଙ୍ଗରେ ୨୮୭ ରହିଛି । ଅନ୍ୟାନ୍ୟ ରାଜ୍ୟରେ ବି ସକ୍ରିୟ ଆକ୍ରାନ୍ତଙ୍କ ସଂଖ୍ୟା ବଢୁଛି । କର୍ଣ୍ଣାଟକାରେ ସକ୍ରିୟ ଆକ୍ରାନ୍ତଙ୍କ ସଂଖ୍ୟା ୨୩୮କୁ ବୃଦ୍ଧି ପାଇଥିବା ବେଳେ ତାମିଲନାଡୁରେ ୧୯୯, ଉତ୍ତର ପ୍ରଦେଶରେ ୧୪୭ ଓ ରାଜସ୍ଥାନରେ ୬୨କୁ ବଢ଼ିଛି । ଓଡ଼ିଶାରେ ସକ୍ରିୟ ସଂକ୍ରମିତଙ୍କ ସଂଖ୍ୟା ୧୨କୁ ବୃଦ୍ଧି ପାଇଛି । ମେ' ୨୨ରେ ଦେଶରେ ସକ୍ରିୟ ସଂକ୍ରମିତଙ୍କ ସଂଖ୍ୟା ୨୫୭ ଥିବା ବେଳେ ମେ' ୨୬ ତାରିଖରେ ଏହା ୧୦୧୦କୁ ବୃଦ୍ଧି ପାଇଥିଲା । ଆଉ ଶନିବାର (ଗତକାଲି) ଏହା ତିନି ଗୁଣା ବୃଦ୍ଧି ପାଇ ୩୩୯୫ରେ ପହଞ୍ଚିଥିଲା ।

ଇଣ୍ଡିଆନ କାଉନସିଲ ଅଫ୍ ମେଡିକାଲ ରିସର୍ଚ୍ଚ ବା ଆଇସିଏମ୍ଆରର ମହାନିର୍ଦ୍ଦେଶକ ଡାକ୍ତର ରାଜୀବ ବେହଲ କହିଛନ୍ତି ଯେ ଦେଶର ପଶ୍ଚିମ ଓ ଦକ୍ଷିଣ ଭାଗରୁ ସଂଗୃହୀତ ନମୁନାର ଜେନମ ସିକ୍ୱେନସିଂରୁ ଜଣାପଡ଼ିଛି ଯେ ଓମିକ୍ରୋନର ସବଭ୍ୟାରିୟାଣ୍ଟରୁ ଏବେ ସଂକ୍ରମଣ ବ୍ୟାପୁଛି । ବର୍ତ୍ତମାନ ସ୍ଥିତି ଉପରେ ନଜର ରଖାଯାଇଛି । ଏବେ ଚିନ୍ତାର କିଛି ବିଷୟ ନାହିଁ । ପୂର୍ବରୁ ଦୁଇ ଦିନରେ ସଂକ୍ରମିତଙ୍କ ସଂଖ୍ୟା ଦ୍ୱିଗୁଣା ହୋଇଯାଉଥିଲା । କିନ୍ତୁ ଏଥର ସେମିତି ଦେଖାଯାଇ ନାହିଁ ।

## 'ଅପରେସନ୍ ସିନ୍ଦୂର' ଉପରେ ହେବ ପ୍ରବନ୍ଧ ପ୍ରତିଯୋଗିତା

ନୂଆଦିଲ୍ଲୀ: ପ୍ରତିରକ୍ଷା ମନ୍ତ୍ରଣାଳୟ ରବିବାର 'ଅପରେସନ୍ ସିନ୍ଦୂର' ଉପରେ ଏକ ପ୍ରବନ୍ଧ ପ୍ରତିଯୋଗିତା ଘୋଷଣା କରିଛି । ଯାହା ଜୁନ୍ ୧ ରୁ ଜୁନ୍ ୩୦ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ ।

ମନ୍ତ୍ରଣାଳୟ ସୋସିଆଲ ମିଡିଆ ପ୍ଲାଟଫର୍ମ 'ଏକ୍ସ'ରେ ଏକ 'ପୋଷ୍ଟ' ମାଧ୍ୟମରେ ପ୍ରକାଶ କରିଛି ଯେ ଶ୍ରେଷ୍ଠ ତିନି ବିଜେତାଙ୍କୁ ପ୍ରତ୍ୟେକଙ୍କୁ ୧୦,୦୦୦ ଟଙ୍କା ନଗଦ ପୁରସ୍କାର ମିଳିବ । ଦିଲ୍ଲୀର ଲାଲକିଲ୍ଲାରେ ଅନୁଷ୍ଠିତ ହେବାକୁ ଥିବା ୭୮ତମ ସ୍ୱାଧୀନତା ଦିବସ ସମାରୋହରେ ଅଂଶଗ୍ରହଣ କରିବାର ଏକ ବିଶେଷ ସୁଯୋଗ ମିଳିବ ।

ପହଲଗାମ୍ ଆତଙ୍କବାଦୀ ଆକ୍ରମଣର ଜବାବରେ ଭାରତ 'ଅପରେସନ୍ ସିନ୍ଦୂର' ଅଧୀନରେ ପାକିସ୍ତାନରେ ନଅଟି ଆତଙ୍କବାଦୀ ଆଡ୍ଡା ଉପରେ ଆକ୍ରମଣ କରିଥିଲା । ଯାହା ପରେ ପାକିସ୍ତାନ ମେ ୮, ୯ ଏବଂ ୧୦ରେ ଭାରତୀୟ ସାମରିକ ଘାଟି ଉପରେ ଆକ୍ରମଣ କରିବାକୁ ଚେଷ୍ଟା କରିଥିଲା । ଏପଟେ ଭାରତ ପ୍ରତିଶୋଧ ନେବାକୁ ଯାଇ ବିମାନବନ୍ଦର, ବାୟୁ ପ୍ରତିରକ୍ଷା ପ୍ରଣାଳୀ, କମାଣ୍ଡ ଏବଂ ନିୟନ୍ତ୍ରଣ କେନ୍ଦ୍ର ଏବଂ ରାଡାର ସ୍ଥଳ ସମେତ ଅନେକ ପ୍ରମୁଖ ପାକିସ୍ତାନୀ ସାମରିକ ପ୍ରତିଷ୍ଠାନକୁ ଟାର୍ଗେଟ କରିଥିଲା ।

ପ୍ରତିରକ୍ଷା ମନ୍ତ୍ରଣାଳୟ 'ଏକ୍ସ'ରେ କହିଛି ଯେ ପ୍ରତିରକ୍ଷା ମନ୍ତ୍ରଣାଳୟ ଯୁବ ପ୍ରତିଭାମାନଙ୍କୁ ସେମାନଙ୍କର ସ୍ୱର ଉଠାଇବାକୁ ଆମନ୍ତ୍ରଣ କରୁଛି । 'ଅପରେସନ୍ ସିନ୍ଦୂର- ଆତଙ୍କବାଦ ବିରୁଦ୍ଧରେ ଭାରତର ନୀତିକୁ ପୁନଃ ପରିଭାଷିତ କରିବା' ଉପରେ ପ୍ରତିରକ୍ଷା ମନ୍ତ୍ରଣାଳୟର ଦ୍ୱିଭାଷୀ ପ୍ରବନ୍ଧ ପ୍ରତିଯୋଗିତାରେ ଅଂଶଗ୍ରହଣ କରନ୍ତୁ ବୋଲି ଆମନ୍ତ୍ରଣ କରିଛି ।

# ସିଡିଏସ୍‌ଙ୍କ ବୟାନ ପରେ ସରକାରଙ୍କୁ ଘେରିଲା କଂଗ୍ରେସ



ନୂଆଦିଲ୍ଲୀ: ଜୟରାମ ରମେଶ କହିଛନ୍ତି, ଆମେ ଚାହୁଁଥିଲୁ ପ୍ରଧାନମନ୍ତ୍ରୀ ଏକ ସର୍ବଦଳୀୟ ବୈଠକର ଅଧ୍ୟକ୍ଷତା କରନ୍ତୁ ଓ ସଂସଦର ଏକ ସ୍ୱତନ୍ତ୍ର ଅଧିବେଶନ ଡାକନ୍ତୁ । ଗତକାଲି ସିଙ୍ଗାପୁରରେ ଜେନେରାଲ ଚୌହାନ ଯାହା ସବୁ କହିଲେ, ସେଥିରୁ ଜଣାପଡୁଛି ଯେ ଆମ ଦାବିର ପ୍ରାସଙ୍ଗିକତା ଥିଲା । ଏବେ ମଧ୍ୟ ଏହାର ପ୍ରାସଙ୍ଗିକତା ରହିଛି ।

ଅପରେସନ ସିନ୍ଦୂର ବେଳେ ପାକିସ୍ତାନ ସହ ହୋଇଥିବା ଲଢ଼େଇରେ ଭାରତ ଯୁଦ୍ଧ ବିମାନ ହରାଇଥିବା କଥାକୁ ତିନି ସେନାର ମୁଖ୍ୟ ବା ଚିଫ୍ ଡିଫେନ୍ସ ଷ୍ଟାଫ (ସିଡିଏସ୍) ଜେନେରାଲ ଅନୀଲ ଚୌହାନ ସିଙ୍ଗାପୁରରେ ସ୍ୱୀକାର ଥିବା ବେଳେ ଏହାକୁ ନେଇ ଜୋରଦାର ହୋଇଛି ରାଜନୀତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ ସରକାରଙ୍କୁ ଘେରିଛି କଂଗ୍ରେସ । ସିଡିଏସ୍ ବିଦେଶରେ ଯାଇ ଏ ସଂପର୍କରେ ସୂଚନା ଦେବା ପୂର୍ବରୁ ପ୍ରତିରକ୍ଷା ମନ୍ତ୍ରୀ କାହିଁକି ରାଜନୀତିକ ଦଳଗୁଡ଼ିକୁ ଏ ବିଷୟରେ ସୂଚନା ଦେଲେ ନାହିଁ ବୋଲି ପ୍ରଶ୍ନ କରିଛି କଂଗ୍ରେସ ।

କଂଗ୍ରେସ ସାଧାରଣ ସଂପାଦକ ଜୟରାମ ରମେଶ କହିଛନ୍ତି, ଆମେ କାହିଁକି ସିଙ୍ଗାପୁରରୁ ମନ୍ତବ୍ୟ ଆସିବା ପର୍ଯ୍ୟନ୍ତ ଅପେକ୍ଷା କଲୁ? ଆମକୁ ଗଣତନ୍ତ୍ରର ଜନନୀ କୁହାଯାଏ । ଯେଉଁ ପ୍ରସଙ୍ଗଗୁଡ଼ିକ ଜେନେରାଲ ଚୌହାନ ଉଠାଇଛନ୍ତି, ସେଗୁଡ଼ିକ ବେଶ୍ ଗୁରୁତର । ସେଗୁଡ଼ିକ କେବଳ ମିଲିଟାରୀ ଷ୍ଟ୍ରାଟେଜୀକୁ ନୁହେଁ, ବୈଦେଶିକ ନୀତି, ଅର୍ଥନୀତିକ ନୀତି ଓ କୁଟନୀତିକ କୌଶଳକୁ ମଧ୍ୟ ପ୍ରଭାବିତ କରିଛି । ଅପରେସନ ସିନ୍ଦୂର ପରେ ହୋଇଥିବା ସର୍ବଦଳୀୟ ବୈଠକରେ ଏସବୁ ବିଷୟରେ ପ୍ରତିରକ୍ଷା ମନ୍ତ୍ରୀ କହିବା ଉଚିତ୍ ହୋଇଥାନ୍ତା । ଜେନେରାଲ ଚୌହାନ ଏବେ ଯାହା ସବୁ କହିଛନ୍ତି, ତାହା ପ୍ରତିରକ୍ଷା ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ବସିଥିବା ଦୁଇଟି ସର୍ବଦଳୀୟ ବୈଠକରେ କହିଥିଲେ ଭଲ ହୋଇଥାନ୍ତା । ଜେନେରାଲ ଚୌହାନ ଦେଇଥିବା ସୂଚନା ସଂପର୍କରେ ପୂର୍ବରୁ ବିରୋଧୀ ଦଳଗୁଡ଼ିକୁ ଦେବା ଉଚିତ ହୋଇଥାନ୍ତା । ଅପରେସନ ସିନ୍ଦୂର ନେଇ ସରକାର ସଂସଦର ଏକ ସ୍ୱତନ୍ତ୍ର ଅଧିବେଶନ ଡାକିବା ଉଚିତ ।

ଏହି ଅବସରରେ ଜୟରାମ ରମେଶ ବାଜପେୟୀ ସରକାରଙ୍କର ଏକ ଉଦାହରଣ ଦେଇଛନ୍ତି । ସେ କହିଛନ୍ତି, ୧୯୯୯ ମସିହା ଜୁଲାଇ ମାସରେ କାରଗିଲ ଯୁଦ୍ଧ ସମାପ୍ତ ହେବାର ମାତ୍ର ୩ ଦିନ ପରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀ 'କାରଗିଲ ରିଭ୍ୟୁ କମିଟି' ଗଠନ କରିଥିଲେ । ସେହି କମିଟିରେ ବର୍ତ୍ତମାନର ବୈଦେଶିକ ମନ୍ତ୍ରୀ ଏସ୍ ଜୟଶଙ୍କରଙ୍କ ବାପା ମଧ୍ୟ ସଦସ୍ୟ ଥିଲେ । ଏହି କମିଟି ଏକ ରିପୋର୍ଟ ପ୍ରସ୍ତୁତ କରି ସରକାରଙ୍କୁ ଦେଇଥିଲେ । ସେନାର ପ୍ରସଙ୍ଗକୁ ସେନା ସମାଧାନ କରିବା କଥା । କିନ୍ତୁ ରାଜନୀତିକ ପ୍ରସଙ୍ଗ ମଧ୍ୟ ରହିଛି । ତେଣୁ ସେଗୁଡ଼ିକୁ ଉଠାଯିବା ଜରୁରୀ । ଯେମିତିକି ଚୀନ ଓ ପାକିସ୍ତାନ ମଧ୍ୟରେ ସଂପର୍କ ବଢୁଛି ।

ଜୟରାମ ରମେଶ କହିଛନ୍ତି, ଆମେ ଚାହୁଁଥିଲୁ ପ୍ରଧାନମନ୍ତ୍ରୀ ଏକ ସର୍ବଦଳୀୟ ବୈଠକର ଅଧ୍ୟକ୍ଷତା କରନ୍ତୁ ଓ ସଂସଦର ଏକ ସ୍ୱତନ୍ତ୍ର ଅଧିବେଶନ ଡାକନ୍ତୁ । ଗତକାଲି ସିଙ୍ଗାପୁରରେ ଜେନେରାଲ ଚୌହାନ ଯାହା ସବୁ କହିଲେ, ସେଥିରୁ ଜଣାପଡୁଛି ଯେ ଆମ ଦାବିର ପ୍ରାସଙ୍ଗିକତା ଥିଲା । ଏବେ ମଧ୍ୟ ଏହାର ପ୍ରାସଙ୍ଗିକତା ରହିଛି ।

## କ'ଣ କହିଛନ୍ତି ଜେନେରାଲ ଚୌହାନ



୩ ସେନାର ମୁଖ୍ୟ ବା ଭାରତୀୟ ସଶସ୍ତ୍ର ବଳର ଚିଫ ଡିଫେନ୍ସ ଷ୍ଟାଫ(ସିଡିଏସ୍) ଜେନେରାଲ ଅନୀଲ ଚୌହାନ କହିଛନ୍ତି ଯେ ଜେଟ ଖସିବା ଗୁରୁତ୍ୱପୂର୍ଣ୍ଣ ନୁହେଁ, ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ସେଗୁଡ଼ିକ କାହିଁକି ଖସିଲା?

ସିଙ୍ଗାପୁରରେ ଆୟୋଜିତ ଶଙ୍ଗ୍ରୀ ଲା ଡାଏଲଗ ବେଳେ ସିଡିଏସ୍ ଅନୀଲ ଚୌହାନ ବ୍ଲୁମବର୍ଗ ଟିଭକୁ ଗୋଟିଏ ସାକ୍ଷାତକାର ଦେଇଛନ୍ତି । ଏହି ସମୟରେ ଭାରତର ୬ଟି ଯୁଦ୍ଧ ବିମାନକୁ ପାକିସ୍ତାନ ଖସାଇ ଦେଇଥିବା ନେଇ କରୁଥିବା ଦାବିକୁ ସଂପୂର୍ଣ୍ଣ ମିଛ ବୋଲି ମଧ୍ୟ ସିଡିଏସ ସ୍ପଷ୍ଟ କରିଛନ୍ତି । ଜେଟ୍ ଖସିଥିବା କଥାକୁ ସେ ସ୍ୱୀକାର କରିଥିଲେ ହେଁ, ଲଢ଼େଇରେ ଭାରତ କେତୋଟି ବିମାନ ହରାଇଛି, ତା'ର ସଂଖ୍ୟା କହି ନାହାନ୍ତି । ଯୁଦ୍ଧ ବିମାନ କ୍ଷୟକ୍ଷତି ସମ୍ପର୍କରେ ପ୍ରଶ୍ନର ଉତ୍ତରରେ ସିଡିଏସ୍ ଅନୀଲ ଚୌହାନ କହିଛନ୍ତି, ସେଗୁଡ଼ିକ କାହିଁକି ଖସିଲା? ଆମେ କେଉଁ ପ୍ରକାରର ଭୁଲ କରିଥିଲୁ, ତାହା ଗୁରୁତ୍ୱପୂର୍ଣ୍ଣ । ସଂଖ୍ୟା ଆଦୌ ଗୁରୁତ୍ୱପୂର୍ଣ୍ଣ ନୁହେଁ । ସବୁଠାରୁ ସକାରାତ୍ମକ ଘଟଣା ହେଲା ଆମେ କରିଥିବା ରଣନୀତିଗତ ତ୍ରୁଟିକୁ ବୁଝି ପାରିଥିଲୁ । ଏହାକୁ ସୁଧାରି ଥିଲୁ । ଏଥିରେ ସଂଶୋଧନ କରି ଆମେ ପୁଣି ଦୁଇ ଦିନ ପରେ ଏହାକୁ କାର୍ଯ୍ୟକାରୀ କରିଥିଲୁ ଓ ଆମର ସବୁ ଯୁଦ୍ଧ ବିମାନକୁ ଉଡ଼ାଇଥିଲୁ । ଦୂରଗାମୀ ଲକ୍ଷ୍ୟକୁ ଟାର୍ଗେଟ ବି କରିଥିଲୁ ।

ସୂଚନାଯୋଗ୍ୟ, ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ଶରିଫ ଦାବି କରିଥିଲେ ଯେ ଇସଲାମାବାଦ ୬ଟି ଭାରତୀୟ ଯୁଦ୍ଧ ବିମାନକୁ ଖସାଇ ଦେଇଛି । ହେଲେ ପାକିସ୍ତାନ ପକ୍ଷରୁ ଏହାର ପ୍ରମାଣ ଦିଆଯାଇ ପାରିନି । ଶରିଫ ଓ ପାକିସ୍ତାନ ଯୁଦ୍ଧ ବିମାନ ଖସାଇ ଦେବା ନେଇ ବୟାନ ଦେଉଥିଲେ ହେଁ ଭାରତ ସରକାର ଲଢ଼େଇରେ ଯୁଦ୍ଧ ବିମାନ ଖସିଛି କି ନାହିଁ, ତା'ର ନିର୍ଦ୍ଦିଷ୍ଟ ଉତ୍ତର ଦେଇ ନଥିଲେ ।

## ପର୍ଯ୍ୟଟକଙ୍କ ପାଇଁ ପୁଣି ଖୋଲିଲା 'ଭ୍ୟାଲି ଅଫ୍ ଫ୍ଲାୱାର୍ସ'




ଉତ୍ତରାଖଣ୍ଡ: ପୁଣି ଥରେ ପର୍ଯ୍ୟଟକଙ୍କ ପାଇଁ ଖୋଲିଯାଇଛି ବିଶ୍ୱ ଐତିହ୍ୟ 'ଭ୍ୟାଲି ଅଫ୍ ଫ୍ଲାୱାର୍ସ' । ଏବେ ବିରଳ ଫୁଲଗୁଡ଼ିକୁ ନିକଟରୁ ଦେଖିପାରିବେ ପ୍ରକୃତିପ୍ରେମୀ ପର୍ଯ୍ୟଟକ । ଜୁନ୍ ୧ ତାରିଖରୁ ପର୍ଯ୍ୟଟକଙ୍କ ପାଇଁ ବିଶ୍ୱ ଐତିହ୍ୟ ଫୁଲ ଉପତ୍ୟକା ଖୋଲି ଦିଆଯାଇଛି । ଉତ୍ତରାଖଣ୍ଡର ଚମୋଲି ଜିଲ୍ଲାରେ ଅବସ୍ଥିତ ଏହି ବିଶ୍ୱ ପ୍ରସିଦ୍ଧ ଭ୍ୟାଲି ଅଫ୍ ଫ୍ଲାୱାର୍ସ ଜାତୀୟ ଉଦ୍ୟାନ ।

ପ୍ରଥମ ଦିନରେ ଫୁଲ ଉପତ୍ୟକା ଦେଖିବା ପାଇଁ ବହୁ ସଂଖ୍ୟକ ପର୍ଯ୍ୟଟକ ଆସିଥିଲେ । ଏହି ସମୟରେ, ବନ ବିଭାଗ ଭ୍ୟାଲି ଅଫ୍ ଫ୍ଲାୱାର୍ସର ମୁଖ୍ୟ ଫାଟକରେ ପର୍ଯ୍ୟଟକମାନଙ୍କୁ ସ୍ୱାଗତ କରିଥିଲା । ଜୁନ୍ ମାସରେ ଏପର୍ଯ୍ୟନ୍ତ ୬୨ଜଣ ପର୍ଯ୍ୟଟକ ପଞ୍ଜିକରଣ କରିଛନ୍ତି ।

ବିଶ୍ୱ ପ୍ରସିଦ୍ଧ ଫୁଲ ଉପତ୍ୟକା ଯେଉଁଠାରେ ୫୦୦ ରୁ ଅଧିକ ଦେଶୀ ଏବଂ ବିଦେଶୀ ଫୁଲ ଫୁଟିଥାଏ । ହଜାର ହଜାର ପର୍ଯ୍ୟଟକ ଫୁଲ ଉପତ୍ୟକା ଦେଖିବାକୁ ଆସନ୍ତି । ଜୁନ୍ ୧ ରୁ ଅକ୍ଟୋବର ୩୧ ପର୍ଯ୍ୟନ୍ତ ପର୍ଯ୍ୟଟକଙ୍କ ପାଇଁ ଫୁଲ ଉପତ୍ୟକା ଖୋଲା ରହିବ ।

ସୂଚନାଥାଉକି, ପର୍ଯ୍ୟଟକ ଏବଂ ପ୍ରକୃତି ପ୍ରେମୀମାନଙ୍କୁ ପ୍ରବେଶ ଶୁଳ୍କ ଦେବାକୁ ପଡିଥାଏ ଏବଂ ଅପରାହ୍ନ ୪ଟା ପୂର୍ବରୁ ଭ୍ୟାଲି ଅଫ୍ ଫ୍ଲାୱାର୍ସରୁ ଫେରିବାକୁ ପଡେ ଓ ଆସିବେ ପରେ ପ୍ରବେଶ ଫାଟକରେ ସେମାନଙ୍କର ଉପସ୍ଥିତି ପଞ୍ଜୀକରଣ କରିବାକୁ ପଡିଥାଏ । ପର୍ଯ୍ୟଟକ ଏବଂ ପ୍ରକୃତି ପ୍ରେମୀମାନଙ୍କୁ ଜାତୀୟ ଉଦ୍ୟାନର ନିୟମ ଏବଂ ବନ୍ୟପ୍ରାଣୀ ସଂରକ୍ଷଣ ନିୟମ ପାଳନ କରିବାକୁ ପଡେ । ଫ୍ଲାୱାର୍ ଭ୍ୟାଲିରେ କାହାରିକୁ ରାତିସାରା ରହିବାକୁ ଅନୁମତି ନାହିଁ । ଏଠାରେ କୌଣସି ଖାଦ୍ୟ ଦୋକାନ ମଧ୍ୟ ନାହିଁ । ତେଣୁ ପର୍ଯ୍ୟଟକମାନେ ନିଜ ସହିତ ଖାଦ୍ୟ ସାମଗ୍ରୀ ନେଇ ଯାଆନ୍ତି । ପର୍ଯ୍ୟଟକଙ୍କୁ ଏହି ସାଥିରେ ଅଳିଆ ଆବର୍ଜନା ଫେରାଇ ଆଣିବାକୁ ପଡିଥାଏ ।

ଚମୋଲିରେ ଥିବା ଫୁଲ ଉପତ୍ୟକା ସମୁଦ୍ର ପତ୍ତନରୁ ୧୩,୦୦୦ ଫୁଟ ଉଚ୍ଚତାରେ ପ୍ରାୟ ୮୭.୫ ବର୍ଗ କିଲୋମିଟର ଅଞ୍ଚଳରେ ବିସ୍ତାରିତ । ୨୦୦୫ ମସିହାରେ ୟୁନେସ୍କୋ ଦ୍ୱାରା ଭ୍ୟାଲି ଅଫ୍ ଫ୍ଲାୱାର୍ସକୁ ବିଶ୍ୱ ଐତିହ୍ୟ ସ୍ଥଳ ଭାବରେ ଘୋଷଣା କରାଯାଇଛି । ବିଭିନ୍ନ ପ୍ରଜାତିର ରଙ୍ଗୀନ ଫୁଲ ପାଇଁ ଭ୍ୟାଲି ଅଫ୍ ଫ୍ଲାୱାର୍ସ ସାରା ବିଶ୍ୱରେ ପ୍ରସିଦ୍ଧ । ଏଠାରେ ୫୦୦ ରୁ ଅଧିକ ପ୍ରଜାତିର ଫୁଲ ଅଛି । ବିଶେଷ କଥା ହେଉଛି ଏଠାରେ ଫୁଟୁଥିବା ଫୁଲଗୁଡ଼ିକର ରଙ୍ଗ ପ୍ରତି ୧୫ଦିନରେ ପରିବର୍ତ୍ତନ ହୁଏ ।

## ବିଜେପି ଫୋକସ୍‌ରେ ପଶ୍ଚିମବଙ୍ଗ
# ୨୦୨୬ରେ ସରକାର ଗଢ଼ିବାକୁ ରଣନୀତି



କୋଲକାତା: ଆକ୍ସନ ମୋଡରେ ବିଜେପି । ଏଥର କଳେ ବଳେ କୌଶଳେ ପଶ୍ଚିମବଙ୍ଗରେ ସରକାର ଗଢିବାକୁ ଲକ୍ଷ୍ୟ ରଖିଛି ବିଜେପି । ଭାରତର ବିଭିନ୍ନ ରାଜ୍ୟରେ ବିଜେପି କ୍ଷମତାରେ ଥିବା ଅନ୍ୟ ଦଳମାନଙ୍କୁ ପରାଜିତ କରି ଗେରୁଆ ଗଡ଼ କରି ଚାଲିଥିବା ବେଳେ ମୋଦୀଙ୍କ ନେତୃତ୍ୱ ଏବଂ ମୋଦୀ ମ୍ୟାଜିକ ପାଇଁ ଅନେକ ରାଜ୍ୟରେ ଚମତ୍କାର ହେଉଛି । ସଦ୍ୟତମ ଉଦାହରଣ ଓଡିଶା ଦୀର୍ଘ ୨୪ ବର୍ଷ ଧରି ଓଡିଶାରେ ଶାସନ ଭାର ଗୋଟିଏ ଦଳ ହାତରେ ଥିବା ବେଳେ ଅନ୍ୟ କୌଣସି ଦଳ ମୁଣ୍ଡ ଟେକି ପାରୁନଥିଲା। ମାତ୍ର ଏଥର ବିଜେପିର ରଣନୀତି କାମ କଲା ଆଉ ୨୪ ବର୍ଷର ନବୀନ ସରକାର ଗାଦିଚ୍ୟୁତ ହେବା ପରେ ବିଜେପି ଓଡିଶାରେ ସରକାର ଗଢିଲା । ସବୁଜ ଗଡ ଗେରୁଆ ଗଡରେ ବଦଳିଲା । ଓଡିଶା ପରେ ଏବେ ବିଜେପି ଫୋକସରେ ପଶ୍ଚିମବଙ୍ଗ ମାନେ ଦିଦିଙ୍କ ଦୁର୍ଗ ।

ପଶ୍ଚିମବଙ୍ଗରେ ବିଜେପି ସରକାର ଗଢିବାକୁ ଜିଜାନ୍ ଲଗାଇ ଦେଇଛି । ୨୦୨୬ରେ ପଶ୍ଚିମବଙ୍ଗରେ ନିର୍ବାଚନ ଥିବାରୁ ଶୀର୍ଘ ନେତୃତ୍ୱ ବାରମ୍ବାର ପଶ୍ଚିମବଙ୍ଗ ଗସ୍ତ କରୁଛନ୍ତି । ଗତ ଦୁଇ ଦିନରେ ଦୁଇ ଶୀର୍ଷ ନେତାଙ୍କ ପଶ୍ଚିମବଙ୍ଗ ଗସ୍ତ ହିଁ ସୂଚାଇ ଦେଉଛି କି ବିଜେପି ପଶ୍ଚିମବଙ୍ଗ ନିର୍ବାଚନକୁ କେତେ ଗୁରୁତ୍ୱ ଦେଉଛି ।

ତେବେ ଗତ ଦୁଇ ଦିନ ତଳେ ପ୍ରଧାନମନ୍ତ୍ରୀ ମୋଦୀ ପଶ୍ଚିମବଙ୍ଗ ଗସ୍ତ କରି ମମତା ସରକାରଙ୍କୁ ଟାର୍ଗେଟ୍ କରିଥିଲେ । ଜନତା ପଶ୍ଚିମବଙ୍ଗରେ ହିଂସା, ଦୁର୍ନୀତି ଚାହୁଁନାହାନ୍ତି ଜନତା ନିର୍ମମ ସରକାର ଚାହୁଁନଥିବା କହି ଦିଦିଙ୍କୁ ଟାର୍ଗେଟ୍ କରିଥିବା ବେଳେ କେନ୍ଦ୍ରଗୃହମନ୍ତ୍ରୀ ଅମିତ ଶାହ ମମତାଙ୍କ ଉପରେ ଧୁମ୍ ବର୍ଷିଛନ୍ତି ।

ପଶ୍ଚିମବଙ୍ଗରେ ବିଜେପି ୨୦୨୬ରେ ସରକାର ଗଢୁଛି ବୋଲି ଦମ୍ଭ ଦେଖାଇ ଶାହ କହିଛନ୍ତି ପଶ୍ଚିମବଙ୍ଗରେ ବିଜେପି ସରକାର ଗଢିଲେ ହିଁ ଦେଶ ସୁରକ୍ଷିତ ରହିବ । କାରଣ ମମତା ସରକାରଙ୍କ ଆଶୀର୍ବାଦରୁ ଅନୁପ୍ରବେଶକାରୀ ବାଂଲାଦେଶ ଆଡୁ ମାଡି ଆସୁଛନ୍ତି ଯାହା ଦେଶର ସୁରକ୍ଷା ପ୍ରତି ବିପଦ । କେବଳ ପଦ୍ମ ଫୁଟିଲେ ହିଁ ଏହା ସମ୍ଭବ ବୋଲି ଶାହ କହିଛନ୍ତି ।

ଦିଦିଙ୍କ ଗଡ଼ରୁ ଶାହ ରଣହୁଙ୍କାର ଦେଇ ଏଥର ୨୦୨୬ରେ ପଶ୍ଚିମବଙ୍ଗରୁ ମମତା ସରକାରକୁ ଉପାଡ଼ି ଫିଙ୍ଗି ଦେବାକୁ ବିଜେପିର କର୍ମକର୍ତ୍ତାଙ୍କୁ ଆହ୍ୱାନ ଦେଇଛନ୍ତି । ଯଦି ପଶ୍ଚିମବଙ୍ଗରେ ଅନୁପ୍ରବେଶ ବନ୍ଦ କରିବାକୁ ଚାହୁଁଛ, ଯଦି ପଶ୍ଚିମବଙ୍ଗରେ ଦୁର୍ନୀତି ବନ୍ଦ କରିବାକୁ ଚାହୁଁଛ ଏବଂ ଯଦି ହିନ୍ଦୁଙ୍କ ଉପରେ ଆକ୍ରମଣ ବନ୍ଦ କରିବାକୁ ଚାହୁଁଛ ତେବେ ପଶ୍ଚିମବଙ୍ଗରେ ଟିଏମସିର ସରକାର ହଟେଇ ବିଜେପିର ସରକାରକୁ ଆଣିବାକୁ ପଡ଼ିବ ବୋଲି ଦମ୍ଭ ଦେଖାଇଛନ୍ତି ଶାହ ।

ଦିଦିଙ୍କୁ ସିଧା ନିଶାନା କରି ଶାହ କହିଛନ୍ତି- ମାଆ ମାଟି ମାନୁଷର ନାରା ଦେଇ ମମତା ସରକାରକୁ ଆସିଥିଲେ ହେଲେ ଏବେ ସେହି ମହାନ ମାଟିରେ ହିଂସା, ହତ୍ୟା, ଗୁଣ୍ଡଗର୍ଦ୍ଦି, ବୋମାମାଡ଼ ହେଉଛି । ମାଆ ଓ ମହିଳାଙ୍କ ଉପରେ ଅତ୍ୟାଚାର ହେଉଛି, ଅନୁପ୍ରବେଶକାରୀଙ୍କ ଆଡ୍ଡାସ୍ଥଳୀ ପାଲଟିଛି ଏହି ମାଟିରେ ଶତାଧିକ ବିଜେପି କର୍ମୀଙ୍କ ହତ୍ୟା ହୋଇଛି । ତେଣୁ ମନେରଖ ଦିଦି ତମ ସମୟ ସରିଆସିଲାଣି, ୨୦୨୬ରେ ବିଜେପି ପଶ୍ଚିମବଙ୍ଗରେ ସରକାର ଗଢୁଛି । ଆଉ ସରକାର ଗଢିବା ପରେ ବିଜେପି କର୍ମୀଙ୍କ ହତ୍ୟାକାରୀଙ୍କୁ ମାଟିରେ ପୋତା ହୋଇଥିଲେ ବି ବାହାରକରି ଦଣ୍ଡ ଦିଆଯିବ ଏହା ମୋର ପ୍ରତିଶ୍ରୁତି ବୋଲି ଶାହା କହିଛନ୍ତି ।

ତେବେ ହିଂସାର ପଥ ଆପଣାଉଥିବା ଟିଏମସିକୁ ଚେତାବନୀ ଦେବା ସହ ମମତାଙ୍କୁ ଚାଲେଞ୍ଜି ଦେଇଛନ୍ତି ଶାହ । ଦିଦି ଯଦି ସାହସ ଅଛି ନିର୍ବାଚନ ଲଢି ଦେଖ । ପହଲଗାମ୍ ଆତଙ୍କୀ ହମଲା ପରେ ଅପରେସନ ସିନ୍ଦୂର ହେଲା । ଆତଙ୍କୀଙ୍କ ଆଡ୍ଡା ଧ୍ୱଂସ କରାଗଲା ହେଲେ ସେଘଟଣା ଦିଦିଙ୍କୁ ବାଧିଲା । ମୁଁ ବେଙ୍ଗଲର ମାତୃଶକ୍ତିଙ୍କୁ ଅନୁରୋଧ କରିଛି ଆଗାମୀ ନିର୍ବାଚନରେ ସିନ୍ଦୂରର ଶକ୍ତି ମମତାଙ୍କୁ ବୁଝାଇ ଦିଅନ୍ତୁ ଦିଦି ଜାଣନ୍ତୁ ସିନ୍ଦୂରର ଅପମାନ କରିବା କେତେ ଭୟଙ୍କର ।

# ରିଙ୍କୁ-ପ୍ରିୟା ସରୋଜଙ୍କ ଲଭ ଷ୍ଟୋରୀ

## ଜୁନ୍ ୮ରେ ନିର୍ବନ୍ଧ, ନଭେମ୍ବର ୮ରେ ବିବାହ



ନୂଆଦିଲ୍ଲୀ,୧୬ (ଏଜେନ୍ସି): ସମାଜବାଦୀ ପାର୍ଟି ସାଂସଦ ପ୍ରିୟା ସରୋଜଙ୍କୁ ବିବାହ କରିବେ ରିଙ୍କୁ ସିଂ । ଏହି ବିବାହର ଖବର ଚଳିତ ବର୍ଷ ଆରମ୍ଭରେ ଆସିଥିଲା । ସେହି ସମୟରେ ପ୍ରିୟାଙ୍କ ବାପା ତୁଫାନୀ ସରୋଜ ସୂଚନା ଦେଇଥିଲେ ଯେ, ଆଇପିଏଲ୍ ଶେଷ ହେବା ପରେ ନିର୍ବନ୍ଧ ହେବ ତା ପରେ ବିବାହ । ଏବେ ଉଭୟ ନିର୍ବନ୍ଧ ଓ ବିବାହ ତାରିଖ ସାମ୍ନାକୁ ଆସିଛି । ଆଗାମୀ ୮ ତାରିଖରେ ପ୍ରିୟା ଓ ରିଙ୍କୁଙ୍କ ନିର୍ବନ୍ଧ ଲକ୍ଷ୍ନୌରେ ହେବ । ଚଳିତ ବର୍ଷ ନଭେମ୍ବର ୮ରେ ବିବାହ ସମ୍ପନ୍ନ ହେବ ।

ପ୍ରିୟା ସରୋଜ ୨୦୨୪ ମସିହାରେ ଅନୁଷ୍ଠିତ ଲୋକସଭା ନିର୍ବାଚନରେ ଜୌନପୁରର ମଛଲିସହରରୁ ସାଂସଦ ଭାବେ ନିର୍ବାଚିତ ହୋଇଥିଲେ । ସେ ୨୫ ବର୍ଷ ବୟସର ୭ ଜଣଙ୍କ ମଧ୍ୟରୁ ଅନ୍ୟତମ ଥିଲେ । ପ୍ରିୟା ମଛଲି ସହର ଆସନରୁ ବିଜେପିର ବିପି ସରୋଜଙ୍କୁ ୩୫,୮୫୦ ଭୋଟରେ ହରାଇଥିଲେ ।

୧୮ତମ ଲୋକସଭାକୁ ନିର୍ବାଚିତ ହେବା ପରେ ପ୍ରିୟା ସରୋଜ ସେପ୍ଟେମ୍ବର ୨୦୨୪ରୁ ସାମାଜିକ ନ୍ୟାୟ ଏବଂ ସଶକ୍ତିକରଣ କମିଟିର ସଦସ୍ୟ ଅଛନ୍ତି । ପ୍ରିୟା ସରୋଜ କେବଳ ସାଂସଦ ନୁହନ୍ତି । ସେ ପେସାରେ ଜଣେ ଓକିଲ । ସେ ଗୌତମ ବୁଦ୍ଧନଗରରେ ଥିବା ଆଇନ ବିଶ୍ୱବିଦ୍ୟାଳୟରୁ ସ୍ନାତକ କରିଛନ୍ତି । ପ୍ରିୟଙ୍କ ବାପା ତୁଫାନୀ ସରୋଜ ମଧ୍ୟ ଜଣେ ସାଂସଦ । ତୁପାନୀ ସରୋଜ ୧୯୯୯ ଏବଂ ୨୦୦୪ରେ ସୌଦରପୁର ଲୋକସଭାରୁ ସାଂସଦ ହୋଇଥିଲେ । ୨୦୦୯ରେ ମଛଲିସହର ଲୋକସଭା ଆସନରୁ ନିର୍ବାଚନ ଲଢ଼ି ବିଜୟୀ ହୋଇଥିଲେ । ୨୦୧୯ ଲୋକସଭା ନିର୍ବାଚନରୁ ହାରି ଯାଇଥିଲେ । ଏବେ ତୁଫାନୀ ସରୋଜ କେରାକତ ନିର୍ବାଚନ ମଣ୍ଡଳୀର ବିଧାୟକ ଅଛନ୍ତି ।

ଆଇପିଏଲ୍ ମହାସମର

# ପଞ୍ଜାବର ଟାର୍ଗେଟ ୨୦୪



ଅହମ୍ମଦାବାଦ, ୧୬ (ଏଜେନ୍ସି): ଆଇପିଏଲ୍ର କ୍ୱାଲିପାୟାର-୨ ଲଢ଼େଇରେ ମୁମ୍ବାଇ ଇଣ୍ଡିଆନ୍ସ ପ୍ରତିପକ୍ଷ ପଞ୍ଜାବ କିଙ୍ଗ୍ ସମ୍ମୁଖରେ ୨୦୪ ରନ୍ର ବିଜୟଲକ୍ଷ୍ୟ ଧାର୍ଯ୍ୟ କରିଛି । ନରେନ୍ଦ୍ର ମୋଦୀ ଇଣ୍ଟରନ୍ୟାସନାଲ ଷ୍ଟାଡିୟମରେ ବର୍ଷା ଯୋଗୁ ମ୍ୟାଚ୍ ୨ଘଣ୍ଟାରୁ ଅଧିକ ବିଳମ୍ବରେ ଆରମ୍ଭ ହୋଇଥିଲା । ଟସ୍ ଜିତି ପଞ୍ଜାବ କିଙ୍ଗସ୍ ୫ଥର ବିଜେତା ମୁମ୍ବାଇ ଇଣ୍ଡିଆନ୍ସକୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲା । ମୁମ୍ବାଇ ଦଳ ୨୦ ଓଭରରେ ୬ ୱିକେଟ ହରାଇ ୨୦୩ ରନ କରିଥିଲା । ତେଣୁ ପଞ୍ଜାବକୁ ଜିତିବା ପାଇଁ ୨୦୪ ରନର ଆବଶ୍ୟକତା ଥିଲା । ପୂର୍ବରୁ କ୍ୱାଲିଫାୟାର-୧ରେ ଧମାକାଦାର ବିଜୟ ସହ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଫାଇନାଲରେ ପ୍ରବେଶ କରିଥିଲା । ତେଣୁ କ୍ୱାଲିଫାୟର-୨ର ବିଜେତା ଓ ବେଙ୍ଗାଲୁରୁ ମଧ୍ୟରେ ମଙ୍ଗଳବାର ଆଇପିଏଲ୍ ମହାଲଢ଼େଇ ହେବ ।

ଏହି ମ୍ୟାଚ୍ ଉପରେ ସମସ୍ତଙ୍କ ନଜର ରହିଛି । ରୋହିତ ଶର୍ମାଙ୍କ ସହ ଜନି ବେୟାର ଷ୍ଟୋ ପାଳି ଆରମ୍ଭ କରିଥିଲେ । ଏଲିମିନେଟର ମ୍ୟାଚ୍ ଭଳି ଏହି ନିର୍ଣ୍ଣାୟକ ମୁକାବିଲାରେ ରୋହିତଙ୍କ ବ୍ୟାଟ୍ ଗର୍ଜିବ ବୋଲି ଆଶା କରାଯାଉଥିଲା । ସେ ୭ଟି ବଲ୍ର ସମ୍ମୁଖୀନ ହୋଇ ଗୋଟିଏ ଚୌକା ସହାୟତାରେ ୮ ରନ କରି ଷ୍ଟୋଇନ୍ସଙ୍କ ବଲ୍‌ରେ ଆଉଟ୍ ହୋଇଥିଲେ । କିନ୍ତୁ ମୁମ୍ବାଇର ପରବର୍ତ୍ତୀ ବ୍ୟାଟର ରନ୍ ସଂଗ୍ରହରେ ଢିଲା ଦେଇ ନଥିଲେ । ଜନି ବେୟାର ଷ୍ଟୋ ୨୪ ବଲ୍‌ରୁ ୩ଟି ଚୌକା ଓ ଦୁଇଟି ଛକା ସହାୟତାରେ ୩୮ ରନ, ତିଳକ ବର୍ମା ୨୯ ବଲ୍‌ରୁ ୨ଟି ଚୌକା ଓ ଛକା ମାରି ୪୪ ରନ କରିଥିଲେ । ମିଷ୍ଟର ୩୬୦ ଭାବେ ପରିଚିତ ସୂର୍ଯ୍ୟ କୁମାର ଯାଦବ ୨୬ ବଲ୍‌ର ସମ୍ମୁଖୀନ ହୋଇ ୪ଟି ଚୌକା ଓ ୩ଟି ଛକା ସହାୟତାରେ ୪୪ ରନ କରିଥିଲେ । ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ବ୍ୟାଟ୍‌ରୁ ବଡ଼ ଇନିଂସ୍ ଦେଖିବାକୁ ମିଳି ନଥିଲା । ସେ ୧୩ଟି ବଲ୍‌ରୁ ଗୋଟିଏ ଚୌକା ସହାୟତାରେ ୧୫ ରନ କରିଥିଲେ । ମଧ୍ୟମ କ୍ରମରେ ନମନ୍ ଧୀର ଜମାଣିଆ ଇନିଂସ୍ ଖେଳିବାରୁ ମୁମ୍ବାଇ ଇଣ୍ଡିଆନ୍ସ ୨୦୦ ରନର ନିକଟତର ହୋଇଥିଲା । ନମନ ୧୮ ବଲ୍‌ରୁ ୭ଟି ଚୌକା ସହାୟତାରେ ୩୭ ରନ କରିଥିଲେ । ରାଜ୍ ବାୱା ୪ ବଲ୍‌ରୁ ୮ ରନ କରିବାରୁ ମୁମ୍ବାଇ ୨୦ ଓଭରରେ ୨୦୩/୬ ରନର ବଡ଼ ସ୍କୋର କରିଥିଲା ।

ବୋଲିଂରେ ପଞ୍ଜାବ କିଙ୍ଗସ୍‌ର ଅଜମତୁଲ୍ଲା ଓମାରଜାଇ ୨ଟି ତଥା କାଏଲ୍ ଜାମିସନ, ମାର୍କସ ଷ୍ଟୋଇନିସ, ବିଜୟ କୁମାର ବୈଶାଖ ଓ ୟୁଜବେନ୍ଦ୍ର ଚହଲ ପ୍ରତ୍ୟେକ ଗୋଟିଏ କରି ୱିକେଟ ସଫଳତା ହାସଲ କରିଥିଲେ ।

### ‘ନା ନା ଏହା ହୋଇ ପାରିବ ନାହିଁ’

ନୂଆଦିଲ୍ଲୀ: ପଞ୍ଜାବ କିଙ୍ଗ୍ସ ଓ ମୁମ୍ବାଇ ଇଣ୍ଡିଆନ୍ସ ମ୍ୟାଚ୍ ପୂର୍ବରୁ ରୋହିତ ଶର୍ମାଙ୍କ ଏକ ଭିଡିଓ ସାମ୍ନାକୁ ଆସିଛି । ଏଥିରେ ରୋହିତ ଶର୍ମା କିଛି ପିଲାଙ୍କ ସହ କଥା ହେଉଛନ୍ତି । ଏହି ସମୟରେ ଜଣେ ପିଲା ପ୍ରଶ୍ନ କରୁଛନ୍ତି । ଏହାର ଉତ୍ତରରେ ରୋହିତ ଯାହା କହିଛନ୍ତି ତାହା ସାମାଜିକ ଗଣମାଧ୍ୟମରେ ଖୁବ୍ ଭାଇରାଲ୍ ହୋଇଛି । ରୋହିତଙ୍କ ଜବାବରୁ ସ୍ପଷ୍ଟ ଯେ, ଚଳିତ ବର୍ଷ ଆଇପିଏଲ୍ ଟ୍ରଫି ଉଠାଇବା ପୂର୍ବରୁ ସେ ଅଟକିବା ମୁଡରେ ନାହାନ୍ତି ।

ଏହି ଭିଡିଓରେ ରୋହିତ ଛୋଟ ଛୋଟ ପିଲାଙ୍କ ସହ ମସ୍ତି କରୁଥିବା ଦେଖିବାକୁ ମିଳିଛି । ଏହି ସମୟରେ ଜଣେ ପିଲା ପ୍ରଶ୍ନ କରୁଛନ୍ତି ଯେ, ସାର ଆପଣଙ୍କୁ କେମିତି ଆଉଟ୍ କରାଯିବ ? ଏହାର ଉତ୍ତରରେ ରୋହିତ ମଜାଳିଆ ଢଙ୍ଗରେ କହୁଛନ୍ତି ଯେ, ନା ନା ସେମିତି ହୋଇ ପାରିବ ନାହିଁ । କୁହାଯାଉଛି ଆଇପିଏଲ୍ କ୍ୱାଲିଫାୟର ପୂର୍ବରୁ ରୋହିତ ଶର୍ମା ପ୍ରତିପକ୍ଷ ଦଳକୁ ସ୍ପଷ୍ଟ ସନ୍ଦେଶ ଦେଇଛନ୍ତି । ରୋହିତ ଶର୍ମା ଓ ସମସ୍ତ ପିଲା ମୁମ୍ବାଇ ଇଣ୍ଡିଆନ୍ସର ଜର୍ସି ପିନ୍ଧିଛନ୍ତି । ଏହି ଭିଡିଓ ସାମାଜିକ ଗଣମାଧ୍ୟମରେ ଖୁବ୍ ଭାଇରାଲ୍ ହେଉଛି ।

ରାଜ୍ୟସ୍ତରୀୟ ବାସ୍କେଟବଲ

# ବାଳିକାରେ ଭୁବନେଶ୍ୱର, ବାଳକରେ ପୁରୀ ଚାମ୍ପିଅନ୍




ଭୁବନେଶ୍ୱର,୧୬ (ସବ୍ୟୁ): ଓଡ଼ିଶା ବାସ୍କେଟ ବଲ ଆସୋସିଏସନ୍, ବାସ୍କେଟ ବଲ ଏକାଡେମୀ ଏବଂ ମଦର୍ସ ପବ୍ଲିକ ସ୍କୁଲର ମିଳିତ ସହଯୋଗରେ ୪୯ତମ ରାଜ୍ୟସ୍ତରୀୟ ଉପକନିଷ୍ଠ ବାସ୍କେଟବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରତିଯୋଗିତାର ବାଳିକା ବିଭାଗର ପୁରୀକୁ ହରାଇ ଭୁବନେଶ୍ୱର ଦଳ ଚାମ୍ପିଅନ ହୋଇଥିବା ବେଳେ ବାଳକ ବିଭାଗରେ ପୁରୀ ଚାମ୍ପିଅନ୍ ଆଖ୍ୟା ଅର୍ଜନ କରିଛି । ଅପରାହ୍ନରେ ଅନୁଷ୍ଠିତ ବାଳିକା ବିଭାଗର ଫାଇନାଲରେ ଭୁବନେଶ୍ୱର ଦଳ ପୁରୀ ଦଳକୁ ୫୪-୪୯ତମ ବ୍ୟବଧାନରେ ହରାଇଥିଲା । ଭୁବନେଶ୍ୱର ଦଳ ତରଫରୁ ଜିଜ୍ଞାସା ଜୟଶ୍ରୀ ୧୭ ପଏଣ୍ଟ, ଶ୍ରଦ୍ଧାଶ୍ରୀ ୧୩ ପଏଣ୍ଟ ଏବଂ ଅନିଷ୍ଠା ୧୦ ପଏଣ୍ଟ ସ୍କୋର କରିଥିଲେ । ପୁରୀ ଜିଲ୍ଲା ତରଫରୁ ନବ୍ୟା ସାଇ ଶ୍ରୀ ୨୦ ପଏଣ୍ଟ ଏବଂ ଲୋପାମୁଦ୍ରା ୧୮ ପଏଣ୍ଟ ସ୍କୋର କରିଥିଲେ । ବାଳିକା ବିଭାଗରେ ଜିଜ୍ଞାସା ଜୟଶ୍ରୀ ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳି, ଶ୍ରଦ୍ଧାଶ୍ରୀଙ୍କୁ ଫାଇନାଲର ଶ୍ରେଷ୍ଠ ଖେଳାଳି ତଥା ଧନିଷ୍ଠାଙ୍କୁ ନୂତନ ପ୍ରତାଭାବାନ ଖେଳାଳି ଭାବେ ପୁରସ୍କୃତ କରାଯାଇଥିଲା ।

ସେହିଭଳି ବାଳକ ବିଭାଗ ଫାଇନାଲରେ ପୁରୀ ଦଳ ୭୬-୫୮ ପଏଣ୍ଟରେ କେନ୍ଦୁଝରକୁ ହରାଇ ଚାମ୍ପିଅନ୍ ହୋଇଛି । ବିଜୟୀ ଦଳ ତରଫରୁ ଉଜ୍ୱଳ ମହାରଣା ୧୯ ପଏଣ୍ଟ, ଦିବ୍ୟାଂଶୁ ୨୧ ପଏଣ୍ଟ ସ୍କୋର କରିଥିଲେ । କେନ୍ଦୁଝରର ଫୈଜଲ ୧୮ ପଏଣ୍ଟ ସ୍କୋର କରିଥିଲେ । ବାଳକ ବିଭାଗରେ ଉଜ୍ୱଳ ମହାରଣାଙ୍କୁ ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳି, ଦିବ୍ୟଂଶୁ ମହାନ୍ତିଙ୍କୁ ଫାଇନାଲର ଶ୍ରେଷ୍ଠ ଖେଳାଳି ତଥା ରୁଦ୍ରାକ୍ଷ ତ୍ରିପାଠୀଙ୍କୁ ଉଦୀୟମାନ ଖେଳାଳି ଭାବେ ପୁରସ୍କୃତ କରାଯାଇଥିଲା ।

ପୁରସ୍କାର ବିତରଣ ଉତ୍ସବରେ ଅଲିମ୍ପିକ ସଂଘର ସଭାପତି ସମୀର ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ନବରଞ୍ଜନ ପଟ୍ଟନାୟକ, ଲଲାଟେନ୍ଦୁ ବିଦ୍ୟାଧର ମହାପାତ୍ର, ଓଡ଼ିଶା ବାସ୍କେଟ ବଲ ସଂଘର ସଭାପତି ଜ୍ଞାନ ରଞ୍ଜନ ପରିଡା, ସମ୍ପାଦକ ଅଶୋକ କୁମାର ସାହୁ, ଉପସଭାପତି ନଟରାଜ ବନ୍ଧୁଯାଦବ, କାଉନସିଲ ସଭ୍ୟ ମହେଶ ସାହୁ ଓ ସତୀଶ ସାହୁ ଉପସ୍ଥିତ ଥିଲେ ।

# ଏସିଆନ୍ ଚାମ୍ପିଅନ୍‌ସିପ୍‌ରେ ଭାରତୀୟ କରାଟେ ଖେଳାଳିଙ୍କ ସଫଳତା

ଭୁବନେଶ୍ୱର,୧୬ (ସବ୍ୟୁ): କରାଟେ ଇଣ୍ଡିଆ ଅର୍ଗାନାଇଜେସନ୍ ଆନୁକୂଲ୍ୟରେ ଗତ ୨୩ରୁ ୨୫ ତାରିଖ ପର୍ଯ୍ୟନ୍ତ ଉଜବେକିସ୍ତାନର ତାସକେଣ୍ଟରେ ୨୧ତମ ଏଏଫ୍ ଏସୀୟ ସିନିୟର କରାଟେ ଚାମ୍ପିଅନ୍‌ସିପ୍ ଏବଂ ଏସୀୟ ପାରା କରାଟେ ଚାମ୍ପିଅନ୍‌ସିପ୍ ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରତିଯୋଗିତାରେ ଭାରତୀୟ କରାଟେ ଖେଳାଳିଙ୍କ ପ୍ରଦର୍ଶନ ଉଚ୍ଚକୋଟୀର ରହିଛି । ଏହି ପ୍ରତିଷ୍ଠିତ ଚାମ୍ପିଅନ୍‌ସିପ୍ ଏସିଆନ୍ କରାଟେ ଫେଡେରେସନ୍ ଦ୍ୱାରା ଆୟୋଜିତ ହୋଇଥିଲା । ଅଲିମ୍ପିକ ଆସୋସିଏସନ୍ ଏସିଆ ଦ୍ୱାରା ସ୍ୱୀକୃତିପ୍ରାପ୍ତ ଏକେଏଫ୍ ହେଉଛି ବିଶ୍ୱ କରାଟେ ଫେଡେରେସନ୍‌ର ସଦସ୍ୟ ଯାହା ଅନ୍ତର୍ଜାତୀୟ ଅଲିମ୍ପିକ୍ କମିଟି ଦ୍ୱାରା ସ୍ୱୀକୃତିପ୍ରାପ୍ତ ।

କେ-୨୧ ବର୍ଗରେ ତରୁଣ ଶର୍ମା ପାରା କରାଟେ ବ୍ୟକ୍ତିଗତ କାଟାରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି । ଆଲିସା ମହିଳା ବ୍ୟକ୍ତିଗତ କୁମିତେ ୫୫ କିଲୋଗ୍ରାମ୍‌ରେ ବ୍ରୋଞ୍ଜ ପଦକ ଜିତିଛନ୍ତି । ଭୁବନେଶ୍ୱରୀ ଯାଦବ ମହିଳା ବ୍ୟକ୍ତିଗତ କୁମିତେ ୬୮ କିଲୋଗ୍ରାମ୍‌ରେ ବ୍ରୋଞ୍ଜ ପଦକ ଜିତିଛନ୍ତି । ଭାରତୀୟ କରାଟେର ଏକ ଐତିହାସିକ ସଫଳତା ଭାବେ ବିବେଚନା କରାଯାଉଛି । ପ୍ରଥମଥର ପାଇଁ ତରୁଣ ଶର୍ମା ପାରା କରାଟେରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି । ଏସୀୟସ୍ତରରେ ଏହି ବର୍ଗରେ ଭାରତ ପାଇଁ ସେ ଐତିହାସିକ ସଫଳତା ଆଣି ଦେଇଛନ୍ତି । କରାଟେ ଇଣ୍ଡିଆ ସଂଗଠନ ସମସ୍ତ ପଦକ ବିଜେତାଙ୍କୁ ଅଭିନନ୍ଦନ ଜଣାଇଛି । ସେମାନଙ୍କ ପ୍ରଶିକ୍ଷକ ଓ ସହାୟକ କର୍ମଚାରୀଙ୍କୁ ଉତ୍ସର୍ଗ ଓ କଠିନ ପରିଶ୍ରମ ପାଇଁ ଆନ୍ତରିକ ପ୍ରସଂଶା କରିଛି । ନୂଆଦିଲ୍ଲୀର ଅନ୍ତର୍ଜାତୀୟ ବିମାନବନ୍ଦରରେ ଫେରିବା ପରେ କେଆଇଓର ସଭାପତି ଭାରତ ଶର୍ମା ଓ ଅନ୍ୟ ଅଧିକାରୀମାନେ କ୍ରୀଡାବିତଙ୍କୁ ସ୍ୱାଗତ କରିଥିଲେ । ପ୍ରତ୍ୟେକ ପଦକ ବିଜେତାଙ୍କୁ ୧ ଲକ୍ଷ ୫୧ ହଜାର ଟଙ୍କା ଦେବାକୁ ଘୋଷଣା କରାଯାଇଥିଲା ।

### ୧୨ତମ ଜାତୀୟ ସ୍ତରୀୟ ସିନିଅର ବିଚ୍ କବାଡ଼ି

## ଓଡ଼ିଶା ଦଳରେ ଭଦ୍ରକରୁ ଲୋପାମୁଦ୍ରା ମନୋନୀତ

ଭଦ୍ରକ,୧୬ (ସବ୍ୟୁ): ଆନ୍ଧ୍ରପ୍ରଦେଶରେ ମଚିଲୀପାଟମର ମାଙ୍ଗୀନାପୁଡି ବିଚ୍ ଠାରେ ହେବାକୁ ଯାଉଥିବା ୧୨ତମ ଜାତୀୟ ସ୍ତରୀୟ ସିନିଅର୍ ବିଚ୍ କବାଡ଼ି ପ୍ରତିଯୋଗିତା ୫ ଜୁନରୁ ଆରମ୍ଭ ହୋଇ ୮ ଜୁନ୍ ୨୦୨୫ରେ ସମାପ୍ତ ହେବ। ଏହି ପ୍ରତିଯୋଗିତା ନିମନ୍ତେ ଓଡ଼ିଶା ତାର ମହିଳା ଖେଳାଳୀଙ୍କ ନାମ ଘୋଷଣା କରଛି। ଏହି ମହିଳା ଦଳରେ ଭଦ୍ରକ ଜିଲ୍ଲାରରୁ ପ୍ରଥମ ଥର ଲୋପାମୁଦ୍ରା ନାୟକ ସ୍ଥାନ ପାଇଛନ୍ତି। ସେ ଚଳିତ ବର୍ଷ ବାରିକପୁର କଲେଜର ୩ ଶେଷ ବର୍ଷ କଳାରେ ଅଧ୍ୟୟନ ସମାପ୍ତ କରିଛନ୍ତି। ସେ କଲେଜରେ ପଢ଼ିବା ବେଳେ ବରିଷ୍ଠ ଖେଳାଳୀ ତଥା ଭଦ୍ରକ ମହିଳା ଦଳର ଅଧିନାୟିକା ସ୍ଲିପିକା ରାଉତ୍‌ଙ୍କ ପ୍ରେରଣାରେ ଅନୁପ୍ରାଣିତ ହୋଇ ଖେଳ ଆରମ୍ଭ କରିଥିଲେ । ସେ ଭଦ୍ରକ ଜିଲ୍ଲାରୁ ରାଜ୍ୟ ସ୍ତରୀୟ ବରିଷ୍ଠ କବାଡ଼ି ପ୍ରତିଯୋଗିତାରେ ଦୁଇ ଥର ପ୍ରତିନିଧିତ୍ୱ କରିଛନ୍ତି। ଏଥି ନିମନ୍ତେ ପଞ୍ଚାୟତ ଡିଗ୍ରୀ କଲେଜର ଅଧ୍ୟକ୍ଷ ଓ କ୍ରିଡା ଶିକ୍ଷକ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ତାଙ୍କ ପିତାଙ୍କ ନାମ ସନାତନ ନାୟକ ଓ ମାତାଙ୍କ ନାମ ଅନ୍ନପୂର୍ଣ୍ଣା ନାୟକ, ଘର ଧାମନଗର ସ୍ଥିତ ବଛଦା ଗ୍ରାମରେ। ଲୋପାମୁଦ୍ରା ଭଦ୍ରକ ଜିଲ୍ଲାରୁ ପ୍ରଥମ ଥର ପ୍ରତିଯୋଗିତାରେ ସ୍ଥାନ ପାଇବାର ସୁଯୋଗ ପାଇଛନ୍ତି। ଏହି ଖବର ପାଇଲା ପରେ ଜିଲ୍ଲାପାଳ ଭଦ୍ରକ ଦିଲିପ୍ ରାଉତରାଏ, ଅତିରିକ୍ତ ଜିଲ୍ଲାପାଳ ଶାନ୍ତନୁ କୁମାର ମହାନ୍ତି, ଅତିରିକ୍ତ ଉପ ଜିଲ୍ଲାପାଳ ତଥା ଜିଲ୍ଲା କ୍ରିଡ଼ା ଅଧିକାରୀ ଶ୍ୟାମଲ କୁମାର ରାୟ, ସ୍ୱତନ୍ତ୍ର କ୍ରିଡ଼ା ଅଧିକାରୀ ରମେଶ ଚନ୍ଦ୍ର ମହାନ୍ତି ଶୁଭେଚ୍ଛା ଜଣାଇବା ସହିତ ଭଦ୍ରକ ଜିଲ୍ଲା ଆଥଲେଟିକ ସଂଘର ସଂପାଦକ ଧିରେନ୍ ପଲାଇ, ଯୁଗ୍ମ ସଂପାଦକ ଅତିଶ କୁମାର ବେହେରା, କୋଚ୍ ମନୋଜ କୁମାର ସାହୁ, କ୍ରିଡା ଶିକ୍ଷକ ରବି ନାରାୟଣ ଓଝା ପ୍ରମୁଖ ଶୁଭେଚ୍ଛା ଜଣାଇବା ସହିତ ସେ କିପରି ଜାତୀୟ ସ୍ତରରେ ଉଚ୍ଚ କୋଟୀର ଖେଳ ପ୍ରଦର୍ଶନ କରନ୍ତୁ ତାଙ୍କର ଶୁଭ ମନାସିଛନ୍ତି ।

# ଖୋର୍ଦ୍ଧା ରୋଡ୍ ହାଫ୍ ମାରାଥନ୍ ଆୟୋଜିତ

ଜଟଣୀ,୧୬(ସବ୍ୟୁ): ଖୋର୍ଦ୍ଧା ରୋଡ୍ ହାଫ୍ ମାରାଥନ୍ ଭୁବନେଶ୍ୱର ୨୦୨୫ ପୂର୍ବତଟ ରେଳବାଇ ସ୍ପୋର୍ଟ୍ସ ଆସୋସିଏସନ୍, ଖୋର୍ଦ୍ଧା ରୋଡ୍, ଦ୍ୱାରା ଆଇଆଇଟି ଭୁବନେଶ୍ୱର ସହଯୋଗରେ ସଫଳତାର ସହିତ ଅନୁଷ୍ଠିତ ହେଇଯାଇଛି । ଏହି ମେଗା ଇଭେଣ୍ଟରେ, ପୁରୁଷ, ମହିଳା, ୮ ବର୍ଷ ଏବଂ ତଦୁର୍ଦ୍ଧ୍ୱ ବୟସର ପିଲାମାନଙ୍କ ସମେତ ୧୨୦୦ ରୁ ଅଧିକ ଅଂଶଗ୍ରହଣ କରିଥିଲେ । ଆଥଲେଟିକ୍ସ ପାଇଁ ଅର୍ଜୁନ ପୁରସ୍କାରପ୍ରାପ୍ତ ଦୂତୀ ଚାନ୍ଦ, ଖୋର୍ଦ୍ଧା ରୋଡର ଡିଭିଜନାଲ ରେଳ ପ୍ରବନ୍ଧକ ଏଚ୍.ଏସ୍. ବାଜୱା, ଖୋର୍ଦ୍ଧା ରୋଡର ପୂର୍ବ ତଟ ରେଳବାଇ ମହିଳା କଲ୍ୟାଣ ସଂଗଠନର ସଭାନେତ୍ରୀ ଗୁର ସିମରନ କୌର, ଆଇଆଇଟି/ଭୁବନେଶ୍ୱରର ଡିନ୍, ପ୍ରଫେସର ରାଜେଶ ରୋଶନ ଦାସ, ପି.କେ.ବେହେରା, ଏଡିଆରଏମ (ଓପି), ଶୁଭ୍ରା ଜ୍ୟୋତି ମଣ୍ଡଳ, ଏଡିଆରଏମ ଏବଂ ହିମାଦ୍ରି ଭୂଷଣ ବିଶ୍ୱାଳ, କ୍ରୀଡା ଅଧିକାରୀ, ହାଫ୍ ମାରାଥନକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଏହି ଅବସରରେ ଦୂତୀ ଚାନ୍ଦ, ଶାରୀରିକ ସୁସ୍ଥତା ପ୍ରତି ସଚେତନତା ପାଇଁ ଖୋର୍ଦ୍ଧା ରୋଡ୍ ଡିଭିଜନ ଦ୍ୱାରା ନିଆଯାଇଥିବା ପଦକ୍ଷେପକୁ ପ୍ରଶଂସା କରିଥିଲେ । ସେ ଆହୁରି ମଧ୍ୟ କହିଥିଲେ ଯେ କ୍ରୀଡା କେବଳ ଶାରୀରିକ ସୁସ୍ଥତା ବିକାଶ କରେ ନାହିଁ, ବରଂ ସମାଜରେ ଏକ ପରିଚୟ ସୃଷ୍ଟି କରିବାର ସୁଯୋଗ ମଧ୍ୟ ପ୍ରଦାନ କରେ । ସେ ସମସ୍ତଙ୍କୁ କ୍ରୀଡା କାର୍ଯ୍ୟକଳାପ ଜାରି ରଖିବାକୁ ପରାମର୍ଶ ଦେଇଥିଲେ । ହାଫ୍-ମାରାଥନ୍ ରେଳବାଇ ଷ୍ଟାଡିୟମରୁ ଆରମ୍ଭ ହୋଇ, ଆଇଆଇଟି ଭୁବନେଶ୍ୱର (୨୧.୧ କିମି ଏବଂ ୧୦ କିମି ଦୌଡ଼ ପାଇଁ), ବ୍ଲକ ଚକ୍ (୫ କିମି ଦୌଡ଼ ପାଇଁ) ଏବଂ ପୋଷ୍ଟ ଅଫିସ ଚକ୍ (୨ କିମି ଦୌଡ଼ ପାଇଁ) ରୁ ୟୁ-ଟର୍ଣ୍ଣ ପରେ, ରେଳବାଇ ଷ୍ଟାଡିୟମରେ ଶେଷ ହୋଇଥିଲା । ପୁରୁଷ ଏବଂ ମହିଳାଙ୍କ ବିଭିନ୍ନ ବୟସ ବର୍ଗ ପାଇଁ ଚାରୋଟି ଦୌଡ଼ ବର୍ଗ ଥିଲା । ଯଥା ୨୧.୧ କିମି ସମୟସୀମା ଦୌଡ଼, ୧୦ କିମି ସମୟସୀମା ଦୌଡ଼, ୫ କିମି ମଜାଦାର ଦୌଡ଼ ଏବଂ ୨ କିମି ମଜାଦାର ଦୌଡ଼, ବିଭିନ୍ନ ବୟସ ବର୍ଗରେ । ୨୧.୧ କିଲୋମିଟର ସମୟସୀମା ଦୌଡ଼ ଏବଂ ୧୦ କିଲୋମିଟର ସମୟସୀମା ଦୌଡ଼ର ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ପୁରସ୍କାର, ପୁରୁଷ ଏବଂ ମହିଳାଙ୍କ ବିଜେତାଙ୍କୁ, ସମୁଦାୟ ମୋଟ ଦୁଇ ଲକ୍ଷ ଟଙ୍କା ମୂଲ୍ୟର ନଗଦ ପୁରସ୍କାର ପ୍ରଦାନ କରାଯାଇଥିଲା । ଏହି ମେଗା ଇଭେଣ୍ଟଟି, ଖୋର୍ଦ୍ଧା ରୋଡର କ୍ରୀଡା ଅଧିକାରୀ ଏବଂ ବରିଷ୍ଠ ମଣ୍ଡଳ ବିତ୍ତ ପ୍ରବନ୍ଧକ, ହିମାଦ୍ରି ଭୂଷଣ ବିଶ୍ୱାଳଙ୍କ ଗତିଶୀଳ ନେତୃତ୍ୱରେ କରଯାଇଥିଲା । କ୍ରୀଡା ସଚିବ ମହମ୍ମଦ ଜାକିରୁଦ୍ଦିନ୍, ସହକାରୀ କ୍ରୀଡା ସଚିବ ଜେ.ଏସ୍. ପାତ୍ର, ଏବଂ ପୂର୍ବ ତଟ ରେଳବାଇ କ୍ରୀଡା ସଂଘ, ଖୋର୍ଦ୍ଧା ରୋଡର ସଦସ୍ୟମାନେ ଏହି କାର୍ଯ୍ୟକ୍ରମର ସମନ୍ୱୟ କରିଥିଲେ ।

# ସମୀରଣ ସୁକମାର ସ୍ମାରକୀ ଚେସ୍: ରବିନ୍ଦ୍ର କୁମାର ବିଜେତା

ଭୁବନେଶ୍ୱର,୧୬ (ସବ୍ୟୁ): ପ୍ରଥମ ସମୀରଣ ସୁକମାର ନାୟକ ମେମୋରିଆଲ ରାଜ୍ୟ ଓପନ ଚେସ୍ ଚାମ୍ପିଅନ୍‌ସିପ୍‌ରେ କଟକର ରବିନ୍ଦ୍ର କୁମାର ଓଝା ୫ ପଏଣ୍ଟ ସହ ଚାମ୍ପିଅନ୍ ହୋଇଛନ୍ତି । କେଶୁରା ସ୍ଥିତ ରୟାଲ ପବ୍ଲିକ୍ ସ୍କୁଲ ପ୍ରାଙ୍ଗଣରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ମୋଟ୍ ୫ ରାଉଣ୍ଡରୁ ସବୁ ମ୍ୟାଚ ଜିତି ରବିନ୍ଦ୍ର କୁମାର ଓଝା ପ୍ରଥମ ସ୍ଥାନ ଅଧିକାର କରିଥିଲେ । ସ୍ଥିତପ୍ରଜ୍ଞ ସାହୁ ଦ୍ୱିତୀୟ, ଲଳିତ ରଞ୍ଜନ ସାହୁ ତୃତୀୟ, ଲୋରେନ୍ସ ପ୍ରଧାନ ଚତୁର୍ଥ, ମହେଶ ପ୍ରସଦ୍ଧ ସେଠୀ ପଞ୍ଚମ, ଆଦର୍ଶ କୁମାର ରାଉତ ଷଷ୍ଠ, ସୁରୋଜିତ ନାୟକ ସପ୍ତମ, ସୁବ୍ରଜିତ ଦତ୍ତ ଅଷ୍ଟମ, ହୃଦୟ ଚଢ଼ା ନବମ, ହରପ୍ରସାଦ ଚାଟାର୍ଜୀ ଦଶମ ସ୍ଥାନ ଅଧିକାର କରିଛନ୍ତି । ପୁରସ୍କାର ବିତରଣ ଉତ୍ସବରେ ରୟାଲ ପବ୍ଲିକ୍ ସ୍କୁଲର ଭାଇସ ପ୍ରିନ୍ସିପାଲ ପ୍ରଜ୍ଞାପରମିତା ସାହୁ, ସ୍ୱର୍ଗତଃ ସମୀରନଙ୍କ ମା ମଧୁସ୍ମିତା ନାୟକ, ଓଡ଼ିଶା ରାଜ୍ୟ ଚେସ ସଂଘ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ଏବଂ ସମୀରନଙ୍କ ଭଉଣୀ ଦୀପିକା ଦିପନ୍ୱୀତା ନାୟକ ଯୋଗଦେଇ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ ।

# ଅନିମେସ ଭାଙ୍ଗିଲେ ଜାତୀୟ ରେକର୍ଡ



ଭୁବନେଶ୍ୱର,୧୬ (ସବ୍ୟୁ): ଏସିଆନ୍ ଆଥଲେଟିକ୍ ଚାମ୍ପିଅନ୍‌ସିପରେ ଓଡ଼ିଶାର କ୍ରୀଡାବିତମାନେ ଜମାଣିଆ ପ୍ରଦର୍ଶନ ଜାରି ରଖିଛନ୍ତି । ୨୦୦ ମିଟର ଦୌଡ଼ରେ ଅନିମେସ କୁଜୁର ଜାତୀୟ ରେକର୍ଡ ଭଙ୍ଗ କରିବା ସହ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି । ୪ ଗୁରା ୧୦୦ ମିଟର ରିଲେରେ ଭାରତ ରୌପ୍ୟ ପଦକ ଜିତିଛି । ଏହି ଦଳରେ ଓଡ଼ିଶାର ଶ୍ରବଣୀ ନନ୍ଦ ସାମିଲ ଥିଲେ । ଦ.କୋରିଆର ଗୁମିରେ ଚାଲିଥିବା ଏସିଆନ୍ ଆଥଲେଟିକ୍ ଚାମ୍ପିଅନ୍‌ସିପ୍‌ରେ ଅନିମେସ ଏହି ସଫଳତା ଲାଭ କରିଛନ୍ତି । ସେ ୨୦୦ ମିଟର ଦୂରତ୍ୱକୁ ୨୦.୩୨ ସେକେଣ୍ଡରେ ସମ୍ପୂର୍ଣ୍ଣ କରି ପୁନର୍ବାର ଜାତୀୟ ରେକର୍ଡ ଭାଙ୍ଗିଛନ୍ତି । ଓଡ଼ିଶା ରିଲାଏନ୍ସ ଫାଉଣ୍ଡେସନ୍ ହାଇପରଫରମାନ୍ସ ସେଣ୍ଟରରେ ସେ ପ୍ରଶିକ୍ଷଣ ନେଉଛନ୍ତି । ରିଲାଏନ୍ସର ସହଯୋଗ ପାଇଁ ୫ ଜଣ ଆଥଲେଟ ପଦକ ଜିତିଛନ୍ତି । ୨୪ ପଦକ ସହ ଭାରତ ଦ୍ୱିତୀୟ ସ୍ଥାନରେ ରହିଛି । ଜ୍ୟୋତି ଆରଜି ଓ ଗୁଲବୀର ସିଂ ସ୍ୱର୍ଣ୍ଣ ଜିତିଥିବା ବେଳେ ମହିଳା ଲଙ୍ଗଜମ୍ପରେ ଆନିସ୍ ସୋଜେନ୍ ରୌପ୍ୟ ଏବଂ ଅନିମେସ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି ।

ଅରବିନ୍ଦ ମେମୋରିଆଲ କ୍ରିକେଟ୍

# ଉଦ୍‌ଘାଟନୀ ମ୍ୟାଚରେ ରାଇଜିଂ ଷ୍ଟୁଡେଣ୍ଟ ବିଜୟୀ



ଭୁବନେଶ୍ୱର,୧୬ (ସବ୍ୟୁ): ପାରାମାଉଣ୍ଟ ସ୍ପୋର୍ଟିଂ ଆନୁକୂଲ୍ୟରେ ଅରବିନ୍ଦ ମେମୋରିଆଲ ସିନିୟର ପାରାମାଉଣ୍ଟ କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହୋଇଛି । ଟୁର୍ଣ୍ଣାମେଣ୍ଟର ଉଦ୍‌ଘାଟନୀ ମ୍ୟାଚରେ ରାଇଜିଂ ଷ୍ଟୁଡେଣ୍ଟ ୧୭ ରନ୍ ବ୍ୟବଧାନରେ ରାମେଶ୍ୱର ସ୍ପୋର୍ଟିଂ କ୍ଲବ୍‌କୁ ଧରାଶାୟୀ କରିଛି । ଏହି ମ୍ୟାଚରେ ପ୍ରଥମ ବ୍ୟାଟିଂ କରି ରାଇଜିଂ ଷ୍ଟୁଡେଣ୍ଟ ୨୯.୫ ଓଭରରେ ୧୭୨ ରନ୍ କରିଥିଲା । ସାଇଦୀପ ମହାପାତ୍ର ସର୍ବାଧିକ ୭୨ ରନ୍‌ର ଇନିଂସ ଖେଳିଥିଲେ । ଜବାବରେ ରାମେଶ୍ୱର ସ୍ପୋର୍ଟିଂ ୩୬.୧ ଓଭରରେ ୧୫୫ ରନ୍ କରି ଅଲ୍‌ଆଉଟ୍ ହୋଇଥିଲା । ତେଣୁ ରାଇଜିଂ ଷ୍ଟୁଡେଣ୍ଟ ୧୭ ରନ୍ ବ୍ୟବଧାନରେ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି । ଏହି ପ୍ରତିଯୋଗିତାର ଫାଇନାଲ ମ୍ୟାଚ ଜୁନ୍ ୮ରେ ଖେଳାଯିବ । ସୋମବାର ପ୍ରଗତୀ ସ୍ପୋର୍ଟିଂ ଓ ୟୁନିଅନ୍ ସ୍ପୋର୍ଟିଂ ମଧ୍ୟରେ ଦ୍ୱିତୀୟ କ୍ୱାର୍ଟରଫାଇନାଲ ମ୍ୟାଚ ଖେଳାଯିବ ।

ଉଦ୍‌ଘାଟନୀ ଉତ୍ସବରେ ରାଜ୍ୟ ଅଲିମ୍ପିକ୍ ଆସୋସିଏସନ୍‌ର ସଭାପତି ସମୀର ରଞ୍ଜନ ମହାନ୍ତି, ଶ୍ରୀପତି ମିଶ୍ର, ବିବେକା ନନ୍ଦ ଦାସ ପରେସ୍ ଗଡନାୟକ, ରାଜା ରନ୍ ସିଂ, ମନୋଜ ପ୍ରଧାନ ଓ ନିଲୁ ମିଶ୍ର, ପ୍ରତାପ ଜେନା ଏବଂ ପ୍ରଦ୍ୟୁମ୍ନ ଜେନା ପ୍ରମୁଖ ଉପସ୍ଥିତ ଥିଲେ ।

ସୂଚନା

ସମୟ BHIM BHARAT INTERFACE FOR MONEY SCAN & PAY

ASHIRBAD PRAKASHAN PVT.LTD.

ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠକ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ ।

Printed & Published by Parikhita Dash for Ashirbad Prakashan Pvt. Ltd., Plot. 44 & 54, Sec.-A, Zone-D, M.I.Estate, Bhubaneswar-751010. at Meerabasanta Industries Pvt. Ltd., Plot. 2/253, Birachandrapur, P.S-Rampur, Redhakhol, Dist.-Sambalpur, Odisha, TEL-2585740, 2585602, News-2583867, 2586702, Fax-2586665, 2586702, Advt.-Ph-2585704, Advt.Fax-2587704, Circulation-2586541, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି